# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୧୪/୨୦୧୮ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, October 14/ 2018 ★★

୧୪ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-








# ଟ୍ରାକ୍ କ୍ଷତିଗ୍ରସ୍ତ ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ

**ଭୁବନେଶ୍ୱର,୧୩।୧୦**

ବାତ୍ୟା ତିତ୍‌ଲି ଯୋଗୁ ଉଜୁଡିଥିବା ବନ୍ୟା ପରିସ୍ଥିତିରୁ କୋଟାବୋମାଳି-ଗୁଣୁପୁର ରେଳ ସେକ୍ସନର ଟେକାଲି-ପେଡାସନ ଷ୍ଟେଶନ ମଧ୍ୟରେ ପଡୁଥିବା ଟ୍ରାକ୍ କେଏମ୍୧୦/୯-୧୦ ଧୋଇ ହୋଇଯାଇଛି। ଏହା ଫଳରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହାକୁ ଧ୍ୟାନରେ ରଖି କେତେକ ଟ୍ରେନକୁ ଶନିବାର ବାତିଲ କରାଯାଇଛି। ଅନ୍ୟ କିଛି ଟ୍ରେନ ଆଂଶିକ ବାତିଲ ହୋଇଥିବାବେଳେ କେତେକର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ବାତିଲ ହୋଇଥିବା ଟ୍ରେନ ମଧ୍ୟରେ ଶନିବାରର ଗୁଣୁପୁର-ପୁରୀ-ଗୁଣୁପୁର,ଗୁଣୁପୁର ଆଡୁ ଏବଂ ରବିବାର ଏହା ପୁରୀ ପଟୁ ବାତିଲ ରହିବ। ଶନିବାରଠାରୁ ଆସନ୍ତା ୧୭ ଯାଏ ଉଭୟ ଦିଗରୁ ଗୁଣୁପୁର-ବିଶାଖାପାଟଣା-ଗୁଣୁପୁର ପାସେଞ୍ଜରକୁ ବାତିଲ କରାଯାଇଛି। ପଲାସା-ଗୁଣୁପୁର-ପଲାସା ପାସେଞ୍ଜର ଏହି ଦିନଗୁଡିକରେ ମଧ ଉଭୟ ଦିଗରୁ ବାତିଲ ହୋଇଛି। ସିକନ୍ଦରାବାଦ-ବିଶାଖାପାଟଣା ଏସି ଏକ୍ସପ୍ରେସ ଶନିବାର ଛାଡିଛି। ରାୟପୁରରୁ ଆସୁଥିବା ରାୟପୁର-ଜୁନାଗଡ-ରାୟପୁର ପାସେଞ୍ଜର ବାତିଲ ରହିଛି। ଏହା ରବିବାର ଜୁନାଗଡ ପଟୁ ବାତିଲ କରାଯାଇଛି। ଆଉ କିଛି ଟ୍ରେନ ଆଂଶିକ ଭାବେ ବାତିଲ ହୋଇଛି। ସେହି ଟ୍ରେନ ଗୁଡିକ ମଧ୍ୟରେ ପୁରୀ-ଗୁଣୁପୁର-ପୁରୀ ପାସେଞ୍ଜର ପଲାସାଠାରେ ରହିଛି। ଏହା ପଲାସାଠାରୁ ଗୁଣୁପୁର-ପୁରୀ ହୋଇ ୧୫ ଏବଂ ୧୭ ତାରିଖରେ ଯାତ୍ରା କରିବ। ପଲାସା-ଗୁଣୁପୁର ମଧ୍ୟରେ ଏହି ଟ୍ରେନ ଚଳାଚଳ ବନ୍ଦ ରହିବ। ସେହିଭଳି ପରିଚାଳନାଗତ କାରଣ ଲାଗି ଅନ୍ୟ କିଛି ଟ୍ରେନର ଚଳାଚଳ ସୂଚୀରେ ପରିବର୍ତ୍ତନ ଅଣାଯାଇଛି। ଏହା ମଧ୍ୟରେ ହାଓଡା-ପୁରୀ ଜଗନ୍ନାଥ ଏକ୍ସପ୍ରେସ, ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ, ମାଙ୍ଗାଲୁରୁ-ସାନ୍ତ୍ରାଗାଛି ବିବେକ୍ ଏକ୍ସପ୍ରେସ, ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ, ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ, ଯଶବନ୍ତପୁର-ପୁରୀ ଏକ୍ସପ୍ରେସ ରହିଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି। ବିଭିନ୍ନ ଟ୍ରେନ ବାତିଲ୍ ତଥା ଦିଗ ପରିବର୍ତ୍ତନ କରାଯାଇଥିବାରୁ ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରଠାରୁ ବାଙ୍ଗାଲୋର କାଣ୍ଟକୁ ଏକ ସୁପରଫାଷ୍ଟ ତତ୍କାଳ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ହୋଇଛି। ଏହି ଟ୍ରେନ ସୋମବାର ଭୁବନେଶ୍ୱରରୁ ଛାଡିବ।


FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA,
MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent
to Odisha Board & University
ADHYAN INSTITUTE
OF EDUCATION
Jharsuguda, Sundargarh,
Sambalpur, Deogarh, Boudh
Mob: 9937693353,
7008624254, 9337325436







## ଫଟୋରେ ଖବର



କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବାଲସି ଗ୍ରାମରେ ଝାମୁଯାତ୍ରା ପାଇଁ ଶନିବାର ଗ୍ରାମଦେବତା ମଉଳି ଗ୍ରାମ ପରିକ୍ରମା କରୁଛନ୍ତି । ଦଶହରା ଉପଲକ୍ଷେ ଆସନ୍ତା ମଙ୍ଗଳବାର ଝାମୁଯାତ୍ରା ଅନୁଷ୍ଠିତ ହେବ । ଏହି ଅବସରରେ ବାଲସି ଗ୍ରାମବାସୀଙ୍କ ଘରୁ କାଠ ଓ ଅରୁଆ ଚାଉଳ ସଂଗ୍ରହ କରାଯାଇଥାଏ ।

■ବବ୍‌ଲୁ ବାଗ୍ ହତ୍ୟାକାଣ୍ଡର ନୂଆମୋଡ଼

# ଧରା ପଡିଲେ ୩ ହତ୍ୟାକାରୀ

**ଟିଟିଲାଗଡ,୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ସାତବହନି ଜଙ୍ଗଲର ଥିବା ଏକ ନାଳରୁ ପୋଲିସ ଗତ ମାସ ୯ତାରିଖରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ଶନିବାର ଏହି ଘଟଣା ନୂଆ ମୋଡ଼ ନେଇଛି। ଏହି ଘଟଣାର ପର୍ଦ୍ଦାଫାଶ କରି ପୋଲିସ ଶିକ୍ଷକ ଫକୀର ଲୁହା, ତାଙ୍କ ସ୍ତ୍ରୀ ମାଧବୀ ଏବଂ ଭିଣୋଇ ବିଷ୍ଣୁ ପ୍ରସାଦ ମହାନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ମାସ ୯ ତାରିଖରେ କୁଶକେଲା ଗ୍ରାମର ସ୍ୱର୍ଗତ ପରମେଶ୍ୱର ବାଗଙ୍କ ପୁଅ ବବ୍‌ଲୁ(୨୫)ଙ୍କ ମୃତଦେହ ଟିଟିଲାଗଡ଼ ଥାନା ଅନ୍ତର୍ଗତ ସାତବହନି ଜଙ୍ଗଲର ଏକ ନାଳରୁ ଉଦ୍ଧାର କରାଯାଇଥିଲା। ଅବିବାହିତ ଥିବା ବବ୍‌ଲୁ ବିଜେଡିର ଜଣେ ସକ୍ରିୟ କର୍ମୀ ଥିଲେ। ଏଥିସହିତ ସେ ଟିଟିଲାଗଡ଼ ସହରରେ ଏକ ଆର୍ୟୁବେଦିକ ଔଷଧ ଦୋକାନ ବି କରିଥିଲେ। ତାଙ୍କ ମୃତଦେହ ଉଦ୍ଧାର ହେବାର କିଛି ସମୟ ପରେ ଜଣେ ବୃଦ୍ଧ ନିଜକୁ ହତ୍ୟାକାରୀ ବୋଲି ଦର୍ଶାଇ ମୁରିବାହାଲ ଥାନାରେ ଆତ୍ମସମର୍ପଣ କରିଥିଲେ। ହୃଷ୍ଟପୃଷ୍ଟ ଯୁବକଙ୍କୁ ବୃଦ୍ଧ ଜଣକ କି ଭଳି ହତ୍ୟା କରିବାକୁ ସକ୍ଷମ ହେଲେ, କାହିଁକି ହତ୍ୟା କଲେ ଏବଂ ଟିଟିଲାଗଡ଼ ସହରରୁ ପ୍ରାୟ ୧୫କିଲୋମିଟର ଦୂର ସାତବହନି ଜଙ୍ଗଲକୁ ନେଇ ମୃତଦେହକୁ ନାଳରେ ଫିଙ୍ଗିଲେ ଏହାକୁ ନେଇ ପୋଲିସର ସନ୍ଦେହ ହୋଇଥିଲା । ତଥାପି ପୋଲିସ ଏ ନେଇ ଦଫା ୩୦୨, ୨୦୧, ୩୪ଆଇପିସିରେ ଏକ ମାମଲା(ନଂ.୨୮୦/୧୮) ରୁଜୁ କରି ସମ୍ପୃକ୍ତ ବୃଦ୍ଧଙ୍କୁ କୋର୍ଟ ଚାଲାଣ କରିଥିଲା। ଏ ନେଇ ପୋଲିସ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲା । ହେଲେ ଶେଷ ମୁହୂର୍ତ୍ତରେ ଖବରଦାତା ସମ୍ମିଳନୀ ବାତିଲ କରିଥିଲା। ସମ୍ପୃକ୍ତ ବୃଦ୍ଧଙ୍କ ସମ୍ପର୍କରେ ଅଦ୍ୟାବଧି ଗଣମାଧ୍ୟମ ପ୍ରତିନିଧି ଅନ୍ଧାରରେ ଥିଲେ । ହେଲେ ଫକୀର ଲୁହା ଗିରଫ ହେବା ପରେ ପୂର୍ବରୁ ଏହି ଘଟଣାରେ ଆତ୍ମସମର୍ପଣ କରିଥିବା ବୃଦ୍ଧ ତାଙ୍କ ବଡଭାଇ ମାୟାଧର ଲୁହା ବୋଲି ପୋଲିସ ସ୍ପଷ୍ଟ କରିଥିଲା । ନିଜ ଆତ୍ମୀୟ ସ୍ୱଜନଙ୍କୁ ବଞ୍ଚାଇବା ପାଇଁ ମାୟାଧର ଏପରି ନାଟକ କରିଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି।

ଶିକ୍ଷକ ଫକୀର ଲୁହା ଏହି ହତ୍ୟାକାଣ୍ଡରେ ସାମିଲ ଥିବା ବବଲୁଙ୍କ ପରିବାରବର୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଣେ ମହିଳାଙ୍କ ସମ୍ପୃକ୍ତି ଏଥିରେ ଥାଇପାରେ ବୋଲି ମୃତକଙ୍କ ପୁତୁରା କହିଥିଲେ। ବବ୍‌ଲୁଙ୍କ ମୃତଦେହ ଉଦ୍ଧାର ହେବା ପୂର୍ବରାତିରେ ସହରର ପେଟ୍ରୋଲ ପମ୍ପ ଛକରୁ ତାଙ୍କୁ ଉଠାଇ ନିଆଯାଇଥିଲା । ୨ ଅପରିଚିତ ବ୍ୟକ୍ତିଙ୍କ ସହ ଶିକ୍ଷକ ଫକୀର ଏଥିରେ ସମ୍ପୃକ୍ତ ଥିଲେ । କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଶେଷରେ ସେମାନେ ବବଲୁଙ୍କୁ ନିସ୍ତୁକ ପିଟିଥିଲେ । ଏକଥା ଦେଖି ତାଙ୍କର ଜଣେ ବନ୍ଧୁ ପୋଲିସକୁ ଜଣାଇଥିଲେ।

ଟିଟିଲାଗଡ଼ ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ମହାନ୍ତି କହିଛନ୍ତି ଏହି ମାମଲାର ପୁଣିଥରେ ତଦନ୍ତ ଆରମ୍ଭ ହୋଇଛି। ୩ଜଣ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟଚାଲାଣ କରାଯାଇଛି। ପରକୀୟା ପ୍ରୀତି ବବଲୁଙ୍କ ପାଇଁ କାଳ ହୋଇଛି ବୋଲି ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।









(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜ ଘରେ କୁଟି ଖାଇବ ଧାନ,**
**ନିଜ ବଳ ଯୁଝି କାଢ଼ିବ ତାନ ।**

ନିଜ ମାନ ସମ୍ମାନ ନିଜେ ଜଗି ଚଳିବା ଉଚିତ। ନିଜ ଘରେ ଧାନ କୁଟି ଖାଇବ ପଛେ ପର ଆଗରେ ହାତ ପତେଇବା ଉଚିତ ହୋଇ ନ ଥାଏ। ସେହିପରି ନିଜର ବଳ, ସାମର୍ଥ୍ୟ ତଥା ଯୋଗ୍ୟତାକୁ ଆକଳନ କରି ପର ଉପରେ ଅଧିକାର ବା ହୁକୁମାତି ଦେଖାଇବାକୁ ସାହସ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ତଳେ କାଉଁରିଆ;**
**ଯାଉଛି ପଛକେ ଏ ଘରୁ ମୁହିଁ,**
**ଆଉ ନ କର କଜିଆ ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେ ବେଳେ ସାମାନ୍ୟ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥାଏ। କଥା କଟାକଟିରୁ ପରିସ୍ଥିତି ଏପରି ଅଣାୟତ୍ତ ହୋଇଯାଏ ଯେ କେହି କାହାର ଉପସ୍ଥିତିକୁ ସହ୍ୟ କରିପାରି ନ ଥାନ୍ତି। ଏପରି ସ୍ଥଳେ କଳହକୁ ପ୍ରଶମିତ କରିବାକୁ ଯାଇ ଜଣେ ଅନ୍ୟଜଣଙ୍କଠାରୁ ଦୂରେଇ ଯିବା ଲାଗି ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ









ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଅକ୍ଟୋବର ୧୪/୨୦୧୮ | Sambalpur, Sunday, October 14/ 2018 | ପୃଷ୍ଠା-୧



**ସେନାଙ୍କ ସହ ସ୍ମୃତି ଅବିସ୍ମରଣୀୟ: ସୋନାକ୍ଷୀ**
ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଭୁଜ୍‌ରେ ସେନାଙ୍କ ସହିତ ଯେତିକି ସମୟ ବିତାଇଥିଲେ ତାହା ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିଛନ୍ତି।
୦୫

୧୪
**ପ୍ରମୋଦଙ୍କୁ ଏସିଆନ୍ ପାରା ଗେମ୍ସ ସ୍ୱର୍ଣ୍ଣ**
ଓଡ଼ିଶାର ପ୍ରମୋଦ ଭଗତ ଏସିଆନ ପାରା ଗେମ୍ସ ବ୍ୟାଡମିଣ୍ଟନ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ**

**ବିବାଦରେ ଆକବର**

**ଆଜିର ମନ୍ତବ୍ୟ**

“ରାଫାଲ୍ ଚୁକ୍ତିକୁ ହାଲ୍‌ଠାରୁ ଛଡ଼ାଇଆଣି ଅମ୍ବାନୀଙ୍କୁ ଉପହାର ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**–ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

**କିଛି ତଥ୍ୟ**

ଉଜାଲା ଯୋଜନାରେ ସାରା ଦେଶରେ ବର୍ତ୍ତମାନ ସୁଦ୍ଧା ୩୧ କୋଟି ଏଲ୍‌ଇଡି ବଲ୍‌ବ, ୬୬ ଲକ୍ଷ ଏଲ୍‌ଇଡି ଟ୍ୟୁବ୍ ଲାଇଟ୍ ଏବଂ ପ୍ରାୟ ୨୦ ଲକ୍ଷ ଏନର୍ଜି ଏଫିସିଏଣ୍ଟ ଫ୍ୟାନ୍ ବଣ୍ଟନ ହୋଇଛି।

**– ଇଇଏସ୍‌ଏଲ୍**

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
13.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 64 | 111 | 121 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers

# ବନ୍ୟା ପ୍ରଭାବିତ ୩ ଜିଲାରେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ ଗଞ୍ଜାମ ଜିଲାର ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

- ଆକାଶ ମାର୍ଗରୁ ସ୍ଥିତି ପରଖିଲେ
- ୧୫ ଦିନ ରିଲିଫ୍ ଯୋଗାଇବାକୁ ନିର୍ଦ୍ଦେଶ

ସାମୁଦ୍ରିକ ଝଡ଼ ‘ତିତ୍‌ଲି’ ପ୍ରଭାବରେ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲା କ୍ଷତିଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉକ୍ତ ଜିଲାଗୁଡିକର ପ୍ରଭାବିତ ଅଞ୍ଚଳ ଆକାଶମାର୍ଗରୁ କ୍ଷୟକ୍ଷତିର ପରିଦର୍ଶନ କରିଛନ୍ତି। ସନ୍ଧ୍ୟାରେ ସଚିବାଳୟଠାରେ ବାତ୍ୟା ଓ ଏହା ପରବର୍ତ୍ତୀ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ଗୁଣୁପୁର ସବ୍‌ଡିଭିଜନ ପାଇଁ ୧୫ ଦିନ ସକାଶେ ରିଲିଫ ଘୋଷଣା କରିଛନ୍ତି। ଗୋଟିଏ ପରିବାରରୁ ଅତିବେଶିରେ ୪ ଜଣଙ୍କୁ ଅଥବା ସର୍ବାଧିକ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରିଲିଫ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ବରିଷ୍ଠ ବ୍ୟକ୍ତିଙ୍କୁ ଦୈନିକ ୬୦ ଟଙ୍କା ଓ ପିଲାମାନଙ୍କୁ ମୁଣ୍ଡ ପିଛା ୪୫ ଟଙ୍କା ହିସାବରେ ରିଲିଫ ଦେବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳକୁ ପୁନଃ ସଂଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୪୮ ଘଣ୍ଟା ମଧ୍ୟରେ ୯୦ ପ୍ରତିଶତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ବଳକା ଅଞ୍ଚଳରେ ୩ରୁ ୫ ଦିନ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସୁଦ୍ଧା ନଳକୂପଗୁଡିକୁ ମରାମତି କରିବା ସହ ୪୮ ଘଣ୍ଟା ମଧ୍ୟରେ ସମସ୍ତ ବ୍ଲକରେ ପାନୀୟ ଜଳ ଯୋଗାଇ ଦେବା, ସହରାଞ୍ଚଳଗୁଡିକରେ ୨୪ ଘଣ୍ଟା ମଧ୍ୟରେ ପାନୀୟ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ☞ପୃଷ୍ଠା–୧୧

# ତିତ୍‌ଲି: ସୁଧୁରିନି ସ୍ଥିତି

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

- ଦକ୍ଷିଣ, ଉତ୍ତର ଓଡ଼ିଶାରେ ବନ୍ୟା ପରିସ୍ଥିତି ଗମ୍ଭୀର
- ୪୫ ଲକ୍ଷ ପ୍ରଭାବିତ,୨୨୦୯ ଘର କ୍ଷତିଗ୍ରସ୍ତ
- ରିଲିଫ୍, ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ତିତ୍‌ଲି ପ୍ରଭାବରେ ଉପକୂଳ ସମେତ ଦକ୍ଷିଣ ଓଡିଶାରେ ଗତ ୧୦ରୁ ୧୨ ତାରିଖ ୩ ଦିନ ଧରି ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ବଂଶଧାରା, ଋଷିକୂଲ୍ୟା, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ ଓ ଜଳକା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ବଂଶଧାରା ନଦୀର କାଶୀନଗରଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେଠାରେ ବିପଦ ସଙ୍କେତ ୫୩.୬୦ ମିଟର ଥିବା ବେଳେ ବନ୍ୟାଜଳ ୫୪.୪୭ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଋଷିକୁଲ୍ୟା ନଦୀର ପୁରୁଷୋତ୍ତମପୁରଠାରେ ବିପଦ ସଙ୍କେତ ୧୬.୮୩ ମିଟର ଥିବାବେଳେ ୧୭.୧୪ ମିଟର ଉପରେ ଜଳ ପ୍ରବାହିତ ହେଉଛି। ବୈତରଣୀ ନଦୀର ଆଖୁଆପଦାଠାରେ ୧୮.୦୬ ମିଟର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୁଢାବଳଙ୍ଗ ନଦୀର ବନ୍ୟାପାଣି ଏନ୍‌ଏଚ୍–୫ ଠାରେ ଏବଂ ଜଳକା ନଦୀର ମଥାନୀଠାରେ ବିପଦ ସଙ୍କେତ ୫.୫୦ ମିଟର ଥିବା ବେଳେ ବନ୍ୟାଜଳ ୬.୫୮ ମିଟର ଉପରେ ପ୍ରବାହିତ ହେଉଛି। ତେବେ ବର୍ଷା ଛାଡ଼ିଯାଇଥିବାରୁ ☞ପୃଷ୍ଠା–୧୧

# ଭାସିଯାଇ ୧୦ ନିଖୋଜ, ଜଣେ ମୃତ

ରାୟଗଡ଼ (ଗଜପତି), ୧୩।୧୦ (ଡି.ଏନ.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ କଇଁପୁର ପଞ୍ଚାୟତର ମାଡା ଗ୍ରାମରେ ପାଣିରେ ଭାସିଯାଇ ୯ଜଣ ନିଖୋଜ ଥିବା ସୂଚନା ମିଳିଛି। ବୁଧବାର ରାତିରେ ତିତ୍‌ଲିରୁ ରକ୍ଷା ପାଇବା ପାଇଁ ମାଡ଼ା ଗ୍ରାମର ଲୋକେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ। ସ୍ଥାନୀୟ ପାହାଡ଼ରୁ ପ୍ରବଳ ବେଗରେ ବର୍ଷାପାଣି ମାଡ଼ି ଆସିବାରୁ ଏମାନଙ୍କ ମଧ୍ୟରୁ ୯ଜଣ ଭାସିଯାଇଥିଲେ। ଶନିବାର ସୁଦ୍ଧା ସେମାନଙ୍କ ପତ୍ତା ମିଳି ନ ଥିବା ଜଣାପଡ଼ିଛି। ସେହିପରି ଶୁକ୍ରବାର ଲକ୍ଷ୍ମୀପୁର ପଞ୍ଚାୟତ ଓଡାଲିଙ୍ଗି ଗ୍ରାମର ଜଣେ ମହିଳା ନଦୀ ପାରି ହେଉଥିବା ବେଳେ ଭାସିଯାଇ ପ୍ରାଣ ହରାଇଛନ୍ତି। ତାଙ୍କ ନାମ କୁଞ୍ଚୁପି ଧାଙ୍ଗଡ଼ା ମଣ୍ଡଳ। ଏହି ପଞ୍ଚାୟତ ଅନ୍ତର୍ଗତ ଆତଙ୍ଗପୁର ଗ୍ରାମର ବବିତା ଦୋରା (୭) ଭାସିଯାଇ ନିଖୋଜ ଥିବା ଜଣାପଡ଼ିଛି।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

ଅନିବାର୍ଯ୍ୟ କାରଣବଶତଃ ଏଥର ‘ଆଗାମୀ ଆଶା’ ପ୍ରକାଶ ପାଇପାରୁ ନାହିଁ।

# ହିମସ୍ଖଳନ: ୯ ପର୍ବତାରୋହୀ ମୃତ

କାଠମାଣ୍ଡୁ,୧୩।୧୦(ପି.ଟି.)

ନେପାଳର ଗୁଜ୍‌ରା ପର୍ବତରେ ହିମସ୍ଖଳନ ଯୋଗୁ ଶନିବାର ୯ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୫ ଜଣ ଦକ୍ଷିଣ କୋରିଆ ନାଗରିକ ଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ବରଫ ଝଡ଼ ଏବଂ ହିମସ୍ଖଳନ ଯୋଗୁ ପଶ୍ଚିମ ନେପାଳର ମିଆଗ୍‌ଡି ଜିଲାରେ ମାଉଣ୍ଟ ଧଉଳଗିରିର ଦକ୍ଷିଣ ପାର୍ଶ୍ୱରେ ସମୁଦ୍ର ପତ୍ତନରୁ ୩୫୦୦ ମିଟର ଉପରେ ଥିବା ପର୍ବତାରୋହୀଙ୍କ ବେସ୍ କ୍ୟାମ୍ପ ବରଫ ଅତଡ଼ାରେ ଚାପି ହୋଇ ଯାଇଥିଲା। ଅକ୍ଟୋବର ୭ରେ ସେମାନେ ଗୁଜ୍‌ରା ଶୃଙ୍ଗ ଅଭିମୁଖେ ଯାତ୍ରା କରିଥିଲେ।

Connect with us on facebook.com/khimjilive
82 YEARS TRUST IS TIMELESS
Traditional, classic, modern…
welcome the goddess in a different look every day.



DIVINE PUJA OFFERING
UPTO 30% OFF* on gold jewellery MC
DIVINE PUJA OFFERING
UPTO 20% OFF* on diamonds
Offer valid from 10th to 30th October 2018
KHIMJI®
Jewellers since 1936
*T&C Apply.
Kesar Bhawan, Main Road, **Rourkela**
STORES ALSO AT: Bhubaneswar: 621, Saheed Nagar, Janpath | Bhubaneswar: Biju Patnaik International Airport | Bhubaneswar: 309, District Centre, Chandrasekharpur | Berhampur : Venkatraju Arcade, Sano Bazar | Cuttack: 558/834, Cantonment Road | Toll Free: 1800 3131 777 | Open on Sundays



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁଡ୍ଡି
ପରିବାରବର୍ଗ



ଲାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

ଖଣ୍ଡାୟତ ୩୦ବର୍ଷ, ୫'୮'' ଏମ୍‌ଟେକ୍ (NIT) ଆସିଷ୍ଟାଣ୍ଟ ମ୍ୟାନେଜର (MNC) ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9938068965. D-8799

40+ divorcee ପାଇଁ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। (Caste No Bar). Mobile: 9237009890. D-8818

Brahmin boy B.Tech, MBA, 5'6", 1989, Software Engineer. 'Sangaam'. 9338224867, 9439291250. D-64618

Divorcee groom Engineer 32, Bank 36+, Doctor 41+. Samadhan: 8594926181. D- 65026

Brahmin boy 33, home town Bhubaneswar working in Japanese MNC in Gurgaon. Looking for Brahmin braide age, 23-28. Contact: 9776419787. (Mediators should not contact). D-8910

Divorcee groom Engineer 41, Teacher 35 (caste-no-bar). Contact: 7873374269. D-65025

Bride for 40 years divorces Brahmin groom (issuless) B.Tech Civil, BBSR. 9853528532. D-64726

ଶ୍ରାଶେନି ବ୍ରାହ୍ମଣ ସଫ୍ଟୱେର ଇଞ୍ଜିନିୟର ପାତ୍ର ପାଇଁ educated house wife ଭାବେ ରହିବାକୁ ଇଚ୍ଛୁକ ସୁନ୍ଦର ଗୌର ବର୍ଣ୍ଣ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୯୫୫୬୬୨୩୪୧୪. ଧ-୮୯୧୭

### GROOM WANTED

Hindu Khandayat, 5'4"/ 28yrs, M.Tech NIT, working at IT Sector, fair complexion girl looking for a qualified & well established groom from Khandayat/ Karan. Contact: 9583432352. D- 65027

Now Matrimonial ads. only on Wednesday & Sunday
Book 1 Get 1 FREE

# classified




### SALE

Honda City- 2014, WagonR- 2012, Swift Diesel- 2016, 2013, Maruti Scross- 2016, Pajero- 2012. 9438736070. D-63390

Dushera Dhamaka sales for preowned car. Renault Koleous 4X4MT 2014, Audi Q7 2013, Figo Titanium 2015, Figo Titanium 2010, Eco Sport Titanium 2013, Etios 2013, Ritz 2010. Contact: 8750472269. D-8885

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Guesthouse for sale at Puri suitable for Nursing home/ highclass oldage home near to new Medical College & Hospital at Puri, Odisha. D-8862

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

ଭୁବନେଶ୍ୱର Infocity-2 ପାଖରେ BDA yellowzone plot 30' ରାସ୍ତାଥାଇ କିଣନ୍ତୁ। 9348767829. D-64338

ସୁନ୍ଦରପଦା କୁହା ମୌଜାରେ ଘରବାରି ପ୍ଲଟ ବିକ୍ରିହେବ। 9861964818, 9439364818, 9337766961. D-8670

Required 50 acres to 200 acres of agriculture land in Odisha. Genuine sellers may contact: 9099022600. D-64200

ମେଣ୍ଟାଶାଳ ପାଖରେ ହରିଡ଼ାମଡ଼ା ମୌଜାରେ ସାତ ଏକର ଉନ୍ନତ ମାନର ଚାଷ ଜମି ବିକ୍ରିହେବ। 7750899392, 9438323520. D-64614

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-8890

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Sale for triplex in Rasulgarh Chhak @ 2.35 Crore. Contact: 9437573355, 9861068796. D-8850

**ଢେଙ୍କାନାଳରୁ ଶଙ୍କରପୁର ରାସ୍ତାକଡ଼ରେ ତାରିଣୀ ମନ୍ଦିର ସାମ୍ନାରେ 22 ଏବଂ 25 ଗୁଣ୍ଠ ଜାଗା ବିକ୍ରିହେବ। Contact: 9437084995, 7008388915.** D-58700

Building near Indo-English School Uditnagar, Rourkela. No broker please. 7008907582. D-8814

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-65108

Luxury flats at Puri studio, 1/2bhk, bank loan also available. 9124289585. D-8838

Gharabari plot with 30' wide revenue road and electricity near Patia station, Bhubaneswar. 9437827966. D-8875

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8869

New ready to move bungalow sale at DPS School Nakhara, Bhubaneswar. Price 90 lakhs. 9437260818. D-65023

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-8889

Gharabari plot with boundary near Utkal Height Pahala, Nakhara OMFED, East College Bazarsahi, NIT Chandaka, Arugul near IIT: 9439889903, 9861158141. D-65024

2000 sqft. yellowzone gharabari bounded plot for sale at Trisulia. Contact: 9583172766. D-8796

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1200 sqft. 3,40,000/-ରେ ବିକ୍ରିହେବ। (outright) 9776934361, 9658523912. D-64347

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

ଭୁବନେଶ୍ୱର ସୁନ୍ଦରପଦା Xavier University ପାଖରେ sqft. 135/-ରେ ମିଳୁଅଛି। 8328855822. D-56629

4BHK duplex at Balianta (land-1400 construction-2100) @ 50Lakh, residential gharabari land at Hanspal @ 1600/-, Patia @ 2100/- Malipada @ 1050/- Infovalley @ 900/-, Mahadevnagar @ 2500/-, Patharagadia @ 1200/-, Kalinganagar @ 1800/-, Jaanla @ 850/-. Contact: M-Planets. 9861022055, 9938219397. D-8843

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-8871

2100 sft. gharabari residential plot immediate sale Hanspal on NH- 5, Bhubaneswar. Contact Deepak: 9937329999. D-64522

ଭୁବନେଶ୍ୱରରେ ଘରବାରି ପ୍ଲଟ୍ ବର୍ଗଫୁଟ 450/-, 599/- Bank Finance ଘର କିଣନ୍ତୁ। 9556899700. D-8898

Behind Sahidnagar Police Station 1500 sqft. plot, SC, 60,000,00/-. 9438389968. D-8897

Booking simplex 2BHK 1200 sqft. land Tankapaniroad Saitemple 26,19,000/-. 7735738102. D-8896

Book 3BHK duplex house at Talabania, Pokhariput, Bhubaneswar having land area 1260 sqft. and 1900 construction area. Price- 77 lakh. Bank finance available. 7504392698. D-65113

At Chhayapath, Nayagarh, 10 Dec. land with house to be sold. Contact: 9937300620. D-64520

Hanspal new construction apartment 2BHK/ 3BHK ready to move and Nakhara Anantpur 2BHK simplex. 7992916484. D-64723

2200 sqft. land available for construction as per company format. For hire. On at Lingipur Trafic Sqr., Bhubaneswar. M: 9437110900. D-8909

Two BHK flat near Ravi talkies market area, Puri-Road, Bhubaneswar. 7873492433. D-63857

Gharabari Individual plots Pahal (2000X3), Satya Vihar, 18 Guntha commercial plot at NH-203, ready for possession flats, duplex at Bomikhal, Patia for immediate sale. Details: 9937850303.(ବିଶ୍ୱ) D-8911

NH-16 adjacent gharabari converted residential plots for immediate construction (Bhubaneswar) Hanspal, Utakl Heights, Pahala, Phulnakhara. 8480446340. D-8900

### PURCHASE

ଢେଙ୍କାନାଳରେ ଜମି କିମ୍ବା ଘର କିଣିବା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ। 9439464581. D-62046




**Construct your dream home @450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan– SMPL: 9439483779.** D-8891

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64336




1BHK, 700 sqft., rent- 10,000/-, Forest Park, Bhubaneswar. 9437594470, 8218753767. D-63854

2BHK, dining, drawing independent house in Bajrangvihar, Patia, Bhubaneswar. Contact: 9866123690. D-65101

2BHK at Acropolish for family on rent (2km from Sum Hospital). Contact: 9437015037. D-65016

Two 3 bedroom flats at Acropolis near IIIT Bhubaneswar to be rented to family. Contact: 9937300620. D-64521

Double storeyed, semi furnished, Independent, 5000 sft. each with modern amenities and spacious parking at prime location in Bhubaneswar. Each unit having four bedrooms, baths, drawing cum dining, kitchen and verandah at Unit-IV, very close to Sachivalaya Marg for office/ guesthouse/ institute/ residence and corporates. Rent negotiable. Contact: 9937444411. D-64519

Entire appartment near Sai Temple Tankapani Road, BBSR. 2BHK- 12 nos, 3BKH- 4 nos. For office/ bank/ hostel/ institute, etc. 24 Hrs water supply, large parking area. New Lift, DG set etc. Contact: 7328840046, 7328840028. D-8899

2B/R flat, drawing room, dining hall @ Ashirbad Plaza, Patia (near Patia College) for rent Ph: 9777441900, Bhubaneswar. D-8908

Single room, bath, kitchen at Kharavela Nagar for two students. Contact: 9437303405. D-65028




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Newly open herbal full body massage with refreshment well trained therapist. 7381239385. D-64616

All type of full body massage by expert therapist. 7609005923. D-65107

Newly opening ayurvedic body massage smart therapist, Shree herbal. 7750020754. D-65106

Saishree ayurvedic full body massage ladies & gents. Contact: 7438896074. D-64615

Experience full body massage with us by expert enquiry. 7377048581. D-65110

Newly open ayurvedic full body massage ladies & gents. 8117033493. D-65021

Herbal full body massage by smart/ expert therapist. Contact: 8338067247. D-65111

Ayurvedic full body massage ladies / gents smart experts therapist. 9114697517. D-64619




Shivam logistic packers movers. Household/ car relocation countrywide. 9777044177, 9338461133. D-8849




Online shoppingସହ ପ୍ରତିଟି ସାମଗ୍ରୀ ଟଙ୍କା ବଦଳରେ swipe card ବ୍ୟବହାରକରି ଦିନକୁ 1000/-ରୁ 25000/- ରୋଜଗାର କରିବାର ସୁବର୍ଣ୍ଣ ସୁଯୋଗ। 7873411255. D-63856

### Astrology

All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସାନଭାଇକୁ ମରଣାନ୍ତକ ଆକ୍ରମଣ: ବଡ଼ଭାଇ ଗିରଫ

ପାଟଣା,୧୩।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ରାଇଡିହା ପଞ୍ଚାୟତ ଶିଆଳି ଯୋଡ଼ା ଗ୍ରାମରେ ସାନ ଭାଇ ନବକିଶୋର ମହାନ୍ତ(୪୫)ଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ସାହାରପଡା ଫାଣ୍ଡି ପୋଲିସି ବଡ଼ ଭାଇ ଗଣେଶ୍ୱର ମହାନ୍ତ(୬୦)ଙ୍କୁ ଶୁକ୍ରବାର ଗିରଫ କରିଛି। ଏନେଇ ଥାନାରେ ମାମଲା (ନଂ.୧୨୯/୧୮)ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ପୈତୃକ ଘର ଭାଗ ବଣ୍ଟା କୁ ନେଇ ଏହି ପରିବାରର ୬ ଭାଇଙ୍କ ମଧ୍ୟରେ ଗତ ମାସ ୨୧ ତାରିଖରେ ଗଣ୍ଡଗୋଳ ଘଟିଥିଲା । ବଡ ଭାଇ ଗଣେଶ୍ୱର ସାନଭାଇ ନବକିଶୋରଙ୍କୁ ଏକ କୁରାଢ଼ୀରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ନବ କିଶୋରଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ନିଆଯାଇ ପରେ କଟକ ବଡ଼ ଡ଼ାକ୍ତରଖାନା ପଠାଯାଇଥିଲା। ସେ କଟକରୁ ଫେରିବା ପରେ ଥାନାରେ ଏନେଇ ଏତଲା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ଦୂରଦର୍ଶିତା ଅଭାବରୁ କେତେକ ଭୁଲ୍ କାମକୁ ପ୍ରଶ୍ରୟ ଦେଇପାରନ୍ତି। ବନ୍ଧୁଙ୍କ ଭୁଲ୍ ବୁଝାମଣା କାରଣରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହୋଇପାରନ୍ତି। ଅଫିସ୍ କାମରେ ଏପରି କି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଯାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡିପାରନ୍ତି।

**ବୃଷ** ସାମାଜିକ ସ୍ତରରେ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍ସନ ଲାଗିରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେବ । ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ମିଥୁନ** କରଜଦାତାଙ୍କ ଚାପ ବୃଦ୍ଧି କାରଣରୁ ଋଣ ପରିଶୋଧ କରିବା ସକାଶେ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜି ପାରନ୍ତି, ଯାହାକି ଆପଣଙ୍କ ସକଶେ ହିତକର ହେବ । କର୍ମକ୍ଷେତ୍ରରେ, ବ୍ୟବସାୟରେ, ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ମନ୍ଦ ହେବନି।

**କର୍କଟ** ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବେ ରହି ପାରିବେ ନାହିଁ। ଏଣେ ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କରି ସହକର୍ମୀମାନେ କଳହର ମାତ୍ରାକୁ ବଢାଇବେ। ଈର୍ଷା କରୁଥିବା ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭ କରି ଅବଶ୍ୟ ସଫଳତା ପାଇବେ। ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ। କର୍ମକ୍ଷେତ୍ରରେ ତଥାପି ଏକା ସାଙ୍ଗରେ ବହୁତ ଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଅର୍ଥ ଲାଭ ସାଙ୍ଗକୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବନ୍ଧୁଙ୍କ ସହ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ରହିଛି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନକୁ ଭାରାକ୍ରାନ୍ତ କରିବ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ପାରିବାରିକ କ୍ଷେତ୍ରରେ ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ଅଭାବ ଦୂରେଇବାର ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଅତୀତ ଘଟଣାକୁ କେନ୍ଦ୍ରକରି ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହେବେ। ମନ ଭଲ ନ ଥିବା କାରଣରୁ କିମ୍ବା ବନ୍ଧୁଙ୍କ ବ୍ୟବହାର ମନରେ ଆଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସିରହିବେ।

**ମକର** ଗତକାଲିଠାରୁ ଆପଣ ଯାହା କରିବା ସକଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥା ମାନି କାମ କଲେ ବହୁତ ଭଲ ହେବ। ଏତଦ୍ ବ୍ୟତୀତ କର୍ମକ୍ଷେତ୍ରରେ ମଧ୍ୟ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବାଣିଜ୍ୟ,ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ ।

**ମୀନ** ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ସ୍ୱାର୍ଥସାଧନ ମନୋଭାବ ନେଇ ନିଜ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗିରହିବ ।

ଆଜି ଆଶ୍ୱିନ ଶୁକ୍ଳ ଷଷ୍ଠୀ ରବିବାର, ଅକ୍ଟୋବର ୧୪ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧ ।୪୬ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର,ଦିବା ଘ୭।୧୨ମି. ଗତେ ଘ୮ ।୪୦ମି. ମଧ୍ୟେ ଅମୃତବେଳା। ଦିବା ଘ୧ ।୦୦ମି. ଗତେ ଘ୨ ।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୧ ।୦୦ମି. ଗତେ ଘ୨ ।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୫୩ମି. ଗତେ ଘ୫ ।୨୧ମି. ମଧ୍ୟେ ରାହୁକାଳ।


SONY
BRAVIA
OLED
Happy
Durga Puja
A new TV experience awakens
MASTER series A9F
BRAVIA OLED 4K HDR
A masterclass in contrast
X1 Ultimate
Pixel Contrast Booster
Acoustic Surface Audio+
androidtv
Hands-free Voice Search
164cm (65) Rs. 5,59,990/- EMI Rs. 6,500/-
139cm (55) Rs. 3,99,990/- EMI Rs. 5,500/-
A8F
BRAVIA OLED 4K HDR
A new TV experience awakens
X1 Extreme
Acoustic Surface
TRILUMINOS DISPLAY
androidtv
164cm (65) Rs. 4,29,990/- EMI Rs. 6,500/-
139cm (55) Rs.2,99,990/- EMI Rs. 5,500/-
X9000F SERIES 4K HDR
Fine details in dark and light with X1™ Extreme
X1 Extreme
Full Array LED Local Dimming
TRILUMINOS DISPLAY
androidtv
215cm (85) Rs. 10,99,990/- EMI Rs. 8,500/-
164cm (65) Rs. 3,29,990/- EMI Rs. 6,500/-
139cm (55) Rs. 2,29,990/- EMI Rs. 5,500/-
X8500F SERIES 4K HDR
The best colour on a TV with Triluminos™ Display
X1 4K HDR Processor
TRILUMINOS DISPLAY
androidtv
189cm (75) Rs. 4,49,990/- EMI Rs. 7,500/-
139cm (55) Rs. 1,59,990/- EMI Rs. 5,500/-
123cm (49) Rs. 1,19,990/- EMI Rs. 4,900/-
108cm (43) Rs. 89,990/- EMI Rs. 4,300/-
X7500F/X7002F SERIES 4K HDR
Your gateway to detail with 4K resolution
4K X-Reality PRO
androidtv
SMART TV
Smart Plug & Play
X7500F: 164cm (65) • 139cm(55) • 123cm (49) • 108cm (43)
X7002F: 139cm(55) • 123cm (49) • 108cm (43)
Range starts from Rs. 68,990/-
W800F SERIES Full HD 1080
A brand new entertainment experience with Android TV™
X-Reality PRO
Bass Reflex Speaker
androidtv
123cm (49) • 108cm (43)
Range starts from Rs. 62,990/-
W6F SERIES Full HD 1080
Clearer, sharper, more entertaining
X-Reality PRO
Bass Reflex Speaker
SMART TV
W662F: 126cm (50) • 108cm (43)
W672F: 80cm (32) • W622F: 80cm (32)
Range starts from Rs. 33,990/-
R SERIES Full HD 1080
Simply clear and beautiful picture
X-Reality PRO
Clear Resolution Enhancer
Smart Plug & Play
R422F: 80cm (32) • R352F: 102cm (40) • R302F: 80cm (32)
R252F: 102cm (40) • R202F: 80cm (32)
Range starts from Rs. 23,990/-
SPECIAL FESTIVE OFFERS!*
EXCLUSIVE OFFER^ NETFLIX 6 Months Subscription Bonus worth Rs. 4,800/-
^Applicable models are 85X9000F, 75X8500F, 65A9F, 65A8F, 65X9000F, 65X7500F, 55A9F, 55A8F, 55X9000F, 55X8500F & 55X7500F only
Sony Premium Digital Surround Wireless TV Headphones
WH-L600 worth Rs. 19,990/-
Available with 85X9000F, 75X8500F, 65A9F, 65A8F, 55A9F and 55A8F only.
Sony Extra Bass Wireless Speaker
SRS-XB30 worth Rs. 12,990/-
Available with 65X9000F, 55X9000F, 55X8500F and 49X8500F only.
Sony 1TB External Hard Drive
HD-B1 worth Rs. 6,700/-
Available with 65X7500F, 55X7500F, 55X7002F, 49X7500F, 49X7002F and 49W800F only.
Sony Wireless Bluetooth Headphones
WH-CH400 worth Rs. 4,990/-
Available with 50W662F, 43X8500F, 43X7500F and 43X7002F only.
Sony Extra Bass Headphones
MDR-XB450AP worth Rs. 2,490/-
Available with 43W662F and 43W800F only.
Sony USB Portable Charger (3000 mAh)
Charger (3000mAh) worth Rs. 1,420/-
Available with 40R352F, 40R252F, 32W672F, 32W622F, 32R422F and 32R302F only.
Sony 32GB Pen Drive
worth Rs. 1,300/-
Available with 32R202F only.
Upgrade with easy EMIs
Pay As Per Screen Size** | Screen Size x 100 = EMI
SIZE 215cm (85) 189cm (75) 164cm (65) 139cm (55) 123cm (49)
EMI (Rs.) 8,500/- 7,500/- 6,500/- 5,500/- 4,900/-
BAJAJ FINSERV
EMI Tenure up to 36 months
SPECIAL FINANCE OFFERS^
Up to 10% ADDITIONAL CASHBACK*
HDFC BANK We understand your world
ICICI Bank Credit Cards
AXIS BANK
Finance with No Processing Fees through:
BAJAJ FINSERV
CAPITAL FIRST
HDB FINANCIAL SERVICES
For Sales & Service
Toll Free: 1800-103-7799
Website: www.sony.co.in
FOLLOW US ON
Warranty Offer
2 YEAR WARRANTY*
RECYCLE SMART
For recycling your electronic waste, please call us on Toll Free number 1800-103-7799 or visit: www.sony.co.in
Regd. Office: Sony India Pvt. Ltd., A-18, Mohan Co-operative Indl. Estate, Mathura Road, New Delhi-110 044. Ph: 6600 6600 Fax: 26959141. CIN No : U74899DL1994PTC062781
Visit your nearest store for the entire range of BRAVIA products and accessories
Sony Center The Ultimate Sony Experience

# ବିବାଦରେ ଆକବର



ଆକାର ପଟେଲ

ପ୍ରାୟ ୨୫ ବର୍ଷ ତଳେ ମୁଁ କାର୍ଯ୍ୟ ଅନ୍ୱେଷଣରେ ସୁରତରୁ ବମ୍ବେ (ସେତେବେଳେ ମୁମ୍ବାଇ ନାଁ ହୋଇ ନ ଥିଲା) ଆସିଲି। ଆମ ପାରିବାରିକ ବ୍ୟବସାୟ 'ପଲିଷ୍ଟର ପୋଷାକ ତିଆରି' ଆଉ ଚାଲିଲା ନାହିଁ। ମୁଁ ଟେକ୍ସଟାଇଲ ବିଦ୍ୟାରେ ଡିପ୍ଲୋମା କରିଥିଲି। ବିଦ୍ୟାଳୟ ଶିକ୍ଷା ପରେ ଏହି ଡିପ୍ଲୋମା କରିବାରେ ମୋର ଦୁଇବର୍ଷ ଚାଲିଗଲା। ସୁତରାଂ କୌଣସି ଅଫିସ ଚାକିରି ପାଇଁ ମୋର ଶିକ୍ଷାଗତ ଯୋଗ୍ୟତା ନ ଥିଲା। ଜଣେ ଗୁଜରାଟୀ ହୋଇଥିବାରୁ ଆମଦାନି-ରପ୍ତାନି ବ୍ୟବସାୟ ଓ ଷ୍ଟକ୍ ମାର୍କେଟ୍‌ରେ ଚାକିରି ଖୋଜିଲି। କିନ୍ତୁ ହର୍ଷଦ ମେହେଟା ଦୁର୍ନୀତି ଯୋଗୁ ଷ୍ଟକ୍ ମାର୍କେଟ୍ ଭୁଶୁଡ଼ି ପଡ଼ିଥିବାରୁ ସେଥିରେ ମୋତେ ନିଯୁକ୍ତି ମିଳିଲା ନାହିଁ। ଭି଼ଲେ ପାର୍ଲେରେ ମୋର ଜଣେ ସାଙ୍ଗର ଭଉଣୀ ଘରେ ତାଙ୍କ ପରିବାର ସହ ରହି ମୁଁ ବିଭିନ୍ନ ସ୍ଥାନରେ ଚାକିରି ଖୋଜିବାରେ ଲାଗିଲି। ଦିନେ ଏକ ସ୍ଥାନୀୟ ଟ୍ରେନ୍‌ରେ ଏକ ଖବରକାଗଜରେ ଚାକିରି ପାଇଁ ବିଜ୍ଞାପନ ବାହାରିଥିବାର ଦେଖିଲି। ସେଥିରେ ଚାକିରି ପାଇଁ ଦରଖାସ୍ତ ପକାଇଲି ଏବଂ ମୋତେ ଚାକିରି ମିଳିଗଲା, କାରଣ ସାମ୍ବାଦିକ ଚାକିରି ପାଇଁ କୌଣସି ବିଶେଷ ଯୋଗ୍ୟତାର ଆବଶ୍ୟକତା ପଡୁ ନ ଥିଲା। ଠିକ୍ ୩୦ ଦିନ ପରେ ଉକ୍ତ ଖବରକାଜଗଟି ବନ୍ଦ ହୋଇଗଲା, କିନ୍ତୁ ଏଥର ମୋତେ ଆଉ ଏକ ଖବରକାଗଜ 'ଦ ଏସିଆନ୍ ଏଜ୍'ରେ ଚାକିରି ମିଳିଗଲା। ଏମ୍.ଜେ. ଆକବର ତା'ର ସମ୍ପାଦକ ଥାନ୍ତି। ତାଙ୍କୁ ମୁଁ ଆଗରୁ ଜାଣି ନ ଥିଲି, କାରଣ ସୁରତରେ କେହି ଇଂଲିଶ ଖବରକାଗଜ ପଢ଼ନ୍ତିନି।

ମୁଁ ମୁମ୍ବାଇ ଅଫିସରେ କାମ କଲି (ସେହି ବର୍ଷ ବମ୍ବେର ନାଁ ବଦଳି ମୁମ୍ବାଇ ହୋଇଥିଲା)। ମୁଁ ଏପରି ଏକ ପରିବେଶରୁ ଆସିଥିଲି, ଯେଉଁଠି ମହିଳାମାନେ ଅଫିସରେ କାମ କରନ୍ତିନି। ମୋ ପରିବାରର ଯେଉଁ ଛୋଟିଆ ପୋଷାକ କାରଖାନାଟି ଥିଲା, ସେଥିରେ ଅଳ୍ପ ମହିଳା କାମ କରୁଥିଲେ, କିନ୍ତୁ ସମସ୍ତେ ଶ୍ରମିକ ଶ୍ରେଣୀର ଥିଲେ। ସେମାନଙ୍କୁ ହେଲ୍‌ପର ବା ସହାୟକ କୁହାଯାଉଥିଲା। ସେମାନଙ୍କ କାମ ଥିଲା କାର୍ଟୁନଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଓ କାରଖାନାକୁ ସଫା ରଖିବା। କିନ୍ତୁ ମୁଁ ଯେଉଁ ଖବରକାଗଜରେ କାମ କରୁଥିଲି ସେଠାରେ ମହିଳାମାନେ ପୁରୁଷଙ୍କ ପରି ସମାନ କାମ କରୁଥିଲେ। ମୋର ଉପରିସ୍ଥ ଜଣେ ମହିଳା ଥିଲେ। ଏଇଠାରେ ମହିଳାଙ୍କ ପ୍ରତି ଥିବା ମୋର ଧାରଣା ବଦଳିଥିଲା। ଏଠାରେ ଏପରି ଲୋକଙ୍କ ସଂସ୍ପର୍ଶରେ ମୁଁ ଆସିଥିଲି, ଯେଉଁମାନେ ମୋଠାରୁ ଅଧିକ ଚତୁର ଥିଲେ ଏବଂ ଅଧିକ ପାଠ ପଢ଼ିଥିଲେ। ଯେଉଁମାନେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଓ କୋଲକାତା ପରି ବଡ଼ ସହରରେ ବଢ଼ିଛନ୍ତି, ସେମାନଙ୍କ ପାଖରେ ଯେତିକି ଶିଖିବାର ସୁଯୋଗ ଥାଏ, ସୁରତରେ ବଢ଼ିଥିବା ଲୋକଙ୍କ ପାଖରେ ସେତିକି ସୁଯୋଗ ନ ଥାଏ। ଏହା ବିଶେଷ କରି ସେହି ସମୟ ପାଇଁ ସତ୍ୟ ଥିଲା, ଯେତେବେଳେ ଇଣ୍ଟରନେଟ୍ ଓ ଘରୋଇ ଟିଭିର ବିଶେଷ ପ୍ରସାର ହୋଇ ନ ଥିଲା। ସୁରତ ହେଉଛି ଏପରି ଏକ ସହର ଯାହା ଜ୍ଞାନାର୍ଜନ ପାଇଁ ଆଗ୍ରହୀ ନୁହେଁ, ଏହା କେବଳ ଟଙ୍କା କେମିତି ରୋଜଗାର ହେବ, ସେହି ବିଷୟରେ ଧ୍ୟାନ ଦିଏ। ୩୦ ବର୍ଷ ତଳେ ଏଠାରେ କେବଳ ଗୋଟିଏ ବହି ଦୋକାନ ଥିଲା, ଯେଉଁଠି ଇଂଲିଶ ବହି ବିକ୍ରି ହୁଏ ଏବଂ ସେତେବେଳେ ସହରର ଲୋକସଂଖ୍ୟା ପ୍ରାୟ ୧୫ ଲକ୍ଷ ଥିଲା।

ତେଣୁ ମୁମ୍ବାଇରେ ମୁଁ ପ୍ରଥମକରି ଜ୍ଞାନୀ ଲୋକଙ୍କ ସଂସ୍ପର୍ଶରେ ଆସିଲି, ଯେଉଁମାନେ ଖୁବ୍ ପଢ଼ାପଢ଼ି କରି ଦେଶବିଦେଶ ବିଷୟରେ ଜାଣିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେହି ହେଲେ ଏମ୍.ଜେ. ଆକବରଙ୍କ ପରି ପ୍ରଭାବଶାଳୀ ନ ଥିଲେ। କିନ୍ତୁ ମୁଁ ମୁମ୍ବାଇ ଅଫିସରେ ରହି କାମ କରୁଥିବା ବେଳେ ସେ ଦିଲ୍ଲୀରେ ରହି କାମ କରୁଥିଲେ। ତେଣୁ ତାଙ୍କ ସଂସ୍ପର୍ଶରେ ବେଶି ଆସିବାର ବା ତାଙ୍କ ସହ ଯୋଗାଯୋଗ କରିବାର ସୁଯୋଗ ନ ଥିଲା। କିନ୍ତୁ ମୁଁ ତାଙ୍କର ବ୍ୟକ୍ତିତ୍ୱ ଓ ତାଙ୍କ ଲେଖାଗୁଡ଼ିକ ଉପରେ ଧ୍ୟାନ ଦେଉଥିଲି। ମୁଁ ଥିଲି ରକ୍ଷଣଶୀଳ ଏବଂ କିଛି ପରିମାଣରେ ଜାତୀୟତାବାଦୀ ତଥା ନୂତନ ଚିନ୍ତାଧାରାକୁ ଗ୍ରହଣ କରିପାରୁ ନ ଥିବା ହିନ୍ଦୁ। ଆକବର ଥିଲେ ସମସ୍ତ ପ୍ରକାର ଧାର୍ମିକ ସଂକୀର୍ଣ୍ଣତାରୁ ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ। ଧାର୍ମିକ ବିଶ୍ୱାସ ଆଧାରରେ ତାଙ୍କର ମୂଲ୍ୟାୟନ କରିହେବ ନାହିଁ, ବରଂ ତାଙ୍କର ମେଧା, ଦୃଷ୍ଟିକୋଣ, ଅଧ୍ୟୟନ ଓ ତାଙ୍କର ଲେଖାଗୁଡ଼ିକରୁ ତାଙ୍କ ବ୍ୟକ୍ତିତ୍ୱର ଆକଳନ କରାଯାଇପାରିବ। ତାଙ୍କ ମତରେ ନିଜର ଭାରତୀୟତା ପାଇଁ ଗର୍ବ କରିବାର ମାନେ ନୁହେଁ ଯେ, ପାକିସ୍ତାନ ଓ ଚାଇନାକୁ ଘୃଣା କରିବା। ଯେଉଁ ଲୋକମାନଙ୍କୁ ସେ ଗଭୀର ଭାବେ ପ୍ରଭାବିତ କରିଥିଲେ, ପରେ ସେମାନେ ତାଙ୍କୁ ନିରାଶ କରିଛନ୍ତି। କିଛି ବର୍ଷ ହେଲା ତାଙ୍କର ରାଜନୈତିକ ଦୃଷ୍ଟିକୋଣ ଓ ମତ ପରିବର୍ତ୍ତନକୁ ନେଇ ତାଙ୍କୁ ସୁବିଧାବାଦୀ ବୋଲି ଅଭିହିତ କରାଯାଇଛି, ଯାହା ଦୁଃଖଦାୟକ। କିନ୍ତୁ ଏ ଅଭିଯୋଗକୁ ହସି ଉଡ଼େଇ ଦିଆଯାଇପାରେ କାରଣ ରାଜନୀତିରେ ଶଠ ଲୋକଙ୍କର ଅଭାବ ନାହିଁ। ଗାଦି ପଛରେ ଘୋଡ଼ାଉଥିବା ମଣିଷଙ୍କ ଅପେକ୍ଷା ଖାଣ୍ଟି ମଣିଷ ସବୁବେଳେ ଭିନ୍ନ ହୋଇଥାନ୍ତି।

ବର୍ତ୍ତମାନ ଯୁବତୀମାନଙ୍କୁ ଯୌନ ଉତ୍ପୀଡ଼ନ ଦେବା ନେଇ ତାଙ୍କ ନାମରେ ଯେଉଁ ଅଭିଯୋଗ ଆସିଛି, ତାହାଦ୍ୱାରା ତାଙ୍କର ମାନସମ୍ମାନ ଭୂଲୁଣ୍ଠିତ ହୋଇଯାଇଛି। ତେବେ ଜଣେ ଲେଖକ ଓ ଚିନ୍ତକ ଭାବରେ ତାଙ୍କର ଖ୍ୟାତି ହ୍ରାସ ପାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଯାଇ ନାହିଁ। ମୁଁ ଆଶା କରୁଛି ତାଙ୍କୁ ଇସ୍ତଫା ଦେବାର ସୁଯୋଗ ନ ଦେଇ ମନ୍ତ୍ରିପଦରୁ ବହିଷ୍କାର କରାଯାଇପାରେ।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | | | E | 7 | | | D | |
| | E | 7 | | 2 | | | | | | | | 6 | 4 | 3 |
| | C | | E | | | | | | 5 | | 1 | 8 | | 9 |
| | A | D | | | 7 | C | | | | 8 | | | | B |
| 6 | B | 0 | 9 | | 8 | | | | | D | | C | E | |
| | 2 | 3 | | | | | 4 | D | | | | | | |
| 7 | 0 | | C | | | 2 | | | | | D | | | |
| | D | 9 | 2 | 7 | | | | A | | | | | | |
| | 8 | | 3 | | 1 | | | | | B | | | | A |
| 4 | | | 5 | D | | | | 1 | | 3 | C | E | 7 | |
| | 4 | 5 | B | | 3 | | | | | | | | | |
| | | | 7 | 1 | | | | 2 | A | | | | | 6 |
| A | | | 4 | 8 | D | | | | | 5 | 0 | | 9 | 2 |
| | | | | | | 8 | B | | 7 | | | | | |
| | | B | | 5 | | 9 | | 6 | 4 | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 4 | 7 | E | D | 1 | 5 | C | 8 | 0 | 9 | A | 2 | B | 6 |
| E | C | 8 | B | 2 | 9 | A | 6 | 1 | D | 4 | 5 | 3 | 7 | 0 |
| 2 | 5 | 6 | 0 | 8 | 4 | D | 7 | B | 3 | C | 1 | 9 | A | E |
| 1 | B | 0 | 5 | C | A | 2 | 3 | 9 | 7 | 6 | E | 4 | 8 | D |
| D | A | 9 | 6 | 3 | 7 | 0 | 4 | E | 2 | B | 8 | 5 | C | 1 |
| C | 2 | B | 4 | E | 5 | 3 | 0 | 6 | 8 | 1 | 9 | A | D | 7 |
| 6 | 0 | A | 1 | 7 | B | 4 | 9 | 2 | 5 | E | D | 8 | 3 | C |
| 7 | E | 4 | D | 6 | 8 | C | 1 | 5 | A | 2 | 3 | B | 0 | 9 |
| 5 | 3 | D | C | 9 | 2 | 8 | A | 7 | 6 | 0 | B | 1 | E | 4 |
| 8 | 9 | 1 | 3 | A | 0 | B | E | D | C | 7 | 4 | 6 | 5 | 2 |
| B | 1 | 2 | A | 4 | D | 7 | 5 | 0 | 9 | 3 | C | E | 6 | 8 |
| 0 | 6 | 3 | 8 | B | E | 9 | D | C | 4 | A | 2 | 7 | 1 | 5 |
| 4 | 7 | 5 | 2 | 0 | C | 1 | B | A | E | 8 | 6 | D | 9 | 3 |
| 9 | D | E | 7 | 1 | 3 | 6 | 8 | 4 | B | 5 | 0 | C | 2 | A |
| A | 8 | C | 9 | 5 | 6 | E | 2 | 3 | 1 | D | 7 | 0 | 4 | B |

ଗତକାଲିର ଉତ୍ତର

# ଶ୍ୱେତକେତୁ, ବିଛୁଆତି ଓ ଧାରା-୪୯୭



ପ୍ରକାଶ ତ୍ରିପାଠୀ

ଶୁଣିଥିବା ଏକ ପୌରାଣିକ କଥାବସ୍ତୁରୁ ଆଲେଖ୍ୟଟିକୁ ଆରମ୍ଭ କରୁଛୁ। ଋଷି ଉଦ୍ଦାଳକ ଓ ତାଙ୍କ ପୁତ୍ର ଶ୍ୱେତକେତୁ ନିଜ ଆଶ୍ରମ ସନ୍ନିକଟରେ ବସି କୌଣସି ଏକ କାର୍ଯ୍ୟ ସମ୍ପାଦନ କରୁଥିଲେ। ଆଶ୍ରମରେ ସେତେବେଳେ ଉଦ୍ଦାଳକଙ୍କ ପତ୍ନୀ ଏକୁଟିଆ ଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆଶ୍ରମ ଭିତରକୁ ପ୍ରବେଶ କରି ଉଦ୍ଦାଳକଙ୍କ ପତ୍ନୀଙ୍କୁ ଧରି ପଳାୟନ କଲେ। ଉଭୟ ପିତା ଓ ପୁତ୍ରଙ୍କ ଆଖି ସାମ୍ନାରେ ଘଟଣାଟି ଘଟିଥିଲା। ପିତା ଉଦ୍ଦାଳକ ଏହାକୁ ସହଜଭାବେ ଗ୍ରହଣ କରିଥିଲା ବେଳେ ପୁତ୍ର ଶ୍ୱେତକେତୁଙ୍କୁ ଏହା କ୍ରୋଧାନ୍ୱିତ କରିଥିଲା। ନିଜ ମାତାଙ୍କୁ ଉଦ୍ଧାର କରିବା ପାଇଁ ଓ ତାଙ୍କୁ ନେଇଯାଇଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦେବା ଲାଗି ଶ୍ୱେତକେତୁ ଉଦ୍ୟତ ହୁଅନ୍ତେ ପିତା ଉଦ୍ଦାଳକ ତାଙ୍କୁ ଶାନ୍ତ କରାଇଥିଲେ। ପୁତ୍ରକୁ ବୁଝାଇବାକୁ ଯାଇ ଋଷି ଉଦ୍ଦାଳକ କହିଥିଲେ ଯେ, ଉଭୟ ପୁରୁଷ ଓ ମହିଳା ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସ୍ୱତନ୍ତ୍ର ଓ ସ୍ୱାଧୀନ ଅଟନ୍ତି। ଏହାକୁ ବିରୋଧ କରିବା ଭୁଲ୍। କିନ୍ତୁ ପିତାଙ୍କ ଉପଦେଶ ଓ ସମାଜରେ ପ୍ରଚଳିତ ଧାରାକୁ ଶ୍ୱେତକେତୁ ନିନ୍ଦା କରିବା ସହ ଏକ ନୂତନ ଧାରା ବା ନିୟମର ପ୍ରଚଳନ ପାଇଁ ନିଷ୍ପତ୍ତି ନେଲେ। ପରେ ସେ ନାରୀଙ୍କ ପାଇଁ ଏକପତିବ୍ରତା ଆଇନ ପ୍ରଚଳନ କଲେ। ତେବେ ଶ୍ୱେତକେତୁଙ୍କ ପ୍ରଚଳିତ ନିୟମ ସଂସାରରେ କେତେଦିନ ଠିକ୍‌ଠାକ୍ ଚାଲିଲା ତାହା ତ କହିହେବ ନାହିଁ। ମାତ୍ର ପରବର୍ତ୍ତୀ ସମୟରେ ସମାଜଟି ପୁରୁଷପ୍ରଧାନ ହୋଇଗଲା।

ଉପରୋକ୍ତ ପ୍ରସଙ୍ଗ ଉତ୍‌ଥାପନ କରିବାର ଉଦ୍ଦେଶ୍ୟ ହେଉଛି, ନିକଟରେ ପରକୀୟା ପ୍ରୀତି ସଂକ୍ରାନ୍ତରେ ସର୍ବୋଚ୍ଚ ଅଦାଲତ ଦେଇଥିବା ଏକ ଐତିହାସିକ ରାୟ ଉପରେ କିଛିଟା ଆଲୋକପାତ କରିବା। ପରକୀୟା ପ୍ରୀତି ଅପରାଧ ନୁହେଁ। ବିବାହିତ ପୁରୁଷ ଓ ଅନ୍ୟ ସ୍ତ୍ରୀ ଅଥବା ବିବାହିତ ସ୍ତ୍ରୀ ଅନ୍ୟ ପୁରୁଷ ସହିତ ସହମତିରେ ଶାରୀରିକ ସମ୍ପର୍କ ରଖିବା ଏଣିକି ଦଣ୍ଡନୀୟ ନୁହେଁ। ଭାରତୀୟ ଦଣ୍ଡବିଧି ଆଇନରେ ଏ ସମ୍ପର୍କିତ 'ଧାରା-୪୯୭'କୁ ସୁପ୍ରିମ୍‌କୋର୍ଟ ଅସାମ୍ବିଧାନିକ ଘୋଷଣା କରିବା ସହ ଏହାକୁ ଅପରାଧମୁକ୍ତ କରିଦେବା ଫଳରେ ୧୮୬୦ରେ ପ୍ରଣୀତ ବ୍ରିଟିଶ ଅମଳର ଏହି ଆଇନଟି ବସ୍ତୁତଃ ଅଚଳ ହୋଇପଡିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ପରେ ସବୁଠାରେ ଏହାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ବିଶେଷକରି ସୋସିଆଲ ମିଡିଆରେ ଏହାର ଆଲୋଚନା ସର୍ବାଧିକ। ସୋସିଆଲ ମିଡିଆରେ ପ୍ରକାଶ ପାଉଥିବା ଅଧିକାଂଶ ଟିପ୍ପଣୀ-ଟିପ୍ପଣୀ ପଢ଼ିଲେ ମନେହୁଏ ସତେଯେମିତି ଏହି ରାୟ ଆମ ଭାରତୀୟ ସାମାଜିକ ବିଧି-ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡିଦେବ। ବୈବାହିକ ଜୀବନକୁ ଭାଙ୍ଗିରୁଜି ଚୂର୍ମାର କରିଦେବ। ସମସ୍ତ ବିବାହିତ ସ୍ତ୍ରୀ ଓ ପୁରୁଷ ବିଶୃଙ୍ଖଳିତ ହୋଇଯିବେ। ଏଥିରେ କଟାକ୍ଷ ପୁରୁଷ ଅପେକ୍ଷା ମହିଳାଙ୍କ ପ୍ରତି ବେଶି ଥିବା ଲକ୍ଷ୍ୟ କରାଯାଏ।

ଏହା ନିଃସନ୍ଦେହ ଯେ, ଭାରତ ଏକ ରକ୍ଷଣଶୀଳ ରାଷ୍ଟ୍ର ଓ ପୁରୁଷପ୍ରଧାନ ସମାଜ। ଏଠାରେ ଅତି ପ୍ରାଚୀନ କାଳରୁ ପୁରୁଷ ଓ ନାରୀ ପାଇଁ ଅଲଗା ଅଲଗା ପ୍ରଥା ପ୍ରଚଳିତ। ପତ୍ନୀପତିର ସମ୍ପର୍କ ଜନ୍ମ ଜନ୍ମର ଦ୍ୱାହିରେ ସ୍ୱାମୀର ଦେହାନ୍ତ ପରେ ସ୍ତ୍ରୀଟିକୁ ସତୀଦାହ ପ୍ରଥାର ସମ୍ମୁଖୀନ ହେବାକୁ ପଡୁଥିଲା। ମାତ୍ର ପତ୍ନୀର ଦେହାନ୍ତ ପରେ ପତିଟି ପୁନର୍ବିବାହ କରିବାକୁ ବେଶି ସମୟ ଲାଗୁ ନ ଥିଲା। ଯାବତୀୟ ନୀତିନିୟମ ପତ୍ନୀଟି ପାଇଁ ଥିଲାବେଳେ ପତି ପାଇଁ ସବୁ ମାଫ୍। ସୁପ୍ରିମ୍‌କୋର୍ଟଙ୍କ ରାୟ ମହିଳାମାନଙ୍କ ସ୍ୱତନ୍ତ୍ରତା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତୀୟ ପରିବାରଗୁଡିକରେ ମହିଳାମାନଙ୍କୁ ଆଉ ସ୍ୱାମୀଙ୍କ ସମ୍ପତ୍ତି ବୋଲି ବିବେଚନା କରାଯାଇ ପାରିବନାହିଁ। ଗୋଟିଏ ସୁସ୍ଥ ଓ ଶୃଙ୍ଖଳିତ ପରିବାର ପାଇଁ ଉଭୟ ପତି-ପତ୍ନୀଙ୍କ ସହଭାଗିତା ଆବଶ୍ୟକ। ଏଠାରେ କେହି କାହାର ପ୍ରଭୁ ନୁହନ୍ତି କି ଭୃତ୍ୟ ନୁହନ୍ତି। ମାତ୍ର ପତ୍ନୀ ବା ପତିର ବ୍ୟଭିଚାରକୁ ଛାଡ଼ପତ୍ରର ଆଧାର ଭାବେ ଗ୍ରହଣ କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଭାରତୀୟ ପିଙ୍ଗଳ ସଂହିତାର ଧାରା ୪୯୭ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ନ୍ୟାୟ ପ୍ରଦାନ କରିପାରୁ ନ ଥିଲା। ଯଦି ଜଣେ ବିବାହିତ ମହିଳାଙ୍କ ସହ ସହମତିରେ ଜଣେ ଅନ୍ୟ ପୁରୁଷ ଶାରୀରିକ ସମ୍ପର୍କ ରଖୁଥିଲା ଓ ତାହା ଧରାପଡିଲେ ମହିଳାଙ୍କୁ ପୀଡିତା ଓ ତାକୁ ତାଙ୍କ ସ୍ୱାମୀଙ୍କ ସମ୍ପତ୍ତି ଭାବେ ବିବେଚନା କରାଯାଇ ପୁରୁଷଟି ଅପରାଧୀ ବିବେଚିତ ହେଉଥିଲା, ଯାହାକି ଲିଙ୍ଗଗତ ପକ୍ଷପାତିତାକୁ ପ୍ରୋତ୍ସାହନ ଦେଉଥିଲା। ଏହି ଆଇନଟି ଅକାମୀ ହୋଇଯିବା ଫଳରେ ସ୍ୱାମୀ ଓ ସ୍ତ୍ରୀ କେହି କାହାର ସମ୍ପତ୍ତି ନୁହନ୍ତି କି ମାଲିକ ନୁହନ୍ତି ବିବେଚନା ହେବା ସହ ଉଭୟଙ୍କ ପାଇଁ ଆଇନ ସମାନ ହୋଇଯିବ। ପବିତ୍ରତା କେବଳ ପତ୍ନୀ ପାଇଁ ଆଭୂଷଣ ନୁହେଁ, ପତି ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ। ବୈବାହିକ ଜୀବନରେ ଉଭୟ ପତ୍ନୀ ଓ ପତିଙ୍କ ଯୌନ ସ୍ୱାଧୀନତା ରହିବା ଉଚିତ। ଉଭୟ ଉଭୟଙ୍କୁ ସମ୍ମାନ ଓ ଗୁରୁତ୍ୱ ଦେବା ଆବଶ୍ୟକ।

ଏଥର ଆସିବା ପୁଣି ଉଦ୍ଦାଳକ ଓ ତାଙ୍କ ପତ୍ନୀଙ୍କ ପ୍ରସଙ୍ଗକୁ। ଉଦ୍ଦାଳକଙ୍କ ପତ୍ନୀଙ୍କୁ ନେଇଯିବାରେ ସେହି ବ୍ୟକ୍ତିଙ୍କୁ ଏକାକୀ ଦାୟୀ କରାଯାଇ ନ ପାରେ। କାରଣ ଏଥିରେ ଉଦ୍ଦାଳକଙ୍କ ପତ୍ନୀଙ୍କ ସମ୍ମତି ରହିଥିଲା। ଯଦି ସମ୍ମତି ନ ଥାନ୍ତା, ତେବେ ନିକଟରେ ଥିବା ନିଜ ସ୍ୱାମୀ ଓ ପୁତ୍ରକୁ ନିଜର ରକ୍ଷା ପାଇଁ ଚିତ୍କାର ନ କରି ଉକ୍ତ ବ୍ୟକ୍ତିଙ୍କ ସହ ଚୁପ୍‌ଚାପ୍ ଚାଲିଗଲେ କାହିଁକି। ଏଠାରେ ତାଙ୍କର ଦାମ୍ପତ୍ୟ ଜୀବନ ଠିକ୍ ନ ଥିଲା ବୋଲି ମଧ୍ୟ କୁହାଯାଇପାରେ ଓ ନିଜର ସ୍ୱାଧୀନ ଅଧିକାର ଆଧାରରେ ସେ ଅନ୍ୟ ସହ ଚାଲିଗଲେ। ଶ୍ୱେତକେତୁଙ୍କ ନୂତନ ସାମାଜିକ ନିୟମ ପ୍ରଚଳନ ପରେ ବ୍ୟକ୍ତିସ୍ୱାଧୀନତା କ୍ଷୁଣ୍ଣ ହୋଇଥିଲା ସତ, ତେବେ ସମାଜରୁ ବ୍ୟଭିଚାର ଯେ ଦୂର ହୋଇଗଲା ତାହା ଭାବିବା ଭ୍ରମାତ୍ମକ।

ପତ୍ନୀ-ପତିଙ୍କ ମଧ୍ୟରେ ସୁସମ୍ପର୍କ କୌଣସି ଆଇନ ଦ୍ୱାରା ସମ୍ଭବ ନୁହେଁ। ବିବାହ ଉଭୟ ପୁରୁଷ ଓ ନାରୀଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ, ଭରସା ଓ ସମ୍ମାନ ଉପରେ ନିର୍ଭର କରିଥାଏ। ଓଡ଼ିଆରେ ଗୋଟିଏ ଢଗ ଅଛି- 'ତୁଳସୀ ଦୁଇପତ୍ରରୁ ବାସେ ଓ ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ।' ଆମ ସମାଜରେ ତୁଳସୀରୂପୀ ମଣିଷ ଓ ବିଛୁଆତିରୂପୀ ମଣିଷ ଅଛନ୍ତି। ବିଛୁଆତିମାନଙ୍କୁ ଯେତେ ଶୁଦ୍ଧୀକରଣ କଲେ ମଧ୍ୟ ତା'ର ଗୁଣ ଯାଏନାହିଁ। ତୁଳସୀମାନଙ୍କୁ ଯେତେ ଉପଚାର କଲେ ମଧ୍ୟ ସେମାନେ ବିଛୁଆତି ହୋଇପାରିବେ ନାହିଁ। ତୁଳସୀରୂପୀ ପତ୍ନୀ-ପତିଙ୍କ ମଧ୍ୟରେ ଥିବା ଅଖଣ୍ଡ ବିଶ୍ୱାସ ଓ ଭରସାର ନୈସର୍ଗିକ ସମ୍ପର୍କ ଭିତରକୁ ବିଛୁଆତିରୂପୀ ତୃତୀୟ ମଣିଷର ପ୍ରବେଶ ଆଦୌ ସମ୍ଭବ ନୁହେଁ। ସକାରାତ୍ମକ ଚିନ୍ତା ଓ କର୍ମରେ ସମାଜ ତିଷ୍ଠିଛି ଓ ଆଗକୁ ବଢୁଛି। ବଳାତ୍କାର ବିରୋଧରେ ଦୃଢ଼ରୁ ଦୃଢ଼ ଆଇନ ପ୍ରଣୟନ ସତ୍ତ୍ୱେ ସମାଜରୁ ଏହା କମୁନାହିଁ। ଚୋରି କରିବା ଅପରାଧ ନୁହେଁ ବୋଲି ଆଇନଟିଏ ହୋଇଗଲେ ଯେ ସବୁ ଭଲ ଲୋକମାନେ ଚୋରି କରିବା ଆରମ୍ଭ କରିଦେବେ ତାହା ନୁହେଁ। ପତି-ପତ୍ନୀ ମଧ୍ୟରେ ଥିବା ସୁସମ୍ପର୍କର ରଜ୍ଜୁ ଏତେ ଦୁର୍ବଳ ନୁହେଁ ଯେ, ଏକ ଅଦାଲତ ରାୟରେ ତାହା ଛିଣ୍ଡିଯିବ। ନିଜ ବୈବାହିକ ଜୀବନ ଉପରେ ଆସ୍ଥା ଓ ବିଶ୍ୱାସ ରଖୁଥିବା ତଥା ଜୀବନସାଥୀ ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରୁଥିବା ମଣିଷ ଏଥିରେ ବିଚଳିତ ହେବାର କ'ଣ ଆବଶ୍ୟକତା ଅଛି ? ପ୍ରତ୍ୟେକ ମଣିଷ ଭିତରେ ଗୋଟେ ବଡ଼ ଆଇନ ଅଛି। ଆମେ କରୁଥିବା ପ୍ରତ୍ୟେକଟି କର୍ମ ପୂର୍ବରୁ ଏହା ଆମକୁ ସୂଚାଇ ଦେଇଥାଏ ଯେ, ଆମେ ଠିକ୍ କରୁଛୁ ବା ଭୁଲ୍ କରୁଛୁ। ସେହି ଆଇନଟି ହେଉଛି ଆମର ବିବେକ, ଯାହାର ବିବେକରୂପୀ ଆଇନଟି ଦୁର୍ବଳ ସେ ବିଛୁଆତି ଓ ଯାହାର ସୁଦୃଢ଼ ସେ ତୁଳସୀ।

ମୋ-୯୪୩୭୨୩୨୪୬୩,
ଇ-ମେଲ୍:prakas.tripathy09@gmail.com

# ମୁଖ୍ୟ ଅର୍ଥନୀତିଜ୍ଞ

## ବ୍ୟକ୍ତିତ୍ୱ



ଗୀତା ଗୋପୀନାଥ

ବିଶ୍ୱର ୧୮୯ ଦେଶ ମଧ୍ୟରେ ଆର୍ଥିକ ସହଯୋଗ ବୃଦ୍ଧି, ବାଣିଜ୍ୟକୁ ସୁଗମ କରିବା, ଉଚ୍ଚ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ନିରନ୍ତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିଶ୍ୱରୁ ଦାରିଦ୍ର୍ୟ ହ୍ରାସ ଦିଗରେ କାର୍ଯ୍ୟ କରିବା ହେଉଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ମୁଖ୍ୟ ଉଦ୍ଦେଶ୍ୟ। ୧୯୪୫ରେ ଗଠିତ ଏହି ବିଶ୍ୱ ସଂସ୍ଥାର ମୁଖ୍ୟାଳୟ ଆମେରିକା ରାଜଧାନୀ ୱାଶିଂଟନ ଡି.ସି.ରେ ଅବସ୍ଥିତ। ଅନ୍ତର୍ଜାତୀୟ ସ୍ତରରେ ଦେଖାଦେଉଥିବା ଆର୍ଥିକ ସଙ୍କଟକୁ ମୋଚନ କରିବା ଦିଗରେ ଆଇଏମ୍‌ଏଫ୍ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଠାରେ କାର୍ଯ୍ୟରତ ଅର୍ଥନୀତିଜ୍ଞମାନେ ନେଉଥିବା ନିଷ୍ପତ୍ତି ବିଶ୍ୱ ଅର୍ଥନୀତିକୁ ସର୍ବଦା ନୂଆ ଦିଗ ଦେଖାଇଚାଲିଛି। ଭାରତ ପାଇଁ ଗର୍ବର କଥା ଯେ ରଘୁରାମ ରାଜନ୍‌ଙ୍କ ପରେ ପ୍ରବାସୀ ଭାରତୀୟ ଗୀତା ଗୋପିନାଥ ଦ୍ୱିତୀୟ ବ୍ୟକ୍ତି ଭାବେ ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ନିଯୁକ୍ତ ହୋଇଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ସେ ନିଜ କାର୍ଯ୍ୟରେ ଯୋଗଦେବେ ବୋଲି ଆଇଏମ୍‌ଏଫ୍ ପରିଚାଳନା ନିର୍ଦ୍ଦେଶକ ଖ୍ରୀଷ୍ଟେନ୍ ଲାଗାର୍ଡେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ ଜନ୍ମିତ ଗୀତାଙ୍କ ସଫଳ ଯାତ୍ରା ବିଷୟରେ ସମସ୍ତେ ଜାଣିବାକୁ ଆଗ୍ରହ ରଖିବା ସ୍ୱାଭାବିକ।

ଗୀତା କୋଲକାତାରେ ୧୯୭୧ ଡିସେମ୍ବର ୮ରେ ଜନ୍ମ ଗ୍ରହଣ କରିଥିଲେ। ପିତା ଟି.ଭି. ଗୋପିନାଥ ଏବଂ ମାତା ଭି.ସି. ବିଜୟଲକ୍ଷ୍ମୀ ହେଉଛନ୍ତି କେରଳର କନ୍ନୁର ବାସିନ୍ଦା। ସେମାନଙ୍କ ୨ ଝିଅଙ୍କ ମଧ୍ୟରୁ ଗୀତା ସାନ। ମହୀଶୂରର ନିର୍ମଳା କନ୍‌ଭେଣ୍ଟ ସ୍କୁଲରୁ ସେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଲେଡି ଶ୍ରୀରାମ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୪ରେ ଦିଲ୍ଲୀ ସ୍କୁଲ ଅଫ୍ ଇକନମିକ୍ସରୁ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ ୧୯୯୬ରେ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ରୁ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ୨୦୦୧ରେ ସେ ପ୍ରିନ୍ସଟନ୍ ୟୁନିଭର୍ସିଟିରୁ ପିଏଚ୍.ଡି. କରିଥିଲେ। ଏହା ପରେ ସେ ୟୁନିଭର୍ସିଟି ଅଫ୍ ଶିକାଗୋରେ ଅର୍ଥନୀତି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଟେନିୟର୍ଡ ପ୍ରଫେସର ଭାବେ ଯୋଗଦେଇ ୨୦୧୦ ଯାଏ ଅଧ୍ୟାପନା କରିଥିଲେ। ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ଓ ବିଭିନ୍ନ ପ୍ରକାର ସମସ୍ୟା ସମାଧାନ ଦିଗରେ ସେ ନେଇଥିବା ପଦକ୍ଷେପ ପାଇଁ ତାଙ୍କୁ ୨୦୧୪ରେ ଆଇଏମ୍‌ଏଫ୍‌ର 'ୟଙ୍ଗ ଗ୍ଲୋବାଲ ଲିଡର' ଭାବେ ବଛାଯାଇଥିଲା। ଏବେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍ ଆଣ୍ଡ୍ ଅଫ୍ ଇକନମିକ୍ସରେ ଜନ୍ ଜ୍ୱାନ୍‌ସ୍ତା ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଜନ୍ ଜ୍ୱାନ୍‌ସ୍ତା ହେଉଛନ୍ତି ପେଣ୍ଟା ଇନ୍‌ଭେଷ୍ଟମେଣ୍ଟ ଆଡ୍‌ଭାଇଜର ଲିମିଟେଡ୍‌ର ପ୍ରତିଷ୍ଠାତା ଓ ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର । ତାଙ୍କ ନାମରେ ଏହି ଚେୟାର ପ୍ରତିଷ୍ଠା କରାଯାଇଛି। ତେବେ ଗୀତାଙ୍କ ବହୁମୁଖୀ ପ୍ରତିଭା ତାଙ୍କୁ ବିଭିନ୍ନ ସଙ୍ଗଠନ ସହ ସମ୍ପର୍କ ସ୍ଥାପନ ପାଇଁ ସୁଯୋଗ ସୃଷ୍ଟି କରିଛି। ସେ ନ୍ୟାଶନାଲ ବ୍ୟୁରୋ ଅଫ୍ ଇକ୍‌ନମିକ୍ ରିସର୍ଚ୍ଚ ଅଧୀନ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ଆଣ୍ଡ୍ ମାଇକ୍ରୋଇକ୍‌ନମିକ୍ସ ପ୍ରୋଗ୍ରାମ୍‌ର ପ୍ରତିଷ୍ଠାତା ତଥା ସହ-ନିର୍ଦ୍ଦେଶକ ଭାବେ ଜଣାଶୁଣା। ବୋଷ୍ଟନ୍‌ସ୍ଥିତ ଫେଡେରାଲ ରିଜର୍ଭ ବ୍ୟାଙ୍କର ଭିଜିଟିଂ ସ୍କଲାର, ନ୍ୟୁୟର୍କସ୍ଥିତ ଫେଡେରାଲ ରିଜର୍ଭ ବ୍ୟାଙ୍କର ଅର୍ଥନୈତିକ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ, ଆମେରିକାନ୍ ଇକନମିକ୍ ରିଭ୍ୟୁ ଓ ହ୍ୟାଣ୍ଡବୁକ୍ ଅଫ୍ ଇଣ୍ଟରନ୍ୟାଶନାଲ ଇକ୍‌ନମିକ୍ସର ସହ-ସମ୍ପାଦକ ଏବଂ ରିଭ୍ୟୁ ଅଫ୍ ଇକ୍‌ନମିକ୍ ଷ୍ଟଡିଜ୍‌ର ପରିଚାଳନା ସମ୍ପାଦକ ରୂପେ ସେ ଦାୟିତ୍ୱ ସମ୍ପନ୍ନ କରୁଛନ୍ତି। ଏପରି କି ଗୀତାଙ୍କ ପୈତୃକ ଘର କେରଳ ହୋଇଥିବାରୁ କେରଳ ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

ଖୁବ୍ କମ୍ ବୟସରେ ପ୍ରତିଭାସମ୍ପନ୍ନ ଗୀତା ଅର୍ଥନୀତି କ୍ଷେତ୍ରରେ ଆଗକୁ ଯାଇପାରିଛନ୍ତି। ସେଥିପାଇଁ ତାଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପୁରସ୍କାର ମିଳିଛି। ସେଥିମଧ୍ୟରୁ ୨୦୧୮ରେ ଆମେରିକାନ୍ ଏକାଡେମୀ ଅଫ୍ ଆର୍ଟସ୍ ଆଣ୍ଡ୍ ସାଇନ୍ସର ଫେଲୋ ସମ୍ମାନ ଓ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ରୁ ପୁରସ୍କୃତ ହୋଇଛନ୍ତି। ତେବେ ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ମର୍ଯ୍ୟାଦାଜନକ ପଦବୀ ମିଳିଥିବାରୁ ତାହା ତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଜଣେ ଅଭିଜ୍ଞ ଅର୍ଥନୀତିଜ୍ଞ ଭାବେ ସେ ଅନ୍ତର୍ଜାତୀୟ ସ୍ତରରେ ଦେଖାଦେଉଥିବା ଆର୍ଥିକ ସଙ୍କଟ ଟାଳିବାରେ ସହାୟକ ହେବେ ବୋଲି ଆଶା କରାଯାଉଛି।

-ଜିତେନ୍ଦ୍ର

## ଏଇ ଭାରତରେ

କେତେକ ବ୍ୟକ୍ତି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ ବି ସେମାନଙ୍କ ମନକୁ ଅହଂକାର ଛୁଇଁ ନ ଥାଏ। ସେମାନେ ସମାଜ ପାଇଁ କିଛି ନୂଆ ବାର୍ତ୍ତା ଦେବାକୁ ପ୍ରୟାସ କରିଥାଆନ୍ତି। ଏପରି ଏକ ଘଟଣାକ୍ରମରେ ମହାରାଷ୍ଟ୍ର ନାସିକ ଅଞ୍ଚଳର ଡାକ୍ତର ଦୁଇଭାଇ ଆସନ୍ତା ମାସରେ ଶ୍ରୀନଗରରୁ କନ୍ୟାକୁମାରୀ ଯାତ୍ରା କରି 'ସୁସ୍ଥ ଜୀବନଶୈଳୀ'ର ବାର୍ତ୍ତା ପ୍ରଚାର କରିବେ। ସେମାନେ ହେଉଛନ୍ତି ଡା. ମହେନ୍ଦ୍ର ମହାଜନ ଏବଂ ଡା. ହିତେନ୍ଦ୍ର ମହାଜନ। ସେମାନେ ନଭେମ୍ବର ୨ରୁ ଦୀର୍ଘ ୪,୦୦୦ କିମି ସାଇକେଲ ଅଭିଯାନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଅଭିଯାନ ଶ୍ରୀନଗରର ଲାଲଚୌକରୁ ଆରମ୍ଭ ହୋଇ କନ୍ୟାକୁମାରୀଠାରେ ଶେଷହେବ। ଏଥିପାଇଁ ସେମାନଙ୍କୁ ୧୨ ଦିନ ଲାଗିବ। ଯାତ୍ରା କାଳରେ ସେମାନେ 'କୁଇଟ୍ ଟବାକୋ' ଏବଂ 'ଖେଲୋ ଇଣ୍ଡିଆ' ଭଳି ବାର୍ତ୍ତା ମଧ୍ୟ ପ୍ରଚାର କରିବେ। ସେମାନେ ଅଭିଯାନ କାଳରେ ୧୨ଟି ରାଜ୍ୟ ମଧ୍ୟଦେଇ ଯାତ୍ରା କରିବେ। ଏଥିପାଇଁ ସେମାନଙ୍କୁ ଦୈନିକ ୩୫୦ରୁ ୪୦୦କିଲୋମିଟର ଯାତ୍ରା କରିବାକୁ ପଡ଼ିବ। ବାସ୍ତବରେ ଦୁଇଭାଇଙ୍କ ଦୁଃସାହସିକ ଉଦ୍ୟମ ବେଶ୍ ପ୍ରଶଂସନୀୟ।

## ଚିରନ୍ତନୀ

ନୟନ ତାରା ଭ୍ରମର ସମ
ପଦ୍ମାନନେ ହେ ପ୍ରିୟତମ,
ଖେଳଇ ଚାରୁ ଭୁରୁର ତଳେ ସଞ୍ଚରି
ଜୁଡ଼ାରେ ତବ କୃଷ୍ଣଚୂଡ଼ା ମଞ୍ଜରୀ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅକ୍ଟୋବର ୧୯୯୩

- ବମ୍ବେର କାଣ୍ଡିଭିଲି ଓ ବରିଭିଲି ରେଲଷ୍ଟେଶନ ମଧ୍ୟରେ ଏକ ଚଳନ୍ତା ଟ୍ରେନରେ ନିଆଁ ଲାଗିଯିବା ଫଳରେ ଟ୍ରେନରୁ ଡେଇଁ ୫୦ ଜଣଙ୍କ ମୃତ୍ୟୁ।
- ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କ ପାଇଁ ରୁଷିଆ ଓ ଜାପାନ ମଧ୍ୟରେ ୧୬ଟି ରାଜିନାମା ସ୍ୱାକ୍ଷରିତ ।

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ବ୍ୟବହାର

ମହାଶୟ,

ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପ୍‌ଶନରେ ଔଷଧ ଦୋକାନରୁ ଔଷଧ କ୍ରୟ କରି ବ୍ୟବହାର କରିବା ଲୋକଙ୍କର ଏକ ପୁରୁଣା ଅଭ୍ୟାସ। ପାନଦୋକାନରେ ମଧ୍ୟ ଦିନ ଥିଲା ଏସ୍‌ପ୍ରୋ, ଆନାସିନ, ସାରିଡନ, ଷ୍ଟୋପାକ ପରି ଔଷଧ ମିଳୁଥିଲା। ନିଦ ପାଇଁ ଡାଇଜାପାମ, ଏଲର୍ଜି ନିମନ୍ତେ ଏଭିଲ, ସେଟ୍ରାଜାଇନ, ବଦହଜମି, ଅମ୍ଳ ଦୂରୀକରଣ ନିମନ୍ତେ ଡାଏଭଲ, ଡାଇଜିନ, ଜେଲୁସିଲ ପରି ଅନେକ ଔଷଧ ଲୋକେ କିଣି ମନଇଚ୍ଛା ବ୍ୟବହାର କରୁଥିଲେ। ସମ୍ପ୍ରତି କେନ୍ଦ୍ର ସରକାର କମ୍ପୋଜିଶନରେ ଏକରୁ ଅଧିକ ଉପାଦାନ ଥିଲେ ସେଗୁଡିକୁ ନିଷେଧ କରିଛନ୍ତି। ଭିକ୍ସ ଆକ୍‌ଶନ ୫୦୦, ଟାକ୍ସିମ ଏଜେଡ ପରି ତିନିଶହ ଅଠେଇଶ ଗୋଟି ଔଷଧ ଉପରେ ଅଙ୍କୁଶ ଲଗାଇଛନ୍ତି। ଏଣୁ ବିଜ୍ଞାପନରେ ଭାସି ନ ଯାଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଔଷଧ ବ୍ୟବହାର କରିବା ଜରୁରୀ।

ପ୍ରତାପ ଚନ୍ଦ୍ର ପାଢ଼ୀ, ଆଙ୍କୋଲି, ବ୍ରହ୍ମପୁର, ଗଞ୍ଜାମ

### କାଗଜ କିଣି ପଢ଼ନ୍ତୁ

ଅଞ୍ଜନ ଚାନ୍ଦଙ୍କ 'ଖଣ୍ଡେ କାଗଜ' ଧରିତ୍ରୀ(୩୦।୮) ଲେଖାଟି ଏକ ନିଚ୍ଛକ ସତ୍ୟର ପ୍ରତିଫଳନ। ବସ୍ କିମ୍ବା ଟ୍ରେନ୍‌ରେ ଖବରକାଗଜ ପଢୁଥିବା ସମୟରେ ପାର୍ଶ୍ୱ ସହଯାତ୍ରୀ ମଝିରୁ ଖଣ୍ଡେ ଟାଣିନେଇ ପଢିବାରେ ମଗ୍ନ ହୁଅନ୍ତି। ଅନ୍ତତଃ ଭଦ୍ରାମି ଦୃଷ୍ଟିରୁ ଖଣ୍ଡେ କାଗଜ ନେଇପାରେ କି କହିଲେ କିଛି ପଇସା ଖର୍ଚ୍ଚ ହୁଏନି। କିନ୍ତୁ ବହକାଲିଆପଣ ଆମକୁ ଏତେ କବଳିତ କରିଛି ଯେ, ଆମେ ସାଧାରଣ ବ୍ୟବହାର ଭୁଲିଯାଉ। ପାନ, ବିଡ଼ି, ସିଗାରେଟ୍, ମଦ ଆଦିରେ ପଇସା ଖର୍ଚ୍ଚ କରୁଛେ, ଅଥଚ ୪/୫ ଟଙ୍କା ଦେଇ ଖଣ୍ଡେ ଖବରକାଗଜ କିଣିପାରିବାନି ? ଟ୍ରେନ୍‌ରେ ତାସ ଖେଳିବାକୁ ତାସ୍‌ମୁଠା କିଣାଯାଉଛି ଅଥଚ ଅନ୍ୟର କାଗଜ ନେଇ ତା' ଉପରେ ପକେଇ ଖେଳ ଚାଲିଛି। ଏ ମାନସିକତା ପାଠକଙ୍କର ବଦଳୁ।

କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

### ପିଲାଏ କି ପାଠ ପଢ଼ିବେ

ପ୍ରାଥମିକ ଶିକ୍ଷାର ସ୍ଥିତି ବିଷୟରେ ଚିନ୍ତା କଲେ ଦୁଃଖ ଲାଗେ। ସରକାର ଶିକ୍ଷାର ସଫଳତା ବିଷୟରେ ଯେତେ ଡିଣ୍ଡିମ ପିଟନ୍ତୁ ନା କାହିଁକି ତା'ର ପ୍ରକୃତ ସ୍ୱରୂପ ଏୟା। ତଥ୍ୟ ଅନୁସାରେ ୧୦ ଜଣରୁ କମ୍ ପଢୁଥିବା ୭୮୪ଟି ପ୍ରାଥମିକ ସ୍କୁଲ ଏବଂ ୨୯ଟି ଉଚ୍ଚ ପ୍ରାଥମିକ ସ୍କୁଲ କାର୍ଯ୍ୟରତ। ୩୪,୨୩୮ଟି ପ୍ରାଥମିକ ସ୍କୁଲରୁ ୩୨,୫୫୩ଟିରେ ପ୍ରତି କ୍ଲାସରେ ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ୧୭,୭୨୬ ଉଚ୍ଚ ପ୍ରାଥମିକ ସ୍କୁଲରୁ ୧୨,୪୬୬ଟି ସ୍କୁଲରେ ପ୍ରତି କ୍ଲାସ ପାଇଁ ଶିକ୍ଷକ ନାହାନ୍ତି। ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ କୋଠରି ନାହିଁ। ୧୧,୭୪୪ଟି ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରତି କ୍ଲାସ ପାଇଁ ଗୃହ ନାହିଁ। ୩୬୮ ସ୍କୁଲର ନିଜସ୍ୱ ଘର ନାହିଁ। ୧୬୮୫ଟି ପ୍ରାଥମିକ ଏବଂ ୫୨୬୦ଟି ଉଚ୍ଚ ପ୍ରାଥମିକ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ କାମ ଚଳାଉଛନ୍ତି। ଅଧିକାଂଶ ସ୍କୁଲରେ ପାଣି, ପରିମଳ ଏବଂ ବିଜୁଳିର ସୁବିଧା ନାହିଁ। ୩୪,୭୭୯ଟି ନିୟମିତ ଶିକ୍ଷକ ପଦବୀ ଖାଲି ପଡିଛି। ଯେତିକି ଶିକ୍ଷକ ଅଛନ୍ତି ଅଧିକାଂଶ ସମୟରେ ଆନ୍ଦୋଳନରତ। ଏଭଳି ପରିସ୍ଥିତିରେ ପିଲାଏ କି ପାଠ ପଢିବେ ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - ସନ୍ଥ କବୀର ଦାସ



## ସଂକ୍ଷେପରେ

### ଏବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ):** ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ ବୋଲି ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ବାତ୍ୟା ତିତ୍‌ଲି ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ଜନଜୀବନ ବିପର୍ଯ୍ୟସ୍ତ ହେବ ବୋଲି ପାଣିପାଗ କେନ୍ଦ୍ରର ସତର୍କ ସୂଚନା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ବାଚନକୁ ବାତିଲ କରାଯାଇଥିଲା। ଏସମ୍ପର୍କରେ ବିଭାଗ ନିର୍ଦ୍ଦେଶନାମା ନଂ ୨୮୬୭୬/ତା. ୧୦।୧୦।୨୦୧୮ ମଧ୍ୟ ଜାରି କରିଥିଲା। ରାଜ୍ୟର ସମସ୍ତ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଅର୍ଥାତ୍ ୨୦୧୮-୧୯ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଗଲା ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଥିବା ମନ୍ତ୍ରୀ ଦାସ ସ୍ପଷ୍ଟ କରିଛନ୍ତି। ପୁନର୍ବାର ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଉଛି। ଏଭଳି ବିଭ୍ରାନ୍ତିକର, ଅସତ୍ୟ ଏବଂ ଭିତ୍ତିହୀନ ଖବରକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଖଣ୍ଡନ କରିଛନ୍ତି। ଏପରି ଖବର ଦ୍ୱାରା ଛାତ୍ରୀଛାତ୍ର ପ୍ରଭାବିତ ନ ହୋଇ ସମୟ ଅପଚୟ ନ କରନ୍ତୁ। ଏଥିସହ ସେମାନେ ପାଠପଢ଼ାରେ ମନୋନିବେଶ କରନ୍ତୁ ବୋଲି ମନ୍ତ୍ରୀ ଦାସ ରାଜ୍ୟର ସମସ୍ତ କଲେଜ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

### ରାସ୍ତାକଡ଼କୁ ଖସିଲା ସ୍କୁଲ ଅଟୋ:ଶିକ୍ଷୟିତ୍ରୀ ମୃତ

ପୁରୀ ଅଫିସ,୧୩।୧୦: ପୁରୀ-ସାତପଡା ଜାତୀୟ ରାଜପଥର ଜଗନ୍ନାଥ ରୋଡ ଛକରେ ଶନିବାର ଏକ ସ୍କୁଲ ଅଟୋ ରାସ୍ତାକଡ଼ ବିଲକୁ ଖସିପଡିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ୫ ଗୁରୁତର ହୋଇଛନ୍ତି। ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ମାର୍କଣ୍ଡେଶ୍ୱର ସାହି ରାଧାଗୋବିନ୍ଦ ଲେନ୍‌ର ଦାମିନୀ ପୃଷ୍ଟି(୨୧)। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଦୁର୍ଘଟଣାଗ୍ରସ୍ତ ସ୍କୁଲ ଅଟୋକୁ ପୋଲିସ ଜବତ କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁରୀରୁ ୬ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଶନିବାର ସକାଳ ସାଢ଼େ ୮ଟାରେ ସ୍କୁଲ ଅଟୋରେ ବ୍ରହ୍ମଗିରି ଯାଉଥିଲେ। ଏହି ସମୟରେ ପଛପଟୁ ଏକ ବାଇକ ଦ୍ରୁତ ଗତିରେ ଅଟୋକୁ ସାଇଡ ମାରି ଚାଲିଯାଇଥିଲା। ସାମନାପଟୁ ଏକ ଟ୍ରକ ଆସୁଥିବା ଦେଖି ଅଟୋ ଡ୍ରାଇଭର ଭାରସାମ୍ୟ ହରାଇଥିଲା। ଫଳରେ ଅଟୋ ଜଗନ୍ନାଥ ରୋଡ୍ ଛକ ବାମପଟ ରାସ୍ତାକଡ଼ ବିଲକୁ ଖସିପଡିଥିଲା। ବିଲରେ ପାଣି ଥିବାରୁ ଅଟୋରେ ଚାପି ହୋଇ ଦାମିନୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସଦର ଏସଡିପିଓ ସୁଶୀଲ କୁମାର ମିଶ୍ର କୁହନ୍ତି, ମୃତାଙ୍କ ବାପା ରଞ୍ଜନ ପୃଷ୍ଟି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମହାନଦୀ ଟ୍ରିବ୍ୟୁନାଲ ଶୁଣାଣି ଆରମ୍ଭ

# ପକ୍ଷ ରଖିବା ପାଇଁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ

- **ଅନ୍ତରୀଣ ଆବେଦନର ଶୁଣାଣି ଡିସେମ୍ବର ୧୫ରେ**
- **ମୂଳ ପିଟିଶନ୍ ଉପରେ ବିଚାର ଜାନୁୟାରୀ ୧୨ରେ**

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଓଡ଼ିଶା-ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦକୁ ନେଇ ଥିବା ମାମଲା ପ୍ରଥମ ଶୁଣାଣି ଟ୍ରିବ୍ୟୁନାଲରେ ଶନିବାର ଆରମ୍ଭ ହୋଇଛି। ଓଡ଼ିଶା ପକ୍ଷରୁ କରାଯାଇଥିବା ଅନ୍ତରୀଣ ଆବେଦନ ଉପରେ ପକ୍ଷ ରଖିବା ପାଇଁ ପ୍ରତିପକ୍ଷମାନଙ୍କୁ କୁହାଯାଇଛି। ସୁପ୍ରିମକୋର୍ଟ ବିଚାରପତି ତଥା ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ୍ ଏ. ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ଶୁଣାଣି କରିଛନ୍ତି। ଓଡ଼ିଶା ପକ୍ଷରୁ ମହାନଦୀର ଉପରମୁଣ୍ଡରେ ଛତିଶଗଡ ଦ୍ୱାରା କରାଯାଇଥିବା ନିର୍ମାଣ ଉପରେ ରହିତାଦେଶ ପାଇଁ ଆବେଦନ କରାଯାଇଥିଲା। ହେଲେ ସେପରି କୌଣସି ନିର୍ଦ୍ଦେଶ ଟ୍ରିବ୍ୟୁନାଲ ପ୍ରଦାନ କରିନାହାନ୍ତି। ଓଡ଼ିଶାର ଆବେଦନ ଉପରେ ଆସନ୍ତା ଡିସେମ୍ବର ୧ ସୁଦ୍ଧା ପକ୍ଷ ରଖିବା ପାଇଁ ଜଷ୍ଟିସ୍ ଖାନୱିଲକର ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡଖଣ୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଡିସେମ୍ବର ୧୪ ସୁଦ୍ଧା ତାହାର ପ୍ରତ୍ୟୁତ୍ତର ରଖିବା ପାଇଁ ନିର୍ଦ୍ଦେଶ ରହିଛି। ରାଜ୍ୟ ପକ୍ଷରୁ ହୋଇଥିବା ଅନ୍ତରୀଣ ଆବେଦନ ଉପରେ ଡିସେମ୍ବର ୧୫ରେ ଶୁଣାଣି ହେବ। ସ୍ୱତନ୍ତ୍ର କାଉନସେଲ ମୋହନ କତର୍କୀ ଓଡ଼ିଶା ପକ୍ଷରୁ କହିଥିଲେ ଯେ, ଅଣମୌସୁମୀ ତଥା ଡିସେମ୍ବର ପରଠାରୁ ମହାନଦୀର ପ୍ରବାହ ଅବ୍ୟାହତ ରହିବା ଜରୁରୀ। ତେଣୁ ଟ୍ରିବ୍ୟୁନାଲ ଡିସେମ୍ବର ସୁଦ୍ଧା ଛତିଶଗଡକୁ ୧.୭୪ ମିଲିୟନ୍ ଏକର ଫୁଟ୍ (ଏମ୍ଏଏଫ୍) ଜଳ ପ୍ରବାହ ଓଡ଼ିଶା ପାଇଁ ଅବ୍ୟାହତ ରଖିବାକୁ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଦିଅନ୍ତୁ। ହେଲେ ପଡୋଶୀ ଛତିଶଗଡ ଏବଂ ଅନ୍ୟତମ ପ୍ରତିପକ୍ଷ ମଧ୍ୟପ୍ରଦେଶ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନର ଆଳ ଦେଖାଇ ଟ୍ରିବ୍ୟୁନାଲକୁ ସମୟ ମାଗିଥିବା ଜଣାପଡିଛି। ସେହିପରି ଓଡ଼ିଶା ପକ୍ଷରୁ କରାଯାଇଥିବା ମୂଳ ଆବେଦନ ଉପରେ ପକ୍ଷ ରଖିବା ପାଇଁ ସମସ୍ତ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୮ ସପ୍ତାହ ମଧ୍ୟରେ ପ୍ରତିପକ୍ଷମାନେ ନିଜ ସମ୍ପର୍କରେ ଯୁକ୍ତି ରଖିପାରିବେ। ଏହା ପରେ ଆସନ୍ତା ଜାନୁୟାରୀ ୧୨ରେ ଟ୍ରିବ୍ୟୁନାଲ ଶୁଣାଣି କରିବେ। ମହାନଦୀ ଜଳ ବିବାଦର ସମାଧାନ ସକାଶେ ଅକ୍ଟୋବର ୯ରେ ରାଜ୍ୟ ପକ୍ଷରୁ ଏକ ଅନ୍ତରୀଣ ଆବେଦନ କରାଯାଇଥିଲା।

ପ୍ରକାଶ ଯେ, ଅଣମୌସୁମୀ ସମୟରେ ଓଡ଼ିଶାକୁ ମହାନଦୀ ଜଳପ୍ରବାହ ୧.୭୪ ଏମ୍ଏଏଫ୍ ରଖିବା ପାଇଁ ଛତିଶଗଡକୁ ଏକ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ସରକାର ଆବେଦନ କରିଛନ୍ତି। ସେହିପରି ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଏବଂ ମହାରାଷ୍ଟ୍ର ମହାନଦୀ ଅବବାହିକାରୁ ୧୦.୮୩ ଏମ୍ଏଏଫ୍‌ରୁ ଅଧିକ ଜଳ ବ୍ୟବହାର ନ କରିବା ପାଇଁ ମଧ୍ୟ ଆବେଦନ କରିଛି। ରାଜ୍ୟ ପକ୍ଷରୁ ଶୁଣାଣିର ପ୍ରଥମ ଦିନ ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର, ଜଳସମ୍ପଦ ସଚିବ ପ୍ରଦୀପ ଜେନା , ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ବିଶାଳ ଗଗନ ଏବଂ ନୂଆଦିଲ୍ଲୀସ୍ଥିତ ରାଜ୍ୟ ପ୍ରମୁଖ ରେସିଡେନ୍ସ କମିଶନର ବିପିନ୍ ସାକ୍ସେନା ପ୍ରମୁଖ ଶୁଣାଣି ସମୟରେ ଉପସ୍ଥିତ ଥିଲେ।




## ସରକାରଙ୍କ ସହିତ ଶିକ୍ଷକଙ୍କ ଆଲୋଚନା

# ଆନ୍ଦୋଳନ ସ୍ଥଗିତ, ନଭେମ୍ବର ୩୦ ପର୍ଯ୍ୟନ୍ତ ମହଲତ

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଚାଲିଥିବା ଗଣଧାରଣାକୁ ୫୯ ଦିନ ପରେ ଶନିବାର ସ୍ଥଗିତ ରଖାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ସହିତ ମିଳିତ ମଞ୍ଚର ୧୩ଜଣିଆ ପ୍ରତିନିଧିଙ୍କ ୫ମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଆଲୋଚନାକୁ ଭିତ୍ତିକରି ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଆସନ୍ତା ନଭେମ୍ବର ୩୦ ପର୍ଯ୍ୟନ୍ତ ମହଲତ ଦିଆଯାଇଥିବା ମିଳିତ ମଞ୍ଚ ଆବାହକ ମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଶନିବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦୧୫-୧୬ରୁ ସ୍ଥଗିତ ଥିବା ସ୍କୁଲ ଶିକ୍ଷକମାନଙ୍କ ୪୬ଦିନ ଓ କଲେଜ ଶିକ୍ଷକମାନଙ୍କ ୩୦ ଦିନର ବକେୟା ଦରମା ରାଜ୍ୟ ସରକାର ପ୍ରଦାନ କରିବାକୁ ସହମତି ପ୍ରକାଶ କରିଥିଲେ। ଲିଖିତ ସୂଚନା ପ୍ରଦାନର ଅବଧି ପୂରିଯାଉଥିବାରୁ ଏହାକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଲିଖିତ ସୂଚନା ପ୍ରଦାନରେ ଥିବା କୋର୍ଟ କେସ୍ ପ୍ରତ୍ୟାହାର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ। ସପ୍ତମ ବେତନ ଖୁବ୍ ଶୀଘ୍ର ପ୍ରଦାନ ସହିତ ନୂତନ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ୨୦୧୮ ଅନୁଦାନ ଆଇନ ସହିତ ବାର୍ଷିକ ଦରମା ବୃଦ୍ଧି ଯୋଗ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଚାକିରି ସର୍ତ୍ତ ଓ ଅବସରକାଳୀନ ସୁବିଧା ପାଇଁ ଏକ କମିଟି ଗଠନ କରାଯିବା ଲାଗି ଆଲୋଚନାବେଳେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯଦି ନଭେମ୍ବର ୩୦ତାରିଖ ସୁଦ୍ଧା ରାଜ୍ୟ ସରକାର ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରନ୍ତି ତେବେ ଡିସେମ୍ବର ୧ରୁ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

### ଶୋଭନୀୟ ଆନ୍ଦୋଳନର ସାଂସ୍କୃତିକ ସମ୍ପାଦିକା ଜୟନ୍ତୀ ଦେବୀଙ୍କ ପରଲୋକ



ଜୟନ୍ତୀ ଦେବୀ

କଟକ ଅଫିସ,୧୩।୧୦

ଶୋଭନୀୟ ଆନ୍ଦୋଳନର ସାଂସ୍କୃତିକ ସମ୍ପାଦିକା ଜୟନ୍ତୀ ଦେବୀ ତଥା ମୁନି ଗୁରୁମାଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ରୋଗଶଯ୍ୟାରେ ପଡି ରହିଥିଲେ। ଦିଲ୍ଲୀ ଏମ୍ସ ସମେତ ବିଭିନ୍ନ ଡାକ୍ତରଖାନାରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ଶେଷରେ କିଛିଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବର୍ତ୍ତମାନ ତାଙ୍କ ମରଶରୀରକୁ କଟକ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ମୁଖ୍ୟାଳୟରେ ଶେଷ ଦର୍ଶନ ପାଇଁ ରଖାଯାଇଛି। ରବିବାର ଅନୁଷ୍ଠାନ ପରିସରରେ ଅନ୍ତିମ ସଂସ୍କାର କରାଯିବ। ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲାର ଷଣ୍ଢପଲ୍ଲୀ ଗାଁରେ ୧୯୫୪ ମସିହାରେ ସେ ବାପା ବିଷ୍ଣୁପଦ ନାୟକ ଓ ମା' ଅମ୍ବିକାମଣି ନାୟକଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ୧୯୭୫ ମସିହାରେ ସବୁଦିନ ପାଇଁ ଘରଦ୍ୱାର ଛାଡି କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଆନ୍ଦୋଳନର ମଣିଷ ତିଆରି କାରଖାନା ଶୋଭନୀୟ ଶିକ୍ଷାଶ୍ରମରେ ଯୋଗ ଦେଇଥିଲେ।

### ତିତ୍‌ଲି ପ୍ରଭାବର କ୍ଷୟକ୍ଷତି ଆକଳନ କଲେ ମନ୍ତ୍ରୀ

ଫୁଲବାଣୀ ଅଫିସ, ୧୩।୧୦

ତିତ୍‌ଲି ପ୍ରଭାବରେ କନ୍ଧମାଳ ଜିଲାରେ ହୋଇଥିବା କ୍ଷୟକ୍ଷତିର ଆକଳନ ସହ ସମୀକ୍ଷା କରିଛନ୍ତି ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ଏବଂ ଅନୁସୂଚିତ ଜାତି ଓ ଜନଜାତି, ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି। ଶନିବାର ଦିନିକିଆ କନ୍ଧମାଳ ଗସ୍ତରେ ଆସି ସେମାନେ ଟିକାବାଲି ବ୍ଲକ ଅନ୍ତର୍ଗତ ପିକରଡ଼ି ପଞ୍ଚାୟତ ରୁଡ଼ାବିଡ଼ିଙ୍ଗିଆ ଏବଂ କଇଁଝର ପଞ୍ଚାୟତ ଜିଗିନାଗାଁ ଗ୍ରାମ ପରିଦର୍ଶନ କରିଥିଲେ। ରୁଡ଼ାବିଡ଼ିଙ୍ଗିଆରେ ଖୋଲା ଯାଇଥିବା ଆଶ୍ରୟ କେନ୍ଦ୍ରରେ ପ୍ରାୟ ୫ ଶହ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରି କ୍ଷୟକ୍ଷତିର ଆକଳନ କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହ ଫୁଲବାଣୀ ବିଧାୟକ ଦୁଗୁନି କହଁର, ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ । ପରେ ସଦ୍‌ଭାବନା ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତିତ୍‌ଲି ବାତ୍ୟା ଜନିତ କ୍ଷୟ କ୍ଷତିର ବିଭାଗ ୱାରୀ ସମୀକ୍ଷା କରାଯାଇଥିଲା। ଜିଲାର ୧୭୧ ପଞ୍ଚାୟତରୁ ୮୨ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦିଆଯାଇଥିଲା। ପ୍ରାୟ ୫ ଶହ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତି ଆକଳନ କରଯାଇ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଆଣିବା ପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ବେହେରା ଏବଂ ମାଝି ପ୍ରକାଶ କରିଥିଲେ।

### ସେନା ସହ ସ୍ମୃତି ଅବିସ୍ମରଣୀୟ



ସୋନାକ୍ଷୀ ସିହ୍ନା

ମୁମ୍ବାଇ: ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଭୁଜ୍‌ରେ ଯବାନଙ୍କ ସହିତ ଯେତିକି ସମୟ ବିତାଇଥିଲେ ତାହା ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରିଛନ୍ତି। ଏହି ସମୟରେ ସେ ନିଜକୁ ଭୁଲିଯାଇଥିବା କହିଛନ୍ତି। ସେ କେତେକ ସୈନ୍ୟଙ୍କ ସହି ଭଲିବଲ୍ ଖେଳିବାର ଅନୁଭୂତି ହାସଲ କରିଥିଲେ। ସେଭଳି ଚମକପ୍ରଦ ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେକରିଛନ୍ତି। ଏକ ନ୍ୟୁଜ୍ ଚ୍ୟାନେଲ୍ ପାଇଁ ଶୁଟିଂ କରିବା ସମୟରେ ଭୁଜ୍, ପଞ୍ଜାବ ରେଜିମେଣ୍ଟ, ଆର୍ମି କ୍ୟାମ୍ପ୍ ଆଦି କେତେକ ସ୍ଥାନରେ ବିସ୍ମୟକର ଅନୁଭୂତି ହାସଲ କରିଥିବା ବିଷୟ ସେ ଶନିବାର ଟୁଇଟ୍ କରିଛନ୍ତି। ତାଙ୍କ କହିବାନୁଯାୟୀ, ଆମର ସାହସୀ ଯବାନଙ୍କ ସହିତ ସମୟ ବିତାଇବାର ଅନୁଭୂତି ଅବିସ୍ମରଣୀୟ। ସୈନ୍ୟଙ୍କ କେତେକ କାର୍ଯ୍ୟକଳାପକୁ ଅନୁକରଣ କରି ସେଭଳି କରିବାବେଳେ ସେମାନଙ୍କୁ ହସ ଲାଗିଥିଲା। ଏହା ଥିଲା ଏକ ନିଆରା ଅନୁଭୂତି।ସୋନାକ୍ଷୀ 'ହଲିଡେ: ଏ ସୋଲ୍‌ଜର ଇଜ୍ ନେଭର ଅଫ୍ ଡ୍ୟୁଟି' ରେ ଅଭିନୟ କରିଛନ୍ତି। ବିରାଟ ବକ୍ସି (ଅକ୍ଷୟ କୁମାର ଅଭିନୀତ)ଙ୍କ କାହାଣୀକୁ ନେଇ ଏହା ଗଢ଼ିଉଠିଛି। ଭାରତୀୟ ସୈନ୍ୟବାହିନୀର ଏକ ଗୁପ୍ତ ଶାଖା ଡି.ଆଇ.ଏ.ର କ୍ୟାପଟେନ୍ ଭାବରେ ସେ କାର୍ଯ୍ୟ କରିଛନ୍ତି। ଇତିମଧ୍ୟରେ ସୋନାକ୍ଷୀ 'କଳଙ୍କ' ଫିଲ୍ମରେ ଖୁବ୍ ଶୀଘ୍ର ଦୃଶ୍ୟମାନ ହେବେ। ଏହା ଏକ ପୌରାଣିକ ବିଷୟବସ୍ତୁ ଆଧାରିତ।


**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ଣ୍ଣର



@ ପ୍ରିନ୍ସ



@ ପ୍ରହ୍ଲାଦ



@ ପ୍ରତ୍ୟୁଷ



@ ରାଧେଶ୍ୟାମ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ୫ ବରିଷ୍ଠ ଅଧିକାରୀଙ୍କୁ ବନ୍ୟାଞ୍ଚଳ ସ୍ୱାସ୍ଥ୍ୟସେବା ତଦାରଖ ଦାୟିତ୍ୱ

- **ଜିଲା ଦାୟିତ୍ୱ ନେଲେ ସଚିବସ୍ତରୀୟ ଅଧିକାରୀ**
- **ପରିମଳ ବ୍ୟବସ୍ଥା ତ୍ୱରାନ୍ୱିତ କରିବ ଗାଁ କଲ୍ୟାଣ ସମିତି**

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ବାତ୍ୟା ଓ ବନ୍ୟାରେ କ୍ଷତିଗ୍ରସ୍ତ ଜିଲାରେ ସ୍ୱାସ୍ଥ୍ୟସେବା ତଦାରଖ କରିବେ ସ୍ୱାସ୍ଥ୍ୟ ବିଭାଗର ୫ ବରିଷ୍ଠ ଅଧିକାରୀ। ଶନିବାର ସେମାନେ ବନ୍ୟାଞ୍ଚଳ ଗସ୍ତ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏ ନେଇ ନିର୍ଦ୍ଦେଶ ଦେବାପରେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଶନିବାର ଉଚ୍ଚସ୍ତରୀୟ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ କ୍ଷେତ୍ରକୁ ପଠାଇଛନ୍ତି।

ସ୍ୱତନ୍ତ୍ର ସଚିବ ବି.କେ. ବ୍ରହ୍ମା ଗଞ୍ଜାମ ଜିଲାକୁ ଯାଇଥିବାବେଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ୱପ୍ନେଶ୍ୱର ଗଡନାୟକ ଗଜପତି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ ରାୟଗଡା, ସ୍ୱତନ୍ତ୍ର ସଚିବ ନୟନ ଅଲ୍ଲୀ ବେଗ କଟକ ଓ କେନ୍ଦ୍ରାପଡା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ଲିଙ୍ଗରାଜ ମିଶ୍ର ଭଦ୍ରକ ଓ ବାଲେଶ୍ୱର ଜିଲାକୁ ଯାଇଛନ୍ତି। ଅଧିକାରୀମାନେ କ୍ଷେତ୍ରସ୍ତରରେ ରହି ସ୍ୱାସ୍ଥ୍ୟସେବା ପରିଚାଳନା କରିବେ। ରାଜ୍ୟସ୍ତରରେ ମଧ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ସ୍ଥିତି ଉପରେ ନଜର ରଖିବା ଲାଗି ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାୟଗଡା, ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଗଞ୍ଜାମ, ଅତିରିକ୍ତ ଶାସନ ସଚିବ ହରିବଲ୍ଲଭ ମିଶ୍ର ଗଜପତି, ଅତିରିକ୍ତ ଶାସନ ସଚିବ ଶରତ ଚନ୍ଦ୍ର ମିଶ୍ର କଟକ, କେନ୍ଦ୍ରାପଡା ଓ ଯାଜପୁର ଏବଂ ଅତିରିକ୍ତ ଶାସନ ସଚିବ ବିଭୂତି ଭୂଷଣ ଦାସ ଭଦ୍ରକ ଓ ବାଲେଶ୍ୱର ଜିଲାର ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିବା ଲାଗି କୁହାଯାଇଛି।

ଅନ୍ୟପଟେ ପ୍ରଭାବିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ଗାଁ କଲ୍ୟାଣ ସମିତିଗୁଡ଼ିକୁ କାର୍ଯ୍ୟରେ ଲଗାଇବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ପଣ୍ଡିତ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗାଁ କଲ୍ୟାଣ ସମିତିଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ପରିଷ୍କାର କରିବା ସହିତ ଭୂତାଣୁ ବାହିତ ରୋଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବେ ପଣ୍ଡିତ ଚିଠି ମାଧ୍ୟମରେ ଜଣାଇଛନ୍ତି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆରଏଏମଏମଇସି- ଏସଏଆରସି, ଗେଟି ରୋଡ, ସମ୍ବଲପୁର

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ, ରୁଲ୍ -୮(କ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ-୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନଫୋର୍ସମେଣ୍ଟ) ରୁଲସ୍-୨୦୦୨ ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣ ଗ୍ରହୀତା (ମାନେ) ଏବଂ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ ଜାରିକରି ସେମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ରାଶି ନୋଟିସ ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣ ଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଏହି ନୋଟିସ ମାଧ୍ୟମରେ ବିଶେଷକରି ଋଣ ଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନଲିଖିତ ସମ୍ପତ୍ତିକୁ ସାରଣୀରେ ପ୍ରଦତ୍ତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରାଇଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| କ୍ର. ସଂ. | ଶାଖା / ଋଣଗ୍ରହୀତା/ ଜାମିନଦାର (ନାମ ଓ ଠିକଣା) | ଦଖଲକୁ ନିଆଯାଇଥିବା ବନ୍ଧକ ସମ୍ପତ୍ତିର ବିବରଣୀ | ଦଖଲ ନୋଟିସ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ/ ଦଖଲ ନୋଟିସର ତାରିଖ |
|---|---|---|---|---|
| ୧. | ଋଣଗ୍ରହିତା- **ଶ୍ୟାମସୁନ୍ଦର ବିଶ୍ୱାଳ**, ପ୍ରୋ. ଏମ.ଏସ. ମା ତାରିଣୀ ଇଣ୍ଟରପ୍ରାଇଜେସ୍, ପିତା- **ସ୍ୱର୍ଗତ ଚନ୍ଦ୍ରଶେଖର ବିଶ୍ୱାଳ**, ନି- ତିଥେଇପାଲି, ପୋ/ଥା-ଶାସନ,ଜି- ସମ୍ବଲପୁର, **ଜାମିନଦାର- ଶ୍ରୀ ହରିଶଙ୍କର ଷଣ୍ଢ**, ପି- ସ୍ୱର୍ଗତ ବିସେଶ୍ୱର ଷଣ୍ଢ, ନି- କଣ୍ଢାପାଲି, ପୋ/ଥା- ଶାସନ, ଜି - ସମ୍ବଲପୁର | **ଶ୍ୟାମସୁନ୍ଦର ବିଶ୍ୱାଳ**, ପି- **ଚକ୍ରଧର ବିଶ୍ୱାଳଙ୍କ** ନାମରେ ଥିବା ସଂମ୍ପତ୍ତି ଯାହାକି **(୧)**ମୌଜା ସମ୍ବଲପୁର ଟାଉନ ୟୁନିଟ- ୧୫, ଜି-ସମ୍ବଲପୁର, ଖାତା ନଂ. ୫୫୯/୩୫୯୧, ପ୍ଲଟ୍ ନଂ-୧୧୮/୮୫୮୮ , କ୍ଷେତ୍ର-ଏ୦.୦୫୦ ଡି, **(୨)** ବଡ ତିଥେଇପାଲି, ଥା- ଶାସନ, ଜି- ସମ୍ବଲପୁର, ଖାତା- ୧୯୧, ପ୍ଲଟ ନଂ- ୫୮୮, କ୍ଷେତ୍ର-ଏ୦.୦୮୦ ଡି. **(୩)** ବଡ ତିଥେଇପାଲି, ଥା- ଶାସନ, ଜି- ସମ୍ବଲପୁର, ଖାତା- ୨୧୨/୮୩, ପ୍ଲଟ ନଂ-୬୭୪/୧୦୧୯, କ୍ଷେତ୍ର-ଏ୦.୦୪୦ ଡି. | ଟ.୧୭,୫୮,୬୪୮.୦୦ (ସତର ଲକ୍ଷ ଅଠାବନ ହଜାର ଛଅ ଶହ ଅଡଚାଳିଶ ଟଙ୍କା) ମାତ୍ର ତା.୦୯.୦୭.୨୦୧୮ ସୁଧା + ଅନ୍ୟାନ୍ୟ ଖର୍ଚ୍ଚ | ୦୯.୦୭.୨୦୧୮ / ୦୫.୧୦.୨୦୧୮ |
| ୨. | ଋଣଗ୍ରହିତା- **ଶ୍ରୀ ସମରଜିତ ପଟ୍ଟନାୟକ**, ପି- ରମେଶ ଚନ୍ଦ୍ର ପଟ୍ଟନାୟକ , ନି- ଲେନ ୪/ଏ-୩, ଜଗନ୍ନାଥ ମନ୍ଦିର କଲୋନୀ, ବୁଢ଼ାରଜା, ପୋ- ବୁଢ଼ାରଜା, ଥା- ଅଇଁଠାପାଲି, ଜି- ସମ୍ବଲପୁର, **ଜାମିନଦାର-** ଶ୍ରୀ ଗିରିନ୍ଦର୍ ନାୟକ, ପି- ଦଶରଥ ନାୟକ, ନି- ଗୋବିନ୍ଦଟୋଲା, ଡ୍ରାଇଭର କଲୋନୀ, ପୋ/ଥା- ଧନୁପାଲି, ଜି- ସମ୍ବଲପୁର | **ଶ୍ରୀ ଗିରିନ୍ଦର୍ ନାୟକ, ପି- ଦଶରଥ ନାୟକଙ୍କ** ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା ସମ୍ବଲପୁର ଟାଉନ ୟୁନିଟ ନଂ. ୧୬ ସର୍ଲା , ଜି-ସମ୍ବଲପୁର, ଖାତା ନଂ. ୧୭୧/୭୮୪, ପ୍ଲଟ୍ ନଂ- ୧୨୧୨/୨୩୪୭, କ୍ଷେତ୍ର-ଏ୦.୧୧୬ ଡି. | ଟ.୬,୨୧,୬୮୩.୦୦ (ଛଅ ଲକ୍ଷ ଏକୋଇଶ ହଜାର ଛଅ ଶହ ତେଆଅଶି ଟଙ୍କା) ମାତ୍ର ତା.୧୧.୦୬.୨୦୧୮ ସୁଧା + ଅନ୍ୟାନ୍ୟ ଖର୍ଚ୍ଚ | ୧୩.୦୬.୨୦୧୮ / ୦୫.୧୦.୨୦୧୮ |

ତା: ୧୦.୧୦.୨୦୧୮, ସ୍ଥାନ- ସମ୍ବଲପୁର
ସ୍ୱା/- ଭାରପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ଗାଈ ଚରାଳିଙ୍କୁ ହତ୍ୟା

ନନ୍ଦପୁର, ୧୩।୧୦(ଡି.ଏନ୍.ଏ): କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ କସନ୍ଧି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆତ୍ରା ଗ୍ରାମର ରଘୁ ହନ୍ତାଳ(୫୫)ଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ତ୍ରୀ ଡ଼ମାଇ ଶନିବାର ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ରଘୁ ଗ୍ରାମର ରାମଚନ୍ଦ୍ର ହନ୍ତାଳଙ୍କ ସମେତ ଅନ୍ୟ ୪ ଜଣଙ୍କ ସହିତ ଶୁକ୍ରବାର ଗାଈ ଚରାଇବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଅନ୍ୟମାନେ ଘରକୁ ଫେରିଥିଲେ ମଧ ରଘୁ ଫେରି ନ ଥିଲେ। ପରିବାର ଓ ଗାଁ ଲୋକେ ଖୋଜାଖୋଜି କରିଥିଲେ ମଧ ବିଳମ୍ବିତ ରାତି ଯାଏ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶନିବାର ସକାଳେ ଗ୍ରାମ ନିକଟସ୍ଥ ସାଲିମ୍ ଝୋଲାରେ ବେକକଟା ଅବସ୍ଥାରେ ରଘୁଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। କିନ୍ତୁ ରଘୁଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ନାହିଁ। ବେକରେ କଟାଦାଗ ଥିବାରୁ ରଘୁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ଏହା ମାଓବାଦୀଙ୍କ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ସେମାନେ ହତ୍ୟା କରିଥିବା ନେଇ ନନ୍ଦପୁର ଥାନା ଆଇଆଇସି ଚନ୍ଦ୍ରଶେଖର ଶବର ସନ୍ଦେହ ପ୍ରକାଶ କରିଛନ୍ତି।

### ଚନ୍ଦନଭାଟିରେ ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ

# ପୁଣି ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କଲେ ନରସିଂହ

ବଲାଙ୍ଗୀର ଅଫିସ,୧୩।୧୦

୨୦୧୯ ମସିହାରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ପ୍ରତିଦ୍ୱନ୍ଦ୍ୱିତା କରିବେ। ବଲାଙ୍ଗୀର ସଦର ବ୍ଲକ ଚନ୍ଦନଭାଟିଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟଅତିଥି ଥିବା ବିରୋଧୀଦଳ ନେତା ମିଶ୍ର ଏଭଳି ଘୋଷଣା କରିଛନ୍ତି। ଫଳରେ ନିର୍ବାଚନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ରାଜ୍ୟ ରାଜନୀତିର ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି । କିଛି ମାସ ପୂର୍ବରୁ ସେ ଆଉ ଆଗକୁ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ କିନ୍ତୁ ରାଜନୀତିରେ ସକ୍ରିୟ ରହିବେ ବୋଲି ବିଧାୟକ ମିଶ୍ର କହିଥିଲେ । ତାଙ୍କର ଏଭଳି ଘୋଷଣା ପରେ ବଲାଙ୍ଗୀର ସମେତ ରାଜ୍ୟ ରାଜନୀତିରେ ଆଲୋଚନାର ବିଷୟ ହୋଇଥିଲା। ଦୁଇମାସ ପୂର୍ବରୁ ଚନ୍ଦନଭାଟି ଗାଁରେ



ଚନ୍ଦନଭାଟିଠାରେ ଅନୁଷ୍ଠିତ ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି ।

ଏକ ସାଧାରଣ ସଭାରେ ଯୋଗଦେବା ଅବସରରେ ଅଞ୍ଚଳର ଲୋକେ ବିଧାୟକ ମିଶ୍ରଙ୍କୁ ଆଗାମୀ ନିର୍ବାଚନ ଲଢ଼ିବେ କି ନାହିଁ ସେନେଇ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ । ଠିକଣା ସମୟ ଆସିଲେ ସେ ଏ ସମ୍ପର୍କରେ କହିବେ ବୋଲି ସେତେବେଳେ କହିଥିଲେ । ଶନିବାର ସନ୍ଧ୍ୟାରେ ଚନ୍ଦନଭାଟି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଆଞ୍ଚଳିକ ନୂଆଖାଇ ଭେଟ୍‌ଘାଟ ଉତ୍ସବରେ ବକ୍ତବ୍ୟ ଦେବା ବେଳେ ମିଶ୍ର କହିଥିଲେ ଯେ ଗଣତନ୍ତ୍ରରେ ଲୋକମତକୁ ସମ୍ମାନ ଦେବା ସମସ୍ତଙ୍କ କର୍ତ୍ତବ୍ୟ । ଲୋକେ ଓ ଦଳ ଯେତେବେଳ ପର୍ଯ୍ୟନ୍ତ ଚାହୁଁଛନ୍ତି ସେ ନିଶ୍ଚୟ ନିର୍ବାଚନ ଲଢ଼ିବେ ବୋଲି କହିଥିଲେ । ଏହି ସଭାରେ ନୂଆଁଖାଇ ଭାଇଚାରା ଓ ସଦ୍‌ଭାବନାର ପର୍ବ ବୋଲି କହିଥିଲେ । କିଛିଦିନ ତଳେ ଏକ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ନୂଆଖାଇର ମହାନ ପରମ୍ପରା ଓ ଉଦ୍ଦେଶ୍ୟ ଛାଡି ମୋତେ ଭରପୁର ଗାଳି କରିଥିଲେ । ତେବେ ସେମାନଙ୍କୁ ମୁଁ ଦୀର୍ଘଜୀବନ ଆର୍ଶୀବାଦ ଦେବି ବୋଲି ମିଶ୍ର କହି ପରୋକ୍ଷରେ ବିଜେଡିର ନୂଆଁଖାଇ ଭେଟଘାଟକୁ ସମାଲୋଚନା କରିଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ଏଆଇସିସି ସଦସ୍ୟ ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦେଇ ଲୋକେ ବିକାଶ ଚାହୁଁଛନ୍ତି ବୋଲି କହିଥିଲେ । ଚନ୍ଦନଭାଟି ତଥା ଆଖପାଖ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମାନଗମନର ଉନ୍ନତି ପାଇଁ ଏଠିକାର ଲୋକେ ସବୁବେଳେ ଯତ୍ନବାନ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ କୃଷକ ନେତା ଡା.ସୁଧୀର କୁମାର ପରିଚ୍ଛା, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ପିସିସି ସଭ୍ୟ ଅସୀମ ପଟ୍ଟନାୟକ, ପିସିସି ସମ୍ପାଦକ ସୁଦାମ ସାହୁ, ବଲାଙ୍ଗୀର ବ୍ଲକ ଉପାଧ୍ୟକ୍ଷା ଯୋଶବନ୍ତୀ ବଘାର, ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ର, ପିସିସି ସଭ୍ୟ ମନୀଷ ମିଶ୍ର, ଜିଲା ପରିଷଦ ସଦସ୍ୟ ଶ୍ରୀଧର ବାରିକ, ଜୋନ ସଭାପତି ରାଧାକାନ୍ତ ଭୋଇ, ସରୋଜ ରଥ, ସରପଞ୍ଚ ମୀନା କୁମାରୀ ଭୋଇ, ବୀରେନ୍ଦ୍ର କୁମାର ମିଶ୍ର, ସନ୍ତକ ବହିଦାର, ନୂଆଁଖାଇ ଭେଟ୍‌ଘାଟ୍ କମିଟି ସଭାପତି ରାଜେଶ ସେନାପତି ଉପସ୍ଥିତ ଜନତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ । ପରେ ପଶ୍ଚିମାଞ୍ଚଳର ସୁନାମଧନ୍ୟ କଳାକାର ପଦ୍ମିନୀ ଦୋରା, ସର୍ବେଶ୍ୱର ଭୋଇ ଏବଂ ତାଙ୍କ ଦଳ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### କଶ୍ମୀରରେ ପୌର ନିର୍ବାଚନ

# ତୃତୀୟ ପର୍ଯ୍ୟାୟରେ ୩.୪୯% ମତଦାନ

ଶ୍ରୀନଗର,୧୩।୧୦(ପି.ଟି.)

ଆତଙ୍କବାଦର କାୟାରେ କବଳିତ କଶ୍ମୀର ଉପତ୍ୟକାରେ ପୌର ନିର୍ବାଚନ ପାଇଁ ଶନିବାର ତୃତୀୟ ପର୍ଯ୍ୟାୟ ମତଦାନ ହୋଇଛି। ଏଠାରେ ମାତ୍ର ୩.୪୯% ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ଜମ୍ମୁର ସାମ୍ବା ଜିଲାରେ ସର୍ବାଧିକ ୮୨% ଭୋଟଗ୍ରହଣ ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବାରମୁଲ୍ଲା ଜିଲା ଅନ୍ତର୍ଗତ ଉରି ସହରରେ ୭୫.୩୪% ମତଦାନ ହୋଇଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ପିଡିପି ଏବଂ ସିପିଏମ୍ ନିର୍ବାଚନ ବର୍ଜନ ଘୋଷଣା କରିବା ପରେ ପ୍ରଥମ ଦୁଇ ପର୍ଯ୍ୟାୟରେ ଏଠାରେ ଖୁବ୍ କମ୍ ଭୋଟର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କରିବା ଲାଗି ପୁଲିଂ ବୁଥ୍‌କୁ ଯାଇଥିଲେ। ସେହିପରି ଅନ୍ୟାନ୍ୟ ପୌରାଞ୍ଚଳରେ ମଧ୍ୟ ଭୋଟଗ୍ରହଣ ହୋଇଛି। ଆସନ୍ତା ୧୬ ତାରିଖରେ ଛଅ ଜିଲାରେ ଚତୁର୍ଥ ପର୍ଯ୍ୟାୟ ଭୋଟ ହେବ। ଏଥିସହିତ ୭୯ ପୌର ନିଗମରେ ନିର୍ବାଚନ ଶେଷ ହୋଇଯିବ। ଅକ୍ଟୋବର ୨୦ରେ ଭୋଟ ଫଳାଫଳ ପ୍ରକାଶ ପାଇବ।

# ୫ମ ବିବାହରେ ବାଧା ଦେବାରୁ ଶାଳକଙ୍କୁ ହତ୍ୟା

ଭଦ୍ରକ ଅଫିସ,୧୩।୧୦

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସଇଦାବାଦ ଗାଁରେ ଶନିବାର ଭୋର ସମୟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ସଇଦାବାଦ ଆନିକଟ ନିକଟରେ ଶାଳକ ସକିମ ଖାନ୍(୩୦)ଙ୍କୁ ତାଙ୍କ ଭିଣୋଇ ଶେଖ୍ ଭାଲୁ ଓରଫ ଶେଖ ସାଦିକ୍ ଓ ତାଙ୍କ ଭାଇ ମିଶି ମାରଣାସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ପୂର୍ବରୁ ସାଦିକ୍ ୪ ଜଣଙ୍କୁ ବିବାହ କରିଥିଲେ। ୫ମ ବିବାହ ପାଇଁ ଉଦ୍ୟମ କରିବାରୁ ଶାଳକ ସକିମ ବିରୋଧ କରିଥିଲେ। ଏହାକୁ ନେଇ ଦୁଇ ପରିବାରରେ ବିବାଦ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ସକିମଙ୍କୁ ହତ୍ୟା କରାଯିବା ନେଇ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସକିମଙ୍କ ପରିବାର ଲୋକେ ଅଭିଯୁକ୍ତଙ୍କ ଘର ଉପରେ ଚଢ଼ାଉ କରି ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ନିଆଁ ଲଗାଇ ଦେବାରୁ ୪ ବଖରା ଘର ଓ ୨ଟି ଅଟୋରିକ୍ସା ପୋଡ଼ିଯାଇଛି। ଅନ୍ୟ ଏକ ବାଇକକୁ ନିକଟସ୍ଥ ସାଳନ୍ଦୀ ନଦୀର ବନ୍ୟାପାଣିକୁ ଫିଙ୍ଗି ଦିଆଯାଇଛି। ଗାଁରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ପୋଲିସ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଚଳାଇ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ପଠାଇଛି। ଦୁଇ ପରିବାର ମଧ୍ୟରେ ବିବାଦ ନେଇ ଥାନାରେ ଆଗରୁ ଅଭିଯୋଗ ହୋଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସାଦିକ୍ ୫ ଦିନ ପୂର୍ବେ ୫ମ ଥର ବିବାହ କରିବାକୁ ଉଦ୍ୟମ କରି ନିକଟସ୍ଥ ଏକ ଗାଁର ଝିଅଙ୍କୁ ଘରକୁ ନେଇଆସିଥିଲେ। ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ଭାଇ ସକିମ୍ ଏହାକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ୫ ଦିନ ତଳେ ଏନେଇ ଗୁଜିଦରଡା ଫାଣ୍ଡିରେ ଅଭିଯୋଗ କରାଯାଇଥିଲା। ସେତେବେଳେ ଫାଣ୍ଡି ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ଏହି ଶାଳକ ଓ ଭିଣୋଇଙ୍କ ଘର ଗୋଟିଏ ଗାଁରେ। ଶନିବାର ଭୋର ସମୟରେ ଶାଳକ ସକିମ ସ୍ଥାନୀୟ ଆନିକଟ ନିକଟକୁ ଆସିଥିବା ଦେଖି ସାଦିକ୍ ଓ ତାଙ୍କ ଭାଇ ଶେଖ୍ କାଦିର୍ ମିଳିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସକିମଙ୍କ ପେଟ, କାନ, ନାକରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହେବାରୁ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ସକିମଙ୍କ ପରିବାର ଲୋକେ ମସଜିଦ ସାହିରୁ ଆସି ଅଭିଯୁକ୍ତ ସାଦିକ୍‌ଙ୍କ ଘରେ ଲଙ୍କାକାଣ୍ଡ ଘଟାଇଥିଲେ। ଭଦ୍ରକ ଅଗ୍ନିଶମ କର୍ମଚାରୀ ରାସ୍ତା ସମସ୍ୟା ନେଇ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିଥିଲେ। ସେତେବେଳକୁ ସବୁ ଜଳି ପୋଡି ପାଉଁଶ ହୋଇସାରିଥିଲା। ପୁରୁଣାବଜାର ଥାନାଧିକାରୀ ପ୍ରଜ୍ଞା ମହାନ୍ତି ସଦଳବଳ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପରେ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଓ ଅନ୍ୟ କର୍ମଚାରୀ ଆସି ମୃତଦେହ ପଞ୍ଚନାମା କରି ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।



ଶେଖ ସାଦିକ୍‌ଙ୍କର ପୋଡ଼ି ଦିଆଯାଇଥିବା ଅଟୋ, ଘର।

ଏନେଇ ମୃତ ସକିମଙ୍କ ବାପା ୟସିମ ଖାଁଙ୍କ ଅଭିଯୋଗକୁ ଭିତ୍ତି କରି ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା(ନଂ.୪୯୮/୧୮) ରୁଜୁ କରାଯାଇଛି। ସାଦିକ୍‌ଙ୍କ ସହ ତାଙ୍କ ଭାଇ ଶେଖ୍ କାଦିର ଏବଂ ସମ୍ପର୍କୀୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କୌଣସି ମାରଣାସ୍ତ୍ର ବର୍ତ୍ତମାନ ସୁଦ୍ଧା ପୋଲିସ ଜବତ କରି ନ ଥିବା ଜଣାପଡ଼ିଛି। ପୋଲିସ କହିଛି ଯେ, ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସାଦିକ୍‌ଙ୍କ ପରିବାର ଲୋକେ ଫେରାର ହୋଇଯାଇଛନ୍ତି। ମୃତକଙ୍କ ପରିବାର ପକ୍ଷରୁ ଆକ୍ରମଣରେ ଆହତ ଅଭିଯୁକ୍ତ ସାଦିକ୍‌ଙ୍କୁ ଜିଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗିରଫ କରାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଘଟଣାର ତଦନ୍ତ ଚାଲିଛି ଏବଂ ସବୁକଥା କ୍ରମେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

# ଛୁଆ ହାତୀ ମୃତଦେହ ଉଦ୍ଧାର

ପାଲଲହଡ଼ା, ୧୩।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ବନ୍ଧକାନି ଗ୍ରାମ ନିକଟ ହତିବିନ୍ଧା ଖସଡ଼ା ଜଙ୍ଗଲ ମଧ୍ୟରୁ ଶନିବାର ଏକ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଏହାର ବୟସ ଦେଢ ମାସ ହେବ ବୋଲି ଜଣାପଡ଼ିଛି। କିଛିଦିନ ହେବ ଏହି ଜଙ୍ଗଲରେ ହାତୀ ପଲ ସହ ରହୁଥିଲା। ଜ୍ୱର ଏବଂ ଅତ୍ୟଧିକ ସଂକ୍ରମଣ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବିଭାଗ ପକ୍ଷରୁ ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ଜଙ୍ଗଲରେ ପୋତି ଦିଆଯାଇଥିବା ଖମାର ରେଞ୍ଜର ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରବୀନ୍ଦ୍ରନାଥ ସାହୁ
ବମିଖାଲ, ଭୁବନେଶ୍ୱର
ଆବିର୍ଭାବ: ୨୬।୦୪।୧୯୪୨
ତିରୋଧାନ: ୨୬।୦୯।୨୦୧୭
ଆଜକୁ ଠିକ୍ ବର୍ଷକ ତଳେ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଆରପାରିକୁ ଚାଲିଗଲ। ତୁମେ ଯେଉଁଠିବି ଥାଅ ଶାନ୍ତିରେ ଥାଅ। ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏହାହିଁ ଆମାନଙ୍କର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ପୁତ୍ର- ନିଲୁ, କନ୍ୟା- ବୁଡୀ, ଲୁନି, ପୁତୁରା- ବୁଲୁ, ପଦ୍ମୀ, ବୋହୂ ଏବଂ ପରିବାରବର୍ଗ। ଧ-୮୮୭୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ତଅପୋଇ ଦେବୀ
ହୁଲୁରଶିଙ୍ଗା, ଅନୁଗୋଳ
ଆବିର୍ଭାବ: ୦୧।୧୦।୧୯୩୨
ତିରୋଧାନ: ୨୬।୦୯।୨୦୧୭
ଆଶ୍ୱିନ ଷଷ୍ଠୀ, ମଙ୍ଗଳବାର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୫୨୮୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ସନ୍ତୋଷ କୁମାର ସମର୍ଥା (ରିକୁନି)
ପିତା: ଶିବରାମ ସମର୍ଥା
ସା: ଜମେଶ୍ୱର ପାଟଣା ସାହି, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୫।୧୦।୧୯୮୮
ତିରୋଧାନ: ୦୪।୧୦।୨୦୧୮
ତୁମର ଜନ୍ମଦିନରେ ଅକାଳ ମୃତ୍ୟୁରେ ତୁମ ପିତା ମାତାଙ୍କୁ ଘୋର ଶୋକସାଗରରେ ଭସାଇ ତୁମେ ଆରପାରିକି ଚାଲିଗଲ। ପ୍ରତିକ୍ଷଣରେ ତୁମ ଅନୁପସ୍ଥିତିର ଶୂନ୍ୟତା ଆମେ ଅନୁଭବ କରୁଛୁ। ତୁ ଯେଉଁଠି ଥିଲେବି ଆମକୁ କ୍ଷମା କରିବୁ। ତୋର ସେହି ହସ ହସ ମୁହଁ, ସ୍ନେହବୋଳା କଥା ସବୁବେଳେ ମନେପଡୁଛି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଇତି ତୁମର ହତଭାଗ୍ୟ- ବାପା, ବୋଉ, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଝିଆରୀ- ସୋମା, ପୁତୁରା- ସାହିଲ୍, ଭଣଜା- ସତ୍ୟଜିତ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ। ଧ-୬୪୬୭୦

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) | ମଳଦ୍ୱାର (FISSURE) | ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିଷ୍କରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରିମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-7୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978,7894865768

Vasundra Financial Services (Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
8ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି ।

- ସେକ୍ସପିୟର



## ସଂକ୍ଷେପରେ

### ୧୦୬୩ ଜଣଙ୍କୁ ଭତ୍ତା ବଣ୍ଟନ

**ପାଇକମାଳ,୧୩।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ପରିସରରେ ଶନିବାର ୨୨ଟି ପଞ୍ଚାୟତର ୧୦୬୩ଜଣ ହିତାଧିକାରୀଙ୍କୁ ଏକକାଳୀନ ୩ ମାସର ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ଭତ୍ତା ଶନିବାର ବଣ୍ଟନ କରାଯାଇଛି । ଏହି ଅବସରରେ ବିଡିଓ ସଦାଶିବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ନିରୁପମା ସିଂ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବକାରୀ ଚଢ଼ାଉ, ୨ ଗିରଫ

**ବରଗଡ଼ ଅଫିସ୍,୧୩।୧୦:** ବରଗଡ଼ ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ଓ ଗଞ୍ଜେଇ କାରବାର ଉପରେ ଧରପଗଡ଼ ହୋଇଛି । କଟାପାଲି ଗ୍ରାମରେ ଚଢ଼ାଉ କରାଯାଇ ୧କିଗ୍ରା ୨୬୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଉକ୍ତ ଗ୍ରାମର ସୁରେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି । ସେହିପରି ବରପାଲି ଅଞ୍ଚଳରେ ଚଢ଼ାଉ ହୋଇ ୪୦ଲିଟର ଚୋରାମଦ ଏବଂ ୨୨୦୦କିଗ୍ରା ପୋଚ ଜବତ ହୋଇଛି । ଏହି ଘଟଣାରେ ନିରାକାର ଦାସଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଭାଜପାର ନୂଆଁଖାଇ ଭେଟ୍‌ଘାଟ୍

**ଗାଇସିଲେଟ୍,୧୩।୧୦(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଭାଜପା ନେତା ସୁବାଷ ଚୌହାନ, ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ବାବୁଲି ସେଠୀ, ଜିଲା ପରିଷଦ ସଭ୍ୟା ସସ୍ମିତା ଡନସନା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ୨୦୧୬ ମସିହା ପାଇଁ ଶ୍ରେଷ୍ଠ ବିଧାୟକ ଭାବେ ପୁରସ୍କୃତ ପଦ୍ମପୁର ବିଧାୟକ ପୁରୋହିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୋନ-୧ର ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁ ସ୍ୱାଗତ ଭାଷଣ ଦେଇଥିଲେ । ଜୋନ-୨ର ସଭାପତି ପୂର୍ଣ୍ଣାନନ୍ଦ ସିଂ ଠାକୁର ପରିଚୟ ପ୍ରଦାନ କରିଥିବା ବେଳେ ଛବିଲାଲ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନ୍ଧ୍ୟବାସିନୀଙ୍କ ବଳି ପାଇଁ ଲଗ୍ନଧାର୍ଯ୍ୟ

**ପାଇକମାଳ,୧୩।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପରିସରରେ ଥିବା ମା’ ଦୁର୍ଗାଦେବୀ ଓ ବିନ୍ଧ୍ୟବାସିନୀ ଦେବୀଙ୍କ ମହାଷ୍ଟମୀ ପୂଜା, ଭାଇ ଜିଉଁତିଆ, ମହାନବମୀ ଓ ବଳି ପୂଜା ପାଇଁ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ମନ୍ଦିର ପଣ୍ଡିତ ସତ୍ୟ ପୁରୋହିତ ବିନ୍ଧ୍ୟବାସିନୀ, ଦେବୀଙ୍କ ପୂଝାରିଣୀ (ବୁରୁଆ) ନଳିନୀ ପୂଝାରୀ, ପଣ୍ଡିତ ଡିଗ୍ରିଧର ଦେବତା, ଝସକେତନ ନନ୍ଦଙ୍କ ଉପସ୍ଥିତିରେ ଲଗ୍ନ ଧାର୍ଯ୍ୟ କରାଯାଇଥିଲା। ମଙ୍ଗଳବାର ମହାଷ୍ଟମୀ ପୂଜା, ଭାଇ ଜଜିଉଁତିଆ ଏବଂ ବିନ୍ଧ୍ୟବାସିନୀ ଦେବୀଙ୍କ ବଇଲଭାର ପାଇକମାଳ ଗୌନ୍ତିଆ ଘର ଠାରୁ ନୃସିଂହନାଥ ବିନ୍ଧ୍ୟବାସିନୀ ଘରକୁ ଯିବ। ବୁଧବାର ଅପରାହ୍ନ ୨ଟା ସମୟରେ ନୃସିଂହନାଥ ପୀଠର ପାଟଖଣ୍ଡା ବିନ୍ଧ୍ୟବାସିନୀ ଦେବୀଙ୍କ ପୀଠକୁ ଅଣା ଯିବ ଓ ପରେ ବଳିପୂଜା ହେବା ପାଇଁ ସ୍ଥିର ହୋଇଛି । ପାଇକମାଳ ପୂଜା କମିଟି ସମ୍ପାଦକ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଞ୍ଝାଲ ସମାଜ ବୈଠକ

**ଝାରବନ୍ଧ, ୧୩।୧୦ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ବଡଅନକିଠାରେ ପଞ୍ଚାୟତ ସ୍ତରୀୟ ବିଞ୍ଝାଲ ସମାଜର ଏକ ସାମାଜିକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଜୋନ୍ ସଭାପତି ଗୋପାଳ ବରିହାଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ବ୍ଲକର ୭ଟି ଗ୍ରାମପଞ୍ଚାୟତର ସଭାପତି, ସମ୍ପାଦକ, ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ । ସଭାରେ ସମାଜର ଶିକ୍ଷା, ଭାଷା, ସଂସ୍କୃତି, ପରମ୍ପରା, ଏକତା ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତି ତ୍ରିଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚକଡ଼ା ପରେ ଚାଷୀଙ୍କୁ ବର୍ଷା ଚିନ୍ତା

**ବରଗଡ଼ ଅଫିସ୍,୧୩।୧୦**

**ବରଗଡ଼ ଜିଲା**



ଚାଷୀ ପ୍ରତିନିଧିମାନେ ଡିଡିଏଙ୍କୁ ଭେଟି ଦାବି ଜଣାଉଛନ୍ତି ।

- ସେପ୍ଟେମ୍ବରରୁ ଜିଲାର କିଛି ସ୍ଥାନରେ କମିଛି ବୃଷ୍ଟିପାତ
- ଅକ୍ଟୋବର ମାସରେ ବର୍ଷାର ଦେଖାନାହିଁ
- ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଉଜୁଡୁଛି ଫସଲ
- ପ୍ରତିକାର ଦାବି କରି ଡିଡିଏଙ୍କୁ ଭେଟିଲେ ଚାଷୀ
- ପ୍ରତିକାର ପ୍ରତିଶ୍ରୁତି ଦେଲେ ଡିଡିଏ

ବରଗଡ଼ ଜିଲାର କେତେକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି । ଜିଲାର ଅଣଜଳସେଚିତ ପଦ୍ମପୁର ଉପଖଣ୍ଡରେ ଏହି ସମସ୍ୟା ଉତ୍କଟ ରୂପ ନେଇଛି । ଜଳସେଚିତ ବରଗଡ଼ ଉପଖଣ୍ଡର ଭେଡ଼େନ, ଅତାବିରା ବ୍ଲକର ତଳମୁଣ୍ଡରେ ରହିଥିବା ଅନେକ ଚାଷଜମିକୁ ପାଣି ମାଡ଼ିପାରୁନାହିଁ । ଫଳରେ ଚାଷୀ ପୁଣି ଫସଲକ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି । ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଚାଷୀ ସଙ୍ଗଠନ ଗୁଡ଼ିକ ଦାବି କରିଛନ୍ତି । ଏହି କ୍ରମରେ ପଦ୍ମପୁର ଆଞ୍ଚଳିକ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀଙ୍କୁ ଭେଟି ପ୍ରତିକାର ବ୍ୟବସ୍ଥା ପାଇଁ ନିବେଦନ କରିଛନ୍ତି । ସେ ଦିଗରେ ବିହିତ ପଦକ୍ଷେପ ନେବା ସହିତ ପାଣି ଯୋଗାଣ ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି ଚାଷୀଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଉଛି ବୋଲି ଡିଡିଏ ଗାନ୍ଧୀ କହିଛନ୍ତି ।

ସାଧାରଣତଃ ଜୁନ ମାସରୁ ଖରିଫ ଚାଷ ଆରମ୍ଭ ହୋଇଥାଏ । ଏହି ମାସରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା । କମ୍ ବର୍ଷା ହେବା ଯୋଗୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବିତ ହୋଇଥିଲା । ଜୁଲାଇ ମାସର ବୃଷ୍ଟିପାତ ପରେ ଚାଷକାର୍ଯ୍ୟ ଜୋର୍ ଧରିଥିଲା। ଅଗଷ୍ଟରେ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତରୁ ଅଧିକ ବର୍ଷା ହୋଇଥିଲା । ତେବେ ସେପ୍ଟେମ୍ବରରୁ ବର୍ଷା ପରିମାଣ ଯଥେଷ୍ଟ କମି ଯାଇଛି । ଅକ୍ଟୋବରରେ କିନ୍ତୁ ଜିଲାରେ ବର୍ଷା ଠପ୍ ପଡ଼ିଯାଇଛି । ଦିନକ ପରେ ଏହି ମାସକୁ ଦୁଇ ସପ୍ତାହ ବିତିଯିବ ଏବଂ ଏହି ଅବଧିରେ ଜିଲାରେ ମାତ୍ର ୫.୩୩ ମିମି ବର୍ଷା ହୋଇଛି । ଯାହାକି ଏହି ମାସର ସ୍ୱାଭାବିକ ବୃଷ୍ଟିପାତ (୫୨.୮ମିମି)ର ଏକ ଦଶମାଂଶ ହେବ । ଚଳିତମାସ ଏପର୍ଯ୍ୟନ୍ତ ଜିଲାର ଅମ୍ବାଭୋନା, ଝାରବନ୍ଧ, ପଦ୍ମପୁର, ପାଇକମାଳ, ଭଟଲି ଓ ସୋହେଲାରେ ବୃଷ୍ଟିପାତ ହୋଇ ନ ଥିବା ରେକର୍ଡ଼ କରାଯାଇଛି ।

ଏହି ବୃଷ୍ଟିପାତକୁ ଅନୁଧ୍ୟାନ କଲେ ଚଳିତ ଖରିଫରେ ବର୍ତ୍ତମାନ ସୁଦ୍ଧା ଅମ୍ବାଭୋନା ବ୍ଲକରେ ୨.୯୬, ବିଜେପୁରରେ ୬.୯୩, ପଦ୍ମପୁରର ୨୮.୨୭, ସୋହେଲାରେ ୩୧.୯୬, ଗାଇସିଲେଟରେ ୧୨.୬୪ ଏବଂ ଝାରବନ୍ଧରେ ୪.୬୦ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ମୁଖ୍ୟତଃ ଏହି ବ୍ଲକର ଚାଷଜମି ସ୍ୱଳ୍ପ ବୃଷ୍ଟିପାତରେ ପ୍ରଭାବିତ ହୋଇଛି । ଏହି ବ୍ଲକ ଗୁଡ଼ିକର ପ୍ରାୟ ସମସ୍ତ ଅଞ୍ଚଳରେ ଧାନଗଛ ଗୁଡ଼ିକ ଗର୍ଭଣୀ ଅବସ୍ଥାରେ ରହିଛି । ବର୍ଷା ନ ହେବା ଯୋଗୁ ଜମି ଶୁଖିଲା ପଡ଼ିଥିବାରୁ କେତେକ ସ୍ଥାନରେ ଧାନଗଛ ଗୁଡ଼ିକ ମଉଳି ଗଲାଣି । ଧାନ ଫସଲ ପୋକରା ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏ ନେଇ ଡିଡିଏ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ମୁଖ୍ୟତଃ ପଦ୍ମପୁର, ସୋହେଲା ଏବଂ ଗାଇସିଲେଟ ବ୍ଲକ ଅଞ୍ଚଳର ଫସଲରେ ସ୍ୱଳ୍ପ ବୃଷ୍ଟିପାତର ପ୍ରଭାବ ପରିଲକ୍ଷିତ ହୋଇଛି । ମାତ୍ର ସ୍ଥିତି ସେତେ ଉତ୍କଟ ହୋଇନାହିଁ। ଅତିକମ୍‌ରେ ଆଉ ଗୋଟିଏ ବର୍ଷା ହୋଇଗଲେ ପରିସ୍ଥିତି ସୁଧୁରିଯିବ । ତଥାପି ଚାଷଜମିକୁ ପାଣି ମଡ଼ାଇବା ପାଇଁ ଚାଷୀଙ୍କୁ ପମ୍ପ, ପାଇପ୍ ଏବଂ ପାଣି ସିଞ୍ଚନ ମେଶିନ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ ।

## ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ



ସମଲେଶ୍ୱରୀଙ୍କୁ ସ୍କନ୍ଦମାତା ବେଶରେ ପୂଜା କରାଯାଉଛି ।

**ବରଗଡ଼ ଅଫିସ୍,୧୩।୧୦**

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହର ଚଳଚଞ୍ଚଳ ହୋଇ ଉଠିଛି । ସହରର ଶକ୍ତିପୀଠ ତଥା ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ, ମାଁ ଶ୍ୟାମାକାଳୀ ତଥା ନାୟକପଡ଼ା ଗୌରୀମଣ୍ଡପ ଉତ୍ସବ ମୁଖରିତ ହୋଇଛି । ଶନିବାର ନବରାତ୍ରର ପଞ୍ଚମ ଦିବସରେ ଦେବୀଙ୍କ ବିହିତ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମାଁ ସମଲେଶ୍ୱରୀ ଦୁର୍ଗାଙ୍କ ପଞ୍ଚମ ସ୍ୱରୂପ ସ୍କନ୍ଦମାତା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ଓ ଉପାସନା କଲେ ଭକ୍ତଙ୍କ ସକଳ ଇଚ୍ଛା ପୂରଣ ହେବା ସହିତ ମୃତ୍ୟୁଲୋକରେ ମଧ୍ୟ ତାଙ୍କୁ ପରମ ଶାନ୍ତି ଓ ସୁଖ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଫଳରେ ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ଶକ୍ତିପୀଠ ଗୁଡ଼ିକରେ ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ରବିବାର ମାଁ ସମଲେଶ୍ୱରୀ କାତ୍ୟାୟନୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଶିକୁଳିରୁ ମୁକୁଳିବେ ଲିଲିମା

## ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହେବେ



ଶିକୁଳିରେ ବନ୍ଧା ଅବସ୍ଥାରେ ରହିଥିବା ଲିଲିମାଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯାଉଛି ।

**ବରଗଡ଼ ଅଫିସ୍,୧୩।୧୦**

**ଧରିତ୍ରୀ ପ୍ରଭାବ**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁମ୍ପୁଡ଼ିପଡ଼ାରେ ମାନସିକ ରୋଗରେ ଆକ୍ରାନ୍ତ ଲିଲିମା ଭରାସାଗରଙ୍କୁ ପରିବାର ଲୋକେ ଶିକୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ତାଙ୍କୁ ସହଯୋଗର ହାତ ବଢ଼ିଛି । ଚିକିତ୍ସା ପାଇଁ ଲିଲିମାଙ୍କୁ ଭୀମସାର ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯିବ ଏବଂ ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରା କହିଛନ୍ତି। ଡା. ଦୋରା କହିଛନ୍ତି, ସମ୍ବଲପୁରର ଏକ ଟିମ୍ ଗତ ୧୦ତାରିଖରେ ଲିଲିମା ଏବଂ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହା ସହିତ ଧରିତ୍ରୀରେ ଲିଲିମାଙ୍କ ସମସ୍ୟା ଉପରେ ପ୍ରକାଶିତ ଖବରକୁ ହ୍ୱାଟ୍ସଅପ୍ ଯୋଗେ ସେହି ଟିମ୍ ତାଙ୍କ ନିକଟକୁ ପଠାଇଥିଲେ ଏବଂ ଏହାପରେ ଲିଲିମାଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ସହିତ ମଧ୍ୟ ଆଲୋଚନା ସରିଛି । ଜିଲାପାଳ ଲିଲିମାଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି । ପ୍ରକାଶଥାଉକି, ଲିଲିମା ମାନସିକ ରୋଗରେ ଆକ୍ରାନ୍ତ। ପରିବାର ଲୋକେ ନିହାତି ଗରିବ ହୋଇଥିବା ଯୋଗୁ ତାଙ୍କୁ ଆବଶ୍ୟକ ଚିକିତ୍ସା କରିବାରେ ସକ୍ଷମ ହୋଇପାରୁ ନାହାନ୍ତି ଏବଂ ତାଙ୍କୁ ଶିକୁଳିରେ ବାନ୍ଧି ଘରେ ରଖିଛନ୍ତି । ଏ ନେଇ ଗତ ୮ତାରିଖରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଶିଁକ୍‌ଲାରେ ବାଁଧା ଜୀବନ ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହାପରେ ଗତ ୯ତାରିଖରେ ସମ୍ବଲପୁରର ଏକ ସ୍ୱାସ୍ଥ୍ୟଟିମ୍ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଥମେ ଧରିତ୍ରୀର ଜାମଟିକ୍ରା ପ୍ରତିନିଧିଙ୍କ ପାଖକୁ ପହଞ୍ଚିଥିଲେ ଏବଂ ତାଙ୍କ ସହିତ ଯୋଗାଯୋଗ କରିବା ପରେ ଲିଲିମାଙ୍କ ଘରକୁ ଯାଇଥିଲେ ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

**ପଦ୍ମପୁର, ୧୩।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧକ୍ଷତାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ସିନିୟର ଓ ଜୁନିୟର ବିଭାଗରୁ ୧୩ଜଣ ଲେଖାଏଁ ଭାଗ ନେଇଥିଲେ । ସିନିୟର ଦଳରୁ ଅଙ୍କିତା ପୃଷ୍ଟି, ଆକାଂକ୍ଷା ସାହୁ, ନଫିସ ଫାତମା ଓ ଜୁନିୟର ଦଳରୁ ଗୁଞ୍ଜନ ଦାସ, ଲିଜା ସାହୁ, ଲିପ୍‌ସା ଡାଲୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ବିଜ୍ଞାନର ମହନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ରାଜବୋଡାସମ୍ବର ବିଇଓ ସୁନୀଲ ମୁଣ୍ଡୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରେମାନନ୍ଦ ବେହେରା ଓ ଜୀବନାନନ୍ଦ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଚିନ୍ତାମଣି ସାହୁ, ଜୀବନାନନ୍ଦ ସାହୁ ଓ ଜ୍ୟୋସ୍ନାରାଣୀ ସାହୁ ପ୍ରକଳ୍ପ ପ୍ରଦର୍ଶନରେ ସହାୟତା କରିଥିଲେ। ବିଚାରପତି ଭାବେ ରାଜେଶ କୁମାର ଖମାରୀ, ଧନଞ୍ଜୟ ସାହୁ ଯୋଗ ଦେଇଥିଲେ। ମିନତି ଦାଶ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସୁରେଶ ଚୌହାନ, ନୀଳିମା ରାଣୀ ମହାନ୍ତି, ରଞ୍ଜନ ହୋତା, ସୁଶୀଲ ବରିହା ପୁରସ୍କାର ବିତରଣରେ ସହଯୋଗ କରିଥିଲେ । ସୁଷମା ଦାଶ, ରୋଜି ବଡ଼ାଇ, ବସନ୍ତ ବାଗ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ସୁରେନ୍ଦ୍ର କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋକ ମହୋତ୍ସବ ପାର୍ବଣ

# ରଙ୍ଗବତୀ ଗୀତରେ ନାଚିଲେ ଅର୍ଚ୍ଚିତା

**ସୋହେଲା,୧୩।୧୦(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ସାର୍ବଜନୀନ ଦୁର୍ଗାପୂଜା ଅବସରରେ ହଟଲି ମଞ୍ଚରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣର ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥ, ସିନେ ଅଭିନେତ୍ରୀ ଅର୍ଚ୍ଚିତା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ପୂଜାକମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅର୍ଚ୍ଚିତା ଏକ ଚଳଚ୍ଚିତ୍ରର ଗୀତ ଗାଇ ଦର୍ଶକମାନଙ୍କୁ ଆମୋଦିତ କରିଥିଲେ । ମୁଖ୍ୟ ଅତିଥି ମହାନ୍ତି ସୋହେଲା ଦୁର୍ଗାପୂଜାର ଆକର୍ଷଣୀୟ ଆୟୋଜନକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଓ କାର୍ଯ୍ୟକାରୀ ସଭାପତି ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ନାଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଲଳିତ କୁମାର ଅଗ୍ରୱାଲ, ଦିଲୀପ ଖମାରୀ ଓ ଗୋବିନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପିଙ୍କି ଶର୍ମା ମଞ୍ଚ ପରିଚାଳନା କରିଥିଲେ । ଅର୍ଚ୍ଚିତାଙ୍କ ସହିତ ସେଲ୍‌ଫି ନେବା ପାଇଁ ଭିଡ ହୋଇଥିଲା । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା । ଏହି ସିନେ ଅଭିନେତ୍ରୀ ସୁନ୍ଦରଗଡର ମୟୂରୀ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ସହିତ ସମ୍ବଲପୁରୀ ଗୀତ ରଙ୍ଗବତୀର ତାଳେ ତାଳେ ନୃତ୍ୟ କରି ଦର୍ଶକମାନଙ୍କୁ ମତୁଆଲା କରିଦେଇଥିଲେ । ଶେଷରେ ଟଙ୍କଧର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।




ସୋହେଲା ହଟଲି ମଞ୍ଚରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣରେ ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଚିତା ରଙ୍ଗବତୀ ଗୀତରେ ନାଚୁଛନ୍ତି ।

# ଫୁଟ୍‌ବଲ: କଦଲୀପାଲି ବିଜୟୀ

**ସୋହେଲା, ୧୩।୧୦ (ଡି.ଏନ.ଏ)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ନକଆଉଟ ଫୁଟବଲ ପ୍ରତିଯୋଗିତାରେ ଶନିବାର କଦଲୀପାଲି ଓ ବରଡୋଲ ମଧ୍ୟରେ ମ୍ୟାଚହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଅମିମାଂସିତ ରହିଥିଲା । ଟାଇବ୍ରେକରରେ କଦଲୀପାଲି ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା । ସରପଞ୍ଚ ଜୀତେନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ । ବାବୁଲୁ ଦେବତା ଓ ତ୍ରିନାଥ ଭୋଇ ଉପସ୍ଥିତ ଥିଲେ । କଦଲୀପାଲି ଦଳର ଜିତୁ ମିର୍ଦ୍ଧାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରା ଯାଇଥିଲା । ଆଜିର ମ୍ୟାଚ୍‌କୁ ରେଫରୀ ପଞ୍ଚାନନ ପାତ୍ର ପରିଚାଳନା କରିଥିବା ବେଳେ ରେଫରୀ ରଞ୍ଜୁ ଛତରିଆ ଓ ଅଶ୍ୱିନୀ ମେହେର ସହାୟତା କରିଥିଲେ । ଶ୍ରୀନିବାସ ରାଓ ଚତୁର୍ଥ ରେଫରୀ ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ୨ଟି ମ୍ୟାଚ ବରପାଲି ଓ ଘେଁସ ଏବଂ ପଦ୍ମପୁର ଓ କଳାପାଣି ମଧ୍ୟରେ ଅନୁଷ୍ଠିତ ହେବ ।



ସୋହେଲା ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଅବସରରେ ଚେତନା ମଣ୍ଡପରେ ଚାଲିଥିବା ରାମଲୀଳାର ଶୁକ୍ରବାର ତୃତୀୟ ରଜନୀରେ ମଞ୍ଚସ୍ଥ ଏକ ଦୃଶ୍ୟ ।

# ରାମଙ୍କ ବନଗମନ ଦୃଶ୍ୟ ଅଭିନୀତ

**ସୋହେଲା,୧୩।୧୦(ଡି.ଏନ.ଏ)**

ସୋହେଲା ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଅବସରରେ ଚେତନା ମଣ୍ଡପରେ ଚାଲିଥିବା ରାମଲୀଳାର ଶୁକ୍ରବାର ତୃତୀୟ ରଜନୀରେ ମନ୍ଥରାର କୁମନ୍ତ୍ରଣା, ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବନଗମନ ଏବଂ ଭରତ ମିଳନ ଉପଖ୍ୟାନ ମଞ୍ଚସ୍ଥ ହୋଇଥିଲା । ଅଯୋଧ୍ୟା ନରେଶ ଦଶରଥ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କୁ ଅଯୋଧ୍ୟାର ରାଜ ସିଂହାସନରେ ଅଭିଷିକ୍ତ କରିବା ପାଇଁ ଘୋଷଣା କରିଛନ୍ତି । ସାରା ରାଜ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ଖବର ଶୁଣି ଦାସୀ ମନ୍ଥରା ପାଟରାଣୀ କୈକେୟୀଙ୍କୁ କୁମନ୍ତ୍ରଣା ଦେବା ସହ ସମ୍ବରାସୁର ଯୁଦ୍ଧ ସମୟରେ ରାଜା ତାଙ୍କୁ ଦୁଇଟି ବର ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା କଥା ମନେ ପକାଇ ଦେଇଛନ୍ତି ଏବଂ କୈକେୟୀଙ୍କୁ ବିପଥଗାମୀ କରିଛନ୍ତି। କୈକେୟୀ ରାଜା ଦଶରଥଙ୍କୁ ସତ୍ୟ କରାଇ ପ୍ରଥମ ବର ରୂପେ ଭରତ ଅଯୋଧ୍ୟାର ରାଜା ହେବା ଓ ଦ୍ୱିତୀୟ ବର ରୂପେ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଯିବା ପାଇଁ ବାଧ୍ୟ କରାଇଛନ୍ତି । ସତ୍ୟସନ୍ଧ ରାଜା ଦଶରଥ କିଂକର୍ତ୍ତବ୍ୟବିମୂଢ଼ ହୋଇ କୈକେୟୀଙ୍କୁ ବର ଦୁଇଟି ପ୍ରଦାନ କରିଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ସମସ୍ତଙ୍କଠାରୁ ବିଦାୟ ଘେନି ରାମ, ଲକ୍ଷ୍ମଣ ଓ ସୀତା ବନ ଗମନ କରିଛନ୍ତି । ପୁତ୍ର ବିରହରେ ରାଜା ଦଶରଥ ପ୍ରାଣତ୍ୟାଗ କରିଛନ୍ତି। ଶ୍ରବଣ କୁମାର ଅନ୍ଧ ପିତାମାତାଙ୍କ ଅଭିଶାପ ଫଳବତୀ ହୋଇଛି । ସେପଟେ ମାମୁଁ ଘରୁ ଫେରି ଭରତ ଓ ଶତ୍ରୁଘ୍ନ ପିତାଙ୍କ ମୃତ୍ୟୁ ଓ ରାମଙ୍କ ବନବାସ ବାର୍ତ୍ତା ଶୁଣି ମର୍ମାହତ ହେବା ସହ ମାତା କୈକେୟୀଙ୍କୁ ଭର୍ତ୍ସନା ଓ ମନ୍ଥରାଙ୍କୁ କଠୋର ଶାସ୍ତି ପ୍ରଦାନ କରିଛନ୍ତି । ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରି ଶ୍ରୀରାମ ଲକ୍ଷ୍ମଣ ଓ ସୀତାଙ୍କୁ ଫେରାଇ ଆଣିବା ନିମନ୍ତେ ପାତ୍ରମନ୍ତ୍ରୀ ଓ ପ୍ରଜାମାନଙ୍କ ସହ ଚିତ୍ରକୂଟକୁ ଯାତ୍ରା କରିଛନ୍ତି ଭରତ । ଶ୍ରୀରାମଙ୍କୁ ଅନେକ ପ୍ରକାରେ ବୁଝାଇବା ସତ୍ତ୍ୱେ ସମସ୍ତେ ବିଫଳ ହୋଇଛନ୍ତି । ଶେଷରେ ରାମଙ୍କ ଆଦେଶ ରକ୍ଷା କରି ଭରତ ଅଯୋଧ୍ୟାର ଶାସନଭାର ସର୍ତ୍ତମୂଳକ ଭାବେ ଗ୍ରହଣ କରିଛନ୍ତି । ଶ୍ରୀରାମଙ୍କ ପାଦୁକାଦ୍ୱୟକୁ ରାଜ ସିଂହାସନରେ ସ୍ଥାପନ କରି ରାମଙ୍କ ପ୍ରତିନିଧି ଭାବେ ବନବାସ ଶେଷ ହେବା ଯାଏ ଅଯୋଧ୍ୟାର ଶାସନଭାର ଗ୍ରହଣ କରିବାକୁ ଭରତ ରାଜି ହୋଇଛନ୍ତି । ଅଯୋଧ୍ୟା ଫେରି ଆସି ଭରତ ଶାସନ ଭାର ତୁଲାଇଛନ୍ତି ।



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର



## ସଂକ୍ଷେପରେ

### ଗଛରେ ପିଟିହେଲା ଟ୍ରାକ୍ଟର, ଡ୍ରାଇଭର ମୃତ

ସମ୍ବଲପୁର,୧୩।୧୦(ବ୍ୟୁରୋ) ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ଠିଠେପାଲି ନିକଟରେ ଏକ ଟ୍ରାକ୍ଟର (ନଂ. ଓଡି ୧୫-ଏ-୯୬୭୫) ଭାରସାମ୍ୟ ହରାଇ ଗଛରେ ପିଟି ହୋଇଛି। ଏଥିରେ ଡ୍ରାଇଭର ବିଶାଳଖିଣ୍ଡା ଗ୍ରାମର ମନୁ ବାଗ (୨୫) ପ୍ରାଣ ହରାଇଛନ୍ତି। ଏ ନେଇ ଶାସନ ଥାନାରେ ଏକ ମାମଲା (ନଂ.୨୦୯/୧୮) ରୁଜୁ ହୋଇଛି । ପୋଲିସ ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସଦର ଡାକ୍ତରଖାନାକୁ ପଠାଇଛି।

### ମହିଳାଙ୍କୁ ବଳାତ୍କାର, ଥାନାରେ ଏତଲା

**ରିଆମାଳ, ୧୩।୧୦ (ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଅର୍ଜୁନଝରି ଅଞ୍ଚଳରେ ଜନୈକା ମହିଳାଙ୍କୁ ଶନିବାର ବଳାତ୍କାର କରାଯାଇଥିବା ରିଆମାଳ ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ସକାଳ ୯ଟାବେଳେ ନିଜ ଜମିର ପାଣି ଦେଖିବାକୁ ଯାଇଥିଲେ। ସେ ଜମିରୁ ଫେରିବା ବାଟରେ ସେହି ଗ୍ରାମର ବସନ୍ତ ସୁହୁଲା (୨୭) ତାଙ୍କୁ ବାଟରୁ ଉଠାଇ ନେଇ ଜଙ୍ଗଲରେ ବଳାତ୍କାର କରିଥିଲେ। ମହିଳା ଏ ସମ୍ପର୍କରେ ଯୁବକଙ୍କ ବାପାଙ୍କୁ କହିଥିଲେ। ସେ ଶୁଣିବା ପରେ ମହିଳାଙ୍କୁ ଓଲଟି ଗାଳିଦେବା ସହ ଥାନାରେ ଏତଲା ନ ଦେବା ପାଇଁ ଧମକାଇଥିଲେ। ନ୍ୟାୟ ପାଇବା ପାଇଁ ମହିଳା ଜଣକ ରିଆମାଳ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସିବିଏସ୍ଇ କ୍ଲଷ୍ଟର-୨ ଆଥ୍ଲେଟିକ ମିଟ୍ ଉଦ୍ଘାଟିତ

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

ସିବିଏସଇ କ୍ଲଷ୍ଟର-୨ ଆଥ୍ଲେଟିକ ମିଟ୍ ଶନିବାର ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ' କନସେପ୍ଟ ସ୍କୁଲ ପରିସରରେ ଉଦ୍ଘାଟିତ ହୋଇଯାଇଛି। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସିବିଏସଇ ଆଞ୍ଚଳିକ ଅଫିସର ରାଜେନ୍ଦ୍ର କୁମାର, ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କାର ରାଓ, ପ୍ରଶାସନିକ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ରାମପ୍ରସାଦ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଡ. ବିଜୟ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ, ସିଲେ ପାଢ଼ୀ ସୂଚନା ପ୍ରଦାନ, ବିକାଶ ଜୁନିୟର କଲେଜ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଧନ୍ୟବାଦ ଦେଇଥିଲେ। ସେହିପରି ବନବାହାଲ ଏମସିଏଲ ଡିଏଭି ସ୍କୁଲର ସଂଗ୍ରାମ କେଶରୀ ପାଇକରାୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ଆଥଲେଟିକ୍ ମିଟ୍ରେ ପଶ୍ଚିମବଙ୍ଗ, ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ୧୨୦ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



ଶନିବାର ସମ୍ବଲପୁର ବିକାଶ ଦ କନସେପ୍ଟ ସ୍କୁଲ ପରିସରରେ ସିବିଏସଇ କ୍ଲଷ୍ଟର-୨ ଆଥଲେଟିକ ମିଟ୍ ଉଦଘାଟନୀ ଉତ୍ସବରେ ଅତିଥିମାନେ ।



ସିବିଏସଇ କ୍ଲଷ୍ଟର-୨ ଆଥଲେଟିକ ମିଟ୍ ଉଦଘାଟନୀ ଉତ୍ସବରେ ଲମ୍ଫ ଡିଆଁ ଇଭେଣ୍ଟର ଦୃଶ୍ୟ ।

ପ୍ରତିଶ୍ରୁତି ପାଳନକଲେ ଅଧ୍ୟକ୍ଷା

# ଦେବଗଡ଼ କଲେଜରୁ ଉଠିଲା ସାଇନ-ଏ-ଡାଏ

**ଦେବଗଡ଼,୧୩।୧୦(ସ୍ୱ.ପ୍ର)**

ଦେବଗଡ କଲେଜରେ ସାଇନ-ଏ-ଡାଏ ଘୋଷଣାକୁ ନେଇ କଲେଜ ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀ, କଲେଜ ପରିଚାଳନା ସଭାପତି ସୁଧୀର କପରଦାର ଏବଂ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅମୂଲ୍ୟ ନାୟକଙ୍କ ବହିଷ୍କାର ଦାବିରେ ଛାତ୍ରମାନେ ଗତ ୪ ତାରିଖଠାରୁ ଆମରଣ ଅନଶନରେ ବସିଥିବାବେଳେ ବିଭିନ୍ନ ଦାବିର ସମାଧାନ ପାଇଁ କଲେଜ ଅଧ୍ୟକ୍ଷାଙ୍କ ପ୍ରତିଶ୍ରୁତି ମିଳିବା ପରେ ବୁଧବାର ଛାତ୍ରୀଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ କରିବା ସହ ଅନଶନରୁ ଉଠିଥିଲେ। ଏହି ପରିପ୍ରେକ୍ଷୀରେ ଷ୍ଟାଫ୍ କାଉନସିଲଙ୍କ ସୁପାରିଶ କ୍ରମେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଉପଲବ୍ଧି କରି ଶନିବାର କଲେଜରୁ ସାଇନ-ଏ-ଡାଏ ଉଠାଇ ପ୍ରତ୍ୟାହାର କରାଗଲା ବୋଲି କଲେଜ ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସୂଚନା ଥାଉକି, କଲେଜରୁ ସାଇନ-ଏ-ଡାଏ ଉଠାଇବା, ଉଦ୍ଭିଦ ବିଜ୍ଞାନ ଖାତା ହଜିଯାଇଥିବା ଉପସ୍ଥାନ ଖାତାର ତୁରନ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରୁଜୁ କରାଯାଇଥିବା ମାମଲାର ଅବିକଳ ନକଲ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବା ଲେଖାଥିବା ଦାବିପତ୍ରକୁ କଲେଜ ଅଧ୍ୟକ୍ଷା ଶତପଥୀଙ୍କୁ ଦେଇଥିଲେ। ସେ ପ୍ରତିଶ୍ରୁତି ଦେବା ସହ ରୁଲ ରେଗୁଲେସନ୍ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କଲେଜ ଛାତ୍ର ସଂସଦର ସଭାପତି ବିଜୟ ଦେହୁରୀ, ପୂର୍ବତନ ସଭାପତି ସୁମନ୍ତ ରଣା, ଅସୀମ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ରୋହିତ ପ୍ରଧାନ, ଟିକେଶ୍ୱର ବିଶ୍ୱାଳ, ସୌମ୍ୟ ରଞ୍ଜନ ତିଓ୍ୱାରୀ, ଅରବିନ୍ଦ ପ୍ରଧାନ, ରାହୁଲ ରଣା, ବିଜୟ ରଣା, ତନ୍ମୟ ପ୍ରଧାନଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ପ୍ରମୁଖ ଅନଶନରେ ସାମିଲ ହୋଇଥିଲେ।

# ଆଶଫଙ୍କ ଭରସାରେ କଂଗ୍ରେସ

**ଆଶାୟୀ ପ୍ରାର୍ଥୀ ନିରାଶ**

- ଥାର୍ଡଫ୍ଲୋରରେ ହୋଇଛି ଗୁପ୍ତ ବୈଠକ
- ନିର୍ବାଚନରେ ଦଳକୁ ପଡିବ ପ୍ରଭାବ

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

୨୦୧୪ ସାଧାରଣ ନିର୍ବାଚନରେ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ଦଳୀୟ ଟିକେଟ ନ ପାଇ ନିର୍ବାଚନ ଲଢ଼ିବାର ଆଶା ହରାଇଥିଲେ କଂଗ୍ରେସର ଅନେକ ଯୁବ, ବହୁପୁରୁଣା ଦଳୀୟ ନେତା। କଂଗ୍ରେସ ନେତା ଆଶଫ ଅଲ୍ଲିଖାନଙ୍କୁ ଦଳ ନିଜର ପ୍ରାର୍ଥୀ ଘୋଷଣା କରି ନିର୍ବାଚନକୁ ଓହ୍ଲାଇଥିଲା। ଅନ୍ୟମାନଙ୍କୁ ସଙ୍ଗଠନ ପ୍ରସ୍ତୁତ କରି ନିର୍ବାଚନ ପାଇଁ ସଜବାଜ ହେବାକୁ କୁହାଯାଇଥିଲା। ପରେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଆଶାୟୀ ପ୍ରାର୍ଥୀ ନିର୍ବାଚନରେ ଦଳ ପାଇଁ କାମ କରିଥିଲେ। ହେଲେ ଆଶଫ ବିଜେଡି ବିଧାୟକ ରୋହିତ ପୁଜାରୀଙ୍କଠାରୁ ପ୍ରାୟ ୧୦ହଜାର ଭୋଟରେ ହାରିଯାଇଥିଲେ। ଏପରି ସ୍ଥଳେ ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ଆଶଫଙ୍କ ସାଙ୍ଗଠନିକ ଦକ୍ଷତାକୁ ଦଳ ଭରସା କରି ପୁଣି ଥରେ ନିର୍ବାଚନ ମଇଦାନରେ ତାଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ଗତ କିଛି ଦିନ ତଳେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟରେ ୪୬ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା କରିଥିଲେ । ଏଥିରେ ରେଢାଖୋଲ ପାଇଁ ଆଶଫଙ୍କ ନାମ ରହିଛି। ଏହାକୁ ନେଇ ଆଶାୟୀ ପ୍ରାର୍ଥୀମାନଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳିଛି। ଦଳୀୟ ନିଷ୍ପତ୍ତିକୁ ଖୋଲା ଭାବେ ବିରୋଧ କରୁନଥିଲେ ମଧ୍ୟ ପରୋକ୍ଷରେ ସେମାନେ ସେମାନଙ୍କର ନିରାଶା ବ୍ୟକ୍ତ କରିଛନ୍ତି। ତୃଣମୂଳସ୍ତରରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କେତେଜଣ କଂଗ୍ରେସ ନେତା ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା ହେବା ପରେ ଥାର୍ଡ ଫ୍ଲୋର ସହ ଯୋଗାଯୋଗରେ ରହିଛନ୍ତି। ତୃତୀୟ ମହଲାର ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି । ଏପରିକି ନିର୍ବାଚନ ପାଖେଇ ଆସିଲେ କେତେକ ନେତା ଦଳ ବଦଳାଇବା ଓ ଅନ୍ୟ କେତେକ ଦଳରେ ରହି ବାହ୍ୟ ସମର୍ଥନ କରିବାକୁ ମନ ବଳାଇଥିବା ଜଣାପଡ଼ିଛି। ଆଗାମୀ ନିର୍ବାଚନରେ ଏହା ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି ଚର୍ଚ୍ଚା ହେଉଛି ।

# ହକି ଟୁର୍ନାମେଣ୍ଟ, ନୂଆଁ ବରଙ୍ଗାମାଳ ଚାମ୍ପିୟନ

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚାୟତ ଗିରିଜାପଡ଼ାରେ ତ୍ରୀଦିବସୀୟ ହକି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ନୁଆଁବରଙ୍ଗାମାଳ ଓ ଲଦଲଦି ମଧ୍ୟରେ ହୋଇଥିଲା। ଏଥିରେ ନୁଆଁବରଙ୍ଗାମାଳ ବିଜୟୀ ହୋଇଥିଲା। ସେହିପରି ଗ୍ରୁପ ବି ରେ ଟିକିଲିପଡ଼ା ଦଳ ବିଜୟୀ ହୋଇଥିବା ବେଳେ ଦାନ୍ତରୀ ଦଳ ଉପବିଜେତା ରହିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ କଂଗେସ ନେତା ଆଶଫ ଅଲ୍ଲି ଖାନ୍ ଯୋଗ ଦେଇଥିଲେ। ସେ ଉପସ୍ଥିତି ଖେଳାଳିମାନଙ୍କୁ ଖେଳ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଜେତା, ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।



ସମ୍ବଲପୁର ଜିଲା ଯୁଯୁମୁରା ମେଘପାଲରେ ହକି ଟୁର୍ଣ୍ଣାମେଣ୍ଟର ଅତିଥି ।

ସାମାଜିକ ସୁରକ୍ଷା ସହ ବେରୋଜଗାରଙ୍କୁ ୧୫୦୦ ଟଙ୍କା ଭତ୍ତା ଦାବି

# ପିବିଆଇ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦଶ୍ୟରେ ଦାବିପତ୍ର

**ଦେବଗଡ,୧୩।୧୦(ସ୍ୱ.ପ୍ର.)**

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ତରଫରୁ ସାମାଜିକ ସୁରକ୍ଷା ସହ ବେରୋଜଗାରଙ୍କୁ ୧୫୦୦ ଟଙ୍କା ଭତ୍ତା ବୃଦ୍ଧି ଦାବିରେ ଶନିବାର ରିଆମାଳ ବ୍ଲକର ମଳେହୀପଡା ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ୫ଶହରୁ ଊର୍ଦ୍ଧ୍ୱ ବେରୋଜଗାରୀ ଯୁବତୀ ଯୁବକଙ୍କୁ ସମ୍ବିଧାନର ଅନୁଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ଦେବା ପାଇଁ ଗାଁମୁଣ୍ଡ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ହାବିଲ ପ୍ରଧାନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ପିବିଆଇ ତରଫରୁ ମଳେହୀପଡା ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସଙ୍ଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପସଭାପତି ରାଜକିଶୋର ସାହୁ, ନିରାକର ପ୍ରଧାନ, ରାମସିଂ ମୁଣ୍ଡା, ସାମାଜିକ କର୍ମୀ ଅବନୀ ଦେହୁରୀ, ସୁଶାନ୍ତ ଦେହୁରୀଙ୍କ ସମେତ ଉକ୍ତ ପଞ୍ଚାୟତର ୧୦୦ ଜଣ ଯୁବତୀ/ଯୁବକ ସହଯୋଗ କରିଥିଲେ।

# ବିଷ ପିଇ ନାବାଳିକା ଗୁରୁତର

**ବାମରା,୧୩।୧୦(ସ୍ୱ.ପ୍ର.)**

ବାମରା ନିକଟସ୍ଥ ଲମତି ଗ୍ରାମର ଜଣେ ୧୭ ବର୍ଷିୟା ନାବାଳିକା ଚାଷ ପାଇଁ ରଖାଯାଇଥିବା ଛଟକା ନାମକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାର ଲୋକେ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ସୁନ୍ଦରଗଡ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ ଉତ୍ସବ

# ବାଉଲ ଗୀତରେ ବିମୋହିତ ଦର୍ଶକ

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

କାଳୀବାଡି ଦୁର୍ଗାପୂଜା ଶତବାର୍ଷିକୀ ଉତ୍ସବ କମିଟି ପକ୍ଷରୁ ଶନିବାର ବାଉଲ ଗୀତ ଓ କବିତା ପାଠସୋବ ଅଶୋକ ଟକିଜ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମବଙ୍ଗରୁ ଆଗତ କଳାକାରଙ୍କ ବାଉଲ ଗୀତରେ ଦର୍ଶକ ବିମୋହିତ ହୋଇଥିଲେ । ଗୀତର ତାଳରେ ଉପସ୍ଥିତ ଜନସାଧାରଣ ବିଭୋର ହୋଇ ନାଚି ଉଠିଥିଲେ। ଅଜିତ ଦାଶ ବାଉଲ, କୃଷ୍ଣ ଦାଶ ଘୋଷ ଓ ସ୍ୱପ୍ନା ଚାଟାର୍ଜି ବାଉଲ ଗୀତ ପରିବେଷଣ କରିଥିଲେ । ସରିତା ଦେ କଳାକାରଙ୍କ ସ୍ୱାଗତ କରିଥିଲେ । ସେହିପରି ରାମାଶୀଷ ତ୍ରିପାଠୀ ଓ ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




ଶନିବାର ସମ୍ବଲପୁର ଅଶୋକା ଟକିଜ ପରିସରରେ ଅଜିତ ଦାଶ ବାଉଲ ଓ କୃଷ୍ଣ ଦାଶ ଘୋଷ ବାଉଲ ଗୀତ ପରିବେଷଣ କରୁଛନ୍ତି ।

# ମୁଦିପଡ଼ା ନବରାତ୍ର ଦୁର୍ଗାପୂଜା





ଶନିବାର ରାତ୍ରିରେ ସମ୍ବଲପୁର ମୁଦିପଡା ପଦ୍ମକେଶରୀ ପାର୍କ ପରିସରସ୍ଥ ପାହାଡ ଓ ମନ୍ଦିର ଆଲୋକମାଳାରେ ଝଟକୁଛି (ବାମ)। ଦେବୀଙ୍କ ସ୍କନ୍ଦମାତା ବେଶ ।

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

ମୁଦିପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ପଦ୍ମକେଶରୀ ପାର୍କ ପାହାଡ ଶୀର୍ଷସ୍ଥ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ହୋଇଛି। ଅତ୍ୟାଧୁନିକ ଓ ରଙ୍ଗିନ ଆଲୋକମାଳାରେ ଅଞ୍ଚଳ ଝଟକୁଛି। ଶନିବାର ଦେବୀ ସ୍କନ୍ଦମାତା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶ ଦେଖିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ଶୁକ୍ରବାର ମଧ୍ୟରାତ୍ରରେ ଶୁଦ୍ଧପୁତ ହୋଇ ଦେବୀଙ୍କୁ ବେଶ କରାଯାଇଥିଲା। ପଣ୍ଡିତ ନବଘନ ଦାଶ, ସୁନୀଲ ପଣ୍ଡା, ପିତାମ୍ବର ଦାଶ, ଆନନ୍ଦ ପତି, କୃଷ୍ଣ ପାଣି ଓ କୁଶ ଦେବୀଙ୍କ ବେଶ କରିଥିଲେ। ରୀତିନୀତି ଓ ପରମ୍ପରା ସହ ମହାଳୟା ତିଥିରେ ଗଙ୍ଗା ଦର୍ଶନ, ପ୍ରତିପଦାରେ ଶୈଳପୁତ୍ରି ବେଶ, ଦ୍ୱିତୀୟାରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥୀରେ କୁଷ୍ମାଣ୍ଡା ବେଶରେ ଦେବୀ ଭକ୍ତଙ୍କୁ ଦର୍ଶନ ଦେଇ ସାରିଛନ୍ତି। ଆଗକୁ କାତ୍ୟାୟନୀ, କାଳରାତ୍ରି, ମହାଗୌରି, ସିଦ୍ଧିରାତ୍ରି ବେଶରେ ଦର୍ଶନ ଦେବେ। ଚଳିତ ମାସ ୧୯ ତାରିଖ ଦଶମୀ ତିଥିରେ ପୂର୍ଣ୍ଣାହୁତି, ଘଟବିସର୍ଜନ, ୨୦ରେ ବିସର୍ଜନ ଶୋଭାଯାତ୍ରା, ୨୪ରେ ଧ୍ୱଜା ରୋହଣ କାଯର୍ୟକ୍ରମ ରହିଛି। ସେହିପରି ମୁଦିପଡାର ମୁଖ୍ୟ ଆକର୍ଷଣ ରାବଣ ବୋଧ ଚଳିତ ମାସ ୧୯ ତାରିଖରେ ହେବ। ଏଥିପାଇଁ ମୁଦିପଡା ଦୁର୍ଗାପୂଜା କମିଟି ସଭାପତି ନିଳମଣୀ ପ୍ରଧାନ ଓ ସାଧାରଣ ସମ୍ପାଦକ ବିଚିତ୍ର ସାହୁଙ୍କ ତତ୍ତ୍ୱାବଧାନରେ ସଭ୍ୟମାନେ ସାଜସଜ୍ଜାରେ ଲାଗିପଡ଼ିଛନ୍ତି ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଦେଶୀ ମଦ ପାଉଚ୍ ଜବତ, ଜଣେ ଗିରଫ

**ନାକଟିଦେଉଳ,୧୩।୧୦ (ଡି.ଏନ.ଏ)-** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପୋଲିସ ବେଆଇନ ଭାବେ ଚାଲିଥିବା ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ତିଲେଇପଶି ଗ୍ରାମର ବାରୁ ବେହେରା (୪୫) । ନାକଟିଦେଉଳ ଥାନା ଏଏସଆଇ ରତିକାନ୍ତ ବିଶ୍ୱାଳ ସଦଳବଳ ଶୁକ୍ରବାର ସନ୍ଧ୍ୟାରେ ସାଲେଭଟା ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ସମୟରେ ତିଲେଇପଶି ଗ୍ରାମର ବାରୁ ବେହେରାଙ୍କ ଘରେ ଚଢ଼ାଉ କରିଥିଲେ। ବିକ୍ରି ପାଇଁ ଗଚ୍ଛିତ ରଖିଥିବା ୨୭ ଦେଶୀ ମଦ ପାଉଚ୍ ଜବତ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

### ରାବଣପୋଡ଼ି ମହୋତ୍ସବ ପାଇଁ ଭୂମିପୂଜା

**ସମ୍ବଲପୁର,୧୩।୧୦(ବ୍ୟୁରୋ)-** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆଠାରେ ରାବଣ ପୋଡ଼ି ମହୋତ୍ସବ ଲାଗି ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମୁଖ୍ୟ ସଂଯୋଜକ ଯଶବୀର ସିଂଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ନବୀନ ତିୱାରୀ, ମୁନା ୟାଦବ, ଜନାର୍ଦ୍ଦନ ୟାଦବ, କ୍ଷୀତେଶ୍ୱର ୟାଦବ, ଟାଇଗର ୟାଦବ, ନରେଶ ରାୟ, ଆଦିତ୍ୟ ସିଂ, ଗଗନ ୟାଦବ, ସନ୍ତୋଷ ୟାଦବ, ମହୁଲ ୟାଦବ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାବଣ ପୋଡ଼ି ମହୋତ୍ସବରେ ଚନ୍ଦନନଗର, ତାଲଭଟ୍ଟାପଡ଼ା, ତିୱାରୀ ଗଲି, ବାଲାଜୀ କଲୋନୀ, କ୍ଷେତରାଜପୁର, ବଡ଼ବଜାର, ଦୁର୍ଗାପାଲି, ରେମେଡ଼ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାବଣ ପୋଡ଼ି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି କମିଟି ପକ୍ଷରୁ ସୂଚୀତ କରାଯାଇଛି ।



### ବିରଳ ପ୍ରଜାତିର ପେଚା ଉଦ୍ଧାର

**ବାମରା, ୧୩।୧୦ (ସ୍ୱ.ପ୍ର.)-** ସମ୍ବଲପୁର ଜିଲା ବାମରା ବ୍ଲକ ଷ୍ଟେଶନ ବସ୍ତିରେ ଶନିବାର ସ୍ଥାନୀୟ ଲୋକଙ୍କ ଦ୍ୱାରା ଏକ ବିରଳ ପ୍ରଜାତିର ପେଚା ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ଶନିବାର ସକାଳେ ବାମରା ଧର୍ମଶାଳା ପାଖରେ ଏକ ବିରଳ ପ୍ରଜାତିର ପେଚା ଅସୁସ୍ଥ ଅବସ୍ଥାରେ ଥିବା ଦେଖି ଜ୍ୟୋତି ଲାଠ ବନବିଭାଗ ଏସିଏଫ ଆର୍.କେ. ନାଏକଙ୍କୁ ସୂଚନା ଦେଇଥିଲେ । ଖବର ପାଇ ବନ ବିଭାଗ କର୍ମଚାରୀମାନେ ଅସୁସ୍ଥ ପେଚାକୁ ଉଦ୍ଧାର କରି ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ । ଉଦ୍ଧାର ପେଚା ବାର୍ନ ପ୍ରଜାତିର ହୋଇଥିବା ଲମ୍ବ ପ୍ରାୟ ୧ ଫୁଟ ଓ ଓଜନ ୩ କିଲୋଗ୍ରାମ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଉପଯୁକ୍ତ ଚିକିତ୍ସା ପରେ ପେଚାକୁ ସ୍ଥାନୀୟ ବନ୍ଧାବାର ସଂରକ୍ଷିତ ଜଙ୍ଗଲରେ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପୂତିଗନ୍ଧମୟ ଜମନକିରା ପରିସ୍ରାଗାର

**ଜମନକିରା,୧୩।୧୦ (ଡି.ଏନ.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମା ମୁଖ୍ୟଛକସ୍ଥିତ ପରିଶ୍ରାଗାର ଅସ୍ୱଚ୍ଛତାର ଜ୍ୱଳନ୍ତ ଉଦାହାରଣ ପାଲଟିଛି। ସ୍ୱଚ୍ଛତା ଅଭିଯାନର ଏହା ଉପହାସ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ପରିଶ୍ରାଗାରର ପୁରୁଷଙ୍କ ଲାଗି ଉଦ୍ଦିଷ୍ଟ ସ୍ଥାନଟି ବନ୍ଦ ରହିଛି। ଫଳରେ ମହିଳାଙ୍କ ପରିଶ୍ରାଗାରରେ ପୁରୁଷଙ୍କ ଭିଡ଼ ଜମୁଛି। ଏଣୁ ଗୋଟିଏ ସ୍ଥାନରେ ପୁରୁଷ ଓ ମହିଳାଙ୍କ ଭେଟାଭେଟି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ସମ୍ପୂର୍ଣ୍ଣ ପରିଶ୍ରାଗାରଟି ପୂତିଗନ୍ଧମୟ ହୋଇଛି। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ଜାଣି ଅଜଣା ବସି ରହିଛି। ଏହାକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଆସନ୍ତା ୩ ଦିନ ମଧ୍ୟରେ ଏହାର ପ୍ରତିକାରର କରାନଗଲେ ଜମନକିରା ବିକାଶ ପରିଷଦ ପକ୍ଷରୁ ପଞ୍ଚାୟତରେ ତାଲା ମରାଯିବ ବୋଲି କମିଟିର ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ, କିଛି ଦିନ ହେଲା ମରାମତି କରିବା ଆଳରେ ପଞ୍ଚାୟତ କର୍ତ୍ତୃପକ୍ଷ ପୁରୁଷମାନଙ୍କ ପରିଶ୍ରାଗାରକୁ ଟାଟି କବାଟ ଦେଇ ବନ୍ଦ କରିଦେଇଛନ୍ତି। ଯଦ୍ୱାରା ପୁରୁଷମାନେ ମହିଳାଙ୍କ ପଟେ ଥିବା ପରିଶ୍ରାଗାରକୁ ପରିଶ୍ରା କରିବାକୁ ଯିବାକୁ ବାଧ ହେଉଛନ୍ତି।




ମହିଳା ପରିସ୍ରାଗାରରେ ପୁରୁଷ।

**ରକ୍ଷଣାବେକ୍ଷଣର ଅଭାବ**

- ମରାମତିରେ ଅବହେଳାରୁ ଦୁରବସ୍ଥା
- ପୁରୁଷଙ୍କ ଲାଗି ଉଦ୍ଦିଷ୍ଟ ଏଣ୍ଟ୍ରିସ୍ଥଳରେ ଟାଟି କବାଟ ପଡ଼ିଛି
- ଏକ ସ୍ଥାନରେ ପୁରୁଷ, ମହିଳା ଭେଟାଭେଟି



ସମ୍ବଲପୁରୀ ପତ୍ରିକା ଝାଏଁରେ ପୂଜାସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ସମ୍ବଲପୁରୀ ପତ୍ରିକା ଝାଏଁରେ ଉନ୍ମୋଚିତ

**ସମ୍ବଲପୁର,୧୩।୧୦(ବ୍ୟୁରୋ)**

ସମ୍ବଲପୁରୀ ପତ୍ରିକା ଝାଏଁରେ ପୂଜାସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ପଥପ୍ରାନ୍ତ ସଭାରେ ସମ୍ବଲପୁରୀ ଓଡ଼ିଶା ହାସ୍ୟ ବ୍ୟଙ୍ଗାତ୍ମକ ପତ୍ରିକା ଝାଏଁରେକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସାହିତ୍ୟିକ ଓ ଗବେଷକ ଡ. ଶ୍ୟାମସୁନ୍ଦର ଧର, ଡ. ଦ୍ୱାରିକାନାଥ ନାୟକ, ଅଭିନେତା କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, କବି ପ୍ରଦୀପ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାଏକ, ଅଧ୍ୟାପକ ଅଖିଳ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ପ୍ରଶାନ୍ତ ମାଝୀ, ସହସମ୍ପାଦକ ପ୍ରଶାନ୍ତ ମହାକୁର, ମୂରଲୀଧର ସେଠୀ, ବଳରାମ ହୋତା, କୁଞ୍ଜ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଶନିବାର ସମ୍ବଲପୁର ଗୋବିନ୍ଦତୋଲା ଦୁର୍ଗା ମଣ୍ଡପରେ ଭୁବନେଶ୍ୱରୀଙ୍କୁ ଭକ୍ତମାନେ ସ୍କନ୍ଧ ମାତା ବେଶରେ ଦର୍ଶନ କରୁଛନ୍ତି ।

### ଦେଶୀ ମଦ ପାଉଚ୍ ଜବତ, ଜଣେ ଗିରଫ


**ନାକଟିଦେଉଳ,୧୩।୧୦(ଡି.ଏନ.ଏ)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପୋଲିସ ବେଆଇନ ଭାବେ ଚାଲିଥିବା ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ତିଲେଇପଶି ଗ୍ରାମର ବାରୁ ବେହେରା (୪୫) । ନାକଟିଦେଉଳ ଥାନା ଏଏସଆଇ ରତିକାନ୍ତ ବିଶ୍ୱାଳ ସଦଳବଳ ଶୁକ୍ରବାର ସନ୍ଧ୍ୟାରେ ସାଲେଭଟା ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ସମୟରେ ତିଲେଇପଶି ଗ୍ରାମର ବାରୁ ବେହେରାଙ୍କ ଘରେ ଚଢ଼ାଉ କରିଥିଲେ। ବିକ୍ରି ପାଇଁ ଗଚ୍ଛିତ ରଖିଥିବା ୨୭ ଦେଶୀ ମଦ ପାଉଚ୍ ଜବତ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।


# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ପଡ଼ିଆବାହାଲ,୧୩।୧୦ (ଡି.ଏନ.ଏ.)**

ଶାରଦୀୟ ଦୁର୍ଗାପୂଜା ଅବସରରେ ମୁଣ୍ଡେନପାଲି ଗ୍ରାମ୍ୟ କମିଟି ସଭାପତି ଜଗବନ୍ଧୁ କର, ସମ୍ପାଦକ କୃଷ୍ଣଚନ୍ଦ୍ର ମିର୍ଦ୍ଧାଙ୍କ ନେତୃତ୍ୱରେ ପାଖାପାଖି ଶହେ ଗ୍ରାମବାସୀ କୋଦାଳ, ଟାଙ୍ଗିଆ, ଝାଡୁ ଧରି ଗାଁ ଦାଣ୍ଡ ପରିଷ୍କାର କରିଛନ୍ତି। ୨୫୦ ପରିବାର ରହୁଥିବା ଏହି ଗାଁର କେନାଲପଡ଼ାରୁ ଆରମ୍ଭ କରି ମଝିପଡ଼ା, ତଳିପଡ଼ା, ନୂଆଁପଡ଼ା, ମହାରଣାପଡ଼ା, କିସାନପଡ଼ାର ପ୍ରତି ଗଳିରାସ୍ତା ସହ ନଳକୂପ, ପାଣି ଷ୍ଟାଣ୍ଡ ଆଦି ସଫେଇ କରାଯାଇଛି। ଆଗାମୀ ଦିନରେ ବନ୍ଧ, କଟା, ଗାଧୁଆଘାଟକୁ ସ୍ୱଚ୍ଛ କରିବାକୁ କମିଟି ସଭ୍ୟମାନେ ଅଣ୍ଟା ଭିଡ଼ିଛନ୍ତି। ଗ୍ରାମର ମହିଳା ଓ ଝିଅମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉତ୍ସାହର ସହ ସାମିଲ ହୋଇଥିଲେ। ଗ୍ରାମକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢ଼ି ତୋଳିବାକୁ ଗ୍ରାମ କମିଟି ବଦ୍ଧପରିକର ହୋଇଛନ୍ତି।



କୋଦାଳ, ଟାଙ୍ଗିଆ, ଝାଡୁ ଧରି ଗାଁ ଦାଣ୍ଡ ପରିଷ୍କାର କରୁଛନ୍ତି ଗ୍ରାମବାସୀ।



ପ୍ରସ୍ତୁତ ହୋଇଥିବା ପୂଜା ପେଣ୍ଡାଲ।

### ଡିଜେଲ ଡ୍ରମ୍ ଚୋରି କରି ୨ ଗିରଫ

**ରେଙ୍ଗାଲି, ୧୩।୧୦ (ଡି.ଏନ୍.ଏ.)**

ରେଙ୍ଗାଲି ଥାନା ଅଧୀନ ନୂଆଁରମ୍ଭେଲା ମାଇନର ଇରିଗ୍ରେସନ ପ୍ରୋଜେକ୍ଟର ପମ୍ପ ହାଉସରୁ ଡିଜେଲ ଭର୍ତ୍ତି ଡ୍ରମ୍ ଚୋରି କରି ୨ଜଣ ଯୁବକ ଗିରଫ ହୋଇଛନ୍ତି। ସେମାନେ ହେଲେ କିଲାସମାର ଅଜିତ ବାଗ (୨୩), ସରୋଜ ମହାନନ୍ଦ (୨୨)। ଅଜିତ ଏବଂ ସରୋଜ ୨୦୦ ଲିଟର ଡିଜେଲ ଭର୍ତ୍ତି ଡ୍ରମ୍ ଚୋରି କରି ନେଉଥିଲେ। ସେତିକିବେଳେ ପମ୍ପ ହାଉସର ସୁରକ୍ଷା କର୍ମୀ ତାଙ୍କୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଜିତ ଏବଂ ସରୋଜଙ୍କୁ ଧରି ଥାନାକୁ ଆଣିଥିଲା। ଏନେଇ ପମ୍ପ ହାଉସ ପକ୍ଷରୁ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୮୨/୧୮) ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରିଛି।



ଗିରଫ ୨ ଯୁବକ।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ନାକଟିଦେଉଳ,୧୩।୧୦ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରଣାଳୟ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୨୭ ତାରିଖ ଠାରୁ ୧୫ ଦିନ ଧରି ଚାଲିଥିବା ଏହି ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ପ୍ରଥମ ବର୍ଷ ୧୧୦ ଛାତ୍ରୀ ଶିବିରରେ ଯୋଗ ଦେଇଥିଲେ। ଶେଷ ବର୍ଷର ଛାତ୍ରୀ ପ୍ରତିଭା ଡାଙ୍ଗ, ଦୀପାଞ୍ଜଳି ବାର୍ଲା ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ଥାନା ଏସଆଇ ଅନିତା ପଟ୍ଟନିଆ ମୁଖ୍ୟ ଅତିଥି, ଯୁକ୍ତ ୨ର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦୀପେନ ପଟ୍ଟନାୟକ ମୁଖ୍ୟବକ୍ତା ମଞ୍ଚାସୀନ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ସ୍ଥିତି ଓ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଆତ୍ମସୁରକ୍ଷା ତାଲିମର ଆବଶ୍ୟକତାକୁ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ପ୍ରଧାନ, ଅଧ୍ୟାପିକା ଶ୍ୱେତାଶ୍ରୀ ପ୍ରଧାନ, ଲିଟିନା ପ୍ରିୟଦର୍ଶନୀ ସାହୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀ ଏବଂ ତାଲିମଦାତାଦ୍ୱୟଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ।

# ମୁଣ୍ଡେନପାଲିରେ ଦୁର୍ଗାପୂଜା ପ୍ରସ୍ତୁତି

**ପଡ଼ିଆବାହାଲ,୧୩।୧୦ (ଡି.ଏନ.ଏ.)**

ମୁଣ୍ଡେନପାଲି ଗ୍ରାମରେ ଆବହମାନ କାଳରୁ ହୋଇଆସୁଥିବା ଦୁର୍ଗାପୂଜାକୁ ଚଳିତବର୍ଷ ଅଧିକ ସରସ ସୁନ୍ଦର କରିବାକୁ ଗ୍ରାମବାସୀ ସଜବାଜ ହୋଇଛନ୍ତି। ଏ ନେଇ ପୂଜା କମିଟି ଗଠିତ ହୋଇଛି। ଦିଲୀପ କୁମାର ନାୟକ ସଭାପତି, ଦେବାଶୀଷ ସେନାପତି ସାଧାରଣ ସମ୍ପାଦକ, ଲୋକନାଥ ବଡ଼ାଇ କୋଷାଧ୍ୟକ୍ଷ ରହିଛନ୍ତି। ପୂଜା ଅବସରରେ ୩ଦିନ ଧରି ସନ୍ଧ୍ୟାରେ ବାଡି, ଖଣ୍ଡା ଖେଳ, ଅଷ୍ଟମୀରେ ଭାଗବତ, କୃଷ୍ଣଗୁରୁ ନବମୀ ଓ ଦଶମୀରେ ଅପେରା ହେବ। ମା'ଙ୍କ ମୃଣ୍ମୟ ପ୍ରତିମାକୁ ଶେଷସ୍ପର୍ଶ ଦିଆଯାଉଛି। ପେଣ୍ଡାଲ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# ଅଭୟାରଣ୍ୟରୁ ଶିକାରୀ ଗିରଫ, ଦେଶୀ ବନ୍ଧୁକ ଜବତ

**ନାକଟିଦେଉଳ,୧୩।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଖଲାଶୁଣୀ ଅଭୟାରଣ୍ୟ ରେଞ୍ଜ୍ ମଧ୍ୟରୁ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ, ୧୩ ଗୁଳି, ୫୦ ଗ୍ରାମ ଗନ ପାଉଡର ଜବତ ହୋଇଛି। ଗିରଫ ବ୍ୟକ୍ତିଜଣକ ହେଲେ ନାକଟିଦେଉଳ ଥାନା ସରାପାଲି ଗ୍ରାମ ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମର ମାଲ ମୁଣ୍ଡା। ଫରେଷ୍ଟର ଭରତ ଚନ୍ଦ୍ର ସ୍ୱାଇଁ, ଫରେଷ୍ଟ ଗାର୍ଡ ଚୁଡାମଣି ନାଏକ, ନିହାରରଞ୍ଜନ ବଡ଼ପଣ୍ଡା ପ୍ରମୁଖ ସଦଳବଳ ଶନିବାର ପୂର୍ବାହ୍ନ ୯ଟାରେ ଖଲାଶୁଣୀ ଅଭୟାରଣ୍ୟକୁ ପାଟ୍ରୋଲିଂରେ ଯାଇଥିବା ବେଳେ ୧୧ ନଂ. କ୍ୟାମ୍ପ୍ ଏରିଆରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବୁଲୁଥିବା ଅବସ୍ଥାରେ ଚନ୍ଦ୍ରପୁର ଗ୍ରାମର ମାଲ ମୁଣ୍ଡାଙ୍କୁ ଧରିଥିଲେ। କିସିଣ୍ଡା ରେଞ୍ଜ୍ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର ରେଢ଼ାଖୋଲ କୋର୍ଟ ଚାଲାଣ କରାଯାଇଛି।



ଫରେଷ୍ଟର ଓ ବନ କର୍ମଚାରୀଙ୍କ ଗହଣରେ ଗିରଫ ଅଭିଯୁକ୍ତ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ସମ୍ବଲପୁର,୧୩।୧୦ (ବ୍ୟୁରୋ)**

ପରମାଣପୁର ଡା. ଝସକେତନ ସାହୁ କଲେଜ ପରିସରରେ ଶନିବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ସନ୍ଧ୍ୟା ମିଶ୍ରଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ବରିଷ୍ଠ ପ୍ରାଧ୍ୟାପକ ଡ. ଯଦୁମଣି ପଣ୍ଡା ଆତ୍ମସୁରକ୍ଷା ତାଲିମ ଶିବିର ବିଷୟରେ ଆଲୋକପାତ କରିଥିଲେ। ୧୨ ଦିନ ଧରି ଚାଲିଥିବା ଶିବିରରେ ମୌସୁମୀ ସୁନା ଓ ଲକ୍ଷ୍ମୀ ପଣ୍ଡିତ ପ୍ରଶିକ୍ଷିକା ଭାବେ ଯୋଗଦେଇ ୧୨୦ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସେଠ, ଅଧ୍ୟାପିକା ପ୍ରଜ୍ଞା ପଣ୍ଡା ଶିବିର ପରିଚାଳନା କରିଥିଲେ । ଅଧ୍ୟାପିକା ଝିଲି ସାହୁ, ତନମୟୀ ସେଠ ଓ ଅଧ୍ୟାପିକା ନିରୁପମା ବହିଦାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଅରୂପ ଅଭିନାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଡା. ଝସକେତନ ସାହୁ କଲେଜ ପରିସରରେ ଆୟୋଜିତ ଆତ୍ମସୁରକ୍ଷା ତାଲିମ ଶିବିର ।

# ତାଲବ ସମଲେଶ୍ୱରୀ ପୂଜା ପ୍ରସ୍ତୁତି, କମିଟି ମନୋନୀତ

**ସମ୍ବଲପୁର,୧୩।୧୦ (ବ୍ୟୁରୋ)**

ତାଲବ ସମଲେଶ୍ୱରୀ ପୂଜା କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶ୍ୱିନୀ ଶୁକ୍ଳପକ୍ଷ ତ୍ରୟୋଦଶ ତିଥିରେ ପରମ୍ପରା ଓ ନିୟମାନୁସାରେ ସମଲେଶ୍ୱରୀ ପୂଜା ଓ ବଏଲ ଯାତ୍ରା ହେବ। ଏଣୁ ଆସନ୍ତା ୨୨ ତାରିଖ ସକାଳ ୬ଟାରେ ମଙ୍ଗଳ ଆଳତୀ, ୮ଟାରେ ଚଣ୍ଡିପାଠ, ପୂର୍ବାହ୍ନ ୧୦ରେ ପାହୁର ପରିକ୍ରମା, ୧୧ଘଟିକାରେ ଯୁଗାର ଯାତ୍ରା, ଅପରାହ୍ନ ୨ଟାରେ ଗ୍ରାମ୍ୟଦେବୀ ପୂଜନ ଓ ଧ୍ୱଜା ରୋହଣ ହେବ । ସେହିପରି ସନ୍ଧ୍ୟା ସାଢ଼େ ୫ଟାରେ ଭକ୍ତମାନେ ସମଲେଇଙ୍କୁ ଦର୍ଶନ କରିବେ। ରାତି ୭ଟାରେ ଚଣ୍ଡିପାଠ ସହ ପୂର୍ଣ୍ଣାହୂତୀ ଓ ମହାଆଳତୀ ହେବାର କାର୍ଯ୍ୟକ୍ରମ ରହିଛି। ରାତି ୧୦ ଘଟିକାରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୧୨ଟାରେ ବରୁଆଙ୍କ କାର୍ଯ୍ୟକ୍ରମ, ମଧ୍ୟରାତ୍ରି ୧ଟାରେ ବରୁଆ ନଗର ପରିକ୍ରମା ନିର୍ଘଣ୍ଟ ସ୍ଥିର ହୋଇଛି। ଏଥିସହ କର୍ମକର୍ତ୍ତା ମନୋନୟନ କରାଯାଇଛି।

ଚଳିତ ବର୍ଷ ମହେନ୍ଦ୍ର କୁମାର ଭୋଇ ସଭାପତି, ହିମାଂଶୁ ଶେଖର ପ୍ରଧାନ ଉପସଭାପତି, ରାଜେଶ ଚଇନି ସମ୍ପାଦକ, ଆନନ୍ଦ କୁମାର ସାହୁ ସହସମ୍ପାଦକ, ଜତିନ କୁମାର ସାହୁ କୋଷାଧ୍ୟକ୍ଷ, ଶିବନାରାୟଣ ପାଣ୍ଡେ ସାଂସ୍କୃତିକ ସମ୍ପାଦକ ଓ ସୁବାଷ ଚନ୍ଦ୍ର ପଟେଲ ସଂଯୋଜକ ଓ କଳାକୁଞ୍ଜରେ ସୌରିନାରାୟଣ ପାଣ୍ଡେ, ରାମଚନ୍ଦ୍ର ଭୋଇ, ବଲ୍ଲଭ ସାହୁ, ସନତ ପ୍ରଧାନ, ଯକ୍ତ ବିଶ୍ୱାଳ, ଚିତ୍ରସେନ ଭୁଏ ଓ ନରେଶ ଭୁଏ, କିରଣ ଭୁଏ ଝାଙ୍କର ରହିଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ୪ ତୋରଣ ନିର୍ମାଣରେ, ୬ ଫଟୋ ପ୍ରଦର୍ଶନୀ ସହ ୨ କର୍ମକର୍ତ୍ତା ରହିଛନ୍ତି। ପୁରୁଷୋତ୍ତମ ଭୁଏ ବରୁଆ କାର୍ଯ୍ୟ ସମ୍ପାଦନା କରିବେ ।



"ତୀର୍ଥଯାତ୍ରା ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଚାଇନା ସରକାର ଧର୍ମୀୟ ସ୍ୱାଧୀନତାର ସମ୍ମାନ କରନ୍ତି ଏବଂ ଏହାର ମହତ୍ତ୍ୱକୁ ଅନୁଭବ କରନ୍ତି। କୈଳାସ ମାନସରୋବର ଯାତ୍ରା ଭାରତ ଏବଂ ଚାଇନା ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

-ଲୌ ଝାଓହୁଇ, ଚାଇନା ରାଷ୍ଟ୍ରଦୂତ

## ସଂକ୍ଷେପରେ

### ପରଲୋକରେ ଅନ୍ନପୂର୍ଣ୍ଣା ଦେବୀ



**ମୁମ୍ବାଇ,୧୩।୧୦(ପି.ଟି.):** ଖ୍ୟାତନାମା ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଦ୍ମଭୂଷଣ ଅନ୍ନପୂର୍ଣ୍ଣା ଦେବୀଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ଦୀର୍ଘଦିନ ହେଲା ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଅନ୍ନପୂର୍ଣ୍ଣା ଦେବୀଙ୍କ ଚିକିତ୍ସା ଚାଲିଥିଲା। ଶନିବାର ଅପରାହ୍ନ ୩ଟା ୫୧ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ଅନ୍ନପୂର୍ଣ୍ଣା ଦେବୀ ଫାଉଣ୍ଡେଶନ୍‌ର ମୁଖପାତ୍ର ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ନିପୁଣା ଅନ୍ନପୂର୍ଣ୍ଣା ଦେବୀଙ୍କୁ ମା' ଭାବେ ସମ୍ବୋଧନ କରାଯାଉଥିଲା। ସେ ମଧ୍ୟପ୍ରଦେଶର ମଇହର ସହରରେ ଉସ୍ତାଦ ଆଲ୍ଲାଉଦ୍ଦିନ୍ ଖାନ୍ ଏବଂ ମଦିନା ବେଗମ୍‌ଙ୍କ କନ୍ୟା। ତାଙ୍କ ଭାଇ ହେଉଛନ୍ତି ବିଶ୍ୱବିଖ୍ୟାତ ସଙ୍ଗୀତଜ୍ଞ ଉସ୍ତାଦ ଅଲି ଆକ୍‌ବର ଖାନ୍। ଅନ୍ନପୂର୍ଣ୍ଣା ଦେବୀ ଖ୍ୟାତନାମା ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କୁ ବିବାହ କରିଥିଲେ। ୧୯୮୨ରେ ସେ ଋଷିକୁମାର ପାଣ୍ଡ୍ୟାଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

### ମୋଦିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୧୩।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବା ପାଇଁ ପୁଣି ଧମକ ମିଳିଛି। ୨୦୧୯ ସାଧାରଣ ନିର୍ବାଚନ ବେଳେ ମୋଦିଙ୍କୁ ହତ୍ୟା କରାଯିବ ବୋଲି ଦିଲ୍ଲୀ ପୋଲିସ ନିକଟକୁ ଇମେଲ୍‌ରେ ଧମକ ଆସିଥିବା ସୂତ୍ରରୁ ପ୍ରକାଶ। ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କ ସରକାରୀ ଇମେଲ୍ ଆଇଡିକୁ ଏହି ଧମକ ଆସିଛି। ଏହାପରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ବିଭିନ୍ନ ସୁରକ୍ଷା ଏଜେନ୍ସିଙ୍କ ପାଇଁ ହାଇ ଆଲର୍ଟ ଜାରି କରାଯାଇଛି।

# ଜିକା କବଳରେ ରାଜସ୍ଥାନ

ନୂଆଦିଲ୍ଲୀ,୧୩।୧୦

ରାଜସ୍ଥାନରେ ଏବେ ଜିକା ଭାଇରସ୍ ଆତଙ୍କ। ଜୟପୁରରେ ୫୫ ଜଣ ରୋଗୀଙ୍କୁ ଚିହ୍ନଟ କରାଯିବା ପରେ ବାଜିଛି ସତର୍କ ଘଣ୍ଟି। ଆକ୍ରାନ୍ତଙ୍କ ମଧ୍ୟରେ ୧୧ ଗର୍ଭବତୀ ମହିଳା, ସିନ୍ଧି କ୍ୟାମ୍ପର ରାଜପୁତ୍ ହଷ୍ଟେଲର ୩ ଛାତ୍ରୀଛାତ୍ର ଅଛନ୍ତି। ଏଡିସ୍ ମଶା ଦ୍ୱାରା ବ୍ୟାପୁଥିବା ଏହି ଭୂତାଣୁ ସପ୍ତାହେ ପର୍ଯ୍ୟନ୍ତ ସକ୍ରିୟ ରହେ। ତେଣୁ ଆଗାମୀ ୭ ଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିହେବା ଆଶଙ୍କା ରହିଛି। ଜିକା କବଳରେ ରାଜସ୍ଥାନ କବଳିତ ହେବା ପରେ ଏବେ କେନ୍ଦ୍ର ସରକାର ତତ୍ପରତା ପ୍ରଦର୍ଶନ କରିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ (ଏନ୍‌ଆଇଏମ୍‌ଆର)ର ଏକ ଟିମ୍ ଜୟପୁରର ବିଭିନ୍ନ ସ୍ଥାନରୁ ମଶା ନମୁନା ସଂଗ୍ରହ କରି ପରୀକ୍ଷା ଚଳାଇଛନ୍ତି।

ସେପ୍ଟେମ୍ବର ୨୨ରେ ଜୟପୁରର ଶାସ୍ତ୍ରୀନଗର ନିବାସୀ ଜଣେ ୮୫ ବର୍ଷ ବୟସ୍କା ମହିଳାଙ୍କଠାରେ ପ୍ରଥମ କରି ଏହି ଭୂତାଣୁ ଠାବ ହୋଇଥିଲା। ସେ କୌଣସି ବିଦେଶ ରାଷ୍ଟ୍ରକୁ ଗସ୍ତ କରିନାହାନ୍ତି। ତଥାପି ସେ କିଭଳି ଆକ୍ରାନ୍ତ ହେଲେ, ତାହା ଜଣାପଡ଼ି ନାହିଁ। ଜଣେ ବିଦେଶୀ ପର୍ଯ୍ୟଟକଙ୍କଠାରୁ ଏହା ବ୍ୟାପୁଥିବା






ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅନୁମାନ କରାଯାଉଛି। ଅନ୍ୟ ଅଞ୍ଚଳକୁ ଯେପରି ଏହି ଭୂତାଣୁ ନ ବ୍ୟାପେ ସେଥିଲାଗି ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଜିକା ଭାଇରସ୍ ଦ୍ୱାରା ଆକ୍ରାନ୍ତ ଅନ୍ତଃସତ୍ତ୍ୱାଙ୍କ ଗର୍ଭସ୍ଥ ଶିଶୁ ବିକଳାଙ୍ଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେମାନଙ୍କ ମସ୍ତିଷ୍କର ଆକାର ଛୋଟ ହୋଇଯିବ ଏବଂ ସ୍ୱାଭାବିକ ଭାବେ ମାନସିକ ବିକାଶ ହେବ ନାହିଁ। ତେଣୁ ଏହା ଚିନ୍ତାର ବିଷୟ ପାଲଟିଛି। ମଶାଙ୍କ ଅଣ୍ଡାଦାନ ରୋକିବା ଲାଗି ପଦକ୍ଷେପ ନିଆଯାଉଛି। ଏହା ବାଦ୍ ବିମାନବନ୍ଦର ଏବଂ ବସ୍ ଟର୍ମିନାଲରେ ମଧ୍ୟ ରୋଗୀ ଚିହ୍ନଟ ଲାଗି ବ୍ୟବସ୍ଥା କରିବା ଉଚିତ ବୋଲି ଗାନ୍ଧୀନଗରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ହେଲ୍‌ଥ ନିର୍ଦ୍ଦେଶକ ଦିଲୀପ

- ୫୫ ଜଣଙ୍କଠାରେ ଭୂତାଣୁ ଠାବ
- ଆକ୍ରାନ୍ତଙ୍କ ମଧ୍ୟରେ ୧୧ ଗର୍ଭବତୀ
- ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର

ମାଭଲାନ୍‌କର କହିଛନ୍ତି। ଜିକା ଭାଇରସ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଲାଗି ରାଜସ୍ଥାନ ସରକାର ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ପାଇଁ ପ୍ରସ୍ତୁତ ହୋଇଛନ୍ତି। ୫୫ ଆକ୍ରାନ୍ତଙ୍କ ମଧ୍ୟରୁ ୩୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ରାଜ୍ୟର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିନୁ ଗୁପ୍ତା କହିଛନ୍ତି।

ଏଯାବତ୍ ୮୬ ଦେଶରେ ଜିକା ଭାଇରସ୍ ଠାବ ହେଲାଣି। ୨୦୧୫ରେ ବ୍ରାଜିଲରେ ସର୍ବାଧିକ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୭ ଫେବୃୟାରୀରେ ଗୁଜରାଟର ଅହମ୍ମଦାବାଦରେ ୩ ରୋଗୀଙ୍କ ଠାରେ ପ୍ରଥମ କରି ଏହି ଭୂତାଣୁ ଚିହ୍ନଟ ହୋଇଥିଲା। ସେହିବର୍ଷ ଜୁଲାଇରେ ତାମିଲନାଡୁର କ୍ରିଷ୍ଣାଗିରିରେ ମଧ୍ୟ ଜଣେ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଜିକା ଆକ୍ରାନ୍ତଙ୍କଠାରେ ପ୍ରବଳ ଜ୍ୱର, ଶରୀର ନାଲିପଡ଼ିଯିବା, ଗଣ୍ଠି ଓ ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଓ ଆଖି ନାଲିପଡ଼ିବା ଭଳି ଲକ୍ଷଣ ଦେଖାଯାଏ। କିନ୍ତୁ ୮୦% ଲୋକଙ୍କଠାରେ ଏସବୁ ଲକ୍ଷଣ ଜଣାପଡ଼େ ନାହିଁ। ଫଳରେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼େ।

## ଛତିଶଗଡ଼ କଂଗ୍ରେସକୁ ଶକ୍ତ ଧକ୍କା

# ଭାଜପାରେ ମିଶିଲେ କାର୍ଯ୍ୟକାରୀ ସଭାପତି

ବିଳାସପୁର,୧୩।୧୦(ପି.ଟି.)

ବିଧାନସଭା ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ବିରୋଧୀ କଂଗ୍ରେସକୁ ଶକ୍ତ ଝଟକା। ଦଳର କାର୍ଯ୍ୟକାରୀ ସଭାପତି ତଥା ପାଲି-ତାନାଖର ବିଧାୟକ ରାମଦୟାଲ ଉଇକେ ଶନିବାର ଶାସକ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ମୁଖ୍ୟମନ୍ତ୍ରୀ ରମଣ ସିଂ ଏବଂ ରାଜ୍ୟ ସଭାପତି ଧରମଲାଲ କୌଶିକଙ୍କ ଉପସ୍ଥିତିରେ ଉଇକେ କଂଗ୍ରେସର ହାତ ଛାଡ଼ି ଗୈରିକ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏଠାକାର ଦଳୀୟ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏହି ମିଶ୍ରଣ ପର୍ବ ଦେଖିବାକୁ ମିଳିଥିଲା।

ବିଳାସପୁର ଡିଭିଜନ୍‌ରେ ଉଇକେଙ୍କୁ ଲୋକପ୍ରିୟ ଆଦିବାସୀ ନେତା ଭାବେ ଦେଖାଯାଏ। କଂଗ୍ରେସ ଶୀର୍ଷ ନେତୃତ୍ୱ ଦ୍ୱାରା ଆଦିବାସୀ ନେତାଙ୍କୁ କୋଣଠେସା କରାଯାଉଥିବାରୁ ଦଳ ଭିତରେ ସେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ ବୋଲି ଭାଜପାରେ ଯୋଗଦେବା ପରେ ଉଇକେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ବର୍ତ୍ତମାନ ନିଜର



ନୀତି ଆଦର୍ଶରୁ ପଥଭ୍ରଷ୍ଟ ହୋଇଯାଇଛି। ଆପତ୍ତିଜନକ ସିଡୀ ରାଜନୀତିକୁ ପ୍ରୋତ୍ସାହିତ କରି ରାଜ୍ୟ କଂଗ୍ରେସ ମୁଖ୍ୟ ଭୂପେଶ ବାଘେଲ ଦଳର ଛବିକୁ କଳୁଷିତ କରିଛନ୍ତି। କେବଳ ସେତିକି ନୁହେଁ ଦଳର ହାଇ କମାଣ୍ଡ ତାଙ୍କର କୌଣସି ଦାବି ପୂରଣ କରିବା ତ ଦୂରର କଥା କୌଣସି ବିଷୟକୁ କର୍ଣ୍ଣପାତ କରୁ ନ ଥିଲେ। ରାଜ୍ୟର ଆଦିବାସୀ, ଗରିବ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ କଂଗ୍ରେସ ଉଦାର ମନୋଭାବ ପୋଷଣ କରୁନାହିଁ। ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ସାମଗ୍ରିକ ବିକାଶ ଏବଂ ଆଦିବାସୀ କଲ୍ୟାଣ ନୀତିରେ ପ୍ରଭାବିତ ହୋଇ ଭାଜପାକୁ ପୁଣିଥରେ ଫେରିଥିବା ଉଇକେ କହିଛନ୍ତି। ଉଇକେ ୨୦୦୦ ମସିହାରେ ଭାଜପା ଛାଡ଼ି କଂଗ୍ରେସ ଯୋଗ ଦେଇଥିଲେ ଏବଂ ଏହାକୁ ସେ ଘରବାହୁଡ଼ା ବୋଲି କହିଛନ୍ତି।

## ଆଉ ଜଣେ ଗଙ୍ଗା ସଫେଇ ଅଭିଯାନ କର୍ମୀ ଗୁରୁତର

ଋଷିକେଶ,୧୩।୧୦(ପି.ଟି.)

ଗଙ୍ଗା ସଫେଇ ଅଭିଯାନ କର୍ମୀ ଜି.ଡି. ଅଗ୍ରୱାଲଙ୍କ ପରଲୋକର ଦୁଇଦିନ ପରେ ଆଉଜଣେ ଅନଶନରତ କର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ଗଙ୍ଗା ସୁରକ୍ଷା ଲାଗି ୧୧୦ ଦିନ ହେଲା ଅନଶନରେ ବସିଥିବା ସନ୍ଥ ଗୋପାଳଦାସଙ୍କୁ ଶନିବାର ଗୁରୁତର ଅବସ୍ଥାରେ ସ୍ଥାନୀୟ ଏମ୍ସ



ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନ ୩ଟା ୪୫ରେ ଏମର୍ଜେନ୍ସି ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇଥିବା ଏମ୍ସର ଅନ୍ତରୀଣ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ବୀରେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ୩୬ ବର୍ଷୀୟ ଗୋପାଳଦାସ ତିନିଦିନ ହେଲା ପାଣି ମଧ୍ୟ ପିଇନାହାନ୍ତି। ଫଳରେ ନିର୍ଜଳୀକରଣର ଶିକାର ହୋଇଛନ୍ତି। ତାଙ୍କର ସୁଗର୍ ସ୍ତର ହ୍ରାସପାଇଛି। ହସ୍ପିଟାଲ୍‌ର ଏଣ୍ଡୋକ୍ରାଇନୋଲୋଜିରେ ଗୋପାଳଦାସଙ୍କ ଚିକିତ୍ସା ଚାଲିଛି। ଖାଦ୍ୟପଦାର୍ଥ ଗ୍ରହଣ କରିବା କିମ୍ବା ମେଡିକାଲ୍ ଚିକିତ୍ସା ନେବାକୁ ସେ ମନାକରିବା ସତ୍ତ୍ୱେ ତାଙ୍କୁ ଶିରା ପ୍ରଶିରାରେ ତରଳ ପଦାର୍ଥ ଦିଆଯାଉଛି ବୋଲି ଡାକ୍ତର ସିଂ ସୂଚନା ଦେଇଛନ୍ତି।

## ବିଚାରପତିଙ୍କ ସ୍ତ୍ରୀ, ପୁଅଙ୍କୁ ଗୁଳିକଲେ ସୁରକ୍ଷାକର୍ମୀ

ଗୁଡ଼୍‌ଗାଓଁ,୧୩।୧୦(ପି.ଟି.)

ହରିୟାଣାର ଗୁଡ଼୍‌ଗାଓଁଠାରେ ଶନିବାର ଜଣେ ବିଚାରପତିଙ୍କ ସ୍ତ୍ରୀ ଏବଂ ପୁଅଙ୍କ ଉପରକୁ ଗୁଳିମାଡ଼ ହୋଇଛି। ବିଚାରପତିଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ହିଁ ଗୁଳିମାଡ଼ କରିଥିବା ଜଣାପଡ଼ିଛି। ଆକ୍ରମଣରେ ମା'ପୁଅଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଡିସିପି (ପୂର୍ବ) ସୁଲୋଚନା ଗଜରାଜ ସୂଚନା ଦେଇଛନ୍ତି। ପୋଲିସର ସୂଚନା ମୁତାବକ, ଅତିରିକ୍ତ ସେସନ୍ ଜଜ୍ କ୍ରିଷ୍ଣକାନ୍ତଙ୍କ ସ୍ତ୍ରୀ ରିତୁ ଏବଂ ଧ୍ରୁବ ଅପରାହ୍ନ ୩ଟା ୩୦ରେ ସେକ୍ଟର-୪୯ରେ ଥିବା ଆର୍କାଡିଆ ବଜାରକୁ ଯାଇଥିଲେ। ତାଙ୍କ ସହ ବିଚାରପତିଙ୍କ ସୁରକ୍ଷାକର୍ମୀ ମହିପାଳ ମଧ୍ୟ ଯାଇଥିଲେ। କିନ୍ତୁ ମହିପାଳ ହଠାତ୍ ସେମାନଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇ ଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ରିତୁ ଏବଂ ଧ୍ରୁବ୍‌ଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନରାରେ ଭର୍ତ୍ତି କରିଥିଲା। ରିତୁଙ୍କ ଛାତିରେ ଗୁଳି ବାଜିଥିବାବେଳେ ଧ୍ରୁବ୍‌ଙ୍କ ମୁଣ୍ଡରେ ବୁଲେଟ୍ ମାଡ଼ ହୋଇଛି। ପରବର୍ତ୍ତୀ ସମୟରେ ମହିପାଳଙ୍କୁ ଗିରଫ କରାଯାଇଛି ଏବଂ ଜେରା ଚାଲିଛି। ଏଭଳି କାଣ୍ଡ ଭିଆଇବା ପଛର କାରଣ ଖୋଜା ଚାଲିଛି ବୋଲି ଗୁଡ଼୍‌ଗାଓଁ ପୋଲିସର ଲୋକସମ୍ପର୍କ ଅଧିକାରୀ ସୁଭାଷ ବୋକାନ୍ ସୂଚନା ଦେଇଛନ୍ତି।

## ଆତଙ୍କବାଦୀ ନିହତ, ପୋଲିସ ଶହୀଦ

ଶ୍ରୀନଗର,୧୩।୧୦(ପି.ଟି.)

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଶନିବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ହିଜବୁଲ୍ ମୁଜାହିଦ୍ଦିନ୍‌ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ସେ ହେଉଛନ୍ତି ସବିର ଅହମଦ ଦର। ବାରମୁଲ୍ଲା ଜିଲାର ସୋପୋରରେ ମଧ୍ୟ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ପୋଲିସ କର୍ମଚାରୀ ଶହୀଦ ହୋଇଛନ୍ତି।

## ଫୁର୍‌ସତ

# ଜନକ ବେଶରେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ:** ରାଜା ଜନକ ଭୂମିକାରେ ଅବତୀର୍ଣ୍ଣ ହେଲେ କେନ୍ଦ୍ର ସୂଚନା ପ୍ରଯୁକ୍ତି ତଥା ଭୂବିଜ୍ଞାନ ମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନ। ଦିଲ୍ଲୀରେ ଚାଲିଥିବା ଲବ-କୁଶ ରାମଲୀଲାରେ ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀଙ୍କୁ ସୀତାପିତା ରାଜା ଜନକ ଭାବେ ଦେଖିବାକୁ ମିଳିଥିଲା। ମହାରାଜ ଜନକଙ୍କ ଭଳି ପାରମ୍ପରିକ ରାଜକୀୟ ବେଶପୋଷାକ ସହ ମଞ୍ଚକୁ ପ୍ରବେଶ କରି ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଥିଲେ ହର୍ଷବର୍ଦ୍ଧନ। ଶୁଦ୍ଧ ହିନ୍ଦୀ ଭାଷାରେ ସଂଳାପ ଶୁଣି ଲାଲକିଲ୍ଲା ପଡ଼ିଆରେ ଉପସ୍ଥିତ ଦର୍ଶକ ମଣ୍ଡଳୀ ଭୂୟସୀ ପ୍ରଶଂସା କରିଥିଲେ।



ଜନକ ବେଶରେ କିଛି ଫଟୋ ନିଜେ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଶେୟାର୍ କରିଛନ୍ତି। ସେ କହିଛନ୍ତି, ଲବ-କୁଶ ରାମଲୀଳାରେ ମାତା ସୀତାଙ୍କ ପିତା ଭୂମିକାରେ ଅଭିନୟ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଲାଲକିଲ୍ଲା ଏବଂ ଚାନ୍ଦନୀ ଚୌକ୍‌ର ରାମଲୀଲା ଦେଖି ତାଙ୍କ ପିଲାବେଳ ବିତିଛି। କିନ୍ତୁ ଏଥିରେ ଅଭିନୟ କରିବାର ସୁଯୋଗ ପାଇବା ଜୀବନର ସବୁଠୁ ଆନନ୍ଦ ଦାୟକ ଅନୁଭୂତି। ଭଗବାନ ରାମଚନ୍ଦ୍ର ଆମ ସମସ୍ତଙ୍କ ଆତ୍ମାରେ ବାସ କରନ୍ତି। ଜୀବନରେ ସଦା ଏହାର ଅନୁଭୂତି ପାଇଛନ୍ତି। କିନ୍ତୁ ରାମଲୀଳାରେ ଜନକ ରାଜା ଭୂମିକାରେ ଅଭିନୟ କରି ଭଗବାନ ରାମଚନ୍ଦ୍ରଙ୍କୁ ଅତି ନିକଟରେ ପାଇପାରିଥିବା ହର୍ଷବର୍ଦ୍ଧନ କହିଛନ୍ତି।

# ପଦାତିକ ବାହିନୀର ସାଇକେଲ ଅଭିଯାନ

**ଜମ୍ମୁ:** ଶନିବାର ଜମ୍ମୁ-କଶ୍ମୀର ଲାଇଟ୍ ଇନ୍‌ଫ୍ୟାଣ୍ଟ୍ରି (ଜାକଲି)ର ଏକ ସାଇକେଲ ଅଭିଯାନକୁ ଉଦ୍ଧମପୁରସ୍ଥିତ ନର୍ଦର୍ନ କମାଣ୍ଡ ହେଡକ୍ୱାର୍ଟର୍ସଠାରେ ପତାକା ଦେଖାଇ ଉଦ୍‌ଘାଟନ କରାଯାଇଛି। ଅକ୍ଟୋବର ୨୭ରେ ପଦାତିକ ବାହିନୀ ଦିବସ ଉପଲକ୍ଷେ ଏଭଳି ଅଭିଯାନ ଆରମ୍ଭ ହୋଇଛି। ଉକ୍ତ ଟିମ୍ ଉଦ୍ଧମପୁରଠାରୁ ଯାତ୍ରା ଆରମ୍ଭ କରି ଦିଲ୍ଲୀରେ ପହଞ୍ଚିବେ। ଏଥିପାଇଁ ସେମାନେ ୭୦୦ କିଲୋମିଟର ଯାତ୍ରା କରିବେ। ସେମାନେ ଇଣ୍ଡିଆ ଗେଟରେ ପହଞ୍ଚିବା ପୂର୍ବରୁ ଜମ୍ମୁ-କଶ୍ମୀର, ପଞ୍ଜାବ ଏବଂ ହରିୟାଣା ରାଜ୍ୟ ଦେଇ ଯାତ୍ରା କରିବେ ବୋଲି ପ୍ରତିରକ୍ଷା ବାହିନୀର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି। ନର୍ଦର୍ନ କମାଣ୍ଡ



ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଜେ.ଏସ୍. ନୈନ୍ ଏହି ଅଭିଯାନକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନ ଭାରତୀୟ ସଶସ୍ତ୍ର ବାହିନୀର ଅଦମ୍ୟ ସାହସର ପରିଚୟ ଦେଉଛି ବୋଲି ସେ କହିଛନ୍ତି। ରାଜ୍ୟର ସୀମା ବାହାରେ ଜାତି, ଧର୍ମ ଓ ସଂସ୍କୃତି ନିର୍ବିଶେଷରେ ଭାରତୀୟ ସେନାର ଏହା ଦୁଃସାହସିକ କାର୍ଯ୍ୟର ସଂକେତ ବହନ କରୁଛି। ଏହା ଗୋଷ୍ଠୀଗତ ମନୋଭାବର ଏକ ସାହସିକ ପଦକ୍ଷେପ ବୋଲି ମୁଖପାତ୍ର ବର୍ଣ୍ଣନା କରିଛନ୍ତି।

ଉକ୍ତ ଅଭିଯାତ୍ରା ମେଜର ଦୀପେଶ ମହାଦିକ୍‌ଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ଏଭଳି ଅଭିଯାନ ଭାରତୀୟ ସ୍ଥଳସେନାର ସମସ୍ତ ଇନଫ୍ୟାଣ୍ଟ୍ରି ରେଜିମେଣ୍ଟରେ ଆୟୋଜନ କରାଯାଇଛି। ପଦାତିକ ବାହିନୀ ଦିବସରେ ସାଇକେଲ ଅଭିଯାତ୍ରୀ ଦଳ ଦିଲ୍ଲୀର ଗୋଟିଏ ସ୍ଥାନରେ ଏକତ୍ର ହେବେ।

## ଇତିହାସର ଆଇନାରେ

### ଅକ୍ଟୋବର ୧୪ର ପ୍ରମୁଖ ଘଟଣା

୧୯୫୬ ଅକ୍ଟୋବର ୧୪ରେ ଡ. ଭୀମରାଓ ଆମ୍ବେଡ୍‌କର ତାଙ୍କର ୩,୮୫,୦୦୦ ଅନୁଗାମୀଙ୍କ ସହ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସମ୍ବିଧାନ ପ୍ରଣେତା ଡ. ଆମ୍ବେଡ୍‌କର ଏକାଧାରରେ ରାଜନେତା, ଅର୍ଥଶାସ୍ତ୍ରୀ, ଏବଂ ସମାଜ ସୁଧାରକ ସହ ଦଳିତଙ୍କ ନେତା ଥିଲେ। ସେ ଦଳିତଙ୍କ ବୌଦ୍ଧ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ଭେଦଭାବକୁ ଦୂରକରିବା ନେଇ ଅଭିଯାନ ଆରମ୍ଭ କରିଥିଲେ।

୧୯୭୩ ଅକ୍ଟୋବର ୧୪ରେ ଥାଇଲାଣ୍ଡର ଥମସତ୍ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସେନା ବିରୋଧରେ ବିଦ୍ରୋହ କରିଥିଲେ। ୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ର ଥାନମ୍ ସେନା ବିରୋଧରେ ସାମିଲ ହୋଇଥିଲେ। ଏହି ସମୟରେ ସେନା ପକ୍ଷରୁ ହୋଇଥିବା ଆକ୍ରମଣରେ ୭୭ ନିହତ ହୋଇଥିଲେ। ଫିଲ୍ଡ ମାର୍ଶଲ ଥାନମ୍ କିତ୍ତିକାର୍ଚୋନ୍ ଏକଛତ୍ରବାଦୀ ଶାସକ କାଳରେ ଦେଶରେ ବହୁ ହିଂସାକାଣ୍ଡ ଘଟିଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୫ | ୧୯.୪ |
| ଚାନ୍ଦବାଲି | ୨୯.୨ | ୨୨.୫ |
| କଟକ | ୨୭.୨ | ୨୦.୪ |
| ପାରାଦ୍ୱୀପ | ୨୯.୯ | ୨୩.୯ |
| ଭୁବନେଶ୍ୱର | ୨୮.୭ | ୨୧.୪ |
| ଗୋପାଳପୁର | ୩୨.୮ | ୨୪.୮ |
| ପୁରୀ | ୩୦.୬ | ୨୪.୬ |
| ଅନୁଗୋଳ | ୨୭.୭ | ୧୯.୦ |
| ବାରିପଦା | ୨୪.୪ | ୨୦.୬ |
| ଝାରସୁଗୁଡ଼ା | ୩୨.୦ | ୨୨.୦ |
| କେନ୍ଦୁଝର | ୨୪.୬ | ୧୯.୪ |
| ସମ୍ବଲପୁର | ୩୧.୮ | ୨୩.୩ |
| ସୁନ୍ଦରଗଡ଼ | ୩୦.୫ | --- |
| ହୀରାକୁଦ | ୩୧.୮ | ୨୪.୦ |
| ତାଳଚେର | --- | ୨୨.୫ |
| ଭବାନୀପାଟଣା | ୩୦.୦ | ୨୦.୫ |
| ବଲାଙ୍ଗୀର | ୨୯.୫ | ୨୧.୭ |
| କୋରାପୁଟ | ୨୭.୦ | ୧୭.୬ |
| ଫୁଲବାଣୀ | ୨୪.୮ | ୧୮.୨ |
| ଟିଟିଲାଗଡ଼ | ୩୦.୦ | ୧୯.୫ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୦.୨ | ୨୦.୬ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ବଗିଚାରେ ଫୁଟିବ ନୀଳଗୋଲାପ

**ବେଜିଂ:** ବଗିଚାରେ ନୀଳଗୋଲାପ ଫୁଟାଇବାର ଦିନ ଆସୁଛି। କାରଣ ବୈଜ୍ଞାନିକମାନେ ଧଳାଗୋଲାପର ପାଖୁଡାରେ ଥିବା ବ୍ୟାକ୍ଟେରିଆକୁ ରଙ୍ଗ ପ୍ରସ୍ତୁତକାରୀ ଏଞ୍ଜାଇମ୍‌ରେ ପରିଣତ କରିବାର ଉପାୟ ପାଇଛନ୍ତି। ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍‌ସିଜ୍ ଏବଂ ତିଆନ୍‌ଜିନ୍ ୟୁନିଭର୍ସିଟିର ଗବେଷକମାନେ ଏକ ସରଳ ଉପାୟ ଉଦ୍ଭାବନ କରିଛନ୍ତି ଯାହାଦ୍ୱାରା ପ୍ରକୃତିରେ ନୀଳଗୋଲାପ ଉତ୍ପନ୍ନ କରାଯାଇ ପାରିବ।

ପୂର୍ବରୁ ଦୀର୍ଘ ୨୦ବର୍ଷର ଗବେଷଣା ପରେ ଜୈବପ୍ରଯୁକ୍ତିବିଦ୍ୟା ବିଶାରଦ ମାନେ ଜେନେଟିକ୍ ଇଞ୍ଜିନିୟରିଂ ଓ ଚୟନମୂଳକ ପ୍ରଜନନ ପଦ୍ଧତି ପ୍ରୟୋଗ କରି 'ନୀଳଗୋଲାପ' ଉତ୍ପନ୍ନ କରାଇବାକୁ ସମର୍ଥ ହୋଇଥିଲେ। କିନ୍ତୁ ଏହି ଗୋଲାପ ସମ୍ପୂର୍ଣ୍ଣ ନୀଳରଙ୍ଗ ଧାରଣ



କରିପାରୁ ନ ଥିଲା। ଗବେଷକମାନେ ଦୁଇଟି ବ୍ୟାକ୍ଟେରିଆଲ୍ ଏଞ୍ଜାଇମ୍ ଚିହ୍ନଟ କରିଛନ୍ତି। ଏହାର ମିଶ୍ରଣ ଗୋଲାପ ପାଖୁଡାର ଏକ ସାଧାରଣ ଉପାଦାନ ଏଲ୍-ଗ୍ଲୁଟାମାଇନକୁ ନୀଳରଙ୍ଗରେ ପରିଣତ କରିପାରୁଛି। ଏହାଦ୍ୱାରା ପ୍ରକୃତିରେ ନୀଳଗୋଲାପ ଫୁଟାଇବା ସମ୍ଭବ ହୋଇପାରିବ। ଏ ସମ୍ପର୍କିତ ବିସ୍ତୃତ ଅଧ୍ୟୟନ ଜର୍ନାଲ ଏସିଏସ୍ ସିନ୍ଥେଟିକ୍ ବାୟୋଲୋଜିରେ ପ୍ରକାଶ ପାଇଛି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

“ସ୍ପିନ ଖେଳିବାର କୌଶଳ ଜାଣିପାରିଥିବାରୁ ରୋଷ୍ଟନ ଚେଜ୍ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବ୍ୟାଟିଂରେ ସଫଳ ହୋଇପାରିଛନ୍ତି।
–ଷ୍ଟୁଆର୍ଟ ଲ’, ୱେଷ୍ଟଇଣ୍ଡିଜ କୋଚ୍



“ଫ୍ଲାଟ୍ ଟ୍ରାକ୍‌ରେ ଏସ୍‌ଜି ବଲ ପେସ୍ କିମ୍ବା ବାଉନ୍ସକୁ ସୁହାଉ ନ ଥିବାରୁ ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ସହଜ ହେଉ ନାହିଁ ।
–ଉମେଶ ଯାଦବ, ଭାରତୀୟ ବୋଲର



## ସଂକ୍ଷେପରେ

### ଅଂଶିକାଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୧୩।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ବିକାଶ ଦି କନ୍‌ସେପ୍ଟ ସ୍କୁଲ ଆନୁକୂଲ୍ୟରେ ଗତ ୧୩ ତାରିଖରୁ ସମ୍ବଲପୁରରେ ଆରମ୍ଭ ହୋଇଥିବା ସିବିଏସ୍‌ଇ କ୍ଲଷ୍ଟର୨ ଆଥଲେଟିକ ମିଟ୍‌ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଅଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଅଂଶିକା ୧୪ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ ୧୧.୦୭ ମିଟର ଫିଙ୍ଗି ଏହି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗର କାଞ୍ଚପାରା ହାମେଇଥ୍ ଇଂଲିଶ ମିଡିୟମ ସ୍କୁଲର ସ୍ନେହା ପାଲ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ସେହିପରି ରାୟପୁରର ଏନ.ଏଚ୍ ଓ୍ୱାର୍ଲ୍ଡ ସ୍କୁଲ ଛାତ୍ରୀ ଗୁନେତ କୌର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

### ରୌପ୍ୟ ଜିତିଲେ ଲକ୍ଷ୍ୟ

**ବୁଏନ୍ସ ଆରିଜ,୧୩।୧୦(ପି.ଟି.):** ଭାରତୀୟ ଶଟଲର ଲକ୍ଷ୍ୟ ସେନ ଚଳିତ ଯୁଥ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗର ଫାଇନାଲରେ ଚାଇନାର ଲି ଶିଫେଙ୍ଗଙ୍କଠାରୁ ପରାଜିତ ହୋଇ ଲକ୍ଷ୍ୟଙ୍କୁ ପୋଡିୟମ୍‌ର ୨ୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଜୁନିୟର ଏସିଆନ୍ ଗେମ୍ସ ଚାମ୍ପିୟନ ଲକ୍ଷ୍ୟ ୧୫-୨୧, ୧୯-୨୧ ଗେମ୍‌ରେ ଲି’ଙ୍କଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି।

# ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଓଡ଼ିଆ ପୁଅ ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ଶନିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ତଥା ଏସିଆନ୍ ଚାମ୍ପିୟନ ଇଣ୍ଡୋନେସିଆର ଉକୁନ ରୁକାଏନ୍ଦିଙ୍କୁ ୨୧-୧୯, ୧୫-୨୧, ୨୧-୧୪ରେ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ତାଙ୍କୁ ଓଡ଼ିଶା ପାରା ବ୍ୟାଡମିଣ୍ଟନ



**ଏସିଆନ ପାରା ଗେମ୍ସ**

ସଂଘ ଓ ଓଡ଼ିଶା ପାରା ପ୍ଲେୟାର ଫୋରମ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ପାରାଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ବିଷ୍ଣୁ ଚରଣ ସାହୁ ମଧ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରମୋଦଙ୍କ ଏହି ସଫଳତାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟ ବର୍ଦ୍ଧନ ସିଂ ରାଠୋର ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଶୁକ୍ରବାର ଏସିଆନ ପାରା ଗେମ୍ସ ଚେସ୍‌ରେ ଦୃଷ୍ଟିହୀନ ଦୁଇ ଓଡ଼ିଆ ଭ୍ରାତା ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ପ୍ରଧାନ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

# ଏସିଆନ୍ ପାରା ଗେମ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ଜାକର୍ତ୍ତା,୧୩।୧୦(ପି.ଟି.)**

ଏଠାରେ ଚାଲିଥିବା ଏସିଆନ୍ ପାରା ଗେମ୍ସ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତୀୟ ଦଳ ୧୫ ସ୍ୱର୍ଣ୍ଣ ସହ ମୋଟ ୭୨ ପଦକ ଜିତିଛି। ପଦକ ତାଲିକାରେ ୨୪ ରୌପ୍ୟ ଓ ୩୩ ବ୍ରୋଞ୍ଜ ରହିଛି। ଏହା ଏସିଆନ ପାରା ଗେମ୍ସ ଇତିହାସରେ ଭାରତୀୟ ଦଳର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୨୦୧୪ ସଂସ୍କରଣରେ ଭାରତୀୟ ଦଳ ମୋଟ ୩୩ ପଦକ ଜିତିଥିଲା। ପ୍ରତିଯୋଗିତାର ଅନ୍ତିମ ଦିବସରେ ଏସ୍‌ଏଲ୍୩ ବର୍ଗ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଓଡ଼ିଆ ଖେଳାଳି ପ୍ରମୋଦ ଭଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆଣ୍ଠୁ ତଳକୁ ଗୋଟିଏ କିମ୍ବା ଉଭୟ ଗୋଡ଼ ଠିକ୍ ରୂପେ କାର୍ଯ୍ୟକ୍ଷମ ନ ଥିବାରୁ ଚାଲିବା ଓ ଦୌଡ଼ିବା ସନ୍ତୁଳନ ରଖିପାରୁ ନ ଥିବା ଆଥ୍‌ଲେଟଙ୍କ ଲାଗି ଏସ୍‌ଏଲ୍୩ କାଟେଗୋରି ଉଦ୍ଦିଷ୍ଟ। ପାରା ଶଟଲର ତରୁନ ମଧ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଚାଇନାର ୟୁୟାଙ୍ଗ ଗୋଙ୍କୁ ୨୧-୧୬, ୨୧-୬ ବ୍ୟବଧାନରେ ହରାଇ ଏସ୍‌ଏଲ୍ ୪ କାଟେଗୋରିରେ ଏହି ସଫଳତା ପାଇଛନ୍ତି। ଏସ୍‌ଏଲ୍ ୩ ଅପେକ୍ଷା ଏସ୍‌ଏଲ୍ ୪ କାଟେଗୋରିରେ ଆଥ୍‌ଲେଟ୍‌ମାନେ ବଡ କୋର୍ଟରେ ଖେଳନ୍ତି। ପଦକ ତାଲିକାରେ ଚାଇନା ୧୭୨ ସ୍ୱର୍ଣ୍ଣ, ୮୮ ରୌପ୍ୟ ଓ ୫୯ ବ୍ରୋଞ୍ଜ ସହ ମୋଟ ୩୧୯ ପଦକ ପାଇ ଶୀର୍ଷରେ ରହିଛି। ଦ. କୋରିଆ (୫୩ ସ୍ୱର୍ଣ୍ଣ, ୨୫ ରୌପ୍ୟ ଓ ୪୭ ବ୍ରୋଞ୍ଜ) ଓ ଇରାନ (୫୧ ସ୍ୱର୍ଣ୍ଣ, ୪୨ ରୌପ୍ୟ ଓ ୪୩ ବ୍ରୋଞ୍ଜ) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଭାରତ ୯ମ ସ୍ଥାନରେ ରହିଛି।




# ଦ୍ୱିତୀୟ ଦିନିକିଆରେ ଇଂଲଣ୍ଡ ବିଜୟୀ

**ଦାମ୍ବୁଲା, ୧୩।୧୦(ଏଏଫ୍‌ପି)**

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ବିଜୟ ହାସଲ କରିଛି। ବର୍ଷାରେ ବାଧାପ୍ରାପ୍ତ ଏହି ମ୍ୟାଚର ଫଳାଫଳ ଉନ୍ନତହାର ରନ ଭିତ୍ତିରେ ଫଇସଲା ହୋଇଥିଲା। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୫୦ଓଭରରେ ୯ଉଇକେଟ ବିନିମୟରେ ୨୭୮ରନ କରିଥିଲା। ଦଳ ପକ୍ଷରୁ ଇଅନ ମୋର୍ଗାନ ସର୍ବାଧିକ ୯୨ ରନ କରିଥିଲେ। କିନ୍ତୁ ବର୍ଷା ଯୋଗୁ ଖେଳ ସ୍ଥଗିତ ରଖାଯିବାବେଳକୁ ଶ୍ରୀଲଙ୍କା ୨୯ ଓଭରରେ ୫ଉଇକେଟ ହରାଇ ୧୪୦ ରନ କରିଥିଲା। ଘରୋଇ ଦଳ ଏକଦା ୭୪ ରନରେ ୫ଟି ଉଇକେଟ ହରାଇଥିଲା। ମାତ୍ର ଥିସାରା ପେରେରା (୪୪*) ଓ ଧନଞ୍ଜୟ ଡି’ସିଲ୍‌ଭା (୩୬*) ରନ କରି ଅପରାଜିତ ୬୬ ରନ ଯୋଗ କରିଥିଲେ। ମ୍ୟାଚ ସସ୍‌ପେଣ୍ଡ ରଖାଯିବା ପରେ ଏକ ଘଣ୍ଟା ଧରି ପ୍ରବଳ ବର୍ଷା ଜାରି ରହିଥିଲା। ଫଳରେ ଡକଓ୍ୱର୍ଥ ଲୁଇସ୍-ଷ୍ଟର୍ନ ରନ ରେଟ୍ ସିଷ୍ଟମ ଅନୁସାରେ ଇଂଲଣ୍ଡକୁ ୩୧ ରନରେ ବିଜୟୀ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ, ବୁଧବାର ବର୍ଷା ଯୋଗୁ ଦୁଇ ଦଳ ମଧ୍ୟରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆର ମାତ୍ର ୧୫ ଓଭର ଖେଳ ସମ୍ଭବ ହୋଇଥିଲା। ଫଳରେ ଖେଳ ବିନା ଫଳାଫଳରେ ଶେଷ ହୋଇଥିଲା।

# ଫାଇନାଲରେ ପେସ

**ନୂଆଦିଲ୍ଲୀ, ୧୩।୧୦ (ପି.ଟି.):** ଭେଟେରାନ ଲିଆଣ୍ଡର ପେସଙ୍କ ନିକଟରେ ଚଳିତ ସିଜନର ୨ୟ ଟାଇଟଲ ଜିତିବାକୁ ସୁଯୋଗ ରହିଛି। ପେସ ଓ ମିଗୁଏଲ ଆଞ୍ଜେଲ ରେୟେସ ଭେରେଲାଙ୍କ ଯୋଡ଼ି ଚାଲେଞ୍ଜର ସର୍କିଟ ଇଭେଣ୍ଟ ସାଣ୍ଟୋ ଡୋମିଙ୍ଗୋ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ୨ୟ ସିଡ୍ ଏହି ଯୋଡ଼ି ୬-୪, ୭-୬ ସେଟ୍‌ରେ ଆର୍ଜେଣ୍ଟିନାର ଥୋମାସ ଲିପୋଭସେକ ପୁଚେସ ଓ ଜୁଆନ ଇଗନାସିଓ ଲୋନଡେରୋଙ୍କ ଯୋଡ଼ିକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବିଜୟ ଲାଗି ଭାରତ-ମେକ୍ସିକାନ ଯୋଡ଼ିକୁ ଏକ ଘଣ୍ଟା ୨୩ ମିନିଟ୍ ଲାଗିଥିଲା। ପେସ୍ ଓ ଆଞ୍ଜେଲଙ୍କୁ ପ୍ରଥମ ସେଟ୍ ଅପେକ୍ଷା ଦ୍ୱିତୀୟ ସେଟ୍‌ରେ ଅଧିକ ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିରେ ସେମାନେ ଟାଇବ୍ରେକର ରାଉଣ୍ଡର ସମ୍ମୁଖୀନ ହୋଇଥିଲେ। କିନ୍ତୁ ଏହାକୁ ୭/୩ ବ୍ୟବଧାନରେ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

# ‘ଢାଞ୍ଚାରେ ପରିବର୍ତ୍ତନର ଆବଶ୍ୟକତା ନାହିଁ’

ଆଗାମୀ ନଭେମ୍ବର- ଡିସେମ୍ବରରେ ବିଶ୍ୱକପ୍ ଓ ତାହା ପୂର୍ବରୁ ଆସନ୍ତା ୧୮ରୁ ୨୮ ତାରିଖ ମଧ୍ୟରେ ଓମାନରେ ଆୟୋଜନ ହେବାକୁ ଯାଉଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଉପରେ ଏବେ ସମସ୍ତଙ୍କ ନଜର। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଏସୀୟ ଦଳଗୁଡିକ ପାଇଁ ଚାମ୍ପିୟନ୍ସ ଟ୍ରଫି ବେଶ୍ ମହତ୍ତ୍ୱ ରଖୁଛି। ବିଶ୍ୱକପ୍ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫିରେ ମଧ ଭାରତ ନିଜର ଶକ୍ତି ତଥା ସାମର୍ଥ୍ୟକୁ ପରଖିବ। ଏହି ଟୁର୍ନାମେଣ୍ଟ ଭାରତୀୟ ଦଳ ପାଇଁ ବେଶ୍ ମହତ୍ତ୍ୱ ରଖୁଛି ବୋଲି କୋଚ୍ ହରେନ୍ଦ୍ର ସିଂ ଶନିବାର ସକାଳେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ମିଡିଆ ଇଣ୍ଟରାକ୍ସନରେ ଯୋଗଦେଇ କହିଛନ୍ତି। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଆମେ ଗୋଲ ବରଣ କରୁଛୁ ଓ ଏହା ଏକ ବଡ଼ ଦୁର୍ବଳତା ବୋଲି କୁହାଯାଉଥିବା କଥାକୁ ମୁଁ ଆଦୌ ସ୍ୱୀକାର କରିବି ନାହିଁ ବୋଲି ହରେନ୍ଦ୍ର କହିଛନ୍ତି। କାରଣ ନ୍ୟୁଜିଲାଣ୍ଡ, ହଲାଣ୍ଡ ପରି ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ଶେଷ ମୁହୂର୍ତ୍ତରେ ଗୋଲ ବରଣ କରିଛନ୍ତି। ତେଣୁ ଏଥିପାଇଁ ଦଳର ମୌଳିକ ଢାଞ୍ଚାରେ ପରିବର୍ତ୍ତନ କରିବାର ଆଦୌ ଆବଶ୍ୟକତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ତିମ ହ୍ୱିସିଲ ନ ବାଜିବା ପର୍ଯ୍ୟନ୍ତ ମ୍ୟାଚ ଚାଲୁ ରହିଥାଏ ଓ ଏହା ସମାନ ରହିଥାଏ। ମ୍ୟାଚ୍‌ରେ ଅନ୍ତିମ ଓ ଆରମ୍ଭ ସବୁ ସମାନ। ବିଶ୍ୱର ସବୁ ଦଳକୁ ଆମେ ସମାନ ଗୁରୁତ୍ୱ ଦେଇ ପଡିଆକୁ ଓହ୍ଲାଉଥାଉ। ଶ୍ରୀଲଙ୍କା ହେଉ କି ବାଂଲାଦେଶ କିମ୍ବା ୧ ନମ୍ବର ଦଳ ଅଷ୍ଟ୍ରେଲିଆ ସବୁ ଦଳକୁ ଖେଳିବା ବେଳେ ସମାନ ଗୁରୁତ୍ୱ ଦେଇଥାଉ। ଫର୍ମ ଓ ଫିଟନେସକୁ ଦୃଷ୍ଟିରେ ରଖି ବିଶ୍ୱକପ୍ ଦଳ ଚୟନ ହେବ। ଏଥିପାଇଁ ଖେଳାଳିଙ୍କ ପ୍ରୋଫାଇଲକୁ ଗୁରୁତ୍ୱ ଦିଆଯିବ ନାହିଁ। ଶ୍ରେଷ୍ଠ ଫର୍ମରେ ଥିବା ଖେଳାଳିଙ୍କୁ ଦଳରେ ନିଆଯିବ ବୋଲି ହରେନ୍ଦ୍ର ସ୍ପଷ୍ଟ କରିଛନ୍ତି।

**ହକି ବିଶ୍ୱକପ୍**



**ଆଉ ୪୩ ଦିନ**

# ଜୋହର କପ୍ ହକି: ଭାରତକୁ ରୌପ୍ୟ

**ଜୋହର ବାହରୁ (ମାଲେସିଆ), ୧୩।୧୦ (ପି.ଟି.):** ଅଷ୍ଟମ ସୁଲ୍‌ତାନ ଜୋହର କପ୍ ୧୮ ବର୍ଷରୁ କମ୍ ହକି ଟୁର୍ନାମେଣ୍ଟରେ ଭାରତକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଶନିବାର ଅନୁଷ୍ଠିତ ପ୍ରତିଯୋଗିତାର ରୋମାଞ୍ଚକ ଫାଇନାଲରେ ଦଳ ୨-୩ ଗୋଲରେ ଗ୍ରେଟ୍ ବ୍ରିଟେନଠାରୁ ପରାସ୍ତ ହୋଇଯାଇଛି। ଭାରତ ଗତବର୍ଷ ଏହି ଟୁର୍ନାମେଣ୍ଟରେ ବ୍ରୋଞ୍ଜ ଜିତିଥିଲା। ଭାରତ ପକ୍ଷରୁ ବିଷ୍ଣୁକାନ୍ତ ସିଂ (୪ର୍ଥ ମିନିଟ), ଅଭିଷେକ (୫୫ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ସ୍ୱର୍ଣ୍ଣ ବିଜେତା ଗ୍ରେଟ୍ ବ୍ରିଟେନ ଦଳ ତରଫରୁ ଜେମ୍ସ କ୍ୱାଟେସ (୩୯ତମ ଓ ୪୨ତମ ମିନିଟ) ଦୁଇଟି ଗୋଲ ଏବଂ ୭ମ ମିନିଟରେ ଡାନିଏଲ ୱେଷ୍ଟ ଗୋଟିଏ ଗୋଲ ଦେଇଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ: ଭାରତ-ଚାଇନା ମ୍ୟାଚ୍ ଡ୍ର

**ସୁଝୋ (ଚାଇନା), ୧୩।୧୦ (ପି.ଟି.)**

ଭାରତ ଓ ଚାଇନା ମଧ୍ୟରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଗୋଲଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ଦୁଇ ଦଳ ୨୧ ବର୍ଷରେ ପ୍ରଥମ ଥର ପରସ୍ପରକୁ ଭେଟିଥିଲେ। ମ୍ୟାଚରେ ଚାଇନା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମାତ୍ର ବ୍ୟାକ୍‌ରେ ଥିବା ୪ ଖେଳାଳି ସନ୍ଦେଶ ଜିନ୍‌ଗାନ୍, ନାରାୟଣ ଦାସ, ପ୍ରୀତମ କୋଟାଲ ଓ ସୁଭାଶିଷ ବୋଷ ଉଚ୍ଚକୋଟୀର ପ୍ରଦର୍ଶନ ସହ ଚାଇନା ଫରୱାର୍ଡ ଖେଳାଳିଙ୍କୁ ରୋକିବାରେ ସମର୍ଥ ହୋଇଥିଲେ। ଘରୋଇ ଦଳ ତିନୋଟି ନିଶ୍ଚିତ ଗୋଲ ଦେବାର ସୁଯୋଗ ପାଇଥିଲା। ମାତ୍ର ଭାରତୀୟ ଗୋଲକିପର ଗୁରପ୍ରୀତ ସିଂ ସାନ୍ଧୁ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ।

# ପନ୍ତ, ରାହାନେଙ୍କ ଅର୍ଦ୍ଧଶତକ

**ହାଇଦ୍ରାବାଦ, ୧୩।୧୦(ପି.ଟି.)**



ଅର୍ଦ୍ଧଶତକ ହାସଲ ପରେ ରିଷଭ ପନ୍ତ।

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ରିଷଭ ପନ୍ତଙ୍କ ଷ୍ଟ୍ରୋକ୍‌ଭରା ପ୍ରଦର୍ଶନ ଏବଂ ଅଜିଙ୍କ୍ୟ ରାହାନେଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ସହାୟତାରେ ଭାରତ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪ଉଇକେଟ ବିନିମୟରେ ୩୦୮ ରନ କରିଛି। ସକାଳ ସେସନରେ ପୂର୍ବଦିନର ଅସମାପ୍ତ ସ୍କୋର ୨୯୫/୭ରୁ ଖେଳ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ଆଉ ମାତ୍ର ୧୬ ରନ ଯୋଗ କରିପାରିଥିଲା। ୱେଷ୍ଟଇଣ୍ଡିଜ ୩୧୧ ରନରେ ଅଲଆଉଟ ହୋଇଯାଇଥିଲା। ଭାରତହାତରେ ଆଉ ୬ଟି ଉଇକେଟ ରହିଥିବାବେଳେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ସ୍କୋରଠାରୁ ଆଉ ମାତ୍ର ୩ ରନ ପଛରେ ରହିଛି। ଘରୋଇ ଦଳ ପକ୍ଷରୁ ଶ୍ରେଷ୍ଠ ବୋଲର ରହିଥିଲେ ଉମେଶ ଯାଦବ। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ସହ ୨୬.୪ ଓଭରରେ ୮୮ରନ ବିନିମୟରେ ୬ଟି ଉଇକେଟ ଅକ୍ତିଆର କରିଥିଲେ। ଯୁବ ଖେଳାଳି ପନ୍ତ ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୨୦ ବଲ୍‌ରେ ଆକର୍ଷଣୀୟ ୮୫ ରନ କରି ଅପରାଜିତ ରହିଛନ୍ତି। ଉପଅଧିନାୟକ ରାହାନେ ୧୭୪ ବଲରେ ୭୫ ରନ କରି ଅପରାଜିତ ରହିଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ ୫ମ ଉଇକେଟରେ ଅପରାଜିତ ୧୪୬ ରନ ଯୋଗ କରିସାରିଛନ୍ତି। ଫର୍ମରେ ଥିବା ବିରାଟ କୋହଲି (୪୫) ଆଉଟ ହେବା ପରେ ଭାରତର ସ୍କୋର ୧୬୩/୪ ରହିଥିଲା। ସକାଳେ ପୃଥ୍ୱୀ ଶ’ ମାତ୍ର ୫୩ ବଲରେ ଦ୍ରୁତ ୭୦ ରନର ଏକ ଇନିଂସ ଖେଳି ଦର୍ଶକମାନଙ୍କୁ ଆମୋଦିତ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୩୧୧/ଅଲଆଉଟ (ରୋଷ୍ଟନ ଚେଜ୍-୧୦୬, ଜାସନ ହୋଲ୍‌ଡର-୫୨ ; ଉମେଶ ଯାଦବ-୬/୮୮)।

**ଭାରତ ପ୍ରଥମ ଇନିଂସ:** ୩୦୮/୪ (ରିଷଭ ପନ୍ତ-୮୫*, ଅଜିଙ୍କ୍ୟ ରାହାନେ-୭୫*, ପୃଥ୍ୱୀ ଶ’-୭୦, ବିରାଟ କୋହଲି-୪୫ ; ଜାସନ ହୋଲ୍‌ଡର-୨/୪୫)।



| Dollar | Sensex | Nifty | Gold | Silver |
|---|---|---|---|---|
| 73.57 (↓ 55) | ↑ 732.43 34,733.58 | ↑ 237.85 10,472.50 | ↓ 70 32,050.00 | ↓ 100 39,400.00 |

## ସଂକ୍ଷେପରେ

### ଫୋନ ପଞ୍ଜୀକରଣ ହୋଇ ନ ଥିଲେ ଡିସେମ୍ବରରୁ ଏସ୍‌ବିଆଇ ନେଟ୍‌ବ୍ୟାଙ୍କିଙ୍ଗ ସୁବିଧା ମିଳିବନି

**ନୂଆଦିଲ୍ଲୀ,୧୩-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ନେଟ୍ ବ୍ୟାଙ୍କିଙ୍ଗ ସୁବିଧା ହାସଲ କରୁଥିବା ଗ୍ରାହକଙ୍କୁ ଡିସେମ୍ବର ୧ ତାରିଖ ପୂର୍ବରୁ ସେମାନଙ୍କ ମୋବାଇଲ ନମ୍ବରକୁ ନିଜ ନିଜ ବ୍ୟାଙ୍କ ଶାଖାରେ ପଞ୍ଜୀକରଣ କରାଇ ନେବାକୁ ହେବ। ନଚେତ୍, ସେମାନଙ୍କୁ ଏସ୍‌ବିଆଇର ନେଟ୍ ବ୍ୟାଙ୍କିଙ୍ଗ ସୁବିଧା ମିଳିବ ନାହିଁ। ଏସ୍‌ବିଆଇର ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ୱେବ୍‌ସାଇଟ 'ଅନ୍‌ଲାଇନଏସ୍‌ବିଆଇ'ରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ପଞ୍ଜୀକରଣ କରିସାରିଥିବା ଗ୍ରାହକଙ୍କୁ ଏଥିପାଇଁ ଚିନ୍ତିତ ହେବାକୁ ପଡିବ ନାହିଁ।

### ତେଲ ଚାହିଦା କମିଛି

**ନୂଆଦିଲ୍ଲୀ,୧୩-୧୦:** ତୈଳ ଦର ବୃଦ୍ଧି ଯୋଗୁ ସେପ୍ଟେମ୍ବରରେ ଦେଶରେ ପେଟ୍ରୋଲ ଓ ଡିଜେଲ ଚାହିଦା ହ୍ରାସ ପାଇଛି। ସରକାରୀ ତଥ୍ୟ କହୁଛି ଯେ, ଆଲୋଚ୍ୟ ମାସରେ ଡିଜେଲ ଚାହିଦା ୧୦ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବା ବେଳେ ପେଟ୍ରୋଲ ୪ ମାସର ସର୍ବୋଚ୍ଚ ସ୍ତରଠାରୁ କମିଛି।



> ଟିକସ ଏବଂ ବ୍ୟାଙ୍କରପ୍ସି ଭଳି ସାଙ୍ଗଠନିକ ସଂସ୍କାର ଯୋଗୁ ବିଶ୍ୱ ବଜାରରେ ମାନ୍ଦାବସ୍ଥା ସତ୍ତ୍ୱେ ଭାରତ ଅଭିବୃଦ୍ଧି ଧାରା ଜାରି ରଖିବାକୁ ସକ୍ଷମ ହୋଇଛି।
> – ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ବ୍ୟାପାର ସଚିବ



> ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ ତଥା ସମସ୍ତ ଅଂଶୀଦାରଙ୍କୁ ଗୋଟିଏ ପ୍ଲାଟଫର୍ମରେ ସାମିଲ କରାଇବା ଲାଗି ସରକାର ଏକ ଜାତୀୟ ବାଣିଜ୍ୟ ପୋର୍ଟାଲ ଆଣିବେ।
> – କେଶ୍ୱଭ ଚନ୍ଦ୍ରା, ଯୁଗ୍ମ ସଚିବ, ବାଣିଜ୍ୟ ମନ୍ତ୍ରଣାଳୟ

## ■ ଜିଏସ୍‌ଟି ଭଳି ହେବ ଆଉ ଏକ ବଡ଼ ଆର୍ଥିକ ସଂସ୍କାର
# ଆଦାୟ ହେବ ସମାନ ଷ୍ଟାମ୍ପ ଡ୍ୟୁଟି

**ନୂଆଦିଲ୍ଲୀ,୧୩-୧୦**

କେନ୍ଦ୍ର ସରକାର ଜିଏସ୍‌ଟି ଭଳି ଆଉ ଏକ ବଡ଼ ଆର୍ଥିକ ସଂସ୍କାର ଲାଗି ଅନେକ ବାଟ ଆଗେଇ ଗଲେଣି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍‌କୁ ଅଧିକ ସହଜ ତଥା ସୁଗମ କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶେୟାର, ଡିବେଞ୍ଚର ସମେତ ଅନ୍ୟ ସମସ୍ତ ପ୍ରକାର ଫାଇନାନ୍ସିଆଲ୍ ଇନଷ୍ଟ୍ରୁମେଣ୍ଟର ହସ୍ତାନ୍ତର କ୍ଷେତ୍ରରେ ସାରା ଦେଶରେ ଏକ ସମାନ ଷ୍ଟାମ୍ପ ଡ୍ୟୁଟି ଦର ଲାଗୁ କରାଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକାଧିକ ଟିକସ ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇ ଗତବର୍ଷ ଦେଶରେ ଏକକ ଟିକସ ବ୍ୟବସ୍ଥା ଜିଏସ୍‌ଟିକୁ ଲାଗୁ କରାଯାଇଥିଲା। ଠିକ୍ ସେହିଭଳି ଷ୍ଟାମ୍ପ ଡ୍ୟୁଟି କ୍ଷେତ୍ରରେ ମଧ୍ୟ




ସମାନ ବ୍ୟବସ୍ଥା ଗ୍ରହଣ କରାଯିବ। ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ଆଦାୟ କରୁଥିବା ଭିନ୍ନ ଭିନ୍ନ ଷ୍ଟାମ୍ପ ଡ୍ୟୁଟିକୁ ଏକାଠି ମିଶାଇ ଦିଆଯିବ ଏବଂ ଏକକ ଡ୍ୟୁଟି ଲାଗୁ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଶତାବ୍ଦୀ ପୁରୁଣା ଆଇନରେ ସଂଶୋଧନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡିକ ଏବେ ଏକାଠି ହୋଇଛନ୍ତି। ଏ ସଂକ୍ରାନ୍ତରେ ନିଆଯିବାକୁ ଥିବା ପଦକ୍ଷେପ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାମ୍ପ ଡ୍ୟୁଟି ଆଇନରେ ସଂଶୋଧନ ଲାଗି କେନ୍ଦ୍ର ସରକାର ସଂସଦର ଶୀତ ଅଧିବେଶନରେ ଏକ ବିଲ୍ ଉପସ୍ଥାପନ କରିବେ ବୋଲି ସେ କହିଛନ୍ତି। ନୂଆ ଷ୍ଟାମ୍ପ ଡ୍ୟୁଟି ଆଇନ ଲାଗୁ ହେବା ପରେ ରାଜ୍ୟଗୁଡିକୁ କୌଣସି ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଉଲ୍ଲେଖଥାଉ କି, ଜମି କିଣାବିକା ବେଳେ ଷ୍ଟାମ୍ପ ଡ୍ୟୁଟି ଆଦାୟ କରାଯାଉଥିବାରୁ ଏହାକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଥିଲା। ତେବେ ବିଲ୍ସ ଅଫ୍ ଏକ୍ସଚେଞ୍ଜ, ଚେକ୍, ପ୍ରମିସରି ନୋଟ୍ସ, ବିଲ୍ସ ଅଫ୍ ଲାଡିଂ, ଲେଟର ଅଫ୍ କ୍ରେଡିଟ୍, ବୀମା ପଲିସି, ଶେୟାର ହସ୍ତାନ୍ତର, ଡିବେଞ୍ଚର ଏବଂ ଏଭଳି ଅନ୍ୟାନ୍ୟ ଫାଇନାନ୍ସିଆଲ ଇନଷ୍ଟ୍ରୁମେଣ୍ଟ ଲାଗି ସଂସଦ ଷ୍ଟାମ୍ପ ଡ୍ୟୁଟି ଦର ଧାର୍ଯ୍ୟ କରିଥାନ୍ତି। ଅନ୍ୟ ଆର୍ଥିକ କ୍ଷେତ୍ରରେ ଦର ଧାର୍ଯ୍ୟ କରିବାର ଅଧିକାର ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଏହି କାରଣରୁ ରାଜ୍ୟ-ରାଜ୍ୟ ମଧ୍ୟରେ ଷ୍ଟାମ୍ପ ଡ୍ୟୁଟି ଦର ଅଲଗା ରହିଛି। ଏଥିରେ ଭିନ୍ନତା ରହିଥିବା ଦେଖି ଲୋକେ କମ୍ ଦର ଥିବା ରାଜ୍ୟରେ ଆର୍ଥିକ କାରବାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ହେଉଥିବା ଆର୍ଥିକ କାରବାର ଉପରେ ଷ୍ଟାମ୍ପ ଡ୍ୟୁଟିକୁ ଏକ ସମାନ କରିଦେବା ଅଥବା ଛାଡ କରିଦିଆଯାଉ ବୋଲି ମାର୍କେଟ ରେଗୁଲେଟର ସିକ୍ୟୁରିଟିଜ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ରାଜ୍ୟ ସରକାରଗୁଡିକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ରାଜ୍ୟଗୁଡିକ ଗ୍ରହଣ କରିନେଇଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସର କର୍ପୋରେଟ୍ ଅଭିଯାନ

**ଭୁବନେଶ୍ୱର,୧୩-୧୦**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କର୍ପୋରେଟ୍ ଅଭିଯାନ 'ତେରି ହର୍ ଉଡାନ୍ ହମାରି ଶାନ୍ ହୈ' ଆରମ୍ଭ ହୋଇଛି। ଡେଣ୍ଟସୁ ୱାନ୍ ପକ୍ଷରୁ ଏହାର ପରିକଳ୍ପନା କରାଯାଇଛି। ଗତ ୧୮ ବର୍ଷରେ ହୋଣ୍ଡା କିଭଳି ଭାବେ ନିୟୁତାଧିକ ଲୋକଙ୍କୁ ଉଡିବାରେ ସହାୟତା କରିଛି ଏବଂ କିଭଳି ସେମାନଙ୍କ ଜୀବନକୁ ଭିନ୍ନ ଭାବେ ଛୁଇଁ ପାରିଛି ତାହା ଏଠାରେ ପ୍ରଦର୍ଶନ ହୋଇଛି। ବିକ୍ରି ପୂର୍ବଠାରୁ ବିକ୍ରି ପରବର୍ତ୍ତୀ ସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଗ୍ରାହକଙ୍କ ପ୍ରତି ହୋଣ୍ଡାର ରହିଥିବା ପ୍ରତିବଦ୍ଧତାକୁ ଏଠାରେ ଦର୍ଶାଯାଇଛି। ହୋଣ୍ଡା ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ବିଶ୍ୱାସ ଓ ପୃଷ୍ଠପୋଷକତା ୩୯




ନିୟୁତରୁ ଅଧିକ ହୋଣ୍ଡା ଚାଳକଙ୍କ ବର୍ଦ୍ଧିତ ସଂଖ୍ୟାରେ ପ୍ରତିଫଳିତ ହୋଇଛି ବୋଲି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏଭଳି ଏକ କର୍ପୋରେଟ କ୍ୟାମ୍ପେନ ଦ୍ୱାରା ଆମେ ଗ୍ରାହକଙ୍କ ଖୁସିରେ ସାମିଲ ହେବାର ପ୍ରତିବଦ୍ଧତାକୁ ଦୃଢ କରିବା ଲାଗି ପ୍ରୟାସ ଜାରି ରଖିଛୁ ବୋଲି ଗୁଲେରିଆ କହିଛନ୍ତି।

## ଏଫ୍‌ବିବିର ଫ୍ଲେକ୍ସି ୱେଷ୍ଟ ଜେନ୍ ୨.୦

**ନୂଆଦିଲ୍ଲୀ,୧୩-୧୦**

ଫ୍ୟୁଚର ଗ୍ରୁପର ଲୋକପ୍ରିୟ ଗନ୍ତବ୍ୟସ୍ଥଳ ଏଫ୍‌ବିବି ପକ୍ଷରୁ ନୂଆ ଟ୍ରାଉଜର କଲେକ୍ସନ ଫ୍ଲେକ୍ସି ୱେଷ୍ଟ ଜେନ୍ ୨.୦ ବଜାରକୁ ଆସିଛି। ଏଫ୍‌ବିବିର ଫର୍ମାଲ ୱେର ବ୍ରାଣ୍ଡ ନାଇଟହୁଡ ପକ୍ଷରୁ ପୁରୁଷମାନଙ୍କ ପାଇଁ ଏହାର ଜେନ୍ ୨.୦ ଅଧିକ ଆରାମଦାୟକ କରିବା ଲାଗି ପ୍ରସ୍ତୁତ ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ। ଏହା ଲାଇଟ ଗ୍ରେ, ଡାର୍କ ଗ୍ରେ, ନାଭି, ବ୍ଲାକ ଏବଂ ବ୍ରାଉନ ରଙ୍ଗରେ ଆସୁଛି। ଏହା କେବଳ ଫ୍ୟାବ୍ରିକ ନୁହେଁ, କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରକୃତ ଫର୍ମାଲ ଦୃଷ୍ଟି ଭଙ୍ଗୀରେ ଦେଖାଯାଏ ବୋଲି ବୋଲି କମ୍ପାନୀ କହିଛି। କାର୍ଯ୍ୟକ୍ଷେତ୍ରରେ ବ୍ୟବହାର ଲାଗି ଏହି ପ୍ରଡକ୍ଟକୁ ଉନ୍ନତ ଭାବେ ଡିଜାଇନ କରାଯାଇଥିବା ଏଫବିବିର ସିଓଓ ରାଜେଶ୍ ସେଠ୍ ସୂଚନା ଦେଇଛନ୍ତି।

## ଡା. ବାତ୍ରା ହୋମିଓପାଥ୍ ସମ୍ମାନିତ

**ନୂଆଦିଲ୍ଲୀ,୧୩-୧୦**

ଡା. ବାତ୍ରାର ମଲ୍ଟିସ୍ପେଶିଆଲିଟି ହୋମିଓପାଥ୍ ନିକଟରେ କେପ୍‌ଟାଉନରେ ଅନୁଷ୍ଠିତ ୭୩ତମ ଲିଗା ମେଡିକୋରମ୍ ହୋମିଓପାଥିକା ଇଣ୍ଟରନ୍ୟାଶନାଲିସ ସମ୍ମିଳନୀରେ ପୁରସ୍କୃତ ହୋଇଛି। ହୋମିଓପାଥ୍ କ୍ଷେତ୍ରରେ ଏକ ଉଚ୍ଚତର ଗବେଷଣା ନିବନ୍ଧ ପାଇଁ କମ୍ପାନୀକୁ ଏହି ସମ୍ମାନ ମିଳିଛି। ଟ୍ରିକୋଲୋଜିକାଲ ସୋସାଇଟି ଲଣ୍ଡନର ପୂର୍ବତନ ସଭାପତି ତଥା ହୋମିଓପାଥିକ ଡର୍ମାଟୋଲୋଜିର ସହଯୋଗୀ ଏବଂ ଡା. ବାତ୍ରାର ଗ୍ରୁପ କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ

Dr Batra's MULTI-SPECIALTY HOMEOPATHY

ତଥା ଉପାଧ୍ୟକ୍ଷ ଡା. ଅକ୍ଷୟ ବାତ୍ରା ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। କମ୍ପାନୀ ପକ୍ଷରୁ ସିରିଓସିସ ରୋଗୀଙ୍କୁ ନେଇ ଏକ ସର୍ବେକ୍ଷଣ କରାଯାଇଛି। ସିରିଓସିସ୍ କର୍କଟ ଏବଂ ମଧୁମେହ ରୋଗ ଜୀବନ ଉପରେ କି ନକାରାତ୍ମକ ପ୍ରଭାବ ପକାଉଛି ସେ ଉପରେ ଏଥିରେ ଆଲୋକପାତ କରାଯାଇଛି। ୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ସର୍ବେକ୍ଷଣରେ ସାମିଲ କରାଯାଇଥିଲା। ଚର୍ମରୋଗ ଏବଂ ସିରିଓସିସ୍ ରୋଗରେ ଆକ୍ରାନ୍ତ ୩ ଲକ୍ଷ ରୋଗୀଙ୍କ ଚିକିତ୍ସା କରିବାକୁ ସକ୍ଷମ ହୋଇଛୁ ବୋଲି ଡା. ଅକ୍ଷୟ ବାତ୍ରା କହିଛନ୍ତି।

## ଆକର୍ଷକ ମୂଲ୍ୟରେ ରେନୋର କ୍ୟାପ୍ଟର ରେଞ୍ଜ୍

**ନୂଆଦିଲ୍ଲୀ,୧୩-୧୦**

ୟୁରୋପିଆନ୍ ଅଟୋମୋଟିଭ୍ ବ୍ରାଣ୍ଡ ରେନୋ ଏହାର ଏସ୍‌ୟୁଭି ମଡେଲ କ୍ୟାପ୍ଟର ରେଞ୍ଜକୁ ଆକର୍ଷକ ମୂଲ୍ୟରେ ଉପଲବ୍ଧ କରାଉଛି। ଏ ନେଇ କମ୍ପାନୀ ନିକଟରେ ଘୋଷଣା କରିଛି। ଏହି ରେଞ୍ଜ୍



ନୂଆ ମଡେଲ ବଜାରକୁ ଆଣିଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ବେଷ୍ଟ ଇନ୍ କ୍ଲାସ ଗ୍ରାଉଣ୍ଡ କ୍ଲିୟରାନ୍ସ (୨୧୦ ଏମ୍ଏମ୍), ୫୦ ପ୍ରିମିୟମ ଫିଚର ଏଥିରେ ପ୍ରଦାନ କରୁଛି। ଏହା ମଧ୍ୟରେ ଅଟୋମେଟିକ୍ ଟେମ୍ପରେଚର କଣ୍ଟ୍ରୋଲ, ସମନ୍ୱିତ ଉପରେ ଗ୍ରାହକ ବର୍ତ୍ତମାନ ଆକର୍ଷଣୀୟ ଫିଚର ଲାଭ କରିବାକୁ ସକ୍ଷମ ହେବେ। ଏହା ଏସ୍‌ୟୁଭି ଆପିଲ୍‌କୁ ପରିବର୍ଦ୍ଧିତ କରୁଥିବା ବେଳେ ଆର୍‌ଏକ୍ସଟି ପେଟ୍ରୋଲ୍, ଡିଜେଲ ଏବଂ ପ୍ଲାଟିନ ଡିଜେଲରେ ଆସୁଛି। ଏଥିରେ ଷ୍ଟାଣ୍ଡାର୍ଡ ଫିଚର ଭାବେ ନୂଆ ରୁଫ୍ ରେଲ୍ ରହିଛି। ମଡେଲଟିରେ ଏକ୍ସପ୍ରେସିଭ୍ ଡିଜାଇନ୍, ପ୍ରିମିୟମ ଏବଂ ଅତ୍ୟାଧୁନିକ ଫିଚର, ସଦ୍ୟତମ ଟେକ୍ନୋଲୋଜି ରହିଛି। ଏଥିରେ ଗ୍ରାହକମାନେ ୮୧,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। କମ୍ପାନୀ ନୂଆ କରି ରେଡିଆଣ୍ଟ ରେଡ୍ କଲର ସହ ଅଡିଓ ସିଷ୍ଟମ, ଷ୍ଟିଅରିଂ ହ୍ୱିଲ୍ କଣ୍ଟ୍ରୋଲ, ଡୁଆଲ ଏୟାର ବ୍ୟାଗ୍, ଏବିଏସ୍ ଏବଂ ଇବିଡି ଭଳି ଅତ୍ୟାଧୁନିକ ଫିଚର୍ ସାମିଲ ରହିଛି। ଏହା ପେଟ୍ରୋଲ ଏବଂ ଡିଜେଲ ପାୱାରଟ୍ରେନ ବିକଳ୍ପରେ ଆସୁଛି। ଏହାର ବଜାର ଦର ୯.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

## ନୂଆ ଶୋ'ରୁମ ଖୋଲିବ ଗୁପ୍ତା ଡିଷ୍ଟ୍ରିବ୍ୟୁଟର

**ଭୁବନେଶ୍ୱର,୧୩-୧୦:** ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ଜଗତ୍‌ସିଂହପୁରରେ ନୂଆ ଶୋ'ରୁମ ଖୋଲିବା ନେଇ ଘୋଷଣା କରାଯାଇଛି। ଏହା ୧୪ ତାରିଖ (ରବିବାର) ଦିନ ଖୋଲୁଥିବା ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ସୂଚନା ରହିଛି। ନୂଆ ଶୋ'ରୁମରେ ଗ୍ରାହକମାନେ ହ୍ୱାଇଟଗୁଡ, ଡିଜିଟାଲ ସାମଗ୍ରୀ ଲାଭ କରିବାକୁ ସକ୍ଷମ ହେବେ। ଏଠାରେ ପାର୍ବଣ ଅଫର ସହ ଇନାଗୁରାଲ ଅଫର ଉପଲବ୍ଧ ହେବ ବୋଲି ଶୋ'ରୁମ ପକ୍ଷରୁ ପ୍ରକାଶ।

## ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ସ୍ୱଚ୍ଛତା ହିଁ ସେବା

**ଭୁବନେଶ୍ୱର,୧୩-୧୦:** ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ପକ୍ଷରୁ ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଏରିଆର କୋଚିଲା ଖାଇ ହାଟଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମଚାରୀମାନେ ସଫେଇ କାର୍ଯ୍ୟ କରିଥିଲେ। କମ୍ପାନୀର ଅଟୋ ଏବଂ ଫାର୍ମ ଇକ୍ୱିପମେଣ୍ଟ ସେକ୍ଟରର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିବା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ସୂଚନା ରହିଛି।

**DISTRICT OFFICE, SUNDARGARH**
(Social Welfare Section)
Letter No. 1828 / Date: 12.10.2018

**CORRIGENDUM**

In continuation to Tender Call Notice No. 1756, Dated 01.10.2018 for Printing and supply of Nua Arunima Abhyasa Pustika-I & II for 2018-19 with Corrigendum made thereof vide Letter No. 1779/ Dated 04.10.2018 which have already been published in District website "http://www.sundergarh.nic.in", a further corrigendum is hereby made as follows:

1. The date for receipt of tender documents by Registered Post / Speed Post has been extended to 30.10.2018 by 11.30AM instead of 20.10.2018 by 11.30AM as mentioned earlier. The tender will be opened and finalised at 4PM on 30.10.2018 instead of 12.30 noon.
2. The date for obtaining of tender paper has been extended upto 29.10.2018 during any working days instead of 18.10.2018.
3. The term and condition as mentioned at Sl.4 (d) of said Tender Notice is not mandatory.
4. The tenderer has submit the Registration Certificate issued by District industries centre.

All other content of above Tender Call Notice remain unchanged.

*By order of Collector*
***Sd./- District Social Welfare Officer, Sundargarh***

OFFICE OF THE HEADMASTER
KASTURABA GANDHI BALIKA VIDYALAYA, EX-BOARD
**BLOCK-NABARANGPUR, DIST-NABARANGPUR, PIN-764059**
**Cell: 9937871049 (HM), E-mail: kgbvexboard@rediffmail.com**

**Lette No._______ / 2018** **Date: ____/____2018**

**TENDER CALL NOTICE**

Sealed tenders are invited from the registered reputed firms who having valid PAN, GST registration for supply of Reading Writing materials & Dress Materials to KGBV Ex-Board, Block/Dist-Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV Ex-Board, Nabarnagpur during office hours by 5.00 P.M. of Dt. 12.11.2018. The bid documents shall be opened at 10.00 A.M. on Dt. 13.11.18 in the office of the Headmistress, KGBV Ex-Board, Nabarangpur in the presence of the bidders or their authorized representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

**Headmistress, K.G.B.V. Ex-Board, Nabarangpur**

**DRDA, BALANGIR**
No. 263/DSMS/DRDA Dated 11.10.2018
Ph. No.: 06652 (232127 & 235916), Fax: 06652 (233082)

**SHORT TENDER CALL NOTICE**

Tent Houses / firms / agencies / decorators / Transport agencies / security agencies having GSTIN no. may apply for the Tentage & Allied works / Security Services / Photo & Videography / Local Transportation / Printing of Flex Hoardings & Benners for the Pallishree Mela to be organized at Koshal Kalamandal Ground, Balangir from 10th to 14th November 2018.

The tender papers only for Tentage & allied works will be available for purchase from 15th to 25th October 2018 during Official day of Office hour in the Accounts Section of DSMS, Balangir. Reputed firms, decorators and tent houses having the work experience of minimum three years of executing works of exhibitions or similar work and last year annual turnover of minimum Rs. 6,00,000/- (Rupees Six lakhs) can only apply for Tentage & allied work. The firm applying for Tentage & allied work must have minimum C-Class certificate of electrical contract. The sealed tenders will be received latest upto 4.00PM on 25.10.2018 at Office of DRDA in the tender box. The tenders will be opened in the Office of DRDA on 25.10.2018 at 5.00PM in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

***Sd./- Project Director, DRDA, Balangir***

ZILLA SWASTHYA SAMITI, KANDHAMAL
**OFFICE OF THE CDM&PHO-CUM-DISTRICT MISSION DIRECTOR, KANDHAMAL**

**Expression of Interest**

**NO. 12007 / NHM /18** **Dt 13.10.2018**

Sealed proposals as per prescribed RFP document are invited from interested eligible NGOs for management of the Delivery Van & Bike Ambulance in Kandhamal district. The eligible criteria, the terms of reference and the formats for submission of bid as set forth in the RFP document can be downloaded from the website www.kandhamal.nic.in. The deails of the location where the vehicles will be engaged are mentioned in the RFP document. Interested bidders fulfilling the eligibility criteria may submit their proposals separately (with EMD & document as per RFP) to the O/o: CDM & PHO, DHH Phulbani, Kandhamal. Proposal(s) complete in all respect should reach the undersigned on or before 05.00 P.M. of 30.10.2018 through Regd/Speed Post & courier and the same will be opened on 31.10.18 at 04.30 P.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM&PHO cum District Mission Director**
**NHM, Kandhamal**

DIRECTORATE OF PRINTING, STATIONERY AND PUBLICATION, ODISHA, MADHUPATNA, CUTTACK-753010

**NOTICE NO.08/FOR PROCUREMENT OF PLASTIC COVERS OF GOVERNMENT DIARY-2019.**

**No.16-J:-** Sealed tenders in double sealed covers (documents alongwith E.M.D. in one cover and price bid in another cover) in prescribed form are invited from bonafide Manufacturers or their Authorised Dealers/Supplier/Co-operative Societies registered under Societies Act,1861 for supply of 50,000 nos. of Plastic Cover of Government Diary-2019 **(13,500 nos. for free distribution + 500 nos. Special Diary for G.A Deptt.= 14,000 nos. and 36,000 nos. for public sale)** as per specification mentioned at Annexure-'A' in the tender schedule, as per terms and conditions mentioned in the tender documents.

The details of the tender can be accessed in the Odisha Govt.website www.odisha.gov.nic.in & Govt.Press website www.ogpress.nic.in or from the office of Accounts Officer (Purchase) of this Directorate during office hours on working days from **15.10.2018 to 5.11.2018.**

**Sd./- Director,**
**Printing, Stationery & Publication,**
**Odisha, Madhupatna, Cuttack-10**

02002/11/0015/1819

DSPL - 191

**ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**
**ମାନସିକ ରୋଗ ସମ୍ପର୍କରେ ଜାଣିବା କଥା**

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି। ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି। ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ମାନସିକ ରୋଗର ଲକ୍ଷଣ**

- ★ ବହୁଦିନ ଧରି ରାତିରେ ନିଦ ନହେବା
- ★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
- ★ ମନରେ ଅତ୍ୟଧିକ ଡର ଲାଗିରହିବା
- ★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
- ★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
- ★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
- ★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
- ★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
- ★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
- ★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
- ★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
- ★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

**ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ**

- ★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
- ★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
- ★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
- ★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
- ★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
- ★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
- ★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
- ★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ। ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ।**

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

10036/13/0001/1819

# ଛାତ୍ରୀଙ୍କୁ ଅଶ୍ଳୀଳ ଭିଡ଼ିଓ ଦେଖାଇଲେ ଶିକ୍ଷକ

■ଘଟଣାର ତଦନ୍ତ କଲେ ବିଇଓ
■ବଦଳି ହେବେ ସମ୍ପୃକ୍ତ ଶିକ୍ଷକ

ଦେଓଗାଁ,୧୩।୧୦(ଡି.ଏନ.ଏ.) ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଏକ ବିଦ୍ୟାଳୟ ଶ୍ରେଣୀ କୋଠରିରେ ଜଣେ ଛାତ୍ରୀଙ୍କୁ ମୋବାଇଲରେ ଅଶ୍ଳିଳ ଭିଡିଓ ଦେଖାଇବା ଅଭିଯୋଗ ହୋଇଛି। ଅଭିଯୋଗ ଆସିଛି ସ୍କୁଲର ଜଣେ ଶିକ୍ଷକଙ୍କ ନାମରେ। ଏ ନେଇ ସ୍କୁଲ ପରିଚାଳନା କମିଟି ସଭ୍ୟମାନେ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଭାଗ୍ୟବତୀ ଦାଶଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ବଦଳରେ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି । ଅଭିଯୋଗ ପାଇବା ପରେ ବ୍ଲକ ଶିକ୍ଷାଧିକାରୀ ଦାଶ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଥିଲେ । ଛାତ୍ରୀମାନଙ୍କୁ ଡାକି ପଚାରି ବୁଝିବା ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ସୂଚନା ଦେଇଥିଲେ । ଏ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ସଭାପତି ଇସ୍ମାଇଲ ସୁନାଙ୍କୁ ପଚାରିବାରୁ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଆଗରୁ ଅଭିଯୋଗ ହେଉଥିଲା । କିଛିଦିନ ତଳେ କେତେକ ଛାତ୍ରୀ ହଠାତ ଆମକୁ ଡାକି ସମ୍ପୃକ୍ତ ଶିକ୍ଷକ ଆମକୁ ଖରାପ ଭିଡିଓ ଦେଖାଉଛନ୍ତି ଓ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ଆମେ ମଧ୍ୟ ବିଇଓ ଦାଶଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲୁ । ଏ ଦିଗରେ ବିଭାଗୀୟ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ କହିଛନ୍ତି । ଏ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ପ୍ରଧାନଶିକ୍ଷକ ପଦ୍ମଲୋଚନ ସୁନାଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ମୁଁ ବିଶେଷ କିଛି ଜାଣିନାହିଁ କି ଅଭିଯୋଗ ପାଇନାହିଁ ବୋଲି କହିଛନ୍ତି । ବିଇଓ ଭାଗ୍ୟବତୀ ଦାଶଙ୍କୁ ପଚାରିବାରୁ ସ୍କୁଲ କମିଟିର ଅଭିଯୋଗ ପାଇବା ପରେ ମୁଁ ସ୍କୁଲକୁ ଯାଇ ତଦନ୍ତ କରିଛି । ଘଟଣାର ସତ୍ୟତା ଥିବା ଅନୁଭବ କରିଛି । ଏଣୁ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ପ୍ରୟାସ ଆରମ୍ଭ କରିଛୁ ବୋଲି କହିଛନ୍ତି ।

# ଅଜାଙ୍କୁ ହତ୍ୟାକରି ଫେରାର ଥିବା ନାତି ଗିରଫ

## ଜମିବାଡ଼ି ବିବାଦ ହତ୍ୟାର କାରଣ

ଢେଙ୍କିକୋଟ, ୧୩।୧୦(ଡି.ଏନ୍.ଏ.) କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖଣ୍ଟଘର ପଞ୍ଚାୟତ ତଣ୍ଡିବେଡ଼ା ଗ୍ରାମର ବିଦ୍ୟାଧର ମହାକୁଡ଼ (୬୫)ଙ୍କୁ ଜଣଙ୍କୁ ହତ୍ୟା କରାଯିବାର ୮ ଦିନ ପରେ ଘଟଗାଁ ଥାନା ପୋଲିସ ତାଙ୍କ ସମ୍ପର୍କୀୟ ନାତି ଅଭିଯୁକ୍ତ ପଦ୍ମଲୋଚନ ମହାକୁଡ଼(୨୩)ଙ୍କୁ ଗିରଫ କରିଛି। ହତ୍ୟା ଘଟଣା ପରଠାରୁ ସେ ଫେରାର୍ ଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ଥାନା ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ପରିଡ଼ା ସଦଳବଳେ ଡୁମୁରିଆ ଗାଁସ୍ଥିତ ଘର ଉପରେ ଶନିବାର ଭୋର ସମୟରେ ଚଢ଼ାଉ କରି ତାଙ୍କୁ କାବୁ କରି ନେଇଥିଲେ। ଏନେଇ ୩୦୨ ଦଫାରେ ପୋଲିସ ଏକ ମାମଲା (ନଂ.୫୫୯/୧୮) ରୁଜୁ କରି ଅଭିଯୁକ୍ତ ପଦ୍ମଲୋଚନଙ୍କୁ କୋର୍ଟ ଚାଲାଣ କରିଛି। ଜମିବାଡ଼ି ବିବାଦକୁ ନେଇ ସେ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ତାଙ୍କୁ ଜେରା ପରେ ପୋଲିସ ସୂଚନା ଦେଇଛି।

ଗତ ୫ ତାରିଖରେ ଅପରାହ୍ନରେ ପିପିଳିଆ ପଞ୍ଚାୟତ ପଙ୍କପାଳୁି ଗ୍ରାମ ନିକଟ ଏକ ନିଛାଟିଆ ସ୍ଥାନରେ ଖଣ୍ଟଘର ପଞ୍ଚାୟତ ତଣ୍ଡିବେଡ଼ା ଗ୍ରାମର ବିଦ୍ୟାଧର ମହାକୁଡ଼ (୬୫)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କ କାନ ମୂଳରେ ଛୁରି ମାଡ଼ ହୋଇଥିବା ଦେଖାଯାଇଥିଲା। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକ ଏବଂ ଘଟଗାଁ ଥାନା ଆଇଆଇସି ସତୀଶ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ପଦ୍ମଲୋଚନ ଧରାପଡ଼ିବା ପରେ ଜେରା କରାଯିବାରୁ ସେ ସବୁ କଥା ମାନି ଯାଇଥିଲେ। ଅଜା ବିଦ୍ୟାଧର ମହାକୁଡ଼ଙ୍କ ସହିତ ତାଙ୍କ ପରିବାରର ଜମିଜମାକୁ ନେଇ କୋର୍ଟରେ ମାମଲା ଥିଲା। ବିଦ୍ୟାଧର କୋର୍ଟରୁ ଡିଗ୍ରୀ ପାଇ ଜମି ଜବରଦଖଲ କରିଥିଲେ। ପଦ୍ମଲୋଚନଙ୍କ ପରିବାର ମାମଲା ଲଢ଼ି ସର୍ବସ୍ୱାନ୍ତ ହୋଇ ପଡ଼ିଥିବାରୁ ଜମି ପାଇବା ନିମନ୍ତେ ବିଦ୍ୟାଧରଙ୍କୁ ପରେ କିଛି ଟଙ୍କା ଦେଇଥିଲେ। ଏହା ସତ୍ତ୍ୱେ ବିଦ୍ୟାଧର ଜମି ନ ଦେଇ ଚଳିତବର୍ଷ ଚାଷ କରିବା ସକାଶେ ଡୁମୁରିଆ ଗ୍ରାମକୁ ବାରମ୍ବାର ଆସିଥିଲେ। ପଦ୍ମଲୋଚନ ପ୍ରତିଶୋଧ ନେବାପାଇଁ ଅଜା ବିଦ୍ୟାଧରଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାପାଇଁ ଯୋଜନା କରିଥିଲେ।












World leading brands from the House of Hero

HF Deluxe | Splendor+ | Super Splendor | Splendor iSmart+ | Passion Pro | Glamour | Xtreme 200R | Maestro Edge | Pleasure

କମ ଡାଉନ ପେମେଣ୍ଟ ₹4999/-#

Paytm ₹5000/-# ର ଲାଭ

India's First 5 Year Warranty* *Conditions apply.

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp HeroMotoCorp.com

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର: ବରଗଡ଼: ଆକାଶ ହୀରୋ – 7799766396. ଭବାନୀପାଟନା : ଅରୁନ୍ଧତୀ ହୀରୋ – 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ – 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ – 7799766368. ରାଉରକେଲା: ଦୁଆ ହୀରୋ – 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ – 7799766356. ସୋନପୁର: ଜୟ ଜୱାନ ହୀରୋ – 7799766419. ସୁନ୍ଦରଗଡ଼: ରୋବୋଟେକ୍ ହୀରୋ – 8448183659. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାମରା: ଚୌଧୁରି ହୀରୋ – (06642) 229045, 9437247739. ବରପାଲି: ଦୁର୍ଗା ମୋଟର୍ସ– 256278. ବେଲପାହାଡ଼: ବର୍ଷା ମୋଟର୍ସ – 250417. ବୌଧ: ବନ୍ସଲ ଅଟୋ – 22948. ବ୍ରଜରାଜନଗର: ବୀନା ମୋଟର୍ସ – 240695. ଦେବଗଡ଼ : ଜିନ୍ଦାଲ ମୋଟର୍ସ – 9437056659. ଝାରସୁଗୁଡ଼ା: ବିଦ୍ୟା ଅଟୋମୋବାଇଲ୍ସ – 272465. କୁନାଗଡ଼: ଶ୍ରୀ ବିମଳା ମୋଟର୍ସ – 243679. କାନ୍ତାବାଞ୍ଜି: ଆଶୀର୍ବାଦ ମୋଟର୍ସ – (06657) 220033. ନୂଆପଡ଼ା: ମାରୁତି ଅଟୋ – 9237099660, 9937928818. ପଦ୍ମପୁର: ଦେବେଶ ମୋଟର୍ସ – 223880. ରାଜଖଡ଼ିଆଳ: ଜଗଦମ୍ବା ଅଟୋ କମ୍ପାନୀ – 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ – 220181. ସୁନ୍ଦରଗଡ଼: ଯମୁନା ମୋଟର୍ସ – 275341. ଟିଟିଲାଗଡ଼: ସ୍ନେହା ମୋଟର୍ସ – 221073. ଡିଲରର ଅନୁମୋଦିତ ପ୍ରତିନିଧି: ବଙ୍ଗମୁଣ୍ଡା – ବାବା ଅଟୋମୋବାଇଲ୍ସ – 9937626216. ଉଦୟନବନ୍ଧ: ବିଷ୍ଣୁ ଅଟୋମୋବାଇଲ୍ସ – 7894767744. ପାଟଣାଗଡ଼: ଚନ୍ଦନ ଅଟୋମୋବାଇଲ୍ସ – 9708962543. ସାଲେଭାଟା: ମା ମଙ୍ଗଳା ମୋଟର୍ସ – 9556924110. ତୁସୁରା: ନୀତା ଅଟୋମୋବାଇଲ୍ସ – 7606001133. ଲାଠୋର: ରାଧାରାଣୀ ମୋଟର୍ସ– 8457978797. ଆଗଲପୁର: ଏସ.କେ. ମୋଟର୍ସ – 9776886751. ସଇଁତଳା: ବିନ୍ଧେଶ୍ୱରୀ ମୋଟର୍ସ – 9178138893. ଡୁଙ୍ଗୁରିପାଲି: ସମଲେଶ୍ୱରୀ ମୋଟର୍ସ – 9437158433. ରାମପୁର: କାହ୍ନା ମୋଟର୍ସ – 9437319101. ବିଙ୍କା: ଦୀପକ ମୋଟର୍ସ – 9583354141. ବୀରମହାରାଜପୁର: ସ୍ୱସ୍ତି ମୋଟର୍ସ – 7605928594. ବାଉଁସୁନି: ଜୟ ଜଗନ୍ନାଥ ମୋଟର୍ସ – 8249258726. ପୁରୁଣାକଟକ: ଅର୍ମାନ ମୋଟର୍ସ – 7008416244. ତରଭା: ସିଂଘଲ ମୋଟର୍ସ – 9937220523. ନରଲା: ଶ୍ରୀ ଗଣେଶ ମୋଟର୍ସ – 8249378978, ଏମ ରାମପୁର: ସଙ୍ଗମ ମୋଟର୍ସ – 7077788809. କେସିଙ୍ଗା: ଶ୍ରୀ ଶ୍ୟାମ ମୋଟର୍ସ – 9437992920. ଜୟପାଟଣା: ରୟାଲ ମୋଟର୍ସ – 801821819. ଛାରବହାଲ: ଇଣ୍ଡିୟାନ ମୋଟର୍ସ – 9938607678, ଧର୍ମଗଡ଼: ଶ୍ରୀ ଗାୟତ୍ରୀ ମୋଟର୍ସ – 8328869765. ସିନାପାଲି: ବଜରଙ୍ଗବଲୀ ମୋଟର୍ସ – 8018926518. ରେଙ୍ଗାଲି: ରେଙ୍ଗାଲି ମୋଟର୍ସ – 9437881075. କେଶଇବାହାଲ: ଶ୍ରୀ ଅଟୋମୋବାଇଲ୍ସ – 9438258055. କଣ୍ଟାମାଳ: ମହାଲକ୍ଷ୍ମୀ ମୋଟର୍ସ – 9437243262.




festive Collection
NOW IN STORES









DUKE
fifty years of great fashion

T-Shirts . Sweatshirts . Sweaters . Jackets . Shirts . Trousers . Lowers . Tracksuits . Valuepacks . Footwear

EXCL. SHOWROOMS AT BHUBANESHWAR: 1st Floor, Unit 2 Kesari Mall | Pall Height Mall | Ravi Talkies Square | Bajarang Vihar, Patia | 109, Forum Mart Mall JAJPUR: Jajpur Rd. CUTTACK: B.K. Rd. | Darga Bazar BERHAMPUR: Urban Bank Rd. | Telephone Bhavan Rd. | Kampali Square, Mahabali Mkt. BARBIL: Rabi Sons Mall, Main Rd. ANGUL: Shanti Bazar BARIPADA: Gandhi Mkt. BHADRAK: Salandi-Bye Pass ROURKELA: Udit Nagar, Main Rd. BOLANGIR: Sri Kunj Complex, Ramji Rd. | Main Rd. BALASORE: Opp. Convent school, Vivekanand Marg SUNDERGARH: Megha Malhar, Mission Rd. DEOGARH: Traffic Chowk JATNI: Main Rd., Opp. P.N.B Bank RAYAGADA: Lakshmi Kalyani Residency KENDRAPADA: Tulsi Bazaar, Nr. Bus Stand TALCHER: Hatatota. | ALSO AT ALL LEADING STORES. Visit us at: www.dukeindia.com

FOR SHOWROOM ENQ. REQUIRED AT: Jharsuguda, Kantabanji, Sambalpur, Bhubaneshwar, Bhawanipatna, Bargarh, Jeypore, Keonjhar, Talcher, Koraput, Nayagarh, Paradip, Puri, Phulbani. Contact: 93372-67083, 9855588080 | Follow us on:

at: SHOP ONLINE dukeindia.com MYNTRA.com JABONG Flipkart snapdeal amazon.in TATA CLiQ AJIO.com Paytm TRENDS

Footwear Store at TALCHER: Go Ssteps, Sharma Chakk / Auth. Distributor For Footwear: M/s Ram Ji Enterprises, M: 9437006984

# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ

- ହାତୀପଲ ଉପଦ୍ରବ ବଢ଼ି ଚାଲିଛି
- ବନ ବିଭାଗ ପ୍ରତିକାର କରୁ ନ ଥିବା ଅଭିଯୋଗ
- ଗ୍ରାମବାସୀ ଜଣାଇଲେ ବି ବନ କର୍ମଚାରୀ ଆସୁନାହାନ୍ତି

**ଟେନ୍ସା,୧୩।୧୦(ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା କୋଇଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମାଲଦା ପଞ୍ଚାୟତ ଶଙ୍ଖପଡା ଗ୍ରାମର ଦାମୋଦର ନାଏକ(୫୫)ଙ୍କ ଦନ୍ତାହାତୀ ଆକ୍ରମଣରେ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ପରେ ଗ୍ରାମବାସୀ ରାତି ଅନିଦ୍ରା ହୋଇ ହାତୀପଲ ଘଉଡାଇଛନ୍ତି। ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛିଦିନ ଧରି ହାତୀପଲଙ୍କ ଉପଦ୍ରବ ଲାଗି ରହିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଦାମୋଦର କଳମଙ୍ଗ ଛକରୁ ପରିବା ବିକ୍ରି କରି ସନ୍ଧ୍ୟାରେ ଶଙ୍ଖପଡା ଗ୍ରାମକୁ ଫେରୁଥିଲେ। ଗାଁ ପାଖରେ ହାତୀପଲଙ୍କ ହାବୁଡରେ ପଡିଯାଇଥିଲେ। ସେ ଦୌଡିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏକ ଦନ୍ତାହାତୀ ଶୁଣ୍ଢରେ ତାଙ୍କୁ ଟାଣି ନେଇ କଚାଡି ତାଙ୍କ ଗୋଡ଼କୁ ଦଳି ଦେଇଥିଲା। ଖବର ପାଇ ଗ୍ରାମବାସୀ ହୋହଲ୍ଲା କରିବାରୁ ହାତୀପଲ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ଦାମୋଦରଙ୍କୁ ତୁରନ୍ତ କୋଇଡା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଗତ ୧୦ଦିନ ହେବ ୧୦ରୁ ୧୨ଟି ହାତୀ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି। ସନ୍ଧ୍ୟା ହେଲେ ଗ୍ରାମ ଭିତରକୁ ପଶି ଆସି ଧାନ ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରି ଦେଉଛନ୍ତି। ଘରଦ୍ୱାର ମଧ୍ୟ ଭାଙ୍ଗି ପକାଉଛନ୍ତି। ଏ ନେଇ କୋଇଡା ରେଞ୍ଜର ଓ ଫରେଷ୍ଟରଙ୍କୁ ଜଣାଇଥିଲେ ମଧ୍ୟ ଘଟଣାସ୍ଥଳକୁ କେହି ଆସୁ ନାହାନ୍ତି। କୋଇଡା ଅଞ୍ଚଳରେ ବନବିଭାଗ ଥାଇବି ନ ଥିଲା ପରି ଲାଗୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ଅବହେଳା ଯୋଗୁ ଅକାଳରେ ଗ୍ରାମବାସୀଙ୍କ ଜୀବନ ଯାଉଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବଣାଇଁ ଡିଏଫ୍ଓ ସୁଧାଂଶୁ ଶେଖର ଖୋରାଙ୍କୁ ପଚାରିବାରୁ ସେ କହିଛନ୍ତି, ହାତୀଙ୍କୁ ଘଉଡାଇବା ପାଇଁ ସ୍କ୍ୱାଡ୍ ଗଠନ କରାଯାଇ ଏକ ସ୍ୱତନ୍ତ୍ର ଗାଡିର ବ୍ୟବସ୍ଥା କରାଯାଇଛି। ସବୁଦିନ କର୍ମଚାରୀ ରାତି ପାଟ୍ରୋଲିଂ କରୁଛନ୍ତି। କିନ୍ତୁ ତାଙ୍କ କଥାକୁ ଗ୍ରାମବାସୀ ଅସ୍ୱୀକାର କରିଛନ୍ତି, ସେମାନେ ଅଭିଯୋଗ କରିଛନ୍ତି ଏହା କେବଳ କାଗଜ କଲମରେ ସୀମିତ ରହିଛି। ବାସ୍ତବରେ ସେପରି କିଛି ହେଉନାହିଁ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପୋଲିସ ଅଧିକାରିଣୀଙ୍କୁ ପ୍ରେମ ପ୍ରତାରଣା

**ବରଗଡ଼ ଅଫିସ୍,୧୩।୧୦**

ବରଗଡ଼ ଜିଲାର ଜଣେ ପଦସ୍ଥ ମହିଳା ପୋଲିସ ଅଧିକାରିଣୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରଖିବା ଏବଂ ପରେ ପୋଲିସ ଅଧିକାରିଣୀ ଜଣକ ପ୍ରତାରଣାର ସମ୍ମୁଖୀନ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାଟି ଥାନାକୁ ଯାଇଥିବାବେଳେ ଶନିବାର ପୋଲିସ ଅଭିଯୁକ୍ତ ପ୍ରେମ ପ୍ରତାରକଙ୍କୁ ଗିରଫ କରି ରାତ୍ରି ପ୍ରାୟ ୯ଟାରେ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ଅଭିଯୁକ୍ତ ଜଣକ ଜିଲା ବାହାରର ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ । ଫଳରେ ଘଟଣାକୁ ନେଇ ତାଙ୍କ ମତାମତ କିମ୍ବା ସବିଶେଷ ତଥ୍ୟ ମିଳିପାରିନାହିଁ । ଅନ୍ୟପଟେ ଅଭିଯୁକ୍ତ ପ୍ରେମ ପ୍ରତାରକ ଓ ପୋଲିସ ଅଧିକାରିଣୀଙ୍କୁ ଡାକ୍ତରୀ ମାଇନା ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ଏହି ଘଟଣାକୁ ନେଇ ଏସ୍‌ପି, ଡିଏସପି ମଧ୍ୟ ସ୍ଥାନୀୟ ଟାଉନ ଥାନାରେ ପହଞ୍ଚିଥିଲେ ବୋଲି ଖବର ମିଳିଛି ।





**For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.**

ଟେଷ୍ଟ ଡ୍ରାଇଭ କରନ୍ତୁ ଏବଂ ଆଜି ବୁକ୍ କରନ୍ତୁ ।

Terms and conditions apply. #Price mentioned is for the starting petrol variant for ex-showroom and is exclusive of local taxes. Offers may vary across variants and cities. ##Benefits available on all DUSTER 110 PS Diesel variants (except AWD) and includes cash benefit of ₹60,000 and Insurance at ₹1 for first year only. ^Benefits of ₹200,000 are available as special limited period offer on limited stock of select CAPTUR variants only. Benefits may vary based on the variant and year of manufacturing and are applicable only till stocks last. ^^Benefits up to ₹20,000 include Insurance at ₹1 and free accessories. It is applicable only on limited stock of select variants. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ***The price of 1 gm gold coin has been taken as ₹3,000. Customer has an option of taking the equivalent amount of gold coin offer in the form of cash discount if the car is booked between 1st-31st October, 2018. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOMS: ODISHA: SAMBALPUR:** RENAULT Sambalpur Mob: +91 8860048351. **BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **CUTTACK**: RENAULT Cuttack Mob: +91 8860877164. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542.

L&K | SAATCHI & SAATCHI




Accessories shown in the picture may not be a part of standard equipment. #Finance at the sole discretion of the financier. Schemes cannot be clubbed. *For more details on the award, please visit https://india.jdpowewr.com. ^^This includes 10% cashback (Up to Rs.2,500) on ICIC Bank Credit & Debit cards. Patym offer valid till 15th October 2018. Other terms & conditions apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR**: Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; **ROURKELA:** Gurugobind TVS, Ph: 8260566699; **JHARSUGUDA:** Gunnu TVS, Ph: 8586977624; **SONEPUR**: Minerva TVS, Ph : 6370700730, 6370700734. **Authorised Dealers:** Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph: 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph: 9583860028; Dharmagarh, Gayatri Enterprises, Ph: 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph: 7894255589; Attabira, Swati Auto, Ph: 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph: 9861265188; San Balichuan, Gayatri Motors, Ph: 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph: 9937452169 ; Bhatli, Saraswati Motors, Ph: 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph: 9437210599; Gaisilat, Akankshya Motors, Ph: 9937408645; Jaipatna, Kaveri Motors, Ph: 9178280401; Padampur, Alisha Motors, Ph: 9938110070; Sambalpur, Shakti Motors, Ph: 9337016000; Bamra, Regent Motors, Ph: 9437535172; Kuchinda, Jay Maa Automobiles, Ph: 9437058129; Tarbha: Deosar Motors, Ph: 9439135679; Redhakhol : Palak Trading Company, Ph: 7978349822; Saintala : Balaji Motors, Ph: 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph: 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph: 7326933067; Bheden, Mohit Automobiles, Ph : 7008024042.

McCann/Blr/Tvs/968/09/18




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର



## ସଂକ୍ଷେପରେ

### ୧୦୬୩ ଜଣଙ୍କୁ ଭତ୍ତା ବଣ୍ଟନ

**ପାଇକମାଳ,୧୩।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ପରିସରରେ ଶନିବାର ୨୨ଟି ପଞ୍ଚାୟତର ୧୦୬୩ଜଣ ହିତାଧିକାରୀଙ୍କୁ ଏକକାଳୀନ ୩ ମାସର ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ଭତ୍ତା ଶନିବାର ବଣ୍ଟନ କରାଯାଇଛି । ଏହି ଅବସରରେ ବିଡିଓ ସଦାଶିବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ନିରୁପମା ସିଂ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବକାରୀ ଚଢ଼ାଉ, ୨ ଗିରଫ

**ବରଗଡ଼ ଅଫିସ୍,୧୩।୧୦:** ବରଗଡ଼ ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ଓ ଗଞ୍ଜେଇ କାରବାର ଉପରେ ଧରପଗଡ଼ ହୋଇଛି । କଟାପାଲି ଗ୍ରାମରେ ଚଢ଼ାଉ କରାଯାଇ ୧କିଗ୍ରା ୨୬୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଉକ୍ତ ଗ୍ରାମର ସୁରେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି । ସେହିପର ବରପାଲି ଅଞ୍ଚଳରେ ଚଢ଼ାଉ ହୋଇ ୪୦ଲିଟର ଚୋରାମଦ ଏବଂ ୨୨୦୦କିଗ୍ରା ପୋଚ ଜବତ ହୋଇଛି । ଏହି ଘଟଣାରେ ନିରାକାର ଦାସଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଭାଜପାର ନୂଆଁଖାଇ ଭେଟ୍‌ଘାଟ୍

**ଗାଇସିଲେଟ୍,୧୩।୧୦(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍ ଓ ସମ୍ବର୍ଦ୍ଧନା ସମରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଭାଜପା ନେତା ସୁବାଷ ଚୌହାନ, ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ବାବୁଲି ସେଠୀ, ଜିଲା ପରିଷଦ ସଭ୍ୟା ସସ୍ମିତା ଡନସନା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ୨୦୧୬ ମସିହା ପାଇଁ ଶ୍ରେଷ୍ଠ ବିଧାୟକ ଭାବେ ପୁରସ୍କୃତି ପଦ୍ମପୁର ବିଧାୟକ ପୁରୋହିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୋନ-୧ର ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁ ସ୍ୱାଗତ ଭାଷଣ ଦେଇଥିଲେ । ଜୋନ-୨ର ସଭାପତି ପୂର୍ଣ୍ଣାନନ୍ଦ ସିଂ ଠାକୁର ପରିଚୟ ପ୍ରଦାନ କରିଥିବା ବେଳେ ଛବିଲାଲ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନ୍ଧ୍ୟବାସିନୀଙ୍କ ବଳି ପାଇଁ ଲଗ୍ନଧାର୍ଯ୍ୟ

**ପାଇକମାଳ,୧୩।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପରିସରରେ ଥିବା ମା' ଦୁର୍ଗାଦେବୀ ଓ ବିନ୍ଧ୍ୟବାସିନୀ ଦେବୀଙ୍କ ମହାଷ୍ଟମୀ ପୂଜା, ଭାଇ ଜିଉଁତିଆ, ମହାନବମୀ ଓ ବଳି ପୂଜା ପାଇଁ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ମନ୍ଦିର ପଣ୍ଡିତ ସତ୍ୟ ପୁରୋହିତ ବିନ୍ଧ୍ୟବାସିନୀ, ଦେବୀଙ୍କ ପୂଝାରିଣୀ (ବୁରୁଆ) ନଳିନୀ ପୂଝାରୀ, ପଣ୍ଡିତ ଡିଗ୍ରିଧର ଦେବତା, ଝସକେତନ ନନ୍ଦଙ୍କ ଉପସ୍ଥିତିରେ ଲଗ୍ନ ଧାର୍ଯ୍ୟ କରାଯାଇଥିଲା। ମଙ୍ଗଳବାର ମହାଷ୍ଟମୀ ପୂଜା, ଭାଇ ଜଜିଉଁତିଆ ଏବଂ ବିନ୍ଧ୍ୟବାସିନୀ ଦେବୀଙ୍କ ବଇଲଭାର ପାଇକମାଳ ଗୌନ୍ତିଆ ଘର ଠାରୁ ନୃସିଂହନାଥ ବିନ୍ଧ୍ୟବାସିନୀ ଘରକୁ ଯିବ। ବୁଧବାର ଅପରାହ୍ନ ୨ଟା ସମୟରେ ନୃସିଂହନାଥ ପୀଠର ପାଟଖଣ୍ଡା ବିନ୍ଧ୍ୟବାସିନୀ ଦେବୀଙ୍କ ପୀଠକୁ ଅଣା ଯିବ ଓ ପରେ ବଳିପୂଜା ହେବା ପାଇଁ ସ୍ଥିର ହୋଇଛି । ପାଇକମାଳ ପୂଜା କମିଟି ସମ୍ପାଦକ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଞ୍ଝାଲ ସମାଜ ବୈଠକ

**ଝାରବନ୍ଧ, ୧୩।୧୦ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ବଡଅନକିଠାରେ ପଞ୍ଚାୟତ ସ୍ତରୀୟ ବିଞ୍ଝାଲ ସମାଜର ଏକ ସାମାଜିକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଜୋନ୍ ସଭାପତି ଗୋପାଳ ବରିହାଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ବ୍ଲକର ୭ଟି ଗ୍ରାମପଞ୍ଚାୟତର ସଭାପତି, ସମ୍ପାଦକ, ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ । ସଭାରେ ସମାଜର ଶିକ୍ଷା, ଭାଷା, ସଂସ୍କୃତି, ପରମ୍ପରା, ଏକତା ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତି ତ୍ରିଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚକଡ଼ା ପରେ ଚାଷୀଙ୍କୁ ବର୍ଷା ଚିନ୍ତା

**ବରଗଡ଼ ଅଫିସ୍,୧୩।୧୦**

**ବରଗଡ଼ ଜିଲା**



ଚାଷୀ ପ୍ରତିନିଧିମାନେ ଡିଡିଏଙ୍କୁ ଭେଟି ଦାବି ଜଣାଉଛନ୍ତି ।

- ସେପ୍ଟେମ୍ବରରୁ ଜିଲାର କିଛି ସ୍ଥାନରେ କମିଛି ବୃଷ୍ଟିପାତ
- ଅକ୍ଟୋବର ମାସରେ ବର୍ଷାର ଦେଖାନାହିଁ
- ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଉଜୁଡୁଛି ଫସଲ
- ପ୍ରତିକାର ଦାବି କରି ଡିଡିଏଙ୍କୁ ଭେଟିଲେ ଚାଷୀ
- ପ୍ରତିକାର ପ୍ରତିଶ୍ରୁତି ଦେଲେ ଡିଡିଏ

ବରଗଡ଼ ଜିଲାର କେତେକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି । ଜିଲାର ଅଣଜଳସେଚିତ ପଦ୍ମପୁର ଉପଖଣ୍ଡରେ ଏହି ସମସ୍ୟା ଉତ୍କଟ ରୂପ ନେଇଛି । ଜଳସେଚିତ ବରଗଡ଼ ଉପଖଣ୍ଡର ଭେଡ଼େନ, ଅତାବିରା ବ୍ଲକର ତଳମୁଣ୍ଡରେ ରହିଥିବା ଅନେକ ଚାଷଜମିକୁ ପାଣି ମାଡ଼ିପାରୁନାହିଁ । ଫଳରେ ଚାଷୀ ପୁଣି ଫସଲକ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି । ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଚାଷୀ ସଙ୍ଗଠନ ଗୁଡ଼ିକ ଦାବି କରିଛନ୍ତି । ଏହି କ୍ରମରେ ପଦ୍ମପୁର ଆଞ୍ଚଳିକ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀଙ୍କୁ ଭେଟି ପ୍ରତିକାର ବ୍ୟବସ୍ଥା ପାଇଁ ନିବେଦନ କରିଛନ୍ତି । ସେ ଦିଗରେ ବିହିତ ପଦକ୍ଷେପ ନେବା ସହିତ ପାଣି ଯୋଗାଣ ପାଇଁ ଉଦ୍ଦିଷ୍ଟ ଯନ୍ତ୍ରପାତି ଚାଷୀଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଉଛି ବୋଲି ଡିଡିଏ ଗାନ୍ଧୀ କହିଛନ୍ତି ।

ସାଧାରଣତଃ ଜୁନ ମାସରୁ ଖରିଫ ଚାଷ ଆରମ୍ଭ ହୋଇଥାଏ । ଏହି ମାସରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା । କମ୍ ବର୍ଷା ହେବା ଯୋଗୁ ଚାଷକାର୍ଯ୍ୟ ମଧ୍ୟ ବିଳମ୍ବିତ ହୋଇଥିଲା । ଜୁଲାଇ ମାସର ବୃଷ୍ଟିପାତ ପରେ ଚାଷକାର୍ଯ୍ୟ ଜୋର୍ ଧରିଥିଲା। ଅଗଷ୍ଟରେ ମଧ୍ୟ ସ୍ୱାଭାବିକ ବୃଷ୍ଟିପାତରୁ ଅଧିକ ବର୍ଷା ହୋଇଥିଲା । ତେବେ ସେପ୍ଟେମ୍ବରରୁ ବର୍ଷା ପରିମାଣ ଯଥେଷ୍ଟ କମି ଯାଇଛି । ଅକ୍ଟୋବରରେ କିନ୍ତୁ ଜିଲାରେ ବର୍ଷା ଠପ୍ ପଡ଼ିଯାଇଛି । ଦିନକ ପରେ ଏହି ମାସକୁ ଦୁଇ ସପ୍ତାହ ବିତିଯିବ ଏବଂ ଏହି ଅବଧିରେ ଜିଲାରେ ମାତ୍ର ୫.୩୩ ମିମି ବର୍ଷା ହୋଇଛି । ଯାହାକି ଏହି ମାସର ସ୍ୱାଭାବିକ ବୃଷ୍ଟିପାତ (୫୨.୮ମିମି)ର ଏକ ଦଶମାଂଶ ହେବ । ଚଳିତମାସ ଏପର୍ଯ୍ୟନ୍ତ ଜିଲାର ଅମ୍ବାଭୋନା, ଝାରବନ୍ଧ, ପଦ୍ମପୁର, ପାଇକମାଳ, ଭଟଲି ଓ ସୋହେଲାରେ ବୃଷ୍ଟିପାତ ହୋଇ ନ ଥିବା ରେକର୍ଡ଼ କରାଯାଇଛି ।

ଏହିବୃଷ୍ଟିପାତକୁଅନୁଧ୍ୟାନ କଲେ ଚଳିତ ଖରିଫରେ ବର୍ତ୍ତମାନ ସୁଦ୍ଧା ଅମ୍ବାଭୋନା ବ୍ଲକରେ ୨.୯୬, ବିଜେପୁରରେ ୬.୯୩, ପଦ୍ମପୁରର ୨୮.୨୭, ସୋହେଲାରେ ୩୧.୯୬, ଗାଇସିଲେଟରେ ୧୨.୬୪ ଏବଂ ଝାରବନ୍ଧରେ ୪.୬୦ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଥିବା ଜଣାପଡିଛି । ବର୍ତ୍ତମାନ ମୁଖ୍ୟତଃ ଏହି ବ୍ଲକର ଚାଷଜମି ସ୍ୱଳ୍ପ ବୃଷ୍ଟିପାତରେ ପ୍ରଭାବିତ ହୋଇଛି । ଏହି ବ୍ଲକ ଗୁଡ଼ିକର ପ୍ରାୟ ସମସ୍ତ ଅଞ୍ଚଳରେ ଧାନଗଛ ଗୁଡ଼ିକ ଗର୍ଭଣୀ ଅବସ୍ଥାରେ ରହିଛି । ବର୍ଷା ନ ହେବା ଯୋଗୁ ଜମି ଶୁଖିଲା ପଡ଼ିଥିବାରୁ କେତେକ ସ୍ଥାନରେ ଧାନଗଛ ଗୁଡ଼ିକ ମଉଳି ଗଲାଣି । ଧାନ ଫସଲ ପୋକରା ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏ ନେଇ ଡିଡିଏ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ମୁଖ୍ୟତଃ ପଦ୍ମପୁର, ସୋହେଲା ଏବଂ ଗାଇସିଲେଟ ବ୍ଲକ ଅଞ୍ଚଳର ଫସଲରେ ସ୍ୱଳ୍ପ ବୃଷ୍ଟିପାତର ପ୍ରଭାବ ପରିଲକ୍ଷିତ ହୋଇଛି । ମାତ୍ର ସ୍ଥିତି ସେତେ ଉତ୍କଟ ହୋଇନାହିଁ। ଅତିକମ୍‌ରେ ଆଉ ଗୋଟିଏ ବର୍ଷା ହୋଇଗଲେ ପରିସ୍ଥିତି ସୁଧୁରିଯିବ । ତଥାପି ଚାଷଜମିକୁ ପାଣି ମଡ଼ାଇବା ପାଇଁ ଚାଷୀଙ୍କୁ ପମ୍ପ, ପାଇପ୍ ଏବଂ ପାଣି ସିଞ୍ଚନ ମେଶିନ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ ।

## ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ



ସମଲେଶ୍ୱରୀଙ୍କୁ ସ୍କନ୍ଦମାତା ବେଶରେ ପୂଜା କରାଯାଉଛି ।

**ବରଗଡ଼ ଅଫିସ୍,୧୩।୧୦**

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହର ଚଳଚଞ୍ଚଳ ହୋଇ ଉଠିଛି । ସହରର ଶକ୍ତିପୀଠ ତଥା ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ, ମାଁ ଶ୍ୟାମାକାଳୀ ତଥା ନାୟକପଡ଼ା ଗୌରୀମଣ୍ଡପ ଉତ୍ସବ ମୁଖରିତ ହୋଇଛି । ଶନିବାର ନବରାତ୍ରର ପଞ୍ଚମ ଦିବସରେ ଦେବୀଙ୍କ ବିହିତ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମାଁ ସମଲେଶ୍ୱରୀ ଦୁର୍ଗାଙ୍କ ପଞ୍ଚମ ସ୍ୱରୂପ ସ୍କନ୍ଦମାତା ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ ଓ ଉପାସନା କଲେ ଭକ୍ତଙ୍କ ସକଳ ଇଚ୍ଛା ପୂରଣ ହେବା ସହିତ ମୃତ୍ୟୁଲୋକରେ ମଧ୍ୟ ତାଙ୍କୁ ପରମ ଶାନ୍ତି ଓ ସୁଖ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଫଳରେ ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ଶକ୍ତିପୀଠ ଗୁଡ଼ିକରେ ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ରବିବାର ମାଁ ସମଲେଶ୍ୱରୀ କାତ୍ୟାୟନୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## ଶିକୁଳିରୁ ମୁକୁଳିବେ ଲିଲିମା

### ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହେବେ



ଶିକୁଳିରେ ବନ୍ଧା ଅବସ୍ଥାରେ ରହିଥିବା ଲିଲିମାଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯାଉଛି ।

**ବରଗଡ଼ ଅଫିସ୍,୧୩।୧୦**

**ଧରିତ୍ରୀ ପ୍ରଭାବ**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁମ୍ପୁଡ଼ିପଡ଼ାରେ ମାନସିକ ରୋଗରେ ଆକ୍ରାନ୍ତ ଲିଲିମା ଭରାସାଗରଙ୍କୁ ପରିବାର ଲୋକେ ଶିକୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ତାଙ୍କୁ ସହଯୋଗର ହାତ ବଢ଼ିଛି । ଚିକିତ୍ସା ପାଇଁ ଲିଲିମାଙ୍କୁ ଭୀମସାର ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯିବ ଏବଂ ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରା କହିଛନ୍ତି। ଡା. ଦୋରା କହିଛନ୍ତି, ସମ୍ବଲପୁରର ଏକ ଟିମ୍ ଗତ ୧୦ତାରିଖରେ ଲିଲିମା ଏବଂ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହା ସହିତ ଧରିତ୍ରୀରେ ଲିଲିମାଙ୍କ ସମସ୍ୟା ଉପରେ ପ୍ରକାଶିତ ଖବରକୁ ହ୍ୱାଟ୍ସଅପ୍ ଯୋଗେ ସେହି ଟିମ୍ ତାଙ୍କ ନିକଟକୁ ପଠାଇଥିଲେ ଏବଂ ଏହାପରେ ଲିଲିମାଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ସହିତ ମଧ୍ୟ ଆଲୋଚନା ସରିଛି । ଜିଲାପାଳ ଲିଲିମାଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି । ପ୍ରକାଶଥାଉକି, ଲିଲିମା ମାନସିକ ରୋଗରେ ଆକ୍ରାନ୍ତ। ପରିବାର ଲୋକେ ନିହାତି ଗରିବ ହୋଇଥିବା ଯୋଗୁ ତାଙ୍କୁ ଆବଶ୍ୟକ ଚିକିତ୍ସା କରିବାରେ ସକ୍ଷମ ହୋଇପାରୁ ନାହାନ୍ତି ଏବଂ ତାଙ୍କୁ ଶିକୁଳିରେ ବାନ୍ଧି ଘରେ ରଖିଛନ୍ତି । ଏ ନେଇ ଗତ ୮ତାରିଖରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଶିଁକ୍ଲାରେ ବଁଧା ଜୀବନ ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହାପରେ ଗତ ୯ତାରିଖରେ ସମ୍ବଲପୁରର ଏକ ସ୍ୱାସ୍ଥ୍ୟଟିମ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଥମେ ଧରିତ୍ରୀର ଜାମଟିକ୍ରା ପ୍ରତିନିଧିଙ୍କ ପାଖକୁ ପହଞ୍ଚିଥିଲେ ଏବଂ ତାଙ୍କ ସହିତ ଯୋଗାଯୋଗ କରିବା ପରେ ଲିଲିମାଙ୍କ ଘରକୁ ଯାଇଥିଲେ ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

**ପଦ୍ମପୁର, ୧୩।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧକ୍ଷତାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ସିନିୟର ଓ ଜୁନିୟର ବିଭାଗରୁ ୧୩ଜଣ ଲେଖାଏଁ ଭାଗ ନେଇଥିଲେ । ସିନିୟର ଦଳରୁ ଅଙ୍କିତା ପୃଷ୍ଟି, ଆକାଂକ୍ଷା ସାହୁ, ନଫିସ ଫାତମା ଓ ଜୁନିୟର ଦଳରୁ ଗୁଞ୍ଜନ ଦାସ, ଲିଜା ସାହୁ, ଲିପ୍‌ସା ଡାଲୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ବିଜ୍ଞାନର ମହନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ରାଜବୋଡାସମ୍ବର ବିଇଓ ସୁନୀଲ ମୁଣ୍ଡ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରେମାନନ୍ଦ ବେହେରା ଓ ଜୀବନାନନ୍ଦ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଚିନ୍ତାମଣି ସାହୁ, ଜୀବନାନନ୍ଦ ସାହୁ ଓ ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରକଳ୍ପ ପ୍ରଦର୍ଶନରେ ସହାୟତା କରିଥିଲେ। ବିଚାରପତି ଭାବେ ରାଜେଶ କୁମାର ଖମାରୀ, ଧନଞ୍ଜୟ ସାହୁ ଯୋଗ ଦେଇଥିଲେ। ମିନତି ଦାଶ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସୁରେଶ ଚୌହାନ, ନୀଳିମା ରାଣୀ ମହାନ୍ତି, ରଞ୍ଜନ ହୋତା, ସୁଶୀଲ ବରିହା ପୁରସ୍କାର ବିତରଣରେ ସହଯୋଗ କରିଥିଲେ । ସୁଷମା ଦାଶ, ରୋଜି ବଡ଼ାଇ, ବସନ୍ତ ବାଗ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ସୁରେନ୍ଦ୍ର କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ଲୋକ ମହୋତ୍ସବ ପାର୍ବଣ

## ରଙ୍ଗବତୀ ଗୀତରେ ନାଚିଲେ ଅର୍ଚ୍ଛିତା

**ସୋହେଲା,୧୩।୧୦(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ସାର୍ବଜନୀନ ଦୁର୍ଗାପୂଜା ଅବସରରେ ହଟଲି ମଞ୍ଚରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣର ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି, ସିନେ ଅଭିନେତ୍ରୀ ଅର୍ଚ୍ଛିତା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କୁ ପୂଜାକମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅର୍ଚ୍ଛିତା ଏକ ଚଳଚ୍ଚିତ୍ରର ଗୀତ ଗାଇ ଦର୍ଶକମାନଙ୍କୁ ଆମୋଦିତ କରିଥିଲେ । ମୁଖ୍ୟ ଅତିଥି ମହାନ୍ତି ସୋହେଲା ଦୁର୍ଗାପୂଜାର ଆକର୍ଷଣୀୟ ଆୟୋଜନକୁ ପ୍ରଂଶସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଓ କାର୍ଯ୍ୟକାରୀ ସଭାପତି ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ନାଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଲଳିତ କୁମାର ଅଗ୍ରୱାଲ, ଦିଲୀପ ଖମାରୀ ଓ ଗୋବିନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପିଙ୍କି ଶର୍ମା ମଞ୍ଚ ପରିଚାଳନା କରିଥିଲେ । ଅର୍ଚ୍ଛିତାଙ୍କ ସହିତ ସେଲ୍‌ଫି ନେବା ପାଇଁ ଭିଡ ହୋଇଥିଲା । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା । ଏହି ସିନେ ଅଭିନେତ୍ରୀ ସୁନ୍ଦରଗଡର ମୟୁରୀ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ସହିତ ସମ୍ବଲପୁରୀ ଗୀତ ରଙ୍ଗବତୀର ତାଳେ ତାଳେ ନୃତ୍ୟ କରି ଦର୍ଶକମାନଙ୍କୁ ମତୁଆଲା କରିଦେଇଥିଲେ । ଶେଷରେ ଟଙ୍କଧର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ ।




ସୋହେଲା ହଟଲି ମଞ୍ଚରେ ଚାଲିଥିବା ଲୋକ ମହୋତ୍ସବ ପାର୍ବଣରେ ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଛିତା ରଙ୍ଗବତୀ ଗୀତରେ ନାଚୁଛନ୍ତି ।

## ଫୁଟ୍‌ବଲ: କଦଳୀପାଲି ବିଜୟୀ

**ସୋହେଲା, ୧୩।୧୦ (ଡି.ଏନ.ଏ)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ନକଆଉଟ ଫୁଟବଲ ପ୍ରତିଯୋଗିତାରେ ଶନିବାର କଦଳୀପାଲି ଓ ବରଡୋଲ ମଧ୍ୟରେ ମ୍ୟାଚହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଅମିମାଂସିତ ରହିଥିଲା । ଟାଇବ୍ରେକରରେ କଦଳୀପାଲି ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା । ସରପଞ୍ଚ ଜୀତେନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ । ବାବୁଲୁ ଦେବତା ଓ ତ୍ରିନାଥ ଭୋଇ ଉପସ୍ଥିତ ଥିଲେ । କଦଳୀପାଲି ଦଳର ଜିତୁ ମିର୍ଦ୍ଧାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରା ଯାଇଥିଲା । ଆଜିର ମ୍ୟାଚ୍‌କୁ ରେଫରୀ ପଞ୍ଚାନନ ପାତ୍ର ପରିଚାଳନା କରିଥିବା ବେଳେ ରେଫରୀ ରଞ୍ଜୁ ଛତରିଆ ଓ ଅଶ୍ୱିନୀ ମେହେର ସହାୟତା କରିଥିଲେ । ଶ୍ରୀନିବାସ ରାଓ ଚତୁର୍ଥ ରେଫରୀ ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ୨ଟି ମ୍ୟାଚ ବରପାଲି ଓ ଘେଁସ ଏବଂ ପଦ୍ମପୁର ଓ କଳାପାଣି ମଧ୍ୟରେ ଅନୁଷ୍ଠିତ ହେବ ।

## ରାମଙ୍କ ବନଗମନ ଦୃଶ୍ୟ ଅଭିନୀତ



ସୋହେଲା ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଅବସରରେ ଚେତନା ମଣ୍ଡପରେ ଚାଲିଥିବା ରାମଲୀଳାର ଶୁକ୍ରବାର ତୃତୀୟ ରଜନୀରେ ମଞ୍ଚସ୍ଥ ଏକ ଦୃଶ୍ୟ ।

**ସୋହେଲା,୧୩।୧୦(ଡି.ଏନ.ଏ)**

ସୋହେଲା ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଅବସରରେ ଚେତନା ମଣ୍ଡପରେ ଚାଲିଥିବା ରାମଲୀଳାର ଶୁକ୍ରବାର ତୃତୀୟ ରଜନୀରେ ମନ୍ଥରାର କୁମନ୍ତ୍ରଣା, ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବନଗମନ ଏବଂ ଭରତ ମିଳନ ଉପଖ୍ୟାନ ମଞ୍ଚସ୍ଥ ହୋଇଥିଲା । ଅଯୋଧ୍ୟା ନରେଶ ଦଶରଥ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କୁ ଅଯୋଧ୍ୟାର ରାଜ ସିଂହାସନରେ ଅଭିଷିକ୍ତ କରିବା ପାଇଁ ଘୋଷଣା କରିଛନ୍ତି । ସାରା ରାଜ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ଖବର ଶୁଣି ଦାସୀ ମନ୍ଥରା ପାଟରାଣୀ କୈକେୟୀଙ୍କୁ କୁମନ୍ତ୍ରଣା ଦେବା ସହ ସମ୍ବରାସୁର ଯୁଦ୍ଧ ସମୟରେ ରାଜା ତାଙ୍କୁ ଦୁଇଟି ବର ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା କଥା ମନେ ପକାଇ ଦେଇଛନ୍ତି ଏବଂ କୈକେୟୀଙ୍କୁ ବିପଥଗାମୀ କରିଛନ୍ତି। କୈକେୟୀ ରାଜା ଦଶରଥଙ୍କୁ ସତ୍ୟ କରାଇ ପ୍ରଥମ ବର ରୂପେ ଭରତ ଅଯୋଧ୍ୟାର ରାଜା ହେବା ଓ ଦ୍ୱିତୀୟ ବର ରୂପେ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଯିବା ପାଇଁ ବାଧ୍ୟ କରାଇଛନ୍ତି । ସତ୍ୟସନ୍ଧ ରାଜା ଦଶରଥ କିଂକର୍ତ୍ତବ୍ୟବିମୂଢ଼ ହୋଇ କୈକେୟୀଙ୍କୁ ବର ଦୁଇଟି ପ୍ରଦାନ କରିଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ସମସ୍ତଙ୍କଠାରୁ ବିଦାୟ ଘେନି ରାମ, ଲକ୍ଷ୍ମଣ ଓ ସୀତା ବନ ଗମନ କରିଛନ୍ତି । ପୁତ୍ର ବିରହରେ ରାଜା ଦଶରଥ ପ୍ରାଣତ୍ୟାଗ କରିଛନ୍ତି। ଶ୍ରବଣ କୁମାର ଅନ୍ଧ ପିତାମାତାଙ୍କ ଅଭିଶାପ ଫଳବତୀ ହୋଇଛି । ସେପଟେ ମାମୁଁଘରୁ ଫେରି ଭରତ ଓ ଶତୃଘ୍ନ ପିତାଙ୍କ ମୃତ୍ୟୁ ଓ ରାମଙ୍କ ବନବାସ ବାର୍ତ୍ତା ଶୁଣି ମର୍ମାହତ ହେବା ସହ ମାତା କୈକେୟୀଙ୍କୁ ଭର୍ତ୍ସନା ଓ ମନ୍ଥରାଙ୍କୁ କଠୋର ଶାସ୍ତି ପ୍ରଦାନ କରିଛନ୍ତି । ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରି ଶ୍ରୀରାମ ଲକ୍ଷ୍ମଣ ଓ ସୀତାଙ୍କୁ ଫେରାଇ ଆଣିବା ନିମନ୍ତେ ପାତ୍ରମନ୍ତ୍ରୀ ଓ ପ୍ରଜାମାନଙ୍କ ସହ ଚିତ୍ରକୂଟକୁ ଯାତ୍ରା କରିଛନ୍ତି ଭରତ । ଶ୍ରୀରାମଙ୍କୁ ଅନେକ ପ୍ରକାରେ ବୁଝାଇବା ସତ୍ତ୍ୱେ ସମସ୍ତେ ବିଫଳ ହୋଇଛନ୍ତି । ଶେଷରେ ରାମଙ୍କ ଆଦେଶ ରକ୍ଷା କରି ଭରତ ଅଯୋଧ୍ୟାର ଶାସନଭାର ସର୍ତ୍ତମୂଳକ ଭାବେ ଗ୍ରହଣ କରିଛନ୍ତି । ଶ୍ରୀରାମଙ୍କ ପାଦୁକାଦ୍ୱୟକୁ ରାଜ ସିଂହାସନରେ ସ୍ଥାପନ କରି ରାମଙ୍କ ପ୍ରତିନିଧି ଭାବେ ବନବାସ ଶେଷ ହେବା ଯାଏ ଅଯୋଧ୍ୟାର ଶାସନଭାର ଗ୍ରହଣ କରିବାକୁ ଭରତ ରାଜି ହୋଇଛନ୍ତି । ଅଯୋଧ୍ୟା ଫେରି ଆସି ଭରତ ଶାସନ ଭାର ତୁଲାଇଛନ୍ତି ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୧୪ ଅକ୍ଟୋବର, ୨୦୧୮



“ ଶାସକ ଯଦି ତା’ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ୨୬ରୁ ଚେସ୍ ଚାମ୍ପିୟନଶିପ୍

**ବୌଦ୍ଧ,୧୩।୧୦(ସ୍ୱ.ପ୍ର):** ବୌଦ୍ଧ ଜିଲା ଚେସ ଆସୋସିଏଶନ ଆନୁକୂଲ୍ୟରେ ଓ ରାଜ୍ୟ ଚେସ ଆସୋସିଏସନ ସହଯୋଗରେ ଆସନ୍ତା ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୫୯ତମ ଷ୍ଟେଟ ସିନିୟର ଫିଡେ ଓପନ ରେଟିଂ ଚେସ ଚାମ୍ପିୟନଶିପ୍ ବୌଦ୍ଧ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଏହି ଟୁର୍ନାମେଣ୍ଟରେ ମୋଟ ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହିତ ୪୦ଟି ଟ୍ରଫି ରଖାଯାଇଛି । ଏହି ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ୪ ଜଣ ଖେଳାଳି ଆସନ୍ତା ଡିସେମ୍ବର ୮ରୁ ଜମ୍ମୁ ଠାରେ ହେବାକୁ ଥିବା ଜାତୀୟ ଚେସ ଚାମ୍ପିୟନଶିପ୍‌ରେ ଓଡିଶାକୁ ପ୍ରତିନିଧିତ୍ୱ କରିବେ । ଆଗ୍ରହୀ ଖେଳାଳିମାନେ ଟୁର୍ନାମେଣ୍ଟରେ ନାମ ପଞ୍ଜୀକରଣ କରିବା ପାଇଁ ବୌଦ୍ଧ ଜିଲା ଚେସ ଆସୋସିଏଶନର ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ସହିତ ଯୋଗାଯୋଗ କରିବାକୁ ରାଜ୍ୟ ଚେସ ଆସୋସିଏସନ ପକ୍ଷରୁ କୁହାଯାଇଛି ।

### ବିଦ୍ୟୁତ୍ ତାର ଲାଗି ବଳଦ ମୃତ

**ମନମୁଣ୍ଡା, ୧୩।୧୦ (ଡି.ଏନ.ଏ):** ମନମୁଣ୍ଡା ଥାନା ବରଗୋଛା ପଞ୍ଚାୟତ ମାଝିପଡା (ଘଣ୍ଟସାହି)ଠାରେ ବିଦ୍ୟୁତ ତାର ଲାଗି ଗୋଟିଏ ବଳଦର ମୃତ୍ୟୁ ହୋଇଛି । ବଳଦଟି ରମାକାନ୍ତ ସିଂଙ୍କର ବୋଲି ଜଣାପଡିଛି । ଶୁକ୍ରବାର ସକାଳ ସମୟେ ବଳଦ ଚରିବାକୁ ଯାଇଥିଲା। ଘଟଣାସ୍ଥଳରେ ୩ ଫେଜ୍ ବିଦ୍ୟୁତ ତାର ଛିଡି ପଡିଥିଲା । ବଳଦ ଉକ୍ତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମରିଯାଇଥିଲା । ବିଦ୍ୟୁତ ବିଭାଗ ତରଫରୁ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି ।

### ଧାନ, ପରିବା ଫସଲରେ ରୋଗପୋକ

**ଅତାବିରା, ୧୩।୧୦ (ଡି.ଏନ.ଏ):** ଅତାବିରା ଅଞ୍ଚଳରେ ମେଘୁଆ ପାଗ ଯୋଗୁ ଖରିଫ ଧାନ, ପରିବା ଚାଷରେ ରୋଗପୋକ ଦେଖାଗଲାଣି । ବାଇଗଣ, ଟମାଟୋ, ଝୁଲେର, କଲରା, ଶାଗ ଆଦି ପରିବା ଫସଲରେ ପୋକ ଲାଗିବାରୁ ଫୁଲ ଗୁଡିକ ଝଡିଯାଉଛି । ପତ୍ର ମୋଡାରୋଗ ହେଉଥିବାରୁ ଚାଷୀମାନେ ଯେତିକି ଅମଳ କରିବା ଆଶା ରଖିଥିଲେ ତାହା ଧୂଳିସାତ ହୋଇଛି । ଲଘୁଚାପ ଜନିତ ବର୍ଷା ଅଣଜଳସେଚିତ ଅଞ୍ଚଳ ଚାଷକୁ ସହାୟ ହୋଇଥିବା ବେଳେ ଏବେ ମେଘୁଆ ପାଗ ଯୋଗୁ ଖରିଫ ଧାନ ଫସଲରେ ଗଣ୍ଡି ପୋକ, ପତ୍ରକଟା, କେଣ୍ଡାକଟା ସହ ମୂଷାଙ୍କ ଉପଦ୍ରବ ବଢ଼ିଯାଇଛି। ଚକଡା ପୋକ କିଛି ମାତ୍ରାରେ ନିୟନ୍ତ୍ରଣାଧୀନ ଥିବାବେଳେ ମୂଷା, ରୋକପୋକଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି । ପନିପରିବା ଫସଲରେ ରୋଗପୋକ ଲାଗିଥିବାରୁ କମ୍ ଅମଳ ହେଉଛି । ଫଳରେ ସାପ୍ତାହିକ ବଜାର ଗୁଡିକରେ ପନିପରିବା ଦର ଆକାଶ ଛୁଆଁ ହୋଇଛି । ଶୁକ୍ରବାର ଖୁଣ୍ଟୁଲିପାଲି ଓ ଶନିବାର ଲରମ୍ବା ସାପ୍ତାହିକୀ ବଜାରରେ କଲରା କିଲୋ ପ୍ରତି ୪୦ ଟଙ୍କା, ଝୁଲେର ୫୦, ଭେଣ୍ଡି ୫୫, ପୋଟଳ ୩୦, ଟମାଟୋ ୨୦, ଫୁଲକୋବି ୬୦, ବନ୍ଧାକୋବି ୫୦ ଟଙ୍କା ଲେଖାଏଁ ବିକ୍ରି ହୋଇଥିଲା ।

### ସଙ୍ଗୀତ ପ୍ରତିଯୋଗିତା

**ମନମୁଣ୍ଡା, ୧୩।୧୦ (ଡି.ଏନ.ଏ):** ବୌଦ୍ଧ ଜିଲା ମନମୁଣ୍ଡା ଗମ୍ଭାରିଗୋରାର ସୁଶୀଳ ସଙ୍ଗୀତ ଶିକ୍ଷାକେନ୍ଦ୍ରର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା ଶିକ୍ଷାକେନ୍ଦ୍ର ମୁଖ୍ୟ ପରିଚାଳକ ସୁଦାମ ଚରଣ ଖମାରୀଙ୍କ ତତ୍ତ୍ୱାବଧାନରେ ବିଳାସପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟ କୃପାସିନ୍ଧୁ ବଘାର ଏହାର ଶୁଭାରମ୍ଭ କରିଥିଲେ। ବିଚାରକ ଭାବେ ଗୁରୁ ବିଶ୍ୱନାଥ ବେହେରା, ସରୋଜ କୁମାର ସାହୁ ଓ ଭଜମନ ସାହୁ ଯୋଗ ଦେଇଥିବାବେଳେ ହିତେନ୍ଦ୍ର ଭୂଷଣ ମେଶ୍ରିଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ବର୍ଗରେ ସୁଦୀପ୍ତା ବଡ଼ିଆ ପ୍ରଥମ, ଅନ୍ୱେଷାରାଣୀ ସାହୁ ଦ୍ୱିତୀୟ, ପ୍ରିୟଙ୍କା ଭୁଲ୍ତା ତୃତୀୟ ହୋଇଥିବା ବେଳେ ବାଳ ବର୍ଗରେ ଆନ୍ୟୁକ୍ଷୀ ସାହୁ ପ୍ରଥମ, ବିଦ୍ୟୁତ୍‌ପ୍ରଭା ନାଏକ ଦ୍ୱିତୀୟ ଓ ଅଲିଭାଜ୍ୟୋତି କର୍ଣ୍ଣ ତୃତୀୟ ହୋଇଥିଲେ । ସନ୍ତୋଷ କୁମାର ସାହୁ, ପଞ୍ଚାନନ ସାହୁ ଓ କଲ୍ୟାଣ କୁମାର ନାଏକ ସହଯୋଗ କରିଥିଲେ ।

■ ଜହ୍ନାପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

# ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଜହ୍ନାପଙ୍କ, ୧୩।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା ଜହ୍ନାପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ସୁରଭି ଓ ମଧ୍ୟାହ୍ନଭୋଜନ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ବିଇଓ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି । ପ୍ରଥମ ପର୍ଯ୍ୟାୟ ଉଦଘାଟନୀ କାର୍ଯ୍ୟକ୍ରମରେ ଜହ୍ନାପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୨୧ଟି ଆଞ୍ଚଳିକ ସାଧନ କେନ୍ଦ୍ରରୁ ଅନୁଷ୍ଠିତ ହୋଇଥିବା କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମର କୃତୀ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ଉଦଯାପନୀ ଦିବସରେ ବୌଦ୍ଧ ବିଇଓ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ସହଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ମତପୋଷଣ କରିଥିଲେ। ଜହ୍ନାପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ, ସରପଞ୍ଚ ରାଜେନ୍ଦ୍ର ମେହେର, ଏବିଇଓ କମଳାକାନ୍ତ ଦଳବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜହ୍ନାପଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବଘିଆପଡା ସିଆରସିସି ରାଜକୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବ୍ଲକସ୍ତରୀୟ ଶିଶୁ ମହୋତ୍ସବରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ନଭେମ୍ବର ୨ ତାରିଖରେ ବୌଦ୍ଧ ଟାଉନ ହଲଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ । ଅବସରପ୍ରାପ୍ତ ଏବିଇଓ ବିଶ୍ୱାମିତ୍ର ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ଶ୍ରେଷ୍ଠ ଆଞ୍ଚଳିକ ସାଧନ କର୍ମୀ ଟିକ ମେହେର, କୋଦଣ୍ଡଧର ମେହେର, ଅନନ୍ତି ଭୋଇଙ୍କୁ ସମ୍ମାନୀତ କରିଥିଲେ। ସିଆରସିସି ସୁଧାଂଶୁ ଶେଖର ସାହୁ, ସୁଶୀଲ ଭୋଇ, ଲବ କିଶୋର ପ୍ରଧାନ, ସନ୍ତୋଷ କର୍ଣ୍ଣ, ଶେଷଦେବ ପ୍ରଧାନ, ସଞ୍ଜୟ ଦେହୁରୀ, ଦେବେଶ ମହାଲିକ, ଅନାଦି ଚରଣ ବେହେରା ପ୍ରମୁଖ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ । ଶେଷରେ ସିଆରସିସି ଶବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥବବା ଛାତ୍ରୀଛାତ୍ର ।

# ବିଧାୟକ ପ୍ରତିନିଧି ଦଳ ବିରୋଧୀ

**ମନମୁଣ୍ଡା, ୧୩।୧୦ (ଡି.ଏନ.ଏ)**

କନ୍ଧମାଳ ବିଧାୟକ ମହୀଧର ରଣା ହଟାଓ ଅଭିଯାନ ନେଇ ତାଙ୍କ ପଞ୍ଚାୟତ କୁଲୁତାଯୋର ଛପରାଠାରେ ଜିଲା ପରିଷଦ ଜୋନ-୧ର ୮ଟି ପଞ୍ଚାୟତ ବିଜେଡି କର୍ମୀଙ୍କ ଏକ ମେଳି କିଛି ଦିନ ତଳେ ଅନୁଷ୍ଠିତ ହୋଇଥିଲା । ସେଠାରେ ବିଜୁ ବିକାଶ ମଞ୍ଚର ସଭାପତି ବୋଲାଉଥିବା ହିମାଞ୍ଚଳ ରଣା (ଗୁମାନ), କନ୍ଧମାଳ ଓକିଲ ସଂଘ ସଭାପତି ଦ୍ୟୁତିଆଚରଣ ସାହୁ, ଓକିଲ ମନୋଜ ଶର୍ମା, ବିଧାୟକ ପ୍ରତିନିଧି ସୁଜିତ ଖଟୁଆ ବିଧାୟକଙ୍କ ବିରୋଧରେ ବକ୍ତବ୍ୟ ଦେଇ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ପରିବର୍ତ୍ତନ ଉପରେ ଜୋର୍ ଦେଇଥିଲେ। ଏହି ପ୍ରସଙ୍ଗରେ ବିଧାୟକ ରଣା ଏକ ପ୍ରେସ୍ ବିବୃତିରେ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଦୁର୍ନୀତି ବିରୋଧରେ ସଂଗ୍ରାମ ଅବ୍ୟାହତ ରଖିଛନ୍ତି । ତାଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ଅନେକ ବଡ ବଡ ପ୍ରକଳ୍ପ ଓ ଉନ୍ନୟନ କାମ କରାଯାଇଛି। ତାଙ୍କ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ କେତେଜଣ ଏଭଳି ଅପପ୍ରଚାର କରୁଛନ୍ତି ବୋଲି ବିଧାୟକ ରଣା କହିଛନ୍ତି। ସେହିପରି ବିଧାୟକ ପ୍ରତିନିଧି ସୁଜିତ ଖଟୁଆ ଦଳ ବିରୋଧୀ କାମ କରୁଥିଲେ। ତାଙ୍କୁ କହିବା ସତ୍ତ୍ୱେ ସେ ସେଥିରୁ ନିବୃତ୍ତ ହୋଇ ନ ଥିଲେ । ଏହିପରି ଅନେକ ନେତା ଓ କର୍ମୀ ଦଳବିରୋଧୀ କାମରେ ଲିପ୍ତ ରହି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଲୋକମାନଙ୍କୁ ଭୁଆଁ ବୁଲାଇବା ଯୋଜନା କରୁଛନ୍ତି ବୋଲି ବିଧାୟକ କହିଛନ୍ତି। ତେବେ ଦଳ ବିରୋଧୀ କାମରେ ଲିପ୍ତ ଥିବା ଖବରକୁ ସୁଜିତ ଅସ୍ୱୀକାର କରିଥିଲେ। ବିଧାୟକ ତାଙ୍କୁ ନିଯୁକ୍ତି ଦେଇ ଅଣଦେଖା କରିବା, ଲୋକମାନଙ୍କ ଦୁଃଖ ନ ଶୁଣିବା, ପ୍ରକୃତ ଉନ୍ନୟନ କାମକୁ ଗୁରୁତ୍ୱ ନ ଦେବା କାରଣରୁ ସେ ଇସ୍ତଫା ଘୋଷଣା କରିଥିବା କହିଥିଲେ ।

# ନୂଆଁପାଲିରେ ମହିଳା ଦକ୍ଷତା ବୃଦ୍ଧି ତାଲିମ



ମହିଳାମାନେ ସଫେଇ ଅଭିଯାନରେ ବାହାରିଛନ୍ତି ।

**ଘଣ୍ଟାପଡା, ୧୩।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ କୁଲୁତାଯୋର ଗ୍ରାମପଞ୍ଚାୟତ ଅଧୀନ ନୂଆଁପାଲି ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆୟୋଜିତ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି । ପାଞ୍ଚ ଦିନ ଧରି ଚାଲିଥିବା ଏହି ଶିବିରରେ ପଞ୍ଚାୟତର ୧୦ଟି ମହିଳା ଗୋଷ୍ଠୀର ପ୍ରାୟ ୧୨୦ଜଣ ମହିଳା ତାଲିମ ନେଇଥିଲେ। ଉଦଯାପନୀ ଦିବସରେ ସ୍ଥାନୀୟ କୁଲୁତାଯୋର ଗ୍ରାମପଞ୍ଚାୟତର ସମିତି ସଭ୍ୟା ବିଳାସ କ୍ଷେତି, ୱାର୍ଡ ମେମ୍ବର ହେମାଳ ବିଶ୍ୱାଳ, ଯାନ୍ତୁ ମାଝୀ, ଦିଲୀପ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାମ ବିଦ୍ୟାଳୟ, ଅଙ୍ଗନୱାଡି ସେଣ୍ଟର, ନଳକୂପ ପରିସର, ଗ୍ରାମଦାଣ୍ଡ, ପୋଖରୀ ପରିସର ସଫେଇ କରିଥିଲେ । ଏଥିରେ ଆଶା କର୍ମୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ ।

# ସାଂସ୍କୃତିକ ଶ୍ରୋତ ପ୍ରଶିକ୍ଷଣ କର୍ମଶାଳା



ପ୍ରଶିକ୍ଷଣ କର୍ମଶାଳାରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ।

**ବୌଦ୍ଧ,୧୩।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ଓଲଣ୍ଡା ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ସାଂସ୍କୃତିକ ଶ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲୀ ଆନୁକୂଲ୍ୟରେ ସାଂସ୍କୃତିକ ଶିକ୍ଷା ଓ ଶ୍ରୋତ ପ୍ରଶିକ୍ଷଣ ଭୂମିକା ଉପରେ ତିନି ଦିନିଆ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । କର୍ମଶାଳାର ପ୍ରଥମ ଦିନରେ ଜିଲା ସଂସ୍କୃତି ଅଧିକାରୀ ତଥା ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ, ହରଭଙ୍ଗା ବିଇଓ ସନାତନ ଗାହାଣ, ଶିକ୍ଷାବିତ୍ ଇଂ ସଞ୍ଜୟ କୁମାର ପଣ୍ଡା, ଶିକ୍ଷା ଅଧ୍ୟାପକ ଡ଼. ଦିଲୀପ କୁମାର ଖୁଣ୍ଟିଆ, ସହ ଗୋଷ୍ଠୀ ଅଧିକାରୀ କମଳାକାନ୍ତ ଦଳବେହେରା, ସିଆରସିସି ସୁଶୀଲ କୁମାର ଭୋଇ, ସିଆରସିସି ସନ୍ତୋଷ କର୍ଣ୍ଣ, ପ୍ରଧାନଶିକ୍ଷକ ସୂର୍ଯ୍ୟମଣି ପଟ୍ଟନାୟକ ଓ ନୀତିଶ ସିହ୍ନା ଅତିଥି ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ବୌଦ୍ଧ ଜିଲାର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବୌଦ୍ଧ ଡିଇଓ କରୁଣାକର ଭୁଏ, ଜିଲା ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଣ୍ଡାରପୁରୀ ହାଇସ୍କୁଲର ରଜତ ଜୟନ୍ତୀ

**ଝାରବନ୍ଧ,୧୩।୧୦(ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ଭଣ୍ଡାରପୁରୀ ଉନ୍ନୀତ ସରକାରୀ ହାଇସ୍କୁଲର ରଜତ ଜୟନ୍ତୀ ସମାରୋହ ଉଦଯାପିତ ହୋଇଛି। ଉଦଯାପନୀ ସମାରୋହରେ ବରଗଡ଼ ଏମପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପଧାନ ସମ୍ମାନିତ ଅତିଥି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ରୀୟ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଟିକେଶ୍ୱର ପ୍ରସାଦ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଉକ୍ତ ସ୍କୁଲର ପୂର୍ବତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନ୍ତିମ ଦିବସ ସନ୍ଧ୍ୟାରେ ଶଙ୍କର ବେହେରା ଓ ଦିଲୀପ ସୁନାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ହାସ୍ୟ ଅଭିନେତା ବିନ୍ଦୁ ଓ ପ୍ରେମାଙ୍କ ହାସ୍ୟାଭିନୟ ବେଶ ଚିତ୍ତାକର୍ଷକ ହୋଇଥିଲା । ଉଦଘାଟନୀ ସମାରୋହରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା କୁମୋଦିନୀ ସାହୁ, ବିରାଜ କୁମାର ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ରଜତ ଜୟନ୍ତୀ ପରିଚାଳନା କମିଟି ଅଧ୍ୟକ୍ଷ ଉମାକାନ୍ତ ପଧାନ, ସମ୍ପାଦକ ଜୟପ୍ରକାଶ ତନସନା, ଏସଏମସି ଅଧ୍ୟକ୍ଷ ଧରଣୀଧର ଭୋଇ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ଟିକେଶ୍ୱର ପ୍ରସାଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟୀରନ୍ଦାଜୀ ପ୍ରତିଯୋଗିତାରେ ସଫଳତା

**ବୌଦ୍ଧ,୧୩।୧୦(ସ୍ୱ.ପ୍ର)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଟୀରନ୍ଦାଜୀ ପ୍ରତିଯୋଗିତାରେ ବୌଦ୍ଧ ଜିଲାର ପ୍ରତିଯୋଗୀଙ୍କୁ ସଫଳତା ମିଳିଛି। ଏହି ପ୍ରତିଯାଗିତାରେ ରାଜ୍ୟର ୧୮ଟି ଜିଲାର ୧୪୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ବୌଦ୍ଧ ଜିଲାର ୧୦ ଜଣ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ବାଳିକା ବିଭାଗରେ ସୁଶ୍ରୀ କ୍ରୀଷ୍ଣାମୟୀ ମହାକୁଡ ତୃତୀୟ ସ୍ଥାନ ଅଧିକାରୀ କରି ଜାତୀୟ ସ୍ତରକୁ ଉନ୍ନୀତ ହୋଇଛନ୍ତି । ସେହିପରି ଓଡିଶା ତିରଚାନ୍ଦ ସଂଘ ଦ୍ୱାରା ହୋଇଥିବା ଓପନ ମିଟ ତୀରଚାନ୍ଦ ପ୍ରତିଯୋଗିତାରେ ବୌଦ୍ଧ ଜିଲାର ୧୨ ଜଣ ଭାଗ ନେଇଥିଲେ । ଏଥିରେ ସୁଶ୍ରୀ ଟେନିଶା ମେହେର ତୃତୀୟ ସ୍ଥାନ ଅଧିକାର କରି ଜାତୀୟ ତୀରଚାନ୍ଦ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଏହି ଦୁଇ ପ୍ରତିଯୋଗୀ ତୀରଚାନ୍ଦ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଉଥିଲେ ।





ଟୀରନ୍ଦାଜୀରେ ସଫଳତା ପାଇଥିବା ପ୍ରତିଯୋଗୀ ।

# ଗଛରେ ପିଟିହେଲା କାର୍, ଡ୍ରାଇଭର ମୃତ

**ବାଉଁଶୁଣୀ, ୧୩।୧୦(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ତାଳସରଡାଠାରେ ଶନିବାର ରାତି ପ୍ରାୟ ୧୦ଟାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ କାରଟି ରାସ୍ତାପାର୍ଶ୍ୱସ୍ଥ ଏକ ଗଛରେ ପିଟି ହୋଇ ଯିବାରେ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଅନୀଲ କୁମାର ବିଶି(୨୫)। ଅଗ୍ନିଶମ ବିଭାଗ କର୍ମଚାରମାନେ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାସ୍ଥଳରେ କାର ନଂଓଡି-୨୭-୭୯୭୯ ପଡି ରହିଛି।

# ଫୁଟବଲ ଟୁର୍ନାମେଣ୍ଟ: ଟାଉନ ଆଥଲେଟିକ ବିଜୟୀ

**ବୌଦ୍ଧ ଗେହ୍ଲାମା କ୍ଲବ**



ବିଜୟୀ ଦଳର ଖେଳିମାନେ ଖୁସି ମନାଉଛନ୍ତି ।

**ବୌଦ୍ଧ,୧୩।୧୦(ସ୍ୱ.ପ୍ର)**

ବୌଦ୍ଧ ଗେହ୍ଲାମା କ୍ଲବ ଆନୁକୁଲ୍ୟରେ ଶନିବାରଠାରୁ କଚେରୀ ପଡିଆରେ ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । ଏହି ଟୁର୍ନାମେଣ୍ଟକୁ ବରିଷ୍ଠ ଫୁଟବଲ ଖେଳାଳି ଲିଙ୍ଗରାଜ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନ ଖେଳ ଟାଉନ ଆଥଲେଟିକ ଓ ପଞ୍ଚାୟତ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ଟାଉନ ଆଥଲେଟିକ ଦଳର ବିକ୍ରମ ଭୋକ୍ତା ପ୍ରଥମ ଗୋଲ ଦେଇଥିବା ବେଳେ ୩ଟି ଗୋଲ ଦେଇ ଦଳକୁ ୪-୦ ଗୋଲରେ ବିଜୟୀ କରାଇଥିଲେ। ରେଫରି ଭାବେ ସାଗର ବେହେରା, ଗରିବ ବେହେରା, ବିକ୍ରମ ନାଏକ ଓ ଦୁଷ୍ମନ୍ତ ବେହେରା ଖେଳ ପରିଚାଳନା କରିଥିଲେ । ରବିବାର ଗେହ୍ଲା ମା କ୍ଲବ ଓ ଫ୍ରେଣ୍ଡସ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ଲବ ସଭାପତି ଚନ୍ଦନ ମହାରଣା ଓ ସମ୍ପାଦକ ଗରିବ ବେହେରା ସୂଚନା ଦେଇଛନ୍ତି ।

## ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**ସୋହେଲା,୧୩।୧୦(ଡି.ଏନ.ଏ)**

ସୋହେଲା ନିକଟସ୍ଥ ହଳଦୀପାଲିଠାରେ ଓଡିଶା କୋଠାବାଡି ଓ ନିର୍ମାଣ ଶ୍ରମିକ ବୋର୍ଡ ତରଫରୁ ଶ୍ରମିକ ସଚେତନତା ଓ ଆର୍ଥିକ ସହାୟତା ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ବରପାଲି, ବିଜେପୁର ଓ ଗାଇସିଲେଟ ବ୍ଲକର ୧୨୮ଜଣ ହିତାଧିକାରୀଙ୍କୁ ଶିକ୍ଷା ଆର୍ଥିକ ସହାୟତା ବାବଦ ୫ଲକ୍ଷ ୩୪ ହଜାର ଟଙ୍କା, ୫୧ଜଣଙ୍କୁ ବିବାହକାଳୀନ ସହାୟତା ବାବଦ ୧୨ ଲକ୍ଷ ୭୫ ହଜାର ଟଙ୍କା, ୮ଜଣଙ୍କୁ ମାତୃତ୍ୱ ସହାୟତା ୮୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବରପାଲି, ବିଜେପୁର ଓ ଗାଇସିଲେଟ ବ୍ଲକର ମୋଟ ୧୦୮୮ଜଣଙ୍କୁ ସାଇକେଲ ଦିଆଯାଇଥିଲା। ୨ଜଣଙ୍କୁ ମୃତ୍ୟୁକାଳୀନ ଓ ଶୁଦ୍ଧିକ୍ରିୟା ସହାୟତା ବାବଦକୁ ୨ଲକ୍ଷ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋଟ ୧୨୭୭ଜଣଙ୍କୁ ୬୪ ଲକ୍ଷ ୫୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ଓ ଦୟାନିଧି ପଟେଲ, ଗଣତନ୍ତ୍ର ପଧାନ ଯୋଗ ଦେଇଥିଲେ । ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପଧାନ ସ୍ୱାଗତ ଭାଷଣ ଓ ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନିନୀ ଭୋଇ ଅଧ୍ୟକ୍ଷତା କରିଥିଲେ ।

# ବିଜେଡିର ଜନସମ୍ପର୍କ ଯାତ୍ରା

**ଭେଡ଼େନ,୧୩।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ କୁବେଡ଼େଗା ଗ୍ରାମପଞ୍ଚାୟତର ନୁଆପାଲି ଗ୍ରାମରୁ ଭେଡ଼େନ ଗ୍ରାମପଞ୍ଚାୟତର ଜାଣ୍ଡୋଲ ପର୍ଯ୍ୟନ୍ତ ବିଜେଡିର ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି । ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ଆବାହକତ୍ୱରେ ହୋଇଥିବା ଏହି ପଦଯାତ୍ରାରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବରଗଡ଼ ଏମ୍‌ପି ପ୍ରଭାସ ସିଂ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସଭ୍ୟା ଜ୍ୟୋତ୍ସ୍ନାମୟୀ ସିଂ, ପୂର୍ବତନ ସଭ୍ୟ ରଣଜିତ ଭୋଇ, ଏମପି ପ୍ରତିନିଧି ତୁଷବନ୍ତ ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ଦୀପ, ସରପଞ୍ଚ, ସମିତିସଭ୍ୟ ଓ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ ।

# ମିନି ଷ୍ଟାଡିୟମ ଶିଳାନ୍ୟାସ

**ଭେଡ଼େନ,୧୩।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଠାରେ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମିନିଷ୍ଟାଡ଼ିୟମ ନିର୍ମିତ ହେବ । ଏହାକୁ ବୀର ସୁରେନ୍ଦ୍ର ସାଏ ମିନି ଷ୍ଟାଡ଼ିୟମ ନାମରେ ନାମିତ କରାଯାଇଛି। ଶନିବାର ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଷ୍ଟାଡ଼ିୟମର ଶିଳାନ୍ୟାସ କରିଥିଲେ । ଏହାସହ ମନ୍ତ୍ରୀ ଛୁରିଆ କୁବେଡ଼େଗା ଗ୍ରାମପଞ୍ଚାୟତର କେନାଲ ରାସ୍ତାରୁ ଛାଲୁକୁଲୁଣ୍ଡା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ, ନେଗିପଡ଼ା ଓ ହନୁମାନ ପଡ଼ାରେ ଦୁଇଟି କଲ୍ୟାଣ ମଣ୍ଡପ, ଭେଡ଼େନ ଗ୍ରାମପଞ୍ଚାୟତର ଭଦ୍ରିପଡ଼ାରେ ହନୁମାନ ମନ୍ଦିର ମଣ୍ଡପ ନିର୍ମାଣ, କୁଟେନପାଲିରୁ ଜାଣ୍ଡୋଲ ରାସ୍ତା ନିର୍ମାଣ କାମର ଶିଳାନ୍ୟାସ ମଧ୍ୟ କରିଥିଲେ। ଏହି ଅବସରରେ ଜାଣ୍ଡୋଲ ଖେଳ ପଡ଼ିଆରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ସାଧାରଣ ସଭାରେ ମନ୍ତ୍ରୀ ଛୁରିଆ ମୁଖ୍ୟଅତିଥି, ବରଗଡ଼ ଏମ୍‌ପି ପ୍ରଭାସ ସିଂ, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସଭ୍ୟା ଜ୍ୟୋତ୍ସ୍ନାମୟୀ ସିଂ, ପୂର୍ବତନ ସଭ୍ୟ ରଣଜିତ ଭୋଇ, ଏମ୍‌ପି ପ୍ରତିନିଧି ତୁଷବନ୍ତ ବେହେରା, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜାଣ୍ଡୋଲରେ ମିନି ଷ୍ଟାଡ଼ିୟମର ଶିଳାନ୍ୟାସ କରୁଛନ୍ତି ।



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



**ସଂକ୍ଷେପରେ**

## ପଶୁବଳି ବନ୍ଦ ଦାବି କଲା କୋସଳ ସାହିତ୍ୟ ସଂସ୍କୃତି ଏକାଡେମୀ

ସୋନପୁର,୧୩।୧୦(ନି.ପ୍ର.): କୋସଲ ଭାଷା ଭାଷୀ ଅଞ୍ଚଳର ଭାଷା, ସଂସ୍କୃତି, ସାହିତ୍ୟ, ସଭ୍ୟତା ଓ ପରମ୍ପରା ବିଶ୍ୱପ୍ରସିଦ୍ଧ। ତେବେ ଗ୍ରାମୀଣ ଯାନିଯାତ୍ରାରେ ଅଧିକ ପଶୁବଳି ହେଉଛି। ଧର୍ମ ଓ ଆଧ୍ୟାତ୍ମିକତା ନାମରେ କୌଣସି ସଭ୍ୟ ସମାଜରେ ପଶୁବଳୀ ଆଦୌ ଗ୍ରହଣୀୟ ନୁହେଁ। ଦେବୀଙ୍କ ସମ୍ମୁଖରେ ନିରୀହ ପଶୁଙ୍କୁ ବଳି ଦେବା ବନ୍ଦ ହେବା ଆବଶ୍ୟକ ବୋଲି କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଶନିବାର ସ୍ଥାନୀୟ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ କହିଛନ୍ତି । ସାହୁ କହିଛନ୍ତି ରାଜ୍ୟର ବହୁ ପ୍ରସିଦ୍ଧ ଶକ୍ତିପୀଠରେ ପଶୁବଳି ପ୍ରଥା ବନ୍ଦ ହେଲାଣି । କିନ୍ତୁ ପଶ୍ଚିମ ଓଡିଶାର କେତେକ ପୀଠରେ ଏହା ଜାରି ରହିଛି। ପଶୁ ପକ୍ଷୀଙ୍କ ରକ୍ତରେ ପୀଠ ରକ୍ତରଞ୍ଜିତ ହେଉଛି। ପ୍ରାଚୁର୍ଯ୍ୟ ଭିତରେ ରହି ଏହି ଅଞ୍ଚଳ ଗରିବ ଭାବରେ ଖ୍ୟାତି ଅର୍ଜନ କରିଛି। ଏଭଳି ସ୍ଥିତିରେ ସଚେତନତା ଅଭାବରୁ ଗ୍ରାମୀଣ ଅଞ୍ଚଳର ଲୋକେ ବଳି ପାଇଁ ଛେଳି, କୁକୁଡା କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏହାଦ୍ୱାରା ଗରିବ ପରିବାର ଗୁଡିକର ଅର୍ଥନୀତି ବିପର୍ଯ୍ୟସ୍ତ ହେଉଥିବା ସାହୁ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ବଳି ବନ୍ଦ କରିବା ପାଇଁ ଅନୁରୋଧ କରାଯିବା ସହିତ ସଚେତନତା ସୃଷ୍ଟି ପାଇଁ ଏକାଡେମୀ ପକ୍ଷରୁ ୫୦ହଜାର ଲିଫଲେଟ୍ ବଣ୍ଟନ କରାଯିବ ବୋଲି ସୂଚନା ଦିଆ ଯାଇଥିଲା। ଯୁଗ୍ମ ସମ୍ପାଦକ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଛାତ୍ର ସଂସଦ ନିର୍ବାଚନ

# ବନ୍ଦ ଘୋଷଣା ପରେ କ୍ୟାମ୍ପସ ମାହୋଲ ଫିକା

ବୀରମହାରାଜପୁର, ୧୩।୧୦ (ଡି.ଏନ.ଏ.)

ଚଳିତ ଶିକ୍ଷା ବର୍ଷର କଲେଜ ଛାତ୍ର ସଂସଦର ନିର୍ବାଚନ ପକ୍ରିୟା ଯଥାବିଧି ଆଗେଇଥିବା ସହ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ରାତି ପାହିଲେ ହୋଇଥାନ୍ତା ମତଦାନ। ଏଥିସକାଶେ କଲେଜ କର୍ତ୍ତୃପକ୍ଷ ପ୍ରସ୍ତୁତି ସାରିଥିବା ବେଳେ ପ୍ରାର୍ଥୀମାନେ ମଧ୍ୟ ପ୍ଲାଟ୍ଫର୍ମ ସ୍ପିଚ୍ ସାରି ଅନ୍ତିମ କସରତରେ ବ୍ୟସ୍ତ ରହିଥିଲେ। ତେଣେ ତିତିଲି ବାତ୍ୟା ଯୋଗୁଁ ସରକାର ଅପ୍ରତ୍ୟାଶିତ ଭାବେ ନିର୍ବାଚନକୁ ବାତିଲ ଘୋଷଣା କରିଦେଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୦ତାରିଖ ରାତିରେ ଜାରି କରାଯାଇଥିବା ଘୋଷଣାନାମା ଅନୁଯାୟୀ ୨୦୧୮-୧୯ ଶିକ୍ଷାବର୍ଷରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡିକର ଛାତ୍ର ସଂସଦର ନିର୍ବାଚନକୁ ବନ୍ଦ ରଖାଯାଇଛି। ତେବେ ଏହି ପ୍ରସଙ୍ଗରେ ଅନ୍ୟ ଜିଲାଗୁଡିକର କଥା ଯାହା ହେଉ, ଘୂର୍ଣ୍ଣିବାତ୍ୟା ତିତିଲିର ସେଭଳି ବିଶେଷ ପ୍ରଭାବ ନଥିବା ସୁବର୍ଣ୍ଣପୁର ଜିଲାର କଲେଜ ଗୁଡିକର ନିର୍ବାଚନ ବାତିଲ ହେବା ଘଟଣା ଅନେକଙ୍କୁ ବିସ୍ମିତ କରିଛି। ଏହି ଜିଲା ଅନ୍ତର୍ଗତ ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଡିଗ୍ରୀ କଲେଜର ଛାତ୍ରୀଛାତ୍ର ଏହାକୁ ସହଜରେ ହଜମ କରିପାରୁ ନାହାନ୍ତି। ଏଠାରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବରେ ଜାରି ରହିଥିବା ବେଳେ ବିଭିନ୍ନ ପଦ ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱୀତାର ସାମନା କରୁଥିବା ପ୍ରାର୍ଥୀମାନେ ଗଣତାନ୍ତ୍ରିତ ପରିସୀମା ଭିତରେ ଲଢ଼େଇ ଜାରି ରଖିଥିଲେ। ତେଣୁ ଶେଷ ମୁହୂର୍ତ୍ତରେ ବନ୍ଦ ଘୋଷଣା ସେମାନଙ୍କୁ ଚକିତ କରିଦେଇଛି। ଖାଲି ସେତିକି ନୁହେଁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଛାତ୍ର ସଂସଦର ଉପଦେଷ୍ଟା ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏଭଳି ସ୍ଥିତିରେ କେତେଜଣ ପ୍ରମୁଖ ପ୍ରାର୍ଥୀ, ଛାତ୍ରୀଛାତ୍ର ଏବଂ ଛାତ୍ର ସଂସଦ ଉପଦେଷ୍ଟାଙ୍କ ମତାମତ ଉପରେ ପର୍ଯ୍ୟବେସିତ ଏହି ବିଶେଷ ଉପସ୍ଥାପନା.।

**ଏମାନେ ଯାହା କୁହନ୍ତି...**



"ମୁଁ ଓ ମୋର ସହଯୋଗୀମାନେ ବହୁ ଶ୍ରମ ସ୍ୱୀକାର କରି ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଥିଲୁ । କିନ୍ତୁ ନିର୍ବାଚନ ବାତିଲ ଓ ଶନିବାର ବନ୍ଦ ହେବା ଶୁଣି ବହୁତ ମର୍ମାହତ । ଏହାକୁ ବନ୍ଦ ନ କରି ଘୁଞ୍ଚାଇ ଦିଆଯାଇ ଥିଲେ ଭଲ ହୋଇଥାନ୍ତା।

- ବଲ୍ଲଭ ମେହେର, ସଭାପତି ପ୍ରାର୍ଥୀ



"ଆମ ଅଞ୍ଚଳରେ ତିତିଲିର ଆଶଙ୍କା ନଥିଲା। ତା ସତ୍ତ୍ୱେ ଆମ କଲେଜ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରାଯାଇଛି। ସରକାରଙ୍କୁ ନିବେଦନ ଆମକୁ ଆମର ଅଧିକାର ସାବ୍ୟସ୍ତ କରିବାକୁ ପୁନଃ ସୁଯୋଗ ଦିଆଯାଉ।

- ଆକାଶ ମେହେର ସାଧାରଣ ସମ୍ପାଦକ ପ୍ରାର୍ଥୀ



"ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ହିସାବରେ ପ୍ରଥମ କରି ଛାତ୍ର ସଂସଦ ନିର୍ବାଚନରେ ମତଦାନ କରିଥାଆନ୍ତି। କିନ୍ତୁ ସେହି ସୁଯୋଗରୁ ବଞ୍ଚିତ ହୋଇଥିବାରୁ ଦୁଃଖ ଲାଗୁଛି। ପୁନଃ ତାରିଖ ଘୋଷଣା ହେଲେ ଖୁସି ହେବି।

-ଅନୀଶା ହୋତା, ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ



"କୌଣସି କାରଣ ନଥାଇ ଆମ କଲେଜ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଥିବାରୁ ସମସ୍ତ ଛାତ୍ରୀଛାତ୍ର ବିସ୍ମିତ। ଛାତ୍ର ସଂଗଠନର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଏକ ନୂତନ ମତଦାନ ତାରିଖ ଘୋଷଣା କରିବୁ ଦାବି ଜଣାଉଛୁ।

-କମଳଲୋଚନ ଭଞ୍ଜ, ସଭାପତି ପ୍ରାର୍ଥୀ



"ନିର୍ବାଚନ ବାତିଲ ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍। କାରଣ ଖରାପ ପାଗ ମତଦାତାଙ୍କ ଉପସ୍ଥାନ ଉପରେ ପ୍ରଭାବ ପକାଇ ଥାଆନ୍ତା । କିନ୍ତୁ ପୁନଃ ନିର୍ବାଚନ ତାରିଖ ଘୋଷଣା କରାଗଲେ ଛାତ୍ରୀଛାତ୍ରମାନେ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବେନାହିଁ।

-ସଦାଶିବ ଚାନ୍ଦ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର



"ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇଥିଲୁ। ଶେଷ ପର୍ଯ୍ୟାୟ ଯାଏଁ କଲେଜରେ ଶାନ୍ତିଶୃଙ୍ଖଳା ବଜାୟ ରହିଥିଲା। ନିର୍ବାଚନ ବାତିଲ ହେବା ନିରୁତ୍ସାହିତ କରିଥିଲା। ଏପରି ସ୍ଥଳେ ନିର୍ବାଚନ ବନ୍ଦ ନ କରି ଘୁଞ୍ଚାଇ ଦେଇଥିଲେ ଭଲ ହୋଇଥାଆନ୍ତା ।

-ଡ. ହିମାଂଶୁ ଶେଖର ପାଢ଼ୀ, ଛାତ୍ର ସଂସଦ ଉପଦେଷ୍ଟା



"ଛାତ୍ର ସମାଜର ସାମ୍ବିଧାନିକ ଅଧିକାର ଉପରେ କୁଠାରଘାତ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ବନ୍ଦ ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବ। ଏଣୁ ଏହାର ପୁର୍ନବିଚାର କରାଯିବା ଜରୁରୀ।

-ଆକାଶ ମେହେର, ସାଧାରଣ ସମ୍ପାଦକ ପ୍ରାର୍ଥୀ



"ଘୂର୍ଣ୍ଣିଝଡ ତିତିଲିର ବିଶେଷ ପ୍ରଭାବ ଆମ ଜିଲାରେ ଅନୁଭୂତି ହୋଇନଥିବା ସତ୍ତ୍ୱେ କଲେଜ ନିର୍ବାଚନ ବାତିଲ ହେବା କ୍ଷୋଭର ବିଷୟ। ସରକାର ତାଙ୍କ ନିଷ୍ପତ୍ତିର ପୁର୍ନ ବିଚାର କରିବା ଆବଶ୍ୟକ।

-ରୂପା କୁମ୍ଭାର, ଯୁକ୍ତ ୩ ଛାତ୍ରୀ



ଦୁର୍ଘଟଣାଗ୍ରସ୍ତ ବସ୍।

## ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଯାତ୍ରୀ

ବୀରମହାରାଜପୁର, ୧୩।୧୦ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ମିଶ୍ର ଆଣ୍ଡ ମିଶ୍ର ଟ୍ରାଭେଲ୍ସର ଉକ୍ତ ବସ୍ (ଓଆର୍ ୩୧-୩୦୮୦) ଶନିବାର ସକାଳେ ଯାତ୍ରୀମାନଙ୍କୁ ନେଇ ଯାଉଥିବା ବେଳେ ଏଠାରୁ ମାତ୍ର ୩କିମି ଦୂରବର୍ତ୍ତୀ ପଣ୍ଡାପାଲି ଯୋର ନିକଟ ରାସ୍ତାପାର୍ଶ୍ୱସ୍ଥ ପମ୍ପ ହାଉସ କାନ୍ଥକୁ ଧକ୍କା ଦେଇଥିଲା। ପାଚେରୀଟି ଭାଙ୍ଗି ପଡିଥିଲେ ମଧ୍ୟ କାନ୍ଥକୁ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରେ ବାଡେଇ ହେବା ପୂର୍ବରୁ ଅଟକି ଯାଇଥିଲା। ଫଳରେ ଏକ ନିଶ୍ଚିତ ବଡ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି। ବୀରମହାରାଜପୁର ପୋଲିସ ବିଳମ୍ବରେ ପହଞ୍ଚି ଏକ ମାମଲା ରୁଜୁ କରିଛି। ତେବେ ବସରେ ଥିବା ଯାତ୍ରୀମାନେ ଦୁର୍ଘଟଣାସ୍ଥଳରୁ ଚାଲିଯାଇ ସାରିଥିବାରୁ ଆହତମାନଙ୍କ ସମ୍ପର୍କରେ ସୂଚନା ମିଳି ପାରିନାହିଁ।

## ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ଗଜବନ୍ଧ ଚାମ୍ପିୟନ

ସିଂଘିଯୁବା,୧୩।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ନିଆଖାଇନାଲି ଖେଳ ପଡିଆଠାରେ ଶନିବାର ବିଂଶତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବାବୁପାଲି ବୀରବଜରଙ୍ଗ ୟୁଥ କ୍ଲବ ସୌଜନ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଗଜବନ୍ଧ ଓ ଝାରବାହାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାରବାହାଲି ଦଳକୁ ୧-୦ଗୋଲରେ ହରାଇ ଗଜବନ୍ଧ ଦଳ ଚାମ୍ପିୟନ ହୋଇଥିଲା । ବିନିକା ୧ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା ଏବଂ ବିଶ୍ୱଦେବ ବଡପଣ୍ଡା ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନୀ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ବାବୁପାଲି ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜମୋହନ ବଡପଣ୍ଡା, ନବୀନ ବଡପଣ୍ଡା, ଦେବରାଜ ଗଡତିଆ, ସୁଶୀଳ ବିଶି ଓ ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ ।

## ପୋଲିସ ଶହୀଦ ଦିବସ ଅବସରରେ ବାଇକ୍ ରାଲି

ସୋନପୁର,୧୩।୧୦(ନି.ପ୍ର.)



ବାଇକ୍ ରାଲିକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

୫୯ ତମ ପୋଲିସ ଶହୀଦ ଦିବସ ଅବସରରେ ସୁବର୍ଣ୍ଣପୁରରେ ଶନିବାର ପୋଲିସ ଅଧିକାରୀ ଓ କନଷ୍ଟେବଲଙ୍କୁ ନେଇ ଏକ ବାଇକ ରାଲି ଆୟୋଜିତ ହୋଇଥିଲା। ଜିଲା ପୋଲିସ ମୁଖ୍ୟାଳୟ ସମ୍ମୁଖରୁ ଏହି ରାଲି ବାହାରି ବୀରମହାରାଜପୁର ଅଭିମୁଖେ ଯାଇଥିଲା। ଚମ୍ପାମାଳ ଗ୍ରାମର ବୀର ସନ୍ତାନ ଶହୀଦ ନରସିଂହ ମହାକୁଡ ଓ କୁମରକେଲି ଗ୍ରାମର ବୀର ସନ୍ତାନ ଶହୀଦ ବିଭୀଷଣ ସାହୁ ଅମର ରହେ ନାରାରେ ରାସ୍ତା ପ୍ରକମ୍ପିତ ହୋଇ ଉଠିଥିଲା। ଜିଲାପାଳ ମଧୁସୂଦନ ମିଶ୍ର ସବୁଜ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଶହୀଦଙ୍କୁ ସମ୍ମାନ ଜଣାଇବା ପାଇଁ ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁ, ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା, ସର୍ଜେଣ୍ଟ ବିଶ୍ୱନାଥ ଜେନା ଓ ନିରଞ୍ଜନ ନାଏକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। କୁମରକେଲି ଓ ବୀରମହାରାଜପୁର ହାଇସ୍କୁଲରେ ଶହୀଦଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜିଲା ପ୍ରଶାସନର ଶହୀଦ ସ୍ମାରକୀ ଦିବସ ପାଳନ

## ସ୍ମୃତିସଭାରେ ଶହୀଦ ନରସିଂହ, ବିଭୀଷଣଙ୍କୁ ଶ୍ରଦ୍ଧାଞ୍ଜଳି

ବୀରମହାରାଜପୁର, ୧୩।୧୦(ଡି.ଏନ.ଏ.)



ଆୟୋଜିତ ଶହୀଦ ନରସିଂହ ମହାକୁଡ ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଶନିବାର ବୀରମହାରାଜପୁରଠାରେ ପାଳିତ ହୋଇଯାଇଛି ଶହୀଦ ସ୍ମାରକୀ ଦିବସ। ମାଓବାଦୀ ଦମନ ପାଇଁ ନିୟୋଜିତ ବୀରମହାରାଜପୁର ଅଞ୍ଚଳର ପୋଲିସ ଅଧିକାରୀ ନରସିଂହ ମହାକୁଡ ଏବଂ ଏସଓଜି ଯବାନ ବିଭୀଷଣ ସାହୁ ବୀରତ୍ୱର ପରାକାଷ୍ଠ ଦେଖାଇ ଶେଷରେ ପ୍ରାଣବଳୀ ଦେଇଥିଲେ। ସେହି ଦୁଇ ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ପୋଲିସ ପ୍ରଶାସନ ଦ୍ୱାରା ଶହୀଦଙ୍କ ପରିବାର ସମ୍ବର୍ଦ୍ଧିତ ହୋଇଥିଲେ। ଏଠାରେ ସ୍ମରଣଯୋଗ୍ୟ ଯେ, ବୀରମହାରାଜପୁର ନିକଟବର୍ତ୍ତୀ ଚମ୍ପାମାଳ ଗ୍ରାମର ନରସିଂହ ମହାକୁଡ ପୋଲିସ ବିଭାଗ ଅଧିନରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଜିଲା କିସିଣ୍ଡା ଜଙ୍ଗଲରେ କୋମ୍ବିଂ ଅପରେଶନ ଚଳାଇଥିଲେ । ୨୦୦୯ ମସିହା ଜୁନ ୪ତାରିଖରେ ସେ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିଲେ ।

ଅଞ୍ଚଳର ଅନ୍ୟତମ ଯୁବ ଶହୀଦ ହେଲେ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମର ବିଭୀଷଣ ସାହୁ ଏସଓଜି ଭାବେ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ୨୦୧୦ ମସିହା ଏପ୍ରିଲ ୪ତାରିଖରେ କୋରାପୁଟ ଜିଲା ବୈପାରୀଗୁଡା ଜଙ୍ଗଲରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ପ୍ରାଣବଳୀ ଦେଇଥିଲେ। ଶହୀଦ ସ୍ମାରକୀ ଦିବସ ପାଳନ ଉପଲକ୍ଷେ ନରସିଂହ ମହାକୁଡ ପାଠ ପଢ଼ିଥିବା ବୀରମହାରାଜପୁର ହାଇସ୍କୁଲ ଏବଂ ବିଭୀଷଣ ସାହୁ ପଢ଼ିଥିବା ଉଲୁଣ୍ଡା ବ୍ଲକ କୁମାରକେଲି ହାଇସ୍କୁଲଠାରେ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଉଭୟ ସଭାରେ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ଯୋଗଦେଇ ଜିଲାପାଳ ମଧୁସୂଦନ ମିଶ୍ର କହିଥିଲେ ଯେ, ମାଓବାଦୀ ଦମନ ଅଭିଯାନ କ୍ଷେତ୍ରରେ ଶହୀଦ ନରସିଂହ ଓ ଶହୀଦ ବିଭୀଷଣଙ୍କ ବୀରତ୍ୱର ଗାଥା ଚିରସ୍ମରଣୀୟ ହୋଇ ରହିବ। ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରି ମାଓବାଦୀ କାର୍ଯ୍ୟକଳାପ ଚାଲିଥିବାରୁ ତାହା ଆଉ ବେଶୀଦିନ ନୁହେଁ ବୋଲି ଜିଲାପାଳ ତଥା ଆରକ୍ଷୀ ଅଧିକ୍ଷକ ଚେତାବନୀ ଦେବାସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ଜିଲା ମୁଖ୍ୟାଳୟର ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିରିକ୍ତ ଏସପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ସୋନପୁର ଏସଡିପିଓ ମିହିର ପଣ୍ଡା, ଇନ୍ସପେକ୍ଟର ନରେନ୍ଦ୍ର ଷଡଙ୍ଗୀ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ବୀରମହାରାଜପୁର ସଭାରେ ଶହୀଦ ନରସିଂହଙ୍କ ଧର୍ମପତ୍ନୀ ସୁବାସିନୀ ମହାକୁଡ ଓ କୁମାରକେଲିରେ ଶହୀଦ ବିଭୀଷଣଙ୍କ ବାପା ବୈକୁଣ୍ଠ ସାହୁ ମଞ୍ଚାସୀନ ଥିଲେ। ପ୍ରଶାସନ ତରଫରୁ ସେମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ବକ୍ତୃତା ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଜିଲାପାଳ ମିଶ୍ର ପୁରସ୍କୃତ କରିଥିଲେ। ବୀରମହାରାଜପୁର ଏସଡିପିଓ ଧିରଜ କୁମାର ଚୌପଦାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ବୀରମହାରାଜପୁର ହାଇସ୍କୁଲ ସ୍ମୃତିସଭା ଶେଷରେ ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁମାରକେଲି ସ୍ମୃତିସଭା ଶେଷରେ ସଂପୃକ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ମନରୁଚି ପଧାନ ଧନ୍ୟବାଦ ଦେଇଥିଲେ। ଶହୀଦ ସ୍ମାରକୀ ଦିବସ ପାଳନ ଉପଲକ୍ଷେ ଆରକ୍ଷୀ ବାହିନୀ ପକ୍ଷରୁ ଏକ ବାଇକ ରାଲି ଜିଲା ସଦର ମହକୁମା ପରିକ୍ରମା କରିବା ସହ ବୀରମହାରାଜପୁର ଉପଖଣ୍ଡ ମୁଖ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ଅବସରରେ ଶହୀଦଦ୍ୱୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।

## ନିଶାର୍ଦ୍ଧରେ ସମ୍ପନ୍ନ ହେଲା ଖଉଳ ବଳି

ସୋନପୁର,୧୩।୧୦(ନି.ପ୍ର.)

ଅକ୍ଟୋବର ୮ତାରିଖଠାରୁ ସୋନପୁରର ପ୍ରସିଦ୍ଧ ବଳିଯାତ୍ରା ଆରମ୍ଭ ହୋଇଛି। ଶୁକ୍ରବାର ବିଳମ୍ବିତ ରାତି ଚତୁର୍ଥୀ ତିଥିରେ ରହସ୍ୟମୟୀ ଖଉଳ ବଳି ଅନୁଷ୍ଠିତ ହୋଇଥିଲା। ରାତ୍ରିର ତୃତୀୟ ପ୍ରହରରେ ଏହି କାର୍ଯ୍ୟକ୍ରମ ଅତି ଗୋପନୀୟ ଭାବେ କରାଯାଇଥିଲା। ସମଲେଶ୍ୱରୀ ପୀଠରେ ବିଶେଷ ପୂଜା ପରେ ରାତିରେ ବରୁଆ ଖମ୍ଭେଶ୍ୱରୀ ମନ୍ଦିରକୁ ଆସିଥିଲେ। ସେଠାରୁ ରାତି ଅଢେଇଟାରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ନିକଟକୁ ଯାଇଥିଲେ। ନିଶାର୍ଦ୍ଧରେ ମନ୍ଦିର ନିକଟ ପୋଖରୀ କୂଳ ଶିମୁଳି ଗଛ ମୂଳରୁ କଥିତ ଖଉଳ ଗାଡରୁ ବରୁଆ ନଖ ଦ୍ୱାରା ମାଟି ବାହାର କରିଥିଲା। ଖଉଳ ଗାତରୁ ମାଟି କାଢିବା ବିଶେଷ ପର୍ବକୁ ଏଠାରେ ଖଉଳ ଫିଟା କୁହାଯାଏ। ଏହି ସମୟରେ ବରୁଆ ୩ଥର ଜୋରରେ ଚିତ୍କାର କରେ। ଏପଟେ ଘରେ ଉଲଗ୍ନ ଅବସ୍ଥାରେ ଥିବା ବରୁଆର ପତ୍ନୀ ଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦେଇଥାଏ। ମାଟି କାଢିବା ପୂର୍ବରୁ ବରୁଆ ଖଉଳ ଗାତ ପାଖରେ ପୁରୋହିତଙ୍କ ଦ୍ୱାରା କଟା ଯାଇଥିବା ଯନ୍ତ୍ରରେ ଧ୍ୟାନସ୍ଥ ମୁଦ୍ରାରେ ବସନ୍ତି। ଏହି ଯଜ୍ଞକୁଣ୍ଡ ବା ଖଉଳ ଗାତର ମାଟିକୁ ବଳିଯାତ୍ରା ସମୟରେ ବରୁଆ ଦେହରେ ଦେବୀ ପ୍ରବେଶ କରିବା ପାଇଁ ନାଭିରେ ସ୍ପର୍ଶ କରାଯାଇଥାଏ । ବରୁଆ ବ୍ୟତୀତ ଏହି ମାଟିର ଉଗ୍ର ପ୍ରକୋପକୁ ଅନ୍ୟ କେହି ସହ୍ୟ କରି ପାରନ୍ତି ନାହିଁ ବୋଲି ଲୋକ କଥା ଅଛି। ଅନ୍ୟପକ୍ଷରେ ଖଉଳ ଗାଡରୁ ଧଳାମାଟି ବାହାରିଲେ ଉତ୍ତମ ପାଳକ, ଲାଲ ମାଟି ବାହାରିଲେ ସେ ବର୍ଷ ମରୁଡି-ଦୁର୍ବିପାକ ଏବଂ କଳାରଙ୍ଗର ମାଟି ବାହାରିଲେ ରୋଗ, ଶୋକ ଓ ମୃତ୍ୟୁର ଘନାଘଟା ରହିବ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଖଉଳ ଗାତରୁ ଦୁଇଟି ମାଟି ପାତ୍ରରେ ମାଟି କାଢି ମା' ସମଲେଇ ଓ ମା' ଖମ୍ଭେଶ୍ୱରୀଙ୍କ ମନ୍ଦିରକୁ ବରୁଆମାନେ ନିଅନ୍ତି। ଏହି ମାଟିକୁ ଆସନ୍ତା ବର୍ଷ ଯାତ୍ରା ସମୟରେ ବରୁଆଙ୍କ ନାଭିରେ ଲଗାଇଲେ ଦେବୀ ଅବିର୍ଭାବ ହୋଇଥାନ୍ତି। ଉକ୍ତ ମାଟିକୁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ପାଦ ତଳେ ଦୁଇ ପାର୍ଶ୍ୱରେ ରଖାଯାଏ। ତେବେ ମାଟିଉଠାଯିବା ପରେ ବରୁଆକୁ ସ୍ଥାନୀୟ ଘାଟ ହନୁମାନ ପୋଖରୀକୁ ସେବାୟତମାନେ ଫିଙ୍ଗିଆନ୍ତି। ଜଳାଶୟକୁ ଫିଙ୍ଗିବା ସମୟରେ ଉତ୍ତପ୍ତ ଲୁହା ପାଣିରେ ପଡିଲା ଭଳି ଶବ୍ଦ ହୋଇଥାଏ ବୋଲି ଲୋକ ମୁଖରୁ ଶୁଣାଯାଏ। ଭୋର ସମୟରେ ଖମ୍ଭେଶ୍ୱରୀ ମନ୍ଦିର ସମ୍ମୁଖରେ ଖୋଳନୃତ୍ୟ ଅନୁଷ୍ଠିତ ହୋଇଥିଲା।

# ପିଡିଏସ୍ ଚାଉଳ ପାଇଁ ହିତାଧିକାରୀ ହଟହଟା

ଅମରପାଲି, ୧୩।୧୦(ଡି.ଏନ.ଏ.)



ହିତାଧିକାରୀମାନେ ଚାଉଳ ନ ପାଇ ରାସ୍ତାରେ ଅଛନ୍ତି।

**ଦୁର୍ଜନଟୈଲା ଗ୍ରାମ ପଞ୍ଚାୟତ**

- ୫ କେଜି ଚାଉଳ ପାଇଁ ୬କିମି ଚାଲିଲେ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ
- ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ଦାବି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉପାନ୍ତ ଦୁର୍ଜନଟୈଲା ଗ୍ରାମ ପଞ୍ଚାୟତର ପିଡିଏସ୍ ପାଉଥିବା ହିତାଧିକାରୀ ଶନିବାର ପିଡିଏସ ଚାଉଳ ପାଇଁ ନାହିଁ ନ ଥିବା ହଇରାଣ ହୋଇଥିବା ଅଭିଯୋଗ କରିଛନ୍ତି। ସେମାନେ ଚାଉଳ ନେବା ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ହୋଇ ନ ଥିଲା। ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୩ରୁ ୪ କିମି ଦୂରରେ ଥିବା ବହଲପଦର ପଞ୍ଚାୟତର ଗୌଡଗାଡ ଗ୍ରାମ ରୁଗୁଡିଗୋଠଠାରେ ରାସ୍ତାକଡରେ ଚାଉଳ ବଣ୍ଟନ ହୋଇଥିଲା। ଯାହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଯାଇଥିଲା।

ପୂର୍ବରୁ ସାଧାରଣତଃ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ହେଉଥିଲା। ମାତ୍ର ଏବେ ହିତାଧିକାରୀଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଆଧାର ପଞ୍ଜୀକରଣ କରାଯାଇଛି। ପରିବାରର ଯେ କୌଣସି ଆଧାର ପଞ୍ଜିକୃତ ହୋଇଥିବା ବ୍ୟକ୍ତି ଚାଉଳ ବଣ୍ଟନ କେନ୍ଦ୍ରକୁ ଯାଇ ପିଏସଓରେ ଟିପ ଚିହ୍ନ ଦେଇ ଚାଉଳ ସଂଗ୍ରହ କରୁଛନ୍ତି। ପିଏସଓ ଯନ୍ତ୍ର ନେଟୱାର୍କ ନଥିଲେ ଚାଲି ନ ଥାଏ। ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି କରି ଏକ ବିଏସଏନଏଲ ଟାୱାର ଅଛି। ମାତ୍ର ତାହା କାର୍ଯ୍ୟକ୍ଷମ ନୁହେଁ । ତେଣୁ ସେଠାକୁ କୌଣସି ନେଟୱାର୍କ ଆସୁନାହିଁ। ଫଳରେ ପିଏସଓ ଯନ୍ତ୍ର ଚାଲିପାରୁ ନାହିଁ। ପିଏସଓ ଚାଲୁ ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ସମ୍ଭବ ହେଉ ନ ଥିବା ଚାଉଳ ବଣ୍ଟନ କରୁଥିବା ସେଲ୍ସମ୍ୟାନ ବିଭୀଷଣ ଦନ୍ତା ପ୍ରକାଶ କରିଛନ୍ତି। ତେଣୁ ବାଧ୍ୟ ହୋଇ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ନକରି ୩ରୁ ୪ କିମି ଦୂର ଯେଉଁଠି ନେଟୱାର୍କ ଆସୁଛି ସେଠାରେ ବଣ୍ଟନ କରାଯାଉଛି। ସରକାର ଡିଜିଟାଲ ଇଣ୍ଡିଆର ନାରା ଦେଇ ସମସ୍ତ ସରକାରୀ କାମ ଅନଲାଇନରେ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ମାତ୍ର ଉପାନ୍ତ ଅଞ୍ଚଳରେ ନେଟୱାର୍କ ସ୍ଥାପନ ନକରି ଏହି ପଦକ୍ଷେପ ନେଉଥିବାରୁ ସାଧାରଣରେ ଲୋକେ ହଇରାଣ ହେଉଛନ୍ତି। ପୂର୍ବରୁ ଥରେ ହିତାଧିକାରୀ ଏପରି ହଇରାଣ ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ବିଭାଗ ପୁନର୍ବାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ କରାଯାଉଥିଲା। ମାତ୍ର ଆଜି ପୁଣି ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ ହୋଇ ନ ଥିବାରୁ ଲୋକେ ହଇରାଣ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଶନିବାର ଯେଉଁଠାରେ ଚାଉଳ ବଣ୍ଟନ କରାଯାଉଥିଲା ସେଠାରୁ ଉକ୍ତ ପଞ୍ଚାୟତର କୁଞ୍ଚାପାଲି ଗ୍ରାମର ଦୂରତା ୭କିମି ହୋଇଥିବା ବେଳେ ଗୋଘାଟ, ବରଘାଟ ଦାଦର ଓ ସାଗଯୋରୀ ଗ୍ରାମର ଦୂରତା ପ୍ରାୟ ୬କିମି ଲେଖାଏଁ ହେବ। ସାଧାରଣତଃ ୫କେଜି ଚାଉଳ ନେବା ପାଇଁ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନେ ଚାଲିଚାଲି ଏତେ ଦୂର ଆସିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡିଛି। ତେଣୁ ଅନେକ ବ୍ୟକ୍ତି ଚାଉଳ ନେଇ ଆସି ପାରି ନାହାନ୍ତି। ଉକ୍ତ ଅଞ୍ଚଳର ଅଧିକାଂଶ ଲୋକ ଆଦିବାସୀ ଓ ଗରୀବ ଶ୍ରେଣୀର ଅଟନ୍ତି। ସେମାନଙ୍କ ପାଇଁ ସରକାରଙ୍କ ପିଡିଏସ ଚାଉଳ ଏକମାତ୍ର ସାହା ଭରସା ଅଟେ। ଏବେ ସେମାନେ ଚାଉଳ ନେଇ ନଥିବାରୁ ସେମାନଙ୍କ ଘରେ ଚୁଲି ମଧ୍ୟ ଜଳିବ ନାହିଁ। ସରକାରୀ ନିୟମ ମୁତାବକ ପିଏସଓ ଯନ୍ତ୍ର ଚାଲି ନପାରିଲେ ଅନଅଥରିକେଟେଡ ମାଧ୍ୟମରେ ସିଧାସଳଖ ହିତାଧିକାରୀଙ୍କ ଦସ୍ତଖତ ନେଇ ଚାଉଳ ବଣ୍ଟନ କରାଯାଇ ପାରିବ। ଯଦି ଏଠାରେ ନେଟୱାର୍କ ଆସୁନାହିଁ ତେବେ ଅନଅଥରିକେଟେଡ୍ ମାଧ୍ୟମରେ ଚାଉଳ ବଣ୍ଟନ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ପଚାରିବାରୁ ଅନ ଅଥରିକେଟେଡ୍ ମାଧ୍ୟମରେ ଚାଉଳ ଦେବାକୁ ଆମକୁ ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି କହିଥିଲେ।



ଅଡିଶନ୍ ଦ୍ବାରା ଜଣେ କଳାକାର ନିଜର ଦକ୍ଷତାକୁ ଭଲ ଭାବେ ଚିହ୍ନିପାରେ।
-ରାଧିକା ମଦନ, ବଲିଉଡ୍ ଅଭିନେତ୍ରୀ

## ସଂକ୍ଷେପରେ

### ବଡପୋଡାଗୁଡ଼ାଠାରେ ସ୍ବଚ୍ଛ, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

**ଲଡୁଗାଁ,୧୩।୧୦,(ଡି.ଏନ୍.ଏ.)** କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡ଼ାଗୁଡ଼ାଠାରେ ସ୍ବଚ୍ଛ, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ବିଡିଓ ବସନ୍ତ ସେଠିଙ୍କ ନେତୃତରେ ଏକ ସଚେତନତା ଦଳ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ପରିବେଷକୁ ସ୍ବଚ୍ଛ ଓ ନିଜେ ସୁସ୍ଥ ରହିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ପରିପେକ୍ଷୀରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ବିଡିଓ ସେଠୀ ଲୋକମାନଙ୍କୁ ସଚେତନ କରିବା ସହ ଗାଁର ସମସ୍ତଙ୍କ ଘରେ ପାଇଖାନା ତିଆରି କରି ଏହାର ବ୍ୟବହାର କରିବାକୁ କହିଥିଲେ। ଏଥିରେ ବ୍ଲକ ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ଜନ୍ତ୍ରୀ ଯଶୋବନ୍ତ ଭୋଇ, ଜପିଟିଏ ବିଦ୍ୟାଧର ଗୁଡୁ, ବଡପୋଡଗୁଡା ସରପଞ୍ଚ କସ୍ତୁରୀ ପୂଝାରୀ, ଜିଆରଏସ୍ କର୍ପୁର ନାଏକ, ୱାର୍ଡ ସଭ୍ୟ ଅଜୟ କୁମାର ସିଂ, ଆଶା ଓ ଅଙ୍ଗନୱାଡି କର୍ମି ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଲାଲସାଏ ନାଗ, ଗୋବର୍ଦ୍ଧନ ନାଏକ, ମନୋଜ କୁମାର ଦାସ, ଲଳିତ ନାଏକ, ମନ୍ମଥ ଦାସ, ଶିବରାମ ନାଏକ, ଅଭିମନ୍ୟୁ ପୂଝାରୀଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।

### ଭବାନୀପାଟଣାଠାରେ ଜିଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ

**ଭବାନୀପାଟଣା,୧୩।୧୦(ଡି.ଏନ୍.ଏ.)** କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଭାଗୃହଠାରେ ଜିଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ-୨୦୧୮ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ତିଆଡି ଯୋଗ ଦେଇଥିବାବେଳେ ଅତିଥି ଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାଶ, ଏଡିଏମ୍ଓ(ଭିବିଡି) ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ(ଆଖି) ଡା. ନନ୍ଦ କିଶୋର ପାଢ଼ୀ, ଡା. ସୁଶିଳ ଚନ୍ଦ୍ର ରଥ, ଆର୍‌ବିଏସ୍‌କେ ପରିଚାଳକ ସୁଧୀର କୁମାର ପଣ୍ଡା, ଚକ୍ଷୁ ସହାୟକ ଯୁଧିଷ୍ଠିର ପାତ୍ର, ଜିଲା ଆଶା ପରିଚାଳକ ଅକ୍ଷୟ କୁମାର ରଣା, ଲେପ୍ରୋସି ପରିଚାଳକ ରବୀନ୍ଦ୍ର ପାଣିଗ୍ରାହୀ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଖଗେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚକ୍ଷୁର ଯତ୍ନ ଏବଂ ଦୃଷ୍ଟି ଶକ୍ତିଜନିତ ବିଭିନ୍ନ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବରିଷ୍ଠ ଏବଂ କନିଷ୍ଠ ବିଭାଗରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଭାଗରେ ଶାଶ୍ୱତୀ ସ୍ୱାଇଁ ପ୍ରଭା ପ୍ରଥମସ୍ଥାନ ଅଧିକାର କରିଥିଲା ବେଳେ କେ. ଅନିତା ପାତ୍ର ଦ୍ୱିତୀୟ ଏବଂ ସୁଷମା ମେହେର ଓ ରେଶ୍‌ମା ଦୁର୍ଗା ଯୁଗ୍ମଭାବେ ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ପ୍ରିୟଙ୍କା କର ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ବର୍ଷା ମୌସୁମୀ ଦାଶ ଦ୍ୱିତୀୟ ଓ ଶୁଭଶ୍ରୀ ବାରିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟ ଓ ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଚକ୍ଷୁରୋଗ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚକ୍ଷୁରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ଦସ୍ତଖତ ଅଭିଯାନର ଆୟୋଜନ କରାଯାଇଥିଲା।

## ଚିଟୈଗୁଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ହିଁ ସୁରଭିର ଲକ୍ଷ୍ୟ

**ଜୁନାଗଡ,୧୩।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟୈଗୁଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଚିଟୈଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ତଥା ସୁରଭି-୨୦୧୮ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଟୈଗୁଡ଼ା କ୍ଲଷ୍ଟରର ଚିଟୈଗୁଡ଼ା ସମେତ କଳିଆକୁଣ୍ଡଲ ପଞ୍ଚାୟତର ୧୪ଟି ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଜୁନିୟର ଓ ସିନିୟର ବର୍ଗ ଅନୁଯାୟୀ ଚିତ୍ରାଙ୍କନ, ତର୍କ, ନୃତ୍ୟ, ହସ୍ତାକ୍ଷର, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ, ଗୀତ ଆଦି ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଚିଟୈଗୁଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେମାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଶିକ୍ଷକ ବିଧାନଚନ୍ଦ୍ର ମେହେର, ବେଣୁଧର ମେହେର, ଶେଷଦେବ ମେହେର, ସୁଧୀର କୁମାର ମେହେର, ପ୍ରେମଲାଲ ବାଗ, ଶକ୍ତି ପ୍ରସାଦ ମେହେର, ଜୟନ୍ତ କୁମାର ପଣ୍ଡା, ଦେବେନ୍ଦ୍ର ମେହେର, ଦୀନବନ୍ଧୁ ମେହେର, ମିଳନ ମେହେର, ନିଳାମ୍ବର ମେହେର, ବୀଣାପାଣି ମେହେର, ସୁଦାମ ମେହେର, ଅଦ୍ୟୁତ ମେହେର, ଅଦ୍ଭୁତ ହରିଜନ, ଉପେନ୍ଦ୍ର ମେହେର, ଶିକ୍ଷୟିତ୍ରୀ ଲୀଳାବତୀ ମେହେର, ଦୀପାଞ୍ଜଳୀ ମେହେର, ହେମାଙ୍ଗିନୀ ମେହେର ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ହିଁ ସୁରଭିର ଲକ୍ଷ୍ୟ ବୋଲି କହିଥିଲେ। ସେହିପରି କାର୍ଯ୍ୟକ୍ରମକୁ ଚିଟୈଗୁଡ଼ା ସିଆର୍‌ସିସି ସଂକୀର୍ତ୍ତନ ବିହାରୀ ପରିଚାଳନା କରିଥିଲେ।



ଚିଟୈଗଡ଼ାରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ତଲବେଲ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ

**ଭବାନୀପାଟଣା,୧୩।୧୦ (ଡି.ଏନ୍.ଏ.)**

ଭବାନୀପାଟଣା ବ୍ଲକ ଅଧୀନ ତଲବେଲଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲସିପଡ଼ା ସିଆର୍‌ସିସି କୈଳାସ ସାସମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଉମାଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ କୈକେୟୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ଅମରେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରାମଚନ୍ଦ୍ର ନାଗଙ୍କ ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମହିଳାଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣା

# ହାଜତକୁ ଗଲେ ଆକ୍ରମଣକାରୀ

**ଜୁନାଗଡ,୧୩।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଧୀନ ଦାସିଗାଁ ଉପରପଡାରେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ରକରି ସେପ୍ଟେମ୍ବର ୧୫ତାରିଖ ରାତିରେ ସରୋଜିନୀ ଠାକୁର(୫୦) ନାମକ ଜଣେ ମହିଳାଙ୍କୁ ଗ୍ରାମର ଲଳିତ ବାଗ(୪୫) ନାମକ ଜଣେ ବ୍ୟକ୍ତି ଟାଙ୍ଗିଆରେ ମରଣାତ୍ମକ ଆକ୍ରମଣ କରିଥିଲେ। ଫଳରେ ସରୋଜିନୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ୧୦ଦିନ ଚିକିତ୍ସାପରେ ସେ ଘରକୁ ଫେରିଥିଲେ। ଏନେଇ ସରୋଜିନୀଙ୍କ ବଡ ପୁଅ ବେଣୁଧର ୧୬ ତାରିଖରେ ଜୁନାଗଡ଼ ଥାନାରେ ଆକ୍ରମଣକାରୀ ଲଳିତ ବାଗଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୧୩ ଦିନ ପରେ ମଧ୍ୟ ଜୁନାଗଡ଼ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ସେପ୍ଟେମ୍ବର ୨୯ତାରିଖରେ 'ଧରିତ୍ରୀ' ସମ୍ବଲପୁର ସଂସ୍କରଣରେ ଏକ ଖବର ପ୍ରକାଶ ପାଇଥିଲା। ଏନେଇ ଜୁନାଗଡ ପୋଲିସ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ଶୁକ୍ରବାର ଆକ୍ରମଣକାରୀ ଲଳିତ ବାଗଙ୍କୁ ଜୁନାଗଡ଼ ପୋଲିସ ଗିରଫ କରିଥିଲା। ଶନିବାର ପୋଲିସ ଆଇପିସିର ଦଫା ୨୯୪, ୩୦୭, ୫୦୬, ୩୨୪ରେ ଏକ ମାମଲା(ନଂ.୨୫୭/୨୦୧୮)ରୁଜୁ କରି ଲଳିତଙ୍କୁ ଜୁନାଗଡ଼ ଜେଏମ୍‌ଏଫ୍‌ସି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଲଳିତଙ୍କୁ ଧର୍ମଗଡ଼ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ନାକଟିଦେଉଳ,୧୩।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରଣାଳୟ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୨୭ ତାରିଖ ଠାରୁ ୧୫ ଦିନ ଧରି ଚାଲିଥିବା ଏହି ଶିବିର ଶନିବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ପ୍ରଥମ ବର୍ଷ ୧୧୦ ଛାତ୍ରୀ ଶିବିରରେ ଯୋଗ ଦେଇଥିଲେ। ଶେଷ ବର୍ଷର ଛାତ୍ରୀ ପ୍ରତିଭା ଡାଙ୍ଗ, ଦୀପାଞ୍ଜଳି ବାର୍ଲା ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ଥାନା ଏସଆଇ ଅନିତା ପଟ୍ଟନିଆ ମୁଖ୍ୟ ଅତିଥି, ଯୁକ୍ତ ୨ର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଦୀପେନ ପଟ୍ଟନାୟକ ମୁଖ୍ୟବକ୍ତା ମଞ୍ଚାସୀନ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ସ୍ଥିତି ଓ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଆତ୍ମସୁରକ୍ଷା ତାଲିମର ଆବଶ୍ୟକତାକୁ ଦର୍ଶାଇଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ପ୍ରଧାନ, ଅଧ୍ୟାପିକା ଶ୍ୱେତାଶ୍ରୀ ପ୍ରଧାନ, ଲିଟିନା ପ୍ରିୟଦର୍ଶନୀ ସାହୁ ଉପସ୍ଥିତ ରହିଥିଲେ। ତାଲିମ ଗ୍ରହଣ କରିଥିବା ସମସ୍ତ ଛାତ୍ରୀ ଏବଂ ତାଲିମଦାତାଦ୍ୱୟଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲା।

### ଚେକ୍‌ଡ୍ୟାମ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୋକସରା୧୩।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅଧୀନ ଗୋଟୋମୁଣ୍ଡା ସାହାଜଖୋଲ ଜଙ୍ଗଲ ପାଖ ଅଠରନଲା ଚେକ୍‌ଡ୍ୟାମ୍‌ରୁ ଶନିବାର ଆମପାଣି ପୋଲିସ ଭାସୁଥିବା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଗୋଟୋମୁଣ୍ଡା ଗ୍ରାମର କ୍ଷେତ୍ର ଖମାରୀଙ୍କ ପୁଅ ଅଖିଳ ଖମାରୀ(୨୮) ବୋଲି ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ଅଖିଳ ଗତ ବୁଧବାରଠାରୁ ଘରୁ ନିଖୋଜ ହୋଇଯାଇଥିଲେ। ଶନିବାର ସକାଳେ ଜଙ୍ଗଲକୁ ଯାଇଥିବା କିଛି ଲୋକ ଅଠରନଲା ଚ୍ୟାକଡ୍ୟାମରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଆମପାଣି ପୋଲିସ ପହଞ୍ଚି ଓଡ୍ରାଫ ଟିମ୍ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଏଏସ୍ଆଇ ଝଜନେଶ୍ୱର ନାଏକ ସୂଚନା ଦେଇଛନ୍ତି। ଏନେଇ ଆମପାଣି ପୋଲିସ ଏକ ଅପମୃତ୍ୟୁ ମାମଲା(୭/୨୦୧୮)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଖିଳ ଅପସ୍ମାର ରୋଗରେ ପୀଡିତ ଥିବାରୁ ହୁଏତ ସେ ପାଣିରେ ପଡି ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ସହ ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି।



ଚେକ୍‌ଡ୍ୟାମ୍‌ରୁ ମୃତଦେହ ଉଦ୍ଧାର କରାଯାଉଛି।

### ନୂଆ ବସ୍‌ଷ୍ଟାଣ୍ଡ ଜୁନାଗଡ଼ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ଜୁନାଗଡ଼,୧୩।୧୦(ସ୍ୱ.ପ୍ର)**

ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଜୁନାଗଡ଼ ନୂଆ ବସ୍‌ଷ୍ଟାଣ୍ଡ ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳନ ନେଇ ଗଜଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ପୂର୍ବବର୍ଷ ଥିବା କାର୍ଯ୍ୟକର୍ତ୍ତାମାନଙ୍କ କାର୍ଯ୍ୟ ଧାରାରେ ସନ୍ତୋଷ ପ୍ରକାଶ କରାଯାଇଥିଲା। ଚଳିତ ବର୍ଷ ସେମାନଙ୍କୁ ପୂର୍ବପରି କାର୍ଯ୍ୟ ତୁଲାଇବା ପାଇଁ ସଭ୍ୟମାନେ ଅନୁରୋଧ କରିଥିଲେ। ଏହି କ୍ରମରେ ସଭାପତି ଭାବେ ରାମଚନ୍ଦ୍ର ପଟ୍ଟନାୟକ, ଉପସଭାପତି ପରମାନନ୍ଦ ପ୍ରଧାନ, ସମ୍ପାଦକ କୈଳାସ ଚନ୍ଦ୍ର ରାଉତ, ସହ ସମ୍ପାଦକ ଦୁର୍ଗାମାଧବ ବେହେରା, ହିସାବ ନିରୀକ୍ଷକ ଦୁର୍ଗାଶଙ୍କର ସିଂ, କୋଷାଧ୍ୟକ୍ଷ ବିକାଶ କୁମାର ଅଗ୍ରୱାଲ, ଯୁଗ୍ମ କୋଷାଧ୍ୟକ୍ଷ ମନୋଜ କୁମାର ମେହେରଙ୍କୁ ସର୍ବସମ୍ମତି ପ୍ରସ୍ତାବ ଗ୍ରହଣ ପୂର୍ବକ ଅନୁମୋଦନ କରାଯାଇଥିଲା। ସର୍ବ ସମ୍ମତି କ୍ରମେ ବିଭିନ୍ନ କମିଟି ଗଠନ କରି ଗଜଲକ୍ଷ୍ମୀଙ୍କର ୪୧ତମ ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ସହକାରେ ପାଳନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଦୁର୍ଗା ଶଙ୍କର ସିଂ ଚଳିତବର୍ଷ କର୍ତ୍ତା ଭାବେ ମନୋନୀତ ହୋଇଥିଏ। ମିନା ବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## କୋକସରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କୋକସରା,୧୩।୧୦(ଡି.ଏନ.ଏ.)**

କୋକସରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୋଷ୍ଠୀ ସାଧନ କେନ୍ଦ୍ର ପରିସରଠାରେ ଆୟୋଜିତ ହୋଇଯାଇଛି। ଶିକ୍ଷା ବିଭାଗର କ୍ଲଷ୍ଟରସ୍ତରରେ ଯେଉଁ ଛାତ୍ରୀଛାତ୍ରମାନେ କୃତକାର୍ଯ୍ୟ ହୋଇଥିଲେ ସେମାନଙ୍କୁ ନେଇ ବକୃତା, ଚିତ୍ରାଙ୍କନ, ଗୀତ, ସାଧାରଣ ଜ୍ଞାନ ଓ ନୃତ୍ୟ ଭଳି ପ୍ରତିଯୋଗୀତା ହୋଇଥିଲା। ଅନୁଷ୍ଠିତ ଉଦ୍‌ଯାପନୀ ମହୋତ୍ସବରେ ମୁଖ୍ୟଅତିଥି ଭାବେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀ, କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଲଡୁଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ରୂପେନ୍ଦ୍ର ବାଣୁଆ, ମୁଖ୍ୟ ବକ୍ତା ଭାବେ ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସୁରଭିର ପ୍ରୟାସ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗଦେଇ ଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ଓ ସମ୍ବଲପୁରୀ ସାଂସ୍କୃତିକ ଲୋକକଳା ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ବାରିକ, ବିଆର୍‌ସିସି ତୋଫାନ ମାଝି କାର୍ଯ୍ୟକ୍ରମର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଏଥିରେ ୧୭ଟି କ୍ଲଷ୍ଟରର ସିଆର୍‌ସିସି ଉପସ୍ଥିତ ଥିବା ବେଳେ ଶିକ୍ଷକ ସଞ୍ଜୀବ କୁମାର ପାଢ଼ୀ, ବୈକୁଣ୍ଠ ଜାଳ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ପ୍ରତିଭାକୁ ପ୍ରସଂଶା କରିଥିଲେ।

## ହାବସପୁର ପ୍ରାଥମିକ ଚିକିତ୍ସାକେନ୍ଦ୍ର

# ଡାକ୍ତରଙ୍କ ବଦଳି ବାତିଲ୍ ଦାବି

**ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଫେରାଦ**

**ଜୁନାଗଡ,୧୩।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ହାବସପୁର ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ବିବେକାନନ୍ଦ ମହାନନ୍ଦଙ୍କ ବଦଳି ପ୍ରତ୍ୟାହାର ଦାବି ନେଇ ଶନିବାର ଅଞ୍ଚଳବାସୀ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ତିଆଡିଙ୍କ ନିକଟରେ ଫେରାଦ ହୋଇଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତିଆଡିଙ୍କୁ ଲିଖିତ ଭାବେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ମୁତାବକ, ଗତ ଏକ ବର୍ଷ ହେଲା ହାବସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମହାନନ୍ଦ ନିଜ ଦାୟିତ୍ୱ ସୁଚାରୁ ରୁପେ ନିର୍ବାହ କରିଥିଲେ। ତବେ କୌଣସି କାରଣ ନ ଥାଇ ତାଙ୍କୁ ହଠାତ ଚିଲଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଛି। ଫଳରେ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେବା ସହ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଡାକ୍ତର ମହାନନ୍ଦଙ୍କ ବଦଳି ପ୍ରତ୍ୟାହାର କରି ପୁଣି ହାବସପୁର ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ଫେରେଇ ଆଣିବା ପାଇଁ ଦାବି କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ତିଆଡି ଘଣାଟାର ଅନୁଧ୍ୟାନ କରି ଅବାଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିବା ଗ୍ରାମବାସୀ କହିଛନ୍ତି। ଯୁବ ଆଇନଜୀବୀ ତଥା ସାମାଜିକ କର୍ମୀ ଚିତ୍ତରଞ୍ଜନ ନିଆଲଙ୍କ ତତ୍ତ୍ୱାବଧାନରେ ଆଇନଜୀବୀ ଜୟଦେବ ସୁନାନୀ, ଗୋକୁଳ ଚନ୍ଦ୍ର ନାଗ, ଗୋପୀନାଥ ନାଗ, ନବୀନ କୁମାର, ମହେନ୍ଦ୍ର ପାନ, କ୍ଷୀରସିନ୍ଧୁ ନିଆଲ, ହରିହର ଦୁର୍ଗା, ଦିଲୀପ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଳିପ୍ରଥା ବନ୍ଦ ନେଇ ସଚେତନତା ଶୋଭାଯାତ୍ରା

**ଜୁନାଗଡ଼,୧୩।୧୦(ସ୍ୱ.ପ୍ର.)**

ପ୍ରାବର୍ଣ ଋତୁରେ ବିଭିନ୍ନ ଶକ୍ତିପୀଠରେ ନବରାତ୍ରି ପୂଜା ସହିତ ଅନ୍ୟାନ୍ୟ ପୂଜା ପାଳିତ ହୋଇଥାଏ। ଏହି ସମୟରେ ବିଭିନ୍ନ ଶକ୍ତିପୀଠରେ ନିରିହ ଜୀବ ଜନ୍ତୁ ଯଥା କୁକୁଡ଼ା, ପାରା ଛେଳି, ପୋଢ ଆଦିଙ୍କୁ ବଳି ପକାଇ ପୂଜାର୍ଚ୍ଚନା କରାଯାଇଥାଏ। ବଳି ପ୍ରଥା ବନ୍ଦ କରିବା ନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜୁନାଗଡ଼ର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶନିବାର ଏକ ସଚେତତନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ର ବିଦ୍ୟାଳୟ, ବ୍ଲକ କଲୋନୀ ୟୁ.ଜି ମ.ଇ. ସ୍କୁଲର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ଲିଫଲେଟ ବାଣ୍ଟି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଜୁନାଗଡ ହାଇସ୍କୁଲ ଏନ୍‌ସିସି ଶିକ୍ଷକ ସଞ୍ଜୀବ ପଣ୍ଡା, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ, କେନ୍ଦ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଖମାରୀ, ଧୀରେନ୍ଦ୍ର ମେହେର ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା।



ବଳି ପ୍ରଥା ବନ୍ଦ କରିବା ନେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।



ନିଜକୁ 'ଡାଡିଙ୍କ ଛୋଟ ଝିଅ' ଭାବେ । ସ୍ୱର୍ଗୀୟ ପିତାଙ୍କ ଜୟନ୍ତୀରେ ଅତୀତର ଆବେଗପୂର୍ଣ୍ଣ ସ୍ମୃତି ଭାରି ମନେପଡ଼େ ।
– ପ୍ରିୟଙ୍କା ଚୋପ୍ରା, ବଲିଉଡ୍ ଅଭିନେତ୍ରୀ

## ସଂକ୍ଷେପରେ

### ୧୦୬୩ଜଣଙ୍କୁ ଭତ୍ତା ବଣ୍ଟନ

**ପାଇକମାଳ,୧୩।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ପରିସରରେ ଶନିବାର ୨୨ଟି ପଞ୍ଚାୟତର ୧୦୬୩ଜଣ ହିତାଧିକାରୀଙ୍କୁ ଏକକାଳୀନ ୩ ମାସର ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ଭତ୍ତା ଶନିବାର ବଣ୍ଟନ କରାଯାଇଛି । ଏହି ଅବସରରେ ବିଡିଓ ସଦାଶିବ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ନିରୁପମା ସିଂ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବକାରୀ ଚଢ଼ାଉ, ୨ ଗିରଫ

**ବରଗଡ଼ ଅଫିସ୍,୧୩।୧୦:** ବରଗଡ଼ ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ଓ ଗଞ୍ଜେଇ କାରବାର ଉପରେ ଧରପଗଡ଼ ହୋଇଛି । କଟାପାଲି ଗ୍ରାମରେ ଚଢ଼ାଉ କରାଯାଇ ୧କିଗ୍ରା ୨୬୦ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ଉକ୍ତ ଗ୍ରାମର ସୁରେନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି । ସେହିପରି ବରପାଲି ଅଞ୍ଚଳରେ ଚଢ଼ାଉ ହୋଇ ୪୦ଲିଟର ଚୋରାମଦ ଏବଂ ୨୨୦୦କିଗ୍ରା ପୋଚ ଜବତ ହୋଇଛି । ଏହି ଘଟଣାରେ ନିରାକାର ଦାସଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଭାଜପାର ନୂଆଁଖାଇ ଭେଟ୍‌ଘାଟ୍

**ଗାଇସିଲେଟ୍,୧୩।୧୦(ଡି.ଏନ.ଏ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଭାଜପା ପକ୍ଷରୁ ନୂଆଁଖାଇ ଭେଟ୍ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଭାଜପା ନେତା ସୁବାଷ ଚୌହାନ, ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ବାବୁଲି ସେଠୀ, ଜିଲା ପରିଷଦ ସଭ୍ୟା ସସ୍ମିତା ତନସନା ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ୨୦୧୬ ମସିହା ପାଇଁ ଶ୍ରେଷ୍ଠ ବିଧାୟକ ଭାବେ ପୁରସ୍କୃତି ପଦ୍ମପୁର ବିଧାୟକ ପୁରୋହିତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜୋନ-୧ର ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁ ସ୍ୱାଗତ ଭାଷଣ ଦେଇଥିଲେ । ଜୋନ-୨ର ସଭାପତି ପୂର୍ଣ୍ଣାନନ୍ଦ ସିଂ ଠାକୁର ପରିଚୟ ପ୍ରଦାନ କରିଥିବା ବେଳେ ଛବିଲାଲ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିନ୍ଧ୍ୟବାସିନୀଙ୍କ ବଳି ପାଇଁ ଲଗ୍ନଧାର୍ଯ୍ୟ

**ପାଇକମାଳ,୧୩।୧୦(ଡି.ଏନ.ଏ):** ପାଇକମାଳ ବ୍ଲକ ନୃସିଂହନାଥ ପରିସରରେ ଥିବା ମା' ଦୁର୍ଗାଦେବୀ ଓ ବିନ୍ଧ୍ୟବାସିନୀ ଦେବୀଙ୍କ ମହାଷ୍ଟମୀ ପୂଜା, ଭାଇ ଜିଉଁଥିଆ, ମହାନବମୀ ଓ ବଳି ପୂଜା ପାଇଁ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ମନ୍ଦିର ପଣ୍ଡିତ ସତ୍ୟ ପୁରୋହିତ ବିନ୍ଧ୍ୟବାସିନୀ, ଦେବୀଙ୍କ ପୂଜାରିଣୀ (ବୁରୁଆ) ନଳିନୀ ପୂଜାରୀ, ପଣ୍ଡିତ ଡିଗ୍ରିଧର ଦେବତା, ଝସକେତନ ନନ୍ଦଙ୍କ ଉପସ୍ଥିତିରେ ଲଗ୍ନ ଧାର୍ଯ୍ୟ କରାଯାଇଥିଲା। ମଙ୍ଗଳବାର ମହାଷ୍ଟମୀ ପୂଜା, ଭାଇ ଜଉିଁଥିଆ ଏବଂ ବିନ୍ଧ୍ୟବାସିନୀ ଦେବୀଙ୍କ ବଇଲଭାର ପାଇକମାଳ ଗୌଣ୍ଟିଆ ଘର ଠାରୁ ନୃସିଂହନାଥ ବିନ୍ଧ୍ୟବାସିନୀ ଘରକୁ ଯିବ। ବୁଧବାର ଅପରାହ୍ନ ୨ଟା ସମୟରେ ନୃସିଂହନାଥ ପୀଠର ପାଟଖଣ୍ଡା ବିନ୍ଧ୍ୟବାସିନୀ ଦେବୀଙ୍କ ପୀଠକୁ ଅଣା ଯିବ ଓ ପରେ ବଳିପୂଜା ହେବା ପାଇଁ ସ୍ଥିର ହୋଇଛି । ପାଇକମାଳ ପୂଜା କମିଟି ସମ୍ପାଦକ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଞ୍ଝାଲ ସମାଜ ବୈଠକ

**ଝାରବନ୍ଧ, ୧୩।୧୦ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ବଡଅନକିଠାରେ ପଞ୍ଚାୟତ ସ୍ତରୀୟ ବିଞ୍ଝାଲ ସମାଜର ଏକ ସାମାଜିକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଜୋନ୍ ସଭାପତି ଗୋପାଳ ବରିହାଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ବ୍ଲକର ୭ଟି ଗ୍ରାମପଞ୍ଚାୟତର ସଭାପତି, ସମ୍ପାଦକ, ବୋର୍ଡ ସଦସ୍ୟ ଉପସ୍ଥିତ ଥିଲେ । ସଭାରେ ସମାଜର ଶିକ୍ଷା, ଭାଷା, ସଂସ୍କୃତି, ପରମ୍ପରା, ଏକତା ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତି ତ୍ରିଲୋଚନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ସିର୍ତୋଲ ଦୁର୍ଗାପୂଜା ୨୨ ବର୍ଷ ପୂର୍ତ୍ତି

**ନୂଆପଡ଼ା ଅଫିସ,୧୩।୧୦**

ନୂଆପଡ଼ା ସହରର ପୁରୁଣାବସ୍ତି ସିର୍ତୋଲର ଦୁର୍ଗାପୂଜାକୁ ଚଳିତ ବର୍ଷ ୨୨ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ପୂଜାକୁ ଭବ୍ୟ କରିବାକୁ ସବୁ ସ୍ତରରେ ଅଣ୍ଟା ଭିଡ଼ିଛନ୍ତି କର୍ମକର୍ତ୍ତା। ପ୍ରଥମ କରି ଜ୍ୟୋତି କକ୍ଷା ଗୃହ ଉଦ୍‌ଘାଟିତ ହୋଇଛି। ଏଥିରେ ୨୦୦ ଦୀପ ପ୍ରଜ୍ୱଳନ କରାଯାଉଛି । ଏଥର ରାୟପୁରର ପ୍ରସିଦ୍ଧ ରଙ୍ଗସରୋଭର କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହେବ। ନୂଆପଡ଼ା ଏନ୍‌ଏସିର ୧୨ ନମ୍ବର ୱାର୍ଡ ସିର୍ତୋଲ ବସ୍ତିରେ ଅନ୍ୟୁନ ୨ଶହ ପରିବାର ବସବାସ କରନ୍ତି। ଆଜିକୁ ୨୧ବର୍ଷ ତଳେ ୧୯୯୬ରେ ସ୍ଥାନୀୟ କେତେଜଣ ଉଦ୍‌ଯୋଗୀ ଯୁବକଙ୍କ ଦ୍ୱାରା ବସ୍ତିରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ପ୍ରଥମ କରି ଆଇନଜୀବୀ ଅଶୋକ କୁମାର ଦେୱାଙ୍ଗନ ପୂଜା କାର୍ଯ୍ୟ ତୁଲାଇଥିଲେ। ବଜେଟ୍ ଥିଲା ୩ ହଜାର। ଏହି ସ୍ୱଳ୍ପ ବ୍ୟୟର ଶାରଦୀୟ ପୂଜା କିନ୍ତୁ ବସ୍ତିବାସିନ୍ଦାଙ୍କ ହୃଦୟକୁ ଛୁଇଁ ପାରିଥିଲା। ତହିଁ ଆରବର୍ଷ ଆପଣାଛାଏଁ ବସ୍ତିର ବାସିନ୍ଦାମାନେ ପୂଜାରେ ସାମିଲ୍ ହେବାକୁ ଆଗେଇ ଆସିଥିଲେ। ପ୍ରତି ବର୍ଷ ପୂଜାର କଳେବର ବୃଦ୍ଧି



ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି ।

ପାଇଲା । ବସ୍ତିର ସମସ୍ତ ଲୋକଙ୍କ ସହଯୋଗରେ ସାର୍ବଜନୀନ ଦୁର୍ଗାପୂଜା ଆୟୋଜିତ ହୋଇଆସୁଛି। ଏଥର ମଧ ସଭାପତି ଅଶୋକ ଦେୱାଙ୍ଗନଙ୍କ ନେତୃତ୍ୱରେ ପୂଜା ଚାଲିଛି । ବସ୍ତି ମଝିରେ ରହିଛି ପୂଜାମଣ୍ଡପ। ଏଠାରେ ଏକ ସ୍ଥାୟୀ ମଣ୍ଡପରେ ଜ୍ୟୋତିକକ୍ଷା ପ୍ରତିଷ୍ଠା କରାଯାଇଛି । ପୂଜା ଆରମ୍ଭ ଦିନ ପୂର୍ବତନ ବିଧାୟକ ରାଜେନ୍ଦ୍ର ଡୋଲକିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପୂଜା କମିଟି ଦ୍ୱାରା ସୋମବାର ବେଲ୍ଲାଧିବାସ ଏବଂ ମଙ୍ଗଳବାରରୁ ନବରାତ୍ର ପୂଜା ଆରମ୍ଭ ହୋଇଛି । ପ୍ରତି ସନ୍ଧ୍ୟାରେ ଆଳତୀ ସମୟରେ ଶତାଧିକ ଭକ୍ତଙ୍କ ସମାଗମ ହେଉଛି। ମା'ଙ୍କ ଅବତାରଭିତ୍ତିକ ପୂଜା କରାଯାଉଛି। ୯ ଦିନ ଧରି ରାତିରେ ଦାଣ୍ଡିଆ କାର୍ଯ୍ୟକ୍ରମକୁ କେବଳ ବସ୍ତି ବାସିନ୍ଦା ନୁହେଁ ସହରର ଲୋକେ ଉପଭୋଗ କରୁଛନ୍ତି। ମା'ଙ୍କ ଅଷ୍ଟମୀ ପୂଜା ଦିବସ ରାତିରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏଥିପାଇଁ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦଶମୀ ପୂଜା ଦିବସ ଶେଷ ରଜନୀରେ ରାୟପୁରର ଦାମୀ କଳାକାରଙ୍କ ଦ୍ୱାରା ରଙ୍ଗସରୋଭର କାର୍ଯ୍ୟକ୍ରମ ହେବ। ଏହା ଚଳିତବର୍ଷର ମୁଖ୍ୟ ଆକର୍ଷଣ କୁହାଯାଉଛି। ଏଥର ପୂଜା ବଜେଟ୍ ଅନ୍ୟୁନ ୪ଲକ୍ଷ ରଖାଯାଇଛି।

**ବ୍ୟୟ ବଜେଟ୍ ୪ ଲକ୍ଷ**
- ଜ୍ୟୋତିକକ୍ଷା ଗୃହ ଉଦ୍‌ଘାଟିତ
- ରଙ୍ଗସରୋଭର କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ
- ଚାଲିଛି ନବରାତ୍ର ପୂଜା

**ସେମାନେ ଯାହା କହନ୍ତି....**



"ପୂଜା ୩ ହଜାରରୁ ଆରମ୍ଭ ହୋଇ ୪ଲକ୍ଷରେ ପହଞ୍ଚିଲାଣି। ମା'ଙ୍କ କରୁଣା ଓ ବସ୍ତିବାସିନ୍ଦାଙ୍କ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ଏହା ସମ୍ଭବ ହୋଇଛି ।
**-ଅଶୋକ କୁମାର ଦେୱାଙ୍ଗନ, ପୂଜାକମିଟି ସଭାପତି**



"ଏହା କେବଳ ପୂଜା ନୁହେଁ ଭାଇଚାରର ନିଦର୍ଶନ । ପୂଜା କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ବସ୍ତିର ଲୋକେ ଏକାଠି ହୋଇଥାନ୍ତି।
**-ମହେଶ କୁମାର ଦଣ୍ଡସେନା, ସମ୍ପାଦକ**

"ମା'ଙ୍କ ୯ ଦିନ ବ୍ୟାପୀ ପୂଜାର ଝଲକ ପ୍ରାୟ ବସ୍ତିର ସମସ୍ତଙ୍କ ଘରେ ଦେଖିବାକୁ ମିଳିଥାଏ। ବନ୍ଧୁ ପରିଜନଙ୍କ ଭେଟ୍‌ଘାଟ ହୋଇଥାଏ। ହସଖୁସିର ଆଦାନପ୍ରଦାନରେ ବସ୍ତି ଶତମୁଖ ହୋଇଉଠେ। ଏଥର ଚାଷ ଠିକ୍‌ଠାକ୍ ରହିଛି। ଏଣୁ ପୂଜା ପ୍ରତି ଉତ୍କଣ୍ଠା ପ୍ରକାଶ ପାଇଛି।

"ଏହି ପୂଜାରେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ବିଶୃଙ୍ଖଳା ହୋଇନାହିଁ । ଗାଁର ଛୁଆଠୁ ବୁଢ଼ା ସମସ୍ତେ ପୂଜାରେ ଖୋଲାମନରେ ମଜ୍ଜି ଯାଆନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସର ଆବଶ୍ୟକତା ପଡ଼େ ନାହିଁ।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

**ପଦ୍ମପୁର, ୧୩।୧୦ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଶନିବାର ଉଦ୍‌ଯାପିତ ହୋଇଛି । ଏଥିରେ ସିନିୟର ଓ ଜୁନିୟର ବିଭାଗରୁ ୧୩ଜଣ ଲେଖାଏଁ ଭାଗ ନେଇଥିଲେ । ସିନିୟର ଦଳରୁ ଅଙ୍କିତା ପୃଷ୍ଟି, ଆକାଂକ୍ଷା ସାହୁ, ନଫିସ ଫାତମା ଓ ଜୁନିୟର ଦଳରୁ ଗୁଞ୍ଜନ ଦାସ, ଲିଜା ସାହୁ, ଲିପ୍‌ସା ଡାଲୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ବିଜ୍ଞାନର ମହନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ରାଜବୋଡାସମ୍ବର ବିଇଓ ସୁନୀଲ ମୁଣ୍ଡ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରେମାନନ୍ଦ ବେହେରା ଓ ଜୀବନାନନ୍ଦ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଚିନ୍ତାମଣି ସାହୁ, ଜୀବନାନନ୍ଦ ସାହୁ ଓ ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରକଳ୍ପ ପ୍ରଦର୍ଶନରେ ସହାୟତା କରିଥିଲେ। ବିଚାରପତି ଭାବେ ରାଜେଶ କୁମାର ଖମାରୀ, ଧନଞ୍ଜୟ ସାହୁ ଯୋଗ ଦେଇଥିଲେ। ମିନତି ଦାଶ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସୁରେଶ ଚୌହାନ, ନୀଳିମା ରାଣୀ ମହାନ୍ତି, ରଞ୍ଜନ ହୋତା, ସୁଶୀଲ ବରିହା ପୁରସ୍କାର ବିତରଣରେ ସହଯୋଗ କରିଥିଲେ । ସୁଷମା ଦାଶ, ରୋଜି ବଡ଼ାଇ, ବସନ୍ତ ବାଗ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ସୁରେନ୍ଦ୍ର କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକୁଳିରୁ ମୁକୁଳିବେ ଲିଲିମା

## ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହେବେ



ଶିକୁଳିରେ ବନ୍ଧା ଅବସ୍ଥାରେ ରହିଥିବା ଲିଲିମାଙ୍କ ପରିବାରକୁ ଆର୍ଥିକ ସହାୟତା ଦିଆଯାଉଛି ।

**ବରଗଡ଼ ଅଫିସ୍,୧୩।୧୦**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ପଞ୍ଚାୟତ ଅଧୀନ ରେଙ୍ଗାଲପାଲି ଝୁମ୍ପୁଡ଼ିପଡ଼ାରେ ମାନସିକ ରୋଗରେ ଆକ୍ରାନ୍ତ ଲିଲିମା ଭରାସାଗରଙ୍କୁ ପରିବାର ଲୋକେ ଶିକୁଳିରେ ବାନ୍ଧି ରଖିଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ତାଙ୍କୁ ସହଯୋଗର ହାତ ବଢ଼ିଛି । ଚିକିତ୍ସା ପାଇଁ ଲିଲିମାଙ୍କୁ ଭୀମସାର ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯିବ ଏବଂ ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦୋରା କହିଛନ୍ତି। ଡା. ଦୋରା କହିଛନ୍ତି, ସମ୍ବଲପୁରର ଏକ ଟିମ୍ ଗତ ୧୦ତାରିଖରେ ଲିଲିମା ଏବଂ ତାଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ଏହା ସହିତ ଧରିତ୍ରୀରେ ଲିଲିମାଙ୍କ ସମସ୍ୟା ଉପରେ ପ୍ରକାଶିତ ଖବରକୁ ହ୍ୱାଟ୍ସଅପ୍ ଯୋଗେ ସେହି ଟିମ୍ ତାଙ୍କ ନିକଟକୁ ପଠାଇଥିଲେ

**ଧରିତ୍ରୀ ପ୍ରଭାବ**

ଏବଂ ଏହାପରେ ଲିଲିମାଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଏ ନେଇ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ସହିତ ମଧ୍ୟ ଆଲୋଚନା ସରିଛି । ଜିଲାପାଳ ଲିଲିମାଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି । ପ୍ରକାଶଥାଉକି, ଲିଲିମା ମାନସିକ ରୋଗରେ ଆକ୍ରାନ୍ତ। ପରିବାର ଲୋକେ ନିହାତି ଗରିବ ହୋଇଥିବା ଯୋଗୁ ତାଙ୍କୁ ଆବଶ୍ୟକ ଚିକିତ୍ସା କରିବାରେ ସକ୍ଷମ ହୋଇପାରୁ ନାହାନ୍ତି ଏବଂ ତାଙ୍କୁ ଶିକୁଳିରେ ବାନ୍ଧି ଘରେ ରଖିଛନ୍ତି । ଏ ନେଇ ଗତ ୮ତାରିଖରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଶିଙ୍କ୍‌ଲାରେ ବିଁଧା ଜୀବନ ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହାପରେ ଗତ ୯ତାରିଖରେ ସମ୍ବଲପୁରର ଏକ ସ୍ୱାସ୍ଥ୍ୟଟିମ ଏବଂ ସ୍ୱେଚ୍ଛାସେବୀମାନେ ପ୍ରଥମେ ଧରିତ୍ରୀର ଜାମଟିକ୍ରା ପ୍ରତିନିଧିଙ୍କ ପାଖକୁ ପହଞ୍ଚିଥିଲେ ଏବଂ ତାଙ୍କ ସହିତ ଯୋଗାଯୋଗ କରିବା ପରେ ଲିଲିମାଙ୍କ ଘରକୁ ଯାଇଥିଲେ ।

# ତେରେସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା

**ରିଷିଡ଼ା,୧୩।୧୦(ଡ଼ି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଞ୍ଚଳରେ ଶାରଦୀୟ ପାର୍ବଣ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ତେରେସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ପାଳିତ ହୋଇଯାଇଛି।

୧୮୬୪ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାକୁ ଦିହାରୀ ତେଜ ନାଏକ, ଜେନାବୁଢା ଦୁତିଆ ନାଏକ, ପୂଜାରୀ ଦାମୋଦର ନାଏକ, ମୁଖ୍ୟ ଦେହେଲିଆ ଧର୍ମ ରଣା ଓ ଲତାବନ ରଣା ପରିଚାଳନା କରିଥାନ୍ତି । ସାଧାରଣତଃ ଏହି ଅଞ୍ଚଳରେ ବିଭିନ୍ନ ପୂଜାରେ କନ୍ଧ ସମ୍ପ୍ରଦାୟର ଲୋକେ ପୂଜା କରିଥାନ୍ତି। ତେବେ ଏହି ଯାତ୍ରାରେ କୈବର୍ତ୍ତମାନେ ପୂଜକ ଭାବେ ଯୋଗ ଦିଅନ୍ତି । ଯାତରାରେ ୬ଟି ବୋଦା ସମେତ କକୁଡ଼ା ବଳି ଦିଆଯାଇଥିଲା। ଯାତରା ଦେଖିବା ପାଇଁ ଆଖପାଖର ଗ୍ରାମରୁ ପ୍ରାୟ ୫ ହଜାର ଲୋକଙ୍କ ସମାଗମ ହୋଇଥିଲା।

ପ୍ରତିବର୍ଷ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅନୁଷ୍ଠିତ ହେଉଥିବା ଏହି ଯାତରାରେ ରିଷିଡ଼ା, ତେରେସିଂହା ଉତ୍ସବମୁଖର ହୋଇଉଠିଥିଲା। ରିଷିଡ଼ାରୁ ପ୍ରାୟ ୩ କି.ମି ଦୂର ତେରେସିଂହା ଓ ବେଲପଡ଼ା ୨ ସ୍ଥାନରେ ପାଟଖଣ୍ଡା ଯାତରା ହୋଇଥାଏ। ପ୍ରାୟ ଶହେ ବର୍ଷ ହେଲା ପାଟଖଣ୍ଡା(ଦେବଦେବୀଙ୍କ ଖଣ୍ଡା)କୁ କୈବର୍ତ୍ତ ସମ୍ପ୍ରଦାୟର ଲୋକେ ପୂଜାର୍ଚ୍ଚନା କରିଥାନ୍ତି। ପୂଜାସ୍ଥଳରେ ବୋଦା ଓ କକୁଡ଼ା ବଳି ଦିଆଯାଇଥାଏ । ପୂଜା ହେଉଥିବା ୨ଟି ସ୍ଥାନରେ ପାଟଖଣ୍ଡା କାଳସୀ ବେଶରେ ପୂଜା ପାଇଥାନ୍ତି। ଭକ୍ତଙ୍କ ଗୁହାରି ଶୁଣନ୍ତି। କେତେକ ଭକ୍ତ କାଳସୀଙ୍କ ସମ୍ମୁଖରେ ଅଧିଆ ପଡ଼ିଥାନ୍ତି ।

କଳାହାଣ୍ଡି ଜିଲାର ତେରେସିଂହା ଏକ ଐତିହାସିକ ପୀଠସ୍ଥଳୀ। ତେଲନଦୀକୂଳସ୍ଥ ଏହି ଗ୍ରାମରେ ଅନେକ ତାମ୍ର ମୁଦ୍ରା ଓ ତାମ୍ର ଫଳକ ମିଳିଛି । ଏହି ପାଟଖଣ୍ଡା ଯାତରା ତେଲନଦୀ କୂଳସ୍ଥ ତେରେସିଂହାରୁ ଆରମ୍ଭ ହୋଇ ରବିବାରରେ ପୌରକେଲା ଏବଂ ବଲାଙ୍ଗୀର ଜିଲା ଜରାସିଂହାରେ ଶେଷ ହୋଇଥାଏ। ତେରେସିଂହାରୁ ପାଟଖଣ୍ଡା ଯାତ୍ରାରମ୍ଭ ସହ ଅଞ୍ଚଳରେ ଶକ୍ତି ଉପାସନା କରାଯାଇଥାଏ।



"ଐତିହାସିକ ପାଟଖଣ୍ଡା ଯାତ୍ରାର ପ୍ରସିଦ୍ଧ ଥିବା ଯୋଗୁଁ ଏଠାରେ ଭକ୍ତ ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଆଶା ଓ ବିଶ୍ୱାସରେ ଏହି ପୀଠରେ ଯାତ୍ରା ଦିନ କୁ ଦିନ ଆକର୍ଷଣୀୟ ହେଉଛି।
**ମଧୁସୂଦନ ବାଗ,କୁନ୍ଦେଇପାଲି**



"ଐତିହାସିକ ପୃଷ୍ଠଭୂମିରେ ବେଶ ପ୍ରସିଦ୍ଧ ଲାଭ କରିଥିବା ଏହି ଯାତ୍ରା ଲୋକ ଙ୍କ ଭାବ ଆଦାନ ପ୍ରଦାନ ସହିତ ଲୋକମାନେ ଏକତ୍ରିତ ହୋଇ ଥାନ୍ତି ।
**-ଅଶୋକ କୁମାର ମଲ୍ଲ,ଇତିହାସ ଅଧ୍ୟାପକ,ରିଷିଡା କଲେଜ**

### ଅବସରପ୍ରାପ୍ତ ସରକାରୀ ଓକିଲ ପଟ୍ଟଯୋଷୀଙ୍କ ବିୟୋଗରେ ଶୋକ

**ଭବାନୀପାଟଣା,୧୩।୧୦ (ଡି.ଏନ୍.ଏ.)**

କଳାହାଣ୍ଡି ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ତଥା ଅବସରପ୍ରାପ୍ତ ସରକାରୀ ଓକିଲ ଦିଲୀପ କୁମାର ପଟ୍ଟଯୋଷୀ (୬୭)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ କଳାହାଣ୍ଡି ଜଲା ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଆଇନଜୀବୀ ଶୋକ ପ୍ରକାଶ କରିଛନ୍ତି। ଏପରି କି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

କଳାହାଣ୍ଡି ଜିଲାରେ ତିତ୍‌ଲି ପ୍ରଭାବ ଶୂନ

# ସରକାରୀ କର୍ମଚାରୀଙ୍କୁ ଦୁର୍ଗାପୂଜା ଛୁଟି ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

**ଭବାନୀପାଟଣା ୧୩।୧୦(ଡି.ଏନ୍.ଏ.)**

ତିତ୍‌ଲି ଯୋଗୁ ଓଡିଶା ସରକାରଙ୍କ ସାଧାରଣ ଓ ପ୍ରଶାସନ ବିଭାଗ ଚିଠି ନଂ-୨୯୯୭୩/ ତା.୧୨.୧୦.୨୦୧୮ ଅନୁଯାୟୀ କଳାହାଣ୍ଡି ଜିଲା ସମେତ ଓଡିଶାର ସମସ୍ତ ଜିଲାରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କ ୧୩ ତାରିଖରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜା ଏବଂ ଅନ୍ୟାନ୍ୟ ସରକାରୀ ଛୁଟି ନେଇପାରିବେ ନାହିଁ କିମ୍ବା ଯଦି କୌଣସି ସରକାରୀ କର୍ମଚାରୀ ଛୁଟି ନେଇଥିବେ ତାହା ବାତିଲି କରିଦେବା ସହିତ ନିୟମିତ ଭାବେ ସମସ୍ତ କର୍ମଚାରୀ କାର୍ଯ୍ୟକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାକୁ କଳାହାଣ୍ଡି ଜିଲା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱିୟ ସମିତି ପକ୍ଷରୁ ବିରୋଧ କରାଯାଇଛି। କଳାହାଣ୍ଡି ଜିଲାରେ ତିତ୍‌ଲିର କୌଣସି ପ୍ରଭାବ ପଡି ନାହିଁ । ତେଣୁ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ପୂର୍ବପରି



କଳାହାଣ୍ଡି ଜିଲା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱିୟ ସମିତି ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ଦୁର୍ଗାପୂଜା ଏବଂ ଅନ୍ୟ ସରକାରୀ ଛୁଟି ଉପଭୋଗ କରିବାକୁ ଦାବି କରି ସମନ୍ୱିୟ ସମିତି ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ଦେବା ସମୟରେ ସମନ୍ୱିୟ ସମିତିର ରୁପକେଶରୀ ଦଲେଇ, ଭାବଗ୍ରାହୀ ନାଏକ, ଅଭିମନ୍ୟୁ ମହାନନ୍ଦ, ସୁକାନ୍ତ ମହାପାତ୍ର, ସୁନୀଲ କାନୁନ୍‌ଗୋ, ଶୁକଦେବ ମାଝି, ଅନନ୍ତ ଚଲାନ, ବିଶ୍ୱରଞ୍ଜନ ମୁଣ୍ଡ, ତୁଳସୀ ଶଙ୍କର ବିଶ୍ୱାଳ, ଡମ୍ବରୁଧର ଗୌଡ଼, ମନରଞ୍ଜନ ଛତ୍ରପାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫୁଟବଲ: କଦଲୀପାଲି ବିଜୟୀ

**ସୋହେଲା, ୧୩।୧୦ (ଡି.ଏନ.ଏ)**

ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ନକଆଉଟ ଫୁଟବଲ ପ୍ରତିଯୋଗିତାରେ ଶନିବାର କଦଲୀପାଲି ଓ ବରଡୋଲ ମଧ୍ୟରେ ମ୍ୟାଚହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ଅମିମାଂସିତ ରହିଥିଲା। ଟାଇବ୍ରେକରରେ କଦଲୀପାଲି ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା। ସରପଞ୍ଚ ଜୀତେନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ । ବାବୁଲୁ ଦେବତା ଓ ତ୍ରିନାଥ ଭୋଇ ଉପସ୍ଥିତ ଥିଲେ । କଦଲୀପାଲି ଦଳର ଜିତୁ ମିର୍ଦ୍ଧାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚ୍‌କୁ ରେଫରୀ ପଞ୍ଚାନନ ପାତ୍ର ପରିଚାଳନା କରିଥିବା ବେଳେ ରେଫରୀ ରଞ୍ଜୁ ଛତରିଆ ଓ ଅଶ୍ୱିନୀ ମେହେର ସହାୟତା କରିଥିଲେ । ଶ୍ରୀନିବାସ ରାଓ ଚତୁର୍ଥ ରେଫରୀ ଦାୟିତ୍ୱ ନିର୍ବାହ କରିଥିଲେ । ରବିବାର ୨ଟି ମ୍ୟାଚ ବରପାଲି ଓ ଘେଁସ ଏବଂ ପଦ୍ମପୁର ଓ କଳାପାଣି ମଧ୍ୟରେ ଅନୁଷ୍ଠିତ ହେବ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୪ ଅକ୍ଟୋବର, ୨୦୧୮



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟନାମ ହେଉଛି ମହତ ପଣିଆ।
- ହର୍ବର୍ଟ ସ୍ପେନ୍ସର୍



## ସଂକ୍ଷେପରେ



### ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ

**ବୀରମହାରାଜପୁର, ୧୩।୧୦ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ମିଶ୍ର ଆଣ୍ଡ ମିଶ୍ର ଟ୍ରାଭେଲ୍ସର ଉକ୍ତ ବସ୍ (ଓଆର୍ ୩୧-୩୦୮୦) ଶନିବାର ସକାଳେ ଯାତ୍ରୀମାନଙ୍କୁ ନେଇ ଯାଉଥିବା ବେଳେ ଏଠାରୁ ମାତ୍ର ୩କିମି ଦୂରବର୍ତ୍ତୀ ପଣ୍ଡାପାଲି ଯୋର ନିକଟ ରାସ୍ତାପାର୍ଶ୍ୱସ୍ଥ ପମ୍ପ ହାଉସ କାନ୍ଥକୁ ଧକ୍କା ଦେଇଥିଲା। ପାଚେରୀଟି ଭାଙ୍ଗି ପଡିଥିଲେ ମଧ କାନ୍ଥକୁ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରେ ବାଡେଇ ହେବା ପୂର୍ବରୁ ଅଟକି ଯାଇଥିଲା। ଫଳରେ ଏକ ନିଶ୍ଚିତ ବଡ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି। ବୀରମହାରାଜପୁର ପୋଲିସ ବିଳମ୍ବରେ ପହଞ୍ଚି ଏକ ମାମଲା ରୁଜୁ କରିଛି। ତେବେ ବସରେ ଥିବା ଯାତ୍ରୀମାନେ ଦୁର୍ଘଟଣାସ୍ଥଳରୁ ଚାଲିଯାଇ ସାରିଥିବାରୁ ଆହତମାନଙ୍କ ସମ୍ପର୍କରେ ସୂଚନା ମିଳି ପାରିନାହିଁ।

ପ୍ୟାଲେସଲାଇନ୍ ନବରାତ୍ର ଦୁର୍ଗାପୂଜା

# ମୁଖ୍ୟ ଆକର୍ଷଣ ରାବଣ ପୋଡ଼ି

**ବଲାଙ୍ଗୀର ଅଫିସ, ୧୩।୧୦**

ବଲାଙ୍ଗୀର ପ୍ୟାଲେସ ଲାଇନ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏଥିସକାଶେ ଆକର୍ଷଣୀୟ ମେଢ଼ ଓ ତୋରଣ ସହ କାରୁକାର୍ଯ୍ୟପୂର୍ଣ୍ଣ ମୃଣ୍ମୟୀ ମୂର୍ତ୍ତି ତିଆରି ହୋଇଛି। ମୁଖ୍ୟ ପୂଜକ ଭାବେ ନୀଳାଚଳ ମିଶ୍ର ପୂଜା ସମ୍ପାଦନ କରୁଛନ୍ତି। ସହଯୋଗୀ ପୂଜକ ନେତ୍ର ଉଜ୍ଜ୍ୱଳ ଶତପଥୀ, ଶରଣବିନ୍ଦୁ ତ୍ରିପାଠୀ, ବ୍ୟାସଦେବ ମିଶ୍ର ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। କର୍ତ୍ତାଭାବେ ସର୍ଜନ ଆଚାର୍ଯ୍ୟ ଓ ରଶ୍ମି ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ସହଯୋଗୀ କର୍ତ୍ତାଭାବେ ରହିଛନ୍ତି ରମେଶ ବେହେରା ଓ ଇତିଶ୍ରୀ ବେହେରା। ଗତ ୯ ତାରିଖଠାରୁ ବିଲ୍ୱବରଣ ପରେ ପୂଜାରମ୍ଭ ହୋଇଛି। ଧବଳମୁଖୀ ବେଶରେ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା ହୋଇଥିଲା। ବୁଧବାର ଶୈଳପୁତ୍ରୀ ପୂଜା, ଗୁରୁବାର ବ୍ରହ୍ମଚାରିଣୀ ପୂଜା, ଶୁକ୍ରବାର ଚନ୍ଦ୍ରଘଣ୍ଟା ପୂଜା ସମ୍ପନ୍ନ ହୋଇଛି। ଶନିବାର କୁଷ୍ମାଣ୍ଡା ପୂଜା ଅନୁଷ୍ଠିତ ହେଉଛି। ରବିବାର ସ୍କନ୍ଦମାତା ପୂଜା, ସୋମବାର କାତ୍ୟାୟନୀ, ମଙ୍ଗଳବାର



ପ୍ୟାଲେସ ଲାଇନ୍ ଦୁର୍ଗା ମଣ୍ଡପରେ ମା' ପୂଜା ପାଉଛନ୍ତି।

ମହାସପ୍ତମୀ ତିଥିରେ କାଳରାତ୍ରୀ ପୂଜା ଅନୁଷ୍ଠିତ ହେବ। ଏହିଦିନ ଭାଇଜୀଉଁନ୍ତିଆ ପୂଜା କରାଯିବ। ବୁଧବାର ମହାଗୌରୀ ଓ ସନ୍ଧିପୂଜା, ଗୁରୁବାର ମହାନବମୀ ତିଥିରେ ସିଦ୍ଧିଦାତ୍ରୀ ପୂଜା, ଶୁକ୍ରବାର ଦଶମୀ ତିଥିରେ ପୂର୍ଣ୍ଣାହୁତି ଓ ଅପରାଜିତା ପୂଜା ସମ୍ପନ୍ନ ହେବ। ଚଳିତବର୍ଷ ମୁଖ୍ୟ ଆକର୍ଷଣ ହେଉଛି ରାବଣ ପୋଡି। ପ୍ୟାଲେସଲାଇନ୍ ପଡିଆରେ ଏହି ରାବଣ ପୋଡି ଅନୁଷ୍ଠିତ ହେବ। ଏଥି ସକାଶେ ସମସ୍ତ ପ୍ରସ୍ତୁତି ସରିଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନଙ୍କ ମନ ଜିଣିଛି। ପୂଜା କମିଟି ସଭାପତି ଲୋକନାଥ ମହାନ୍ତି, ଉପସଭାପତି ଶିଳାଜିତ୍ ସିଂଦେଓ, ସାଧାରଣ ସମ୍ପାଦକ ଗ୍ଲେଡଷ୍ଟୋନ୍ ତାଣ୍ଡି, କୋଷାଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ପରିଚାଳନା ହେଉଛି। ଚଳିତବର୍ଷ ପୂଜା ସକାଶେ ପୂଜା କମିଟି ତରଫରୁ ପ୍ରାୟ ୩ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଥିଲା। ଆକର୍ଷଣୀୟ ତୋରଣ ସହ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ସକାଶେ କୁଶଳୀ ଶିଳ୍ପୀ ନିଯୁକ୍ତ କରାଯାଇଛି। ବଲାଙ୍ଗୀର କୁମ୍ଭାରପଡାର ସନ୍ତୋଷ ମହାରଣା ମୃଣ୍ମୟୀ ମୂର୍ତ୍ତି ତିଆରିଛନ୍ତି। ବଲାଙ୍ଗୀର ପ୍ୟାଲେସ ଲାଇନ୍‌ର ଭବାନୀ ଶଙ୍କର ପଟ୍ଟନାୟକ ଆକର୍ଷଣୀୟ ମେଢ଼ ତିଆରି କରିଛନ୍ତି। ପ୍ରତିଦିନ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଓ ଭକ୍ତମାନେ ଦେବୀ ଦୁର୍ଗାଙ୍କ ଦର୍ଶନ କରି ଫେରୁଛନ୍ତି। ପୂଜାକୁ ସୁଚାରୁରୂପେ ପରିଚାଳନା କରିବା ସକାଶେ ଗଠିତ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। କମିଟି ସଦସ୍ୟ ନରେଶ ବେହେରା, ଗଜିନ୍ ବାଗ, ଭୀମ ବେହେରା, ଓଙ୍କାର ନାୟକ, ସନ୍ତୋଷ ପାଣିଗ୍ରାହୀ, ଭବାନୀ ଶଙ୍କର ପଟ୍ଟନାୟକ, ଦେବାଶିଷ ଲେଙ୍କା, ଟିକୁ, ସିକୁ, ବିନୋଦ, ଘନ, ଭରତ ନାଏକ, ଭକ୍ତ ହାତୀ, ପହିଲ ରାଉତ, ସଞ୍ଜୟ ସେଠ୍, ଶିବୁ ଦାଶ, ଚନ୍ଦ୍ର ଧରୁଆ ଓ ଅନ୍ୟମାନେ ସକ୍ରିୟ ସହଯୋଗ କରୁଛନ୍ତି।




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

## ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ

**ଟିକ୍ରାପଡା, ୧୩।୧୦(ଡି.ଏନ.ଏ.)**

ସଇଁତଳା ବ୍ଲକ ଟିକ୍ରାପଡାସ୍ଥିତ ପଦ୍ମଲୋଚନ କନିଷ୍ଠ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତାଲିମ କାର୍ଯ୍ୟକ୍ରମ ୧୨ଦିନ ଧରି ଚାଲିଥିଲା। ସରସ୍ୱତୀ ପସାୟତ ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ସମ୍ବନ୍ଧିତ କୌଶଳ ସବୁ ଶିଖାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ପରାଶର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ଜୟକୃଷ୍ଣ ସାହୁ ସଭା ସଂଯୋଜନା କରିଥିଲେ। ଶିକ୍ଷାବିତ ଚନ୍ଦ୍ରମଣି ସିଂଦେଓ ମୁଖ୍ୟଅତିଥି, ଅଧ୍ୟାପକ ଅଭୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଲୋକନାଥ ବେହେରା ଧନ୍ୟବାଦ ଦେଇଥିଲେ। ଆଶୁତୋଷ ରାଜପଲିଆ, ଅନ୍ତର୍ଯ୍ୟାମୀ ରାଜପଲିଆ, ଡୋଳାମଣି ଚନ୍ଦନ, ଜଗଦୀଶ ମନହୀରା, ରଘୁ ମନହୀରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଣି ଅଭାବ, ଉଜୁଡ଼ି ଯାଉଛି ଚାଷ

**ଖପ୍ରାଖୋଲ, ୧୧।୧୦(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଚାଷ ଆରମ୍ଭରୁ ଭଲ ବର୍ଷା ହେବା ଯୋଗୁଁ ଚାଷ କାର୍ଯ୍ୟ ଠିକ ଆଗେଇଥିଲା। ଗତ ବର୍ଷ ମରୁଡି ମାଡ ଖାଇଥିବା ଚାଷୀ ମନରେ ଆଶା ସଞ୍ଚାର ହୋଇଥିଲା ଏହି ବର୍ଷ ଭଲ ଫସଲ ହେବ। ହେଲେ ନବାନ୍ନ ପରେ ବର୍ଷା ଉଭାନ ହୋଇଗଲା। ସାମୁଦ୍ରିକ ଝଡ ତିତିଲି ପ୍ରଭାବରେ କାଳେ ବର୍ଷା ଆଶା କରୁଥିବା ଖପ୍ରାଖୋଲ ବ୍ଲକର ଚାଷୀଙ୍କୁ ଶେଷରେ ନିରାଶ ହେବାକୁ ପଡିଛି। ଓଡିଶାର ଗଞ୍ଜାମ, ଗଜପତି ଆଦି ଜିଲାରେ ପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଖପ୍ରାଖୋଲ ଅଞ୍ଚଳରେ ଗତ ତିନି ଦିନ ଧରି କୋହଲା ପାଗ ରହିଥିଲେ ବି ଅସରାଏ ବର୍ଷା ହେଲା ନାହିଁ। ଯାହାକୁ ନେଇ ଚାଷୀ ନିରାଶ ହୋଇଛି।

ବ୍ଲକରେ ୨୯ହଜାର ହେକ୍ଟର ଚାଷ ଜମି ରହିଥିବାବେଳେ ୧୩ହଜାର ୭ ଶହ ହେକ୍ଟର ଜମିରେ ଧାନ ଫସଲ, ୭ ହଜାର ୫ ଶହ ହେକ୍ଟର ଜମିରେ କପା ଓ ଅବଶିଷ୍ଟ ଜମିରେ ଅନ୍ୟାନ୍ୟ ଫସଲ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାଯାଇଛି। ଗହିରି ବିଲ ମାନଙ୍କରେ ଚକଡା, ମହିଷା, ଛଗୋଡିଆ, ବକି ଭଳି ରୋଗ ପୋକ ଦେଖାଦେଉଥିବାବେଳେ ବର୍ଷା ଅଭାବରେ ଢିପଜମିର ଫସଲ ନଷ୍ଟ ହେବାକୁ ଆରମ୍ଭ ହେଲାଣି। ଯେଉଁଠି ପାଣିର ସୁବିଧା ଅଛି, ଚାଷୀମାନେ ପମ୍ପ ଲଗାଇ ଫସଲକୁ ସୁରକ୍ଷା ଦେବାକୁ ଚେଷ୍ଟା ଜାରି ରଖିଛନ୍ତି। ଯଦି ସପ୍ତାହକ ମଧ୍ୟରେ ବର୍ଷା ନ ହୁଏ ତେବେ ଖପ୍ରାଖୋଲ ବ୍ଲକରେ ସଅଳ କିସମ ଧାନ ପାଣି ଅଭାବରୁ ମରିଯିବା ସହ ମଧ୍ୟମ ଏବଂ ବଡ ଧାନ ଫସଲ ମରୁଡିଦ୍ୱାରା ପ୍ରଭାବିତ ଆଶଙ୍କା ଦେଖାଦେଇଛି। ଧାନ ସହ କପା ଚାଷ ମଧ୍ୟ ବର୍ଷା ଅଭାବରୁ ପ୍ରଭାବିତ ହେଲାଣି।



ବଲାଙ୍ଗୀର ଠାରେ ଅନୁଷ୍ଠିତ ତ୍ରିଦିବସୀୟ ସମ୍ମିଳନୀରେ ବ୍ରହ୍ମାକୁମାରୀମାନେ ଦେବୀ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ମହିଷାସୁର ଓ ବ୍ରହ୍ମାକୁମାରୀ ବେଶରେ ସଜ୍ଜିତ ହୋଇଛନ୍ତି। (ଫଟୋ-ସୁନୀଲ)

## ଶିଶୁ ମହୋତ୍ସବ ସୁରଭି

**ଖପ୍ରାଖୋଲ, ୧୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମେଇପାଲି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଗୋପିନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଞ୍ଚଳର ଛାତ୍ରୀଛାତ୍ରମାନେ ନାଚ, ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀ ବ୍ଲକ ଏବଂ ଜିଲାସ୍ତରରେ ଭାଗ ନେବେ ବୋଲି ଜଣାଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଜଗତ ବୁଡେକ, ସୁଜିତ ବାରିକ, ରଞ୍ଜନ ମେହେର, ସୁବାଷ ନାଗ, ପ୍ରଭାକର ସୁଆର, ଅବଦୁଲ ରେହେମନ୍, କର୍ଣ୍ଣ ସୁନା, ସ୍ନିଗ୍ଧାରାଣି ବାରିକ, ଡମ୍ବରୁ ନାୟକ, କୃଷ୍ଣ ଛତର, ପ୍ରମୋଦ ଭୋଇ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଭୟାରଣ୍ୟରୁ ଶିକାରୀ ଗିରଫ, ଦେଶୀ ବନ୍ଧୁକ ଜବତ

**ନାକଟିଦେଉଳ, ୧୩।୧୦ (ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଖଲାଶୁଣୀ ଅଭୟାରଣ୍ୟ ରେଞ୍ଜ୍ ମଧରୁ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ, ୧୩ ଗୁଳି, ୫୦ ଗ୍ରାମ ଗନ ପାଉଡର ଜବତ ହୋଇଛି। ଗିରଫ ବ୍ୟକ୍ତିଜଣକ ହେଲେ ନାକଟିଦେଉଳ ଥାନା ସରାପାଲି ଗ୍ରାମ ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମର ମାଲ ମୁଣ୍ଡା।



ସଇଁତଲା ହାଟପଦା ମଣ୍ଡପରେ ମା' ଦୁର୍ଗା।

## ନବରାତ୍ର ଦୁର୍ଗାପୂଜା ପାଇଁ ସଇଁତଲା ଚଳଚଞ୍ଚଳ

**ସଇଁତଲା, ୧୩।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ହାଟପଦାଠାରେ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟହ ସନ୍ଧ୍ୟା ଆଳତୀରେ ରାମଜୀବାବା ଘଣ୍ଟପାର୍ଟିର ଘଣ୍ଟବାଦ୍ୟ ମୁଖ୍ୟ ଆକର୍ଷଣ ହୋଇଛି। ରାତ୍ରକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ୧୬ତାରିଖ ମଦନପୁର ରାମପୁରର ଭୀମଭୋଇ ଦିବ୍ୟାଙ୍ଗ ପ୍ରତିଷ୍ଠାନ ତରଫରୁ ଭଜନ ସମାରୋହ, ୧୭ତାରିଖ ଟିଟିଲାଗଡ଼ ସୁର ସରଗମ ଅର୍କେଷ୍ଟ୍ରା, ୧୮ତାରିଖ ଡ୍ୟାନ୍ସ ଧମାକା ଅନୁଷ୍ଠିତ ହେବ। ୧୯ତାରିଖ ଭସାଣୀ ଉତ୍ସବ ଅନୁଷ୍ଠିତ ହେବା ସହ ରାବଣ ପୋଡ଼ି ଓ ଡ୍ୟାନ୍ସ ଧମାକା ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। ପୂଜକ ଭାବରେ ରାଧାକାନ୍ତ ତ୍ରିପାଠୀ, କିରଣ କୁମାର ମିଶ୍ର, ବିକ୍ରମ ମିଶ୍ର, ନବଘନ ଷଡ଼ଙ୍ଗୀ, ମାନସ ମିଶ୍ର, ଶଙ୍କର ପାଣିଗ୍ରାହୀ, ସାଧୁରାମ ଦାସ ପୂଜାର୍ଚ୍ଚନା କରୁଛନ୍ତି। ସଞ୍ଜୀବ କୁମାର ଅଗ୍ରୱାଲ ଓ ସୁନୀତା ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। କମିଟି ସଭାପତି ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂଭୋଇ, ସମ୍ପାଦକ ସୁବୋଧ ମିଶ୍ର, ସହସମ୍ପାଦକ ବିନୟ ଭୋଇ, ଭୀମସେନ ସ୍ୱାଇଁ, କୋଷାଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ, ଉପଦେଷ୍ଟା କମିଟିର ସତ୍ୟନାରାୟଣ ବେହେରା, ସୁବାଷ ରଥ, ଶେଷଦେବ ଜାନୀଙ୍କ ସହ କମିଟିର ସଦସ୍ୟମାନେ ଉପସ୍ଥିତ ରହି ପୂଜା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**ଟିଟିଲାଗଡ଼, ୧୩।୧୦ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବିଜୁ ଜନତା ଦଳ ପକ୍ଷରୁ ଶଗଡଘାଟ ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ଟୁକୁନୀ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସିକେରଠାରୁ ଶାନ୍ତି ନଗର ପର୍ଯ୍ୟନ୍ତ ପଦଯାତ୍ରାରେ ଆସିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କେନ୍ଦ୍ର ସରକାରଙ୍କ ଘରୋଇ କମ୍ପାନୀ ପ୍ରୀତି ଯୋଗୁଁ ରାଜ୍ୟ ତଥା ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ସହାୟତା ରାଶିରୁ ବଞ୍ଚିତ ହୋଇଥିବା ବିଧାୟିକା ଅଭିଯୋଗ କରିଥିଲେ। ସଭାରେ ଦଳର ବ୍ଲକ ସଭାପତି ପିତାମ୍ବର ବଗର୍ତ୍ତୀ, ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ସ୍ଥାନୀୟ ସମିତି ସଭ୍ୟା ବବିତା ସାହୁ, ନାଏବ ସରପଞ୍ଚ ତହସିଲ ସାହୁ, ପୂର୍ବତନ ସମିତି ସଭ୍ୟ ଶତୃଘ୍ନ ମାଝୀ, ବବିତା ସାହୁ, ବିଜୁ ଯୁବ ବାହିନୀ ସଭାପତି ସତ୍ୟଜିତ ମେହେର, ସମ୍ପାଦିକା ସୁନିତା ସାହୁ, କୋଷାଧ୍ୟକ୍ଷ ସନ୍ୟାସୀ ପାତ୍ର, ପ୍ରବୀର ମାଝୀ, ମଦନ ସାହୁ, ଅକ୍ଷୟ ପୋଢ, ଜୟରାମ ସାହୁ, ରୋମାଞ୍ଚଳ ସାହ, ବିଧାୟିକା ପ୍ରତିନିଧି ଅରୁଣ ମିଶ୍ର, ସଞ୍ଜୟ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡି ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀ।

■ ମୋ ଭାରତ ସ୍ୱର୍ଣ୍ଣିମ ଭାରତ ତ୍ରିଦିବସୀୟ ସମ୍ମିଳନୀ

# ସୁନାର ଭାରତ ଗଢ଼ିବା ସଂକଳ୍ପ ପୂରଣ ହେବ

**ବଲାଙ୍ଗୀର ଅଫିସ, ୧୩।୧୦**

ମୋ ଭାରତ ସ୍ୱର୍ଣ୍ଣିମ ଭାରତ ଅଭିଯାନ ବଲାଙ୍ଗୀର ପହଞ୍ଚିବା ପରେ ଶନିବାରଠାରୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ତ୍ରିଦିବସୀୟ ସମ୍ମିଳନୀ ଆରମ୍ଭ ହୋଇଛି। ବଲାଙ୍ଗୀର ଲାଲଟିକ୍ରାସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ବକ୍ତବ୍ୟ ରଖି ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ମହାନ ଲକ୍ଷ୍ୟ ଓ ସଚେତନତା ଅଭିଯାନକୁ ପ୍ରଶଂସା କରିଥିଲେ। ସମଗ୍ର ଭାରତ ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ଅନୁଷ୍ଠାନର ଆନ୍ତରିକ ଉଦ୍ୟମ ଓ ସଂକଳ୍ପ ଦିନେ ନିଶ୍ଚେ ପୂରଣ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଭାରତ ସୁନାର ଦେଶ ଭାବେ ଅତୀତରେ ପରିଚିତ ହୋଇଥିଲା ଓ ଆଜି ବିଭିନ୍ନ କାରଣରୁ ସଂଘର୍ଷ କରୁଛି। ତାର ଅତୀତ ପରିଚୟ ହଜିଯାଇଛି। ତେବେ ସବୁ ମହଲରୁ ଆନ୍ତରିକ ଉଦ୍ୟମ ହେଲେ ଶାନ୍ତି ପ୍ରତିଷ୍ଠା ଓ ସୁନାର ଭାରତ ଗୌରବ ଫେରିଆସିବାକୁ ବେଶୀ ସମୟ ଲାଗିବ ନାହିଁ ବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ସେ ରାଜସ୍ଥାନର ମାଉଣ୍ଟଆବୁରେ ଥିବା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟକେନ୍ଦ୍ରକୁ ଯାଇଥିବା ବେଳର ଅନୁଭୂତି ବର୍ଣ୍ଣନା କରି ଏହି ମହାନ ଅନୁଷ୍ଠାନ ଓ ଏହାର ନିଷ୍ଠାପର ସଦସ୍ୟଙ୍କ ସଂକଳ୍ପ ନିଶ୍ଚେ ପୂରଣ ହେବେ ବୋଲି କହିଥିଲେ। ୨୦୧୭ ମସିହାରେ ଗୁଜରାଟର ଅହମଦାବାଦ୍‌ଠାରୁ ଆରମ୍ଭ ହୋଇଥିବା ମୋ ଭାରତ ସ୍ୱର୍ଣ୍ଣିମ ଭାରତ ଅଭିଯାନ ଶୁକ୍ରବାର ବଲାଙ୍ଗୀର ପହଞ୍ଚିଥିଲା। ଏକ ସୁସଜ୍ଜିତ ବସ୍ ଏବଂ କାରରେ ୧୫ ଜଣ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାର ଯାତ୍ରା କରୁଛନ୍ତି। ଏହି ଅଭିଯାନର ଇନଚାର୍ଜ ବି.କେ.କଳ୍ପେଶ ଅଭିଯାନ ସମ୍ପର୍କରେ କହିଥିଲେ। ମଣିଷ ବାହ୍ୟ ଆଡମ୍ବର ଓ ପରିପୂର୍ଣ୍ଣତାରେ ବିଶ୍ୱାସ କରୁଥିଲେ ବି ତାର ଭିତରେ କେତେ ଶୂନ୍ୟତା ଓ କଳୁଷତା ରହିଛି ତାହା ଦେଖୁନାହିଁ ବୋଲି କହିଥିଲେ। ମଣିଷ ନିଜ ଶରୀର, ମନ ଭିତରୁ ତାର ସବୁ ବିସଙ୍ଗତି ଓ ଅସୂୟାକୁ ଦୂର କଲେ ଶାନ୍ତି ଲାଭ କରିବ ବୋଲି କହିଥିଲେ। ନିଶାମୁକ୍ତ ଭାରତ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଯୁବା ଭାରତ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ଓ ଶୁଦ୍ଧତା ଅଭିଯାନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୋ ଭାରତ ସ୍ୱର୍ଣ୍ଣିମ ଭାରତ ଅଭିଯାନରେ ଆସିଥିବା ସଦସ୍ୟ, କଟକରୁ ଆସିଥିବା ବି.କେ. ଗୀତାଞ୍ଜଳି, ଭୁବନେଶ୍ୱରରୁ ଆସିଥିବା ବି.କେ. ପ୍ରଭାକର ଓ ବଲାଙ୍ଗୀର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରର ଇନଚାର୍ଜ ବି.କେ. ଉଷା ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମର ଶନିବାରୁଠାରୁ ସୋମବାର ପର୍ଯ୍ୟନ୍ତ ଜାରି ରହିବ। ରବିବାର ନୈତିକ ଶିକ୍ଷା ସମ୍ମିଳନୀ ଓ ରବିବାର ନିଶାମୁକ୍ତି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ଷ୍ଟଲରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସ୍ଥାପନ କରାଯାଇଛି। ଏହା ସହିତ ଚୈତନ୍ୟ ଦେବୀ ମଣ୍ଡପ ନିର୍ମାଣ କରାଯାଇ ଏଥିରେ ଦେବୀ ଦୁର୍ଗାଙ୍କ ମହିଷାସୁର ବଧକୁ ବ୍ରହ୍ମାକୁମାରୀମାନେ ପ୍ରଦର୍ଶନ କରୁଛନ୍ତି। ସଭା ପରେ ସନ୍ଧ୍ୟାରେ ନିଶାମୁକ୍ତି ଉପରେ ଏକ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା। ଏହି ତିନିଦିନିଆ ସମ୍ମିଳନୀରେ ବଲାଙ୍ଗୀର, ସୋନପୁର ସମେତ ଅନ୍ୟାନ୍ୟ ଜିଲାରୁ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାର ତଥା ଜନସାଧାରଣ ଯୋଗଦେଇଥିଲେ। କ୍ରୀଡା କ୍ଷେତ୍ରରେ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବଲାଙ୍ଗୀରର ଦୁଇ ମହିଳା କ୍ରିକେଟର ମାଧୁରୀ ମେହେଟ୍ଟା ଓ ରୋସନାରା ପରବିନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ବୈଶ୍ୟ ସମଲେଶ୍ୱରୀ ମହିଳା ସଂଘର ସଦସ୍ୟମାନେ ମାଗଣା ଚା' ଓ ବିସ୍କୁଟ ବଣ୍ଟନ କରିଥିଲେ।




ମୋ ଭାରତ ସ୍ୱର୍ଣ୍ଣିମ ଭାରତ ତ୍ରିଦିବସୀୟ ସମ୍ମିଳନୀରେ ମୁଖ୍ୟଅତିଥି ନରସିଂହ ମିଶ୍ର ଉଦ୍‌ଘାଟନୀ ଉଦ୍‌ବୋଧନ ଦେଉଛନ୍ତି।



"୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଅଟୋ ଭଡା ନେଇ ଯାତ୍ରୀ ହନ୍ତସନ୍ତ

**ରାଉରକେଲା ଅଫିସ,୧୩।୧୦**-ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)ରୁ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଟୋରେ ଆସିଲେ ଭଡା ଦାବି କରାଯାଉଛି ୩ ଶହ ଟଙ୍କା। ଖାଲି ରୋଗୀଙ୍କୁ ନେଇ ଛାଡି ଦେଲେ ବି ଦେଢ ଶହ ଟଙ୍କା ଦେବାକୁ ପଡିବ। ନ ହେଲେ ଅଟୋ ଉପରକୁ ରୋଗୀ ଉଠି ପାରିବନି। ଯଦିଓ ପାଚେରି ଡେଇଁଲେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ପଡିବ। ଦୁଇ ଅନୁଷ୍ଠାନ ମଧରେ ରାସ୍ତାର ଦୂରତା ପ୍ରାୟ ୬ଶହ ମିଟର। ଏତିକି ବାଟକୁ ୩ଶହ ଭଡା ଦାବି ଶୁଣି ରୋଗୀ ସଂପର୍କୀୟଙ୍କ ହୋସ୍ ଉଡି ଯାଉଛି। ମସ୍ତିଷ୍କ ଆଘାତପ୍ରାପ୍ତ ଜଣେ ରୋଗୀଙ୍କଠାରୁ ଶନିବାର ଜଣେ ଅଟୋ ଚାଳକ ୩ଶହ ଟଙ୍କା ଭଡା ଦାବି କରିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ହେଲେ ଜିଦିଆ ଅଟୋ ଚାଳକ ଟଙ୍କାଟିଏ ବି କମାଇବାକୁ ରାଜି ହେଲେନି। ଶେଷରେ ସମ୍ପୃକ୍ତ ରୋଗୀଙ୍କୁ ଏକ ସ୍କୁଟିରେ ନିଆଯାଇଥିଲା ହାଇଟେକ। ଏପରି ଘଟଣାକୁ ପାଖରୁ ଥାଇ ଦେଖୁଥିବା ଲୋକେ କୁହାକୁହି ହେଉଥିଲେ ମାନବିକତା ହରାଇଥିବା ଲୋକଙ୍କୁ ବୁଝାଇ ହେବନି।

### ବେଆଇନ ଗଛ କଟା ନେଇ ଅସନ୍ତୋଷ

ରାଉରକେଲା ଅଫିସ,୧୩।୧୦-ଷ୍ଟିଲ ସିଟିର କେତେକ ସ୍ଥାନରେ ବେଆଇନ ଗଛ କଟା ଜାରି ରହିଥିବା ବେଳେ ଆମ୍ବାଗାନ ବଜାର ଅଞ୍ଚଳରେ ଏପରି ଏକ ଗଛ କଟା ଘଟଣା ନେଇ ସ୍ଥାନୀୟ ବ୍ୟବସାୟୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟବସାୟୀ ଅସୀମ ଘୋଷ ବିଭାଗୀୟ ବନଖଣ୍ଡ ଅଧିକାରୀଙ୍କୁ ଏକ ପତ୍ର ଲେଖି ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି ଯେ ବଜାର ଭିତରେ ରହିଥିବା ଏହି ନିମ୍ବ ଗଛ କଟାଯିବା ଘଟଣାରେ ଅନେକଙ୍କ ମନରେ ଆଘାତ ସୃଷ୍ଟି ହୋଇଛି। ଏହି କାରଣରୁ ଖରାଦିନେ ବ୍ୟବସାୟୀମାନେ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ବେଆଇନ ଗଛ କାଟୁଥିବା ଲୋକଙ୍କ ଉପରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ଗୋଡରେ ଘା ଯୋଗୁଁ ଚାଲି ପାରୁ ନ ଥିଲେ

# ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କଲେ ଏଏସ୍ଆଇ

**ରାଜଗାଙ୍ଗପୁର, ୧୩।୧୦ (ଡି.ଏନ.ଏ)**

ପୋଲିସ କେବଳ ଯେ, ଆଇନଶୃଙ୍ଖଳା ରକ୍ଷା କରେ, ଅପରାଧ ନିୟନ୍ତ୍ରଣ କରେ ତାହା ନୁହେଁ। ପୋଲିସ ପାଖରେ ସେବା, ମାନବିକତାର ଗୁଣ ମଧ୍ୟ ରହିଛି। ଏହା ପ୍ରମାଣିତ କରିଛନ୍ତି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଜଣେ ଏଏସ୍ଆଇ। ଦୁଇ ଗୋଡରେ ଘା ହୋଇଯାଇଥିବାରୁ ଚାଲି ନ ପାରି ରାଜଗାଙ୍ଗପୁର ରେଳ ଷ୍ଟେଶନର ବୁକିଂ ହଲରେ ପଡି ରହିଥିବା ଜଣେ ରୋଗୀଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି ଜିଆରପି ଏଏସଆଇ ଖଗେଶ୍ୱର ରାଉଳ। ରାଜଗାଙ୍ଗପୁର ସହର ଗୋଶାଳା ପଡାର ଡମ୍ବରୁ ମୁଖି (୪୫) ନାମକ ଜଣେ ବ୍ୟକ୍ତିଙ୍କ ଦୁଇ ଗୋଡରେ କୌଣସି କାରଣରୁ ଘା ହୋଇ ପାଚି ଯାଇଥିଲା। ଘାଗୁଡିକରୁ ପୂଜ ବାହାରି ଗନ୍ଧ ହେଉଥିଲା। ଡମ୍ବରୁଙ୍କ ଘରଲୋକ ତାଙ୍କ ଚିକିତ୍ସା ନ କରିବାରୁ ସେ ରାଜଗାଙ୍ଗପୁର ରେଳଷ୍ଟେଶନର ବୁକିଂ ହଲଠାରେ ପଡି ରହିଥିଲେ। ଖାଦ୍ୟ ଓ ଚିକିତ୍ସା ଅଭାବରୁ ସେ ନିସ୍ତେଜ ହୋଇ ପଡିଥିଲେ। ତାଙ୍କ ଘାରୁ ଦୁର୍ଗନ୍ଧ ବାହାରୁ ଥିବାରୁ ଲୋକେ ନାକରେ ରୁମାଲ ଦେଇ ଟିକେଟ କାଟୁଥିଲେ। ଅଭିଯୋଗ ସତ୍ତ୍ୱେ ରାଜଗାଙ୍ଗପୁର ରେଳୱେ ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିଲେ। ଏ ଘଟଣା ଦେଖିଲା ପରେ ରାଜଗାଙ୍ଗପୁର ଜିଆରପିର ଏଏସଆଇ ଖଗେଶ୍ୱର ଲୋକଟି ମରିଯିବ ଭାବି ନିଜ ଷ୍ଟାଫ୍‌ଙ୍କୁ ନେଇ ତାଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦେଇଥିଲେ। ୧୦୮ ଆମ୍ବୁଲାନ୍ସକୁ ଡାକି ଡମ୍ବରୁଙ୍କୁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଗୁରୁବାର ଭର୍ତ୍ତି କରାଇଥିଲେ। ଶୁକ୍ରବାର ଡମ୍ବରୁଙ୍କ ଅବସ୍ଥାରେ ଉନ୍ନତି ହୋଇଥିବା ଦେଖିବାକୁ ମିଳିଥିଲା। ଏବେ ତାଙ୍କୁ ତାଙ୍କ ଜଣେ ସମ୍ପର୍କୀୟ ଜଗିଥିବା ବେଳେ ଡମ୍ବରୁ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ସେ ପ୍ରକାଶ କରିଛନ୍ତି। ଏଏସଆଇ ଖଗେଶ୍ୱରଙ୍କ ଏଭଳି କାମ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।



ରାଜଗାଙ୍ଗପୁର ଡ଼ାକ୍ତରଖାନାରେ ଡମ୍ବରୁ ମୁଖିଙ୍କ ଚିକିତ୍ସା କରାଯାଉଛି।

## ମୋ ରାଉରକେଲା

# ହେଲା ତ ହେଲା ନ ହେଲେ ରାଉରକେଲା



ରଶ୍ମିରଞ୍ଜନ ପାଣ୍ଡବ।

**ଷ୍ଟିଲ** ସିଟିରେ ମୋର ଜନ୍ମ। ମା' ପ୍ରତି ଯେମିତି ମମତା ଏ ସହର ପ୍ରତି ମୋର ସେତିକି ମମତା ରହିଛି। ଏଠି ଭାରତର ପ୍ରାୟ ସବୁ ପ୍ରଦେଶର ଲୋକ ବାସ କରନ୍ତି। ଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଭାଇ ଚାରା ଅତି ନିବିଡ। ଚାକିରି ଓ ବ୍ୟବସାୟରେ ସମ୍ପୃକ୍ତ ଲୋକେ ଅବସର ପରେ ବି ଏ ସହର ଛାଡି ଯିବାକୁ ମନ ବଳାନ୍ତିନି। ଆମର ଏଠି ଲୋକକଥା ରହିଛି ଯେ ହେଲା ତ ହେଲା ନ ହେଲେ ଚାଲ ରାଉରକେଲା। ଯିଏ ଯେଉଁଠି ଘୁରି ବୁଲି ଆସିଲେ ବି ଶେଷରେ ରାଉରକେଲା ତାଙ୍କୁ ଆବେଗର ବନ୍ଧନରେ ବାନ୍ଧି ରଖେ। ପେଟକୁ ମୁଠେ ଦାନା ଯୋଗାଡ କରିଦିଏ ଓ ଶେଷ ପର୍ଯ୍ୟନ୍ତ ସୁଖ ଶାନ୍ତିରେ ବଞ୍ଚିବାକୁ ସୁଯୋଗ ତିଆରି କରିଦିଏ। ଏ ମାଟି, ପାଣି ପବନର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। ମୋଟାମୋଟି କହିଲେ ଶାନ୍ତ, କାନ୍ତ ସବୁଜ ସହର ରାଉରକେଲା ହେଉଛି ସମନ୍ୱୟର ପେଣ୍ଠ ସ୍ଥଳ। ଏଠାକାର ମନ୍ଦ ମଧୁର ପାହାଡି ପବନର ପରଶ ଥରେ ଛୁଇଁ ଦେଲେ ମନ ଆନମନା ହୁଏ। ଘଞ୍ଚ ବନାନୀ ବେଷ୍ଟିତ ଓ ବ୍ୟବସ୍ଥିତ କଲୋନୀ, ସେକ୍ଟର ଗୁଡିକର ସମାହାର କ୍ୟାଲେଣ୍ଡରର ଛବି ପରି ଲାଗେ। ଷ୍ଟିଲ ସିଟିର ବାହାରଟା ଯେତିକି ସୌମ୍ୟ ଭିତରଟା ସେତିକି କୋମଳ। ସୁଖ, ଶାନ୍ତି ଓ ଶୃଙ୍ଖଳାର ସମାହାରରେ ବାନ୍ଧି ହୋଇ ରହିଥିବା ଏ ସହର ଓ ଏଠାକାର ବାସିନ୍ଦା ମୋ ପାଇଁ ସବୁବେଳେ ଚିର ନମସ୍ୟ।

### ଆର୍‌ଏସପି ସିଇଓଙ୍କ ପରାମର୍ଶ

# ସକାରାତ୍ମକ ଦୃଷ୍ଟିଭଙ୍ଗୀ ରଖ, ସୁଯୋଗର ସଦୁପଯୋଗ କର

**ରାଉରକେଲା ଅଫିସ, ୧୩। ୧୦**

ସର୍ବଦା ଖୁସି ରହିବା ପାଇଁ ଓ ସଫଳତା ପ୍ରାପ୍ତି ନିମନ୍ତେ ନିଜ କାର୍ଯ୍ୟକୁ ଭଲ ପାଅ। ସକାରାତ୍ମକ ଦୃଷ୍ଟି ଭଙ୍ଗୀ ରଖ। ସୁଯୋଗର ସଦୁପଯୋଗ କର। ଆରଏସପି ଏଚଆରଡି ସେଣ୍ଟରଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ କାରଖାନା ସିଇଓ ଅଶ୍ୱିନୀ କୁମାର କାର୍ଯ୍ୟରେ ଯୋଗ ଦେଇଥିବା ୨୨ଜଣ ମ୍ୟାନେଜମେଣ୍ଟ ଟ୍ରେନିଙ୍କୁ ଏଭଳି ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗର ଇଡି ପି.କେ. ପ୍ରଧାନ, ସର୍ଭିସେସ ଓ ୟୁଟିଲିଟି ବିଭାଗ ଜିଏମ ଇନଚାର୍ଜ ଗୌତମ ମୁଖାର୍ଜୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେଲ ଭଳି ଏକ କୋର ଶିଳ୍ପ କ୍ଷେତ୍ରରେ ପ୍ରବେଶ ପାଇଁ ପସନ୍ଦ କରିଥିବା ଟ୍ରେନିଙ୍କୁ ଅଭିନନ୍ଦନ ଜଣାଇ ସିଇଓ କୁମାର କହିଥିଲେ ନିଷ୍ଠା ଓ ମନରେ ପ୍ରତିବଦ୍ଧତା ନେଇ କାର୍ଯ୍ୟ କଲେ ସଫଳତା ମିଳିଥାଏ। ଏଣୁ ଏ ଦିଗରେ ଟ୍ରେନିମାନେ ଆଗ୍ରହ ପ୍ରକାଶ କରିବା ଉଚିତ। ଆରଏସପି ସହ କାର୍ଯ୍ୟ କରିବାର ଆନନ୍ଦ ଓ ଅନୁଭୂତି ସଂଗ୍ରହ କରିପାରିଲେ ଏହା ଆଗାମି ଦିନରେ ସଫଳତାର ଶିଡି ଚଢିବା ଦିଗରେ ସହାୟକ ହୋଇ ପାରିବ ବୋଲି କୁମାର ମତ ପ୍ରକାଶ କରିଥିଲେ। ଅନ୍ୟତମ ଅଧିକାରୀ ପ୍ରଧାନ ନିଜ ବକ୍ତବ୍ୟରେ ନବ ଜାତକଟିଏ ଯେପରି ପରିବାରରେ ଆନନ୍ଦ ଭରି ଦିଏ ଠିକ ସେହିପରି ଆରଏସପିକୁ ନୂତନ ପ୍ରତିଭାଙ୍କ ପ୍ରବେଶ ଉତ୍ସାହ ସୃଷ୍ଟି କରିଛି। ନୂଆ ଟ୍ରେନିଙ୍କୁ ପରାମର୍ଶ ଦେଇ ପ୍ରଧାନ କହିଥିଲେ ନିଜ ସୃଜନଶୀଳତାର ଉପଯୋଗ କରି କାରଖାନାକୁ ଉନ୍ନତି ଦିଗରେ ନେଇ ପାରିଲେ ନିଜ ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ହେବ। ଏଥିରେ ବକ୍ତବ୍ୟ ପ୍ରଦାନ କରି ବାନାର୍ଜୀ କାରଖାନାର ଆଧୁନିକୀକରଣ ସ୍ଥିତି ସଂପର୍କରେ ଉଲ୍ଲେଖ କରିଥିଲେ। ଶେଷରେ ଟ୍ରେନିଙ୍କୁ ନେଇ ଏକ ମତ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଚଆରଡି ବିଭାଗ ଡିଜିଏମ ଇନଚାର୍ଜ ଜେ.ଏନ. ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଡିଜିଏମ ଏଚ. ପତି ଧନ୍ୟବାଦ ଜ୍ଞାପନ କରିଥିଲେ। ଏଚଆଇଡି ଆସିଷ୍ଟାଣ୍ଟ ମ୍ୟାନେଜର ଅର୍ନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ରାଜ୍ୟପାଳ ଗଣେଶୀ ଲାଲ କ୍ରୀଡ଼ାବିତ୍ ରାଜୀବ ସିଂଙ୍କୁ ପୁରସ୍କୃତ କରୁଛନ୍ତି।

# ଅଗ୍ରସେନ ସେବା ସଂଘ ପକ୍ଷରୁ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୧୩।୧୦**

ମହାରାଜା ଅଗ୍ରସେନ ସେବା ସଂଘ ପକ୍ଷରୁ ଆୟୋଜିତ ଭଗବାନ ଅଗ୍ରସେନଙ୍କ ଜୟନ୍ତୀ ଅବସରରେ ଶିକ୍ଷା, କ୍ରୀଡା ଓ କଳା ଆଦି କ୍ଷେତ୍ରରେ ଉତ୍ତମ ଫଳ ପ୍ରଦର୍ଶନ କରିଥିବା ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠିତ ଓ ପ୍ରତିଭାବାନ କରାଟେ ପ୍ରଶିକ୍ଷକ ରାଜୀବ ସିଂ, ୨ ଜଣ କରାଟେ ବୋନାଲି ଦାସ ଓ ସତ୍ୟମ ମହାନ୍ତି, ୨ ଅନ୍ତର୍ଜାତୀୟ ପଦକପ୍ରାପ୍ତ କରାଟେ ଅଭିଷେକ ପଟ୍ଟନାୟକ ଓ ସ୍ୱାଗତିକା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ରାଉରକେଲା ଗସ୍ତରେ ଆସିଥିବା ରାଜ୍ୟପାଳ ଗଣେଶୀ ଲାଲ ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ବନ୍ଧମୁଣ୍ଡାରେ ଭାଜପାର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ଅନ୍ୟମାନେ।

# ଜୁଏଲଙ୍କ ଉପସ୍ଥିତିରେ ଶତାଧିକ ଭାଜପାରେ ସାମିଲ

**ରାଉରକେଲା ଅଫିସ,୧୩।୧୦**

ଅନ୍ୟ ଦଳ ତ୍ୟାଗ କରି ବନ୍ଧମୁଣ୍ଡା ଅଞ୍ଚଳର ଶତାଧିକ ଲୋକ ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଓରାମ ଦଳରେ ସାମିଲ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ପୂର୍ବତନ ନଗରପାଳ ନିହାର ରାୟଙ୍କ ଉଦ୍ୟମ କ୍ରମେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଓରାମ ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ନୀତି ଆଦର୍ଶ ଆଜି ଲୋକଙ୍କୁ ଦଳ ପ୍ରତି ଆକର୍ଷିତ କରିଛି। ସମସ୍ତେ ମିଳିମିଶି ଦଳକୁ ସଂଗଠିତ କରିବା ସହ ତଳ ସ୍ତରର ଲୋକଙ୍କ ଉତ୍‌ଥାନ ପାଇଁ କାମ କରିବାକୁ ଓରାମ ପରାମର୍ଶ ପ୍ରଦାନ କରିଥିଲେ। ମଣ୍ଡଳ ସଭାପତି ସୁବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଉରକେଲା ପ୍ରଭାରୀ ତପନ ସ୍ୱାଇଁ, ମୁଖପାତ୍ର ଭଗବାନ ରାଉତ, ରମେଶ ଅଗ୍ରୱାଲ, ପ୍ରମିଳା ସୁନା, ବିନ୍ଦର ସିଂ, କେଦାର ମହାନ୍ତି, କେ.ଏନ. ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ।

# ମହିଳା ମହାବିଦ୍ୟାଳୟରେ ଚାରା ରୋପଣ

**ରାଉରକେଲା ଅଫିସ,୧୩।୧୦**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଜଳଦା ପଞ୍ଚାୟତ ନିକଟସ୍ଥ ପ୍ରିୟଦର୍ଶନୀ ମହିଳା ମହାବିଦ୍ୟାଳୟରେ ଶନିବାର ବୃକ୍ଷ ରୋପଣ କରାଯାଇଛି। ଏନେଇ ଏଲଏଣ୍ଡଟି କମ୍ପାନୀ କର୍ତ୍ତୃପକ୍ଷ ସହାୟତା କରିଥିଲେ। ଆଇନଜୀବୀ ସଞ୍ଜୟ ବଳ ଓ ସନ୍ତୋଷ ବିଶ୍ୱାଳଙ୍କ ସହ ଏଥିରେ ଯୋଗ ଦେଇଥିବା ଉତ୍କଳ ପିପୁଲ୍ସ ସୋସାଇଟି କର୍ମକର୍ତ୍ତା କ୍ୟାମ୍ପସରେ ବିଭିନ୍ନ କିସମର ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ସୁରେଶ କୁମାର ଓ ତାଙ୍କ ପ୍ରତିନିଧି ଉପସ୍ଥିତ ଥିବା ବେଳେ ଏଥିରେ ଅରୁଣା କିଶାନ ଓ କଲେଜ କର୍ମଚାରୀ ସହଯୋଗ କରିଥିଲେ।



ଜଳଦା ପଞ୍ଚାୟତ ନିକଟସ୍ଥ ପ୍ରିୟଦର୍ଶନୀ ମହିଳା ମହାବିଦ୍ୟାଳୟରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ।

### ଷ୍ଟେଶନରୁ ଶିଶୁକନ୍ୟା ଉଦ୍ଧାର

**ଝାରସୁଗୁଡା ଅଫିସ,୧୩।୧୦**

ଝାରସୁଗୁଡା ରେଳ ଷ୍ଟେଶନରୁ ଶୁକ୍ରବାର ରାତିରେ ଏକ ୩ ବର୍ଷର ଶିଶୁକୁ ଉଦ୍ଧାର କରାଯାଇଛି। ତାଙ୍କୁ ମୁକ୍ତାଶ୍ରମରେ ରଖାଯାଇଛି। ଏହି ଶିଶୁକନ୍ୟା ଜଣକ ଷ୍ଟେଶନରେ ଏକାକୀ କାନ୍ଦୁଥିବା ଦେଖି ରେଳ ସୁରକ୍ଷା କର୍ମୀ ଚାଇଲ୍ଡ ଲାଇନକୁ ସୂଚନା ଦେଇଥିଲେ। ଚାଇଲ୍ଡଲାଇନ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରିଥିଲେ। କମିଟିର ନିର୍ଦ୍ଦେଶକ୍ରମେ ତାଙ୍କୁ ମୁକ୍ତାଶ୍ରମରେ ରଖାଯାଇଛି ବୋଲି ଚାଇଲ୍ଡଲାଇନର ସଂଯୋଜକ ଆଶିଷ ପଣ୍ଡା କହିଛନ୍ତି।

## ଫଟୋରେ ଖବର



ଡିଏଭି ସ୍କୁଲରେ ଶନିବାର ଆୟୋଜିତ କବାଡି ପ୍ରତିଯୋଗିତାରେ ଖେଳାଳିମାନେ।

# ଲକ୍ଷାଧିକ ଟଙ୍କାର ତମ୍ବା କଏଲ, ପାଇପ୍ ଚୋରି

**କୁଆଁରମୁଣ୍ଡା,୧୩।୧୦(ଡି.ଏନ.ଏ.)**

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚାର୍ଡିଛକ ନିକଟରେ ଥିବା ଟିପିଏସ୍ଏଲ୍ କାରଖାନାରେ ଶୁକ୍ରବାର ରାତିରେ ଚୋରି ହୋଇଛି। ପ୍ରାୟ ୧ଟା ପରେ ଦୁର୍ବୃତ୍ତମାନେ ପଶି ୪ କୁଇଣ୍ଟାଲ ତମ୍ବା କଏଲ ଓ ୨ଟି ତମ୍ବା ପାଇପ୍ ଚୋରି କରି ନେଇଛନ୍ତି। ଏନେଇ ଶନିବାର କାରଖାନା କର୍ତ୍ତୃପକ୍ଷ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏତଲା ରୁଜୁକରି ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ସଙ୍ଗଠିତ ହୋଇ ଧନୁବାଗାନ ନିକଟସ୍ଥ ଏକ ଅଟା କମ୍ପାନୀ ସମ୍ମୁଖରେ ଥିବା ଏକ ମାଲବୁହା ଗାଡିକୁ ଚୋରି କରିଥିଲେ। ଉକ୍ତ ଗାଡିରେ ଚାଳକ ଚାବି ଲଗାଇ ଠିଆ କରିଥିବାରୁ ଦୁର୍ବୃତ୍ତମାନେ ଗାଡିଟିକୁ ସହଜରେ ନେଇ ଟିପିଏସଏଲ କାରଖାନାରେ ପହଞ୍ଚିଥିଲେ। ସେଠାରେ ଥିବା ରାତ୍ର ଜଗୁଆଳୀଙ୍କୁ ସେମାନେ ଅତର୍କିତ ମାଡମାରି ତମ୍ବା କଏଲ ଓ ପାଇପ୍ ଇତ୍ୟାଦି ଚୋରିକରି ବାହାରେ ଠିଆ ହୋଇଥିବା ଗାଡିରେ ଲଦି ଫେରାର ହୋଇଯାଇଛନ୍ତି। ଚୋରା ତମ୍ବା ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

# ସଜେଇ ହେଲାଣି ମେଳା ଦାଣ୍ଡ, ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ରାଉରକେଲା ଅଫିସ,୧୩।୧୦**

ଆଉ ଦିନକ ପରେ ଆରମ୍ଭ ହେବ ଜଗଜ୍ଜନନୀ ମା ଦୁର୍ଗାଙ୍କ ଷଷ୍ଠି ପୂଜା। ଏ ନେଇ ଚଳଚଞ୍ଚଳ ହୋଇ ଉଠିଲାଣି ଷ୍ଟିଲ ସିଟି। ଚାରିଆଡେ ପାର୍ବଣର ମାହୋଲ ବାରି ହୋଇ ପଡିଲାଣି। ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମୂର୍ତ୍ତି ଓ ପେଣ୍ଡାଲ ନିର୍ମାଣ ନେଇ କାରିଗର, ଉଦ୍ୟୋକ୍ତା ସମସ୍ତଙ୍କ ମନରେ ବ୍ୟସ୍ତତା ଲାଗି ରହିଛି। ଅଧିକାଂଶ ସ୍ଥାନରେ ଶନିବାର ସୁଦ୍ଧା ଶତ ପ୍ରତିଶତ କାମ ଶେଷ ହୋଇ ପାରିନି। ରବିବାର ରାତି ସୁଦ୍ଧା ଏହା ଶେଷ ହୋଇଯିବ ବୋଲି ଆଶା ରହିଛି। ଏଣୁ କାହାକୁ ଯେମିତି ଫୁରସତ ନାହିଁ ଭଳି ଅବସ୍ଥା। ମୂର୍ତ୍ତି ଗଢା କାମ ପ୍ରାୟ ସବୁ ଜାଗାରେ ଶେଷ ହୋଇ ଆସିଲାଣି। ରଙ୍ଗ କାମରେ ବ୍ୟସ୍ତ କାରିଗର। ଶେଷ ସ୍ପର୍ଶ ଯାହା ବାକି ରହିଛି। ମେଳା ଦାଣ୍ଡରେ ବ୍ୟବସାୟୀ ପହଞ୍ଚି ସାରିଥିବା ବେଳେ ଦୋକାନ ବନ୍ଧା କାମ ଆରମ୍ଭ ହୋଇ ଗଲାଣି। ସେକ୍ଟର-୨, ୩, ୬, ୭, ୮ ଓ ୧୮ ଭଳି ଏକାଧିକ ସ୍ଥାନରେ ମିନା ବଜାର ଲାଗିବ। ମଣ୍ଡପ କାମ ଶେଷ ନ ହେଉଣୁ କେତକ ପୂଜା ମଣ୍ଡପ ବାହାରେ ରଙ୍ଗୀନ ଆଲୋକମାଳା ଝକମକ କଲାଣି। ତେବେ ବିଳମ୍ବରେ ଓ ଆଶାନୁରୂପ ବୋନସ ପାଇ ନ ଥିବା କର୍ମଚାରୀଙ୍କ ମନରେ ସରସତା ନାହିଁ। ଏମିତି କେତେକ କାରଣରୁ ବଜାର ଅବସ୍ଥା ଟିକେ ମାନ୍ଦା ପଡିଥିବା ଅନୁମାନ କରାଯାଉଛି। ଏଣେ ମାର୍କେଟରେ ବହୁ ନାମୀ ଦାମି ବ୍ୟବସାୟିକ ପ୍ରତିଷ୍ଠାନ ଓ ମଲ ଗୁଡିକରେ ରିହାତି ସେଲ ନେଇ ପ୍ରଚାର ଜୋରଦାର ହୋଇଛି। ବ୍ରାଣ୍ଡେଡ ପୋଷାକ, ସୁନା, ଗାଡି ଓ ଗୃହ ସାମଗ୍ରୀ ଆଦି ଉପରେ ବହୁ କମ୍ପାନୀ ରିହାତି ସାଙ୍ଗକୁ ସ୍ୱତନ୍ତ୍ର ଉପହାର ଯୋଜନା ବି ଘୋଷଣା କରିଛନ୍ତି। ଏ ନେଇ ସହରର ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ହୋର୍ଡିଂ ଓ ବ୍ୟାନର ଲଗା ଯାଇଛି। ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ ରଙ୍ଗୀନ ଆଲୋକମାଳାରେ ସଜା ଯାଇଛି। ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଏକରକମ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆଶା କରାଯାଉଛି ସୋମବାର ସୁଦ୍ଧା ବଜାରରେ ଗହଳ ଚହଳ ଆରମ୍ଭ ହୋଇଯିବ।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ମିଶନ ଆଶ୍ରାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଝାରସୁଗୁଡା ଅଫିସ,୧୩।୧୦**–ଜିଲା ସମାଜିକ ସୁରକ୍ଷା ବିଭାଗ ଏବଂ ପିପୁଲ୍ସ ଫୋରମର ମିଳିତ ଆନୁକୂଲ୍ୟରେ ଶୁକ୍ରବାର କଣ୍ଡାପାଲିସ୍ଥିତ ମିଶନଆଶ୍ରାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଡିଆରଡିଏ ପିଡି ସତ୍ୟନାରାୟଣ ଦାଶ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡା. ଆର.ଆର. ବିର୍ତିଆ, ସାମାଜିକ ସୁରକ୍ଷା ଅଧିକାରୀ ସୁଶୀଳା କିରୋ, ପ୍ରତିଭା ବେହେରା, ସଞ୍ଜୟ ଜେଠି ପ୍ରମୁଖ ଉପସ୍ଥିତ ରହି ମାନସିକ ସ୍ୱାସ୍ଥ୍ୟ ବିଷୟରେ ମତପୋଷଣ କରିଥିଲେ। ଏହି ଅବସରରେ ବୁରୋମାଲର ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର, ନିଶା ନିବାରଣ କେନ୍ଦ୍ର ଅନ୍ତେବାସୀ, ମିଶନ ଆଶ୍ରାର ଅନ୍ତେବାସୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ବିଦ୍ୟୁତ୍ କାଟ୍ ବିରୋଧରେ ବଢୁଛି ଅସନ୍ତୋଷ

**ଝାରସୁଗୁଡା ଅଫିସ,୧୩।୧୦**-ବିଦ୍ୟୁତ କାଟ୍‌କୁ ନେଇ ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ବିରୋଧ କରି ଝାରସୁଗୁଡା ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ତରଫରୁ ପୁଣି ଥରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ଏସ୍‌ପି ଏବଂ ୱେସ୍କୋର ନିର୍ବାହୀ ଯନ୍ତ୍ରୀଙ୍କୁ ମଧ ଦାବିପତ୍ର ପ୍ରଦାନ କରାଯାଇଛି। ପୂଜା ସମୟରେ ବିଦ୍ୟୁତ କାଟ ସହରବାସୀଙ୍କ ଉତ୍ସାହରେ ବାଧା ସୃଷ୍ଟି କରିବ। ଏହାସହ ପୂଜା ବେଳେ ବିଦ୍ୟୁତ କାଟ ଦ୍ୱାରା ଚୋରି ଏବଂ ଛିନତାଇ ଭଳି ସମସ୍ୟା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିବ। ତେଣୁ ବିଦ୍ୟୁତ କାଟ୍ ନ କରି ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ କରିବାକୁ ଚାମ୍ବର ଅଫ କମର୍ସର ହୀରାଲାଲ ଲୋକଚନ୍ଦାନୀ, ଆଇନଜୀବୀ ରଘୁମଣି ପଟେଲ, ବରିଷ୍ଠ ନାଗରିକ ବାଲଗୋବିନ୍ଦ ମିଶ୍ର, ବାଦଲ ଦାସ, ଗୋପାଳ ରାୟ ଅଗ୍ରୱାଲ, ଶୁଭମ କେଜ୍ରିୱାଲ ପ୍ରମୁଖ ଦାବି କରିଛନ୍ତି।

### ଅଗ୍ରସେନ ଜୟନ୍ତୀ

**ବ୍ରଜରାଜନଗର,୧୩।୧୦(ଡି.ଏନ.ଏ)**- ବ୍ରଜରାଜନଗର ସହରାଞ୍ଚଳର ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳନ କରାଯାଇଛି । ଅଗ୍ରସେନ କମିଟିର ସଭାପତି ଅନୀଲ ଅଗ୍ରୱାଲ ଓ ସମ୍ପାଦକ ପଙ୍କଜ ରୁଙ୍ଗଟାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ବ୍ୟାଡମିଣ୍ଟନ, କ୍ରିକେଟ ସହିତ ମହିଳାମାନଙ୍କ ଦ୍ୱାରା ମଧ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇ ସଫଳତା ପାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ପୌରାଧକ୍ଷ ନନ୍ଦ କିଶୋର ଅଗ୍ରୱାଲ, ମୁଖ୍ୟବକ୍ତା କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟଚିକିତ୍ସା ଅଧିକାରୀ ଅରୁଣ ଅଗ୍ରୱାଲ, ସମ୍ମାନୀତ ଅତିଥି ଭାବରେ ସମଲେଶ୍ୱରୀ ଖୋଲାମୁହଁ ଖଣି ପିଓ ପି.ପି. ଗୁପ୍ତା ଯୋଗ ଦେଇଥିଲେ ।



ଦ୍ୱିପାକ୍ଷିକ ଆଲୋଚନାରେ ଉପସ୍ଥିତ ଏମ୍‌ସିଏଲ୍ ଅଧିକାରୀ ଓ ଗ୍ରାମବାସୀ।

■ ଏମ୍‌ସିଏଲ୍ ବିସ୍ଥାପିତ, କ୍ଷତିଗ୍ରସ୍ତଙ୍କୁ ନେଇ ଦ୍ୱିପାକ୍ଷିକ ଆଲୋଚନା

# ସମସ୍ୟା ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି

**ଲଖନପୁର,୧୩।୧୦ (ଡି.ଏନ୍.ଏ.)**

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ଦ୍ୱାରା ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବହୁବିଧ ସମସ୍ୟାକୁ ନେଇ ଲଖନପୁର ଜିଏମ୍ ଅଫିସ୍ ସମ୍ମୁଖରେ ଗ୍ରାମବାସୀମାନେ ଗତ ମାସରେ ପ୍ରତୀକ ଧର୍ମଘଟ ଚଳାଇଥିଲେ। ଏ ନେଇ କମ୍ପାନୀ ଆହ୍ୱାନକ୍ରମେ ମୁଖ୍ୟକାର୍ଯ୍ୟାଳୟ ବୁର୍ଲାରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଏଥିରେ ନିଷ୍ପତ୍ତି ହୋଇଥିଲା ଯେ, ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟାକୁ ନେଇ ଲଖନପୁର ଜିଏମ୍ ଅଫିସ୍‌ରେ ଏକ ଦ୍ୱିପାକ୍ଷିକ ଆଲୋଚନା କରାଯିବ। ଏହି ନିଷ୍ପତ୍ତି କ୍ରମେ ଲଖନପୁର ଜିଏମ୍ ଅଫିସ୍‌ରେ ଶନିବାର ଏକ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏମ୍‌ସିଏଲ୍ ନିର୍ଦ୍ଦେଶକ (ପର୍ସନାଲ୍)ଏଲ୍ଏନ୍ ମିଶ୍ର, ନିର୍ଦ୍ଦେଶକ (ଟେକ୍‌ନିକାଲ୍) ଓପି ସିଂହ, ଜିଏମ୍(ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକାର, ଲଖନପୁର ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଶ୍ରମିକନେତା ଆଇନ୍‌ଜୀବୀ ଗୁଣନିଧି ବାରିକ, ରମେଶ ତ୍ରିପାଠୀ, ଅନିତ ଚକ୍ରବର୍ତ୍ତୀ, ରବୀନ୍ଦ୍ର ସାହୁ, ଗୋବିନ୍ଦ କରାଳୀ, ଓମ୍‌ପ୍ରକାଶ ସା ପ୍ରମୁଖ ଉପସ୍ଥିତ ଥିଲେ। ଏହାର ଶୁଣାଣି ଫଳାଫଳ ଜାଣିବା ପାଇଁ ଦର୍ଲିପାଲି, ଖଇରକୁନୀ, ଟିଙ୍ଗିସ୍‌ମାଲ୍, ଖଲିଆମାଲ୍, କର୍ଲାଯୋରୀ, ଯୁରାବଗା ଆଦି ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଶତାଧିକ ଗ୍ରାମବାସୀ ଅଫିସ୍ ସମ୍ମୁଖରେ ଅପେକ୍ଷା କରିଥିଲେ । ଏଥିମଧ୍ୟରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ମଧ୍ୟରେ ଯେଉଁମାନେ ଚାକିରି ପାଇବାରୁ ବଞ୍ଚିତ, ବାସଗୃହ ସର୍ଭେ ଆଦି ହୋଇନାହିଁ ସେସବୁର ପୁନଃ ସର୍ଭେ କରାଯିବ । ଏ ସମ୍ପର୍କରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତମାନେ ନିଜନିଜର ପ୍ରମାଣପତ୍ର ସହ ସମସ୍ତ ତଥ୍ୟ କମ୍ପାନୀ ନିକଟରେ ଦାଖଲ କରିବେ। ଏସବୁର ଯାଞ୍ଚ କରାଯାଇ ବହୁଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ଦର୍ଲିପାଲି ଗ୍ରାମବାସୀଙ୍କୁ ଖଡାମ-୧, ଖଡାମ-୨ବିସ୍ଥାପିତ ଥାଇଥାନ ପୁନର୍ବସତି କଲୋନୀରେ ଥାଇଥାନ କରାଯିବ। ସେହିଭଳି ବିସ୍ଥାପିତ ହେବାକୁଥିବା କର୍ଲାଯୋରୀ ଓ ଖଲିଆପାଲି ଗ୍ରାମକୁ ଗ୍ରୀଣ୍ଡୋଲା ଓ ଚାଉଁରୀମହୁଲ ଗ୍ରାମ ନିକଟରେ ଥାଇଥାନ କରାଯିବ। ୨୦୧୩ମସିହା ବିସ୍ଥାପିତ ଓ ଥାଇଥାନ ନୀତି ଅନୁସାରେ ଶୁକବାସୀ ଲୋକଙ୍କୁ ଘରର କ୍ଷତିପୂରଣ ଦିଆଯିବ। ଏସବୁ କାର୍ଯ୍ୟ ଡିସେମ୍ବର ମାସ ମଧ୍ୟରେ କରାଯାଇ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ କରାଯିବ ବୋଲି ଉଚ୍ଚପଦସ୍ଥ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହା ପୂର୍ବରୁ ଆଉ ଏକ ତାରିଖ ଆଲୋଚନା ପାଇଁ ଧାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବହୁବିଧ ସମସ୍ୟାକୁ ନେଇ ଦୀର୍ଘ ବର୍ଷ ହେଲା କାଳ ବିଳମ୍ବ ଚାଲିଛି। ଯାହା ଫଳରେ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ କମ୍ପାନୀର କେତେକ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରି ଉଚ୍ଚକର୍ତ୍ତୃପକ୍ଷ ସେମାନଙ୍କ କାଯ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସମାସିଂହାରେ ସଡ଼କ ସୁରକ୍ଷା ସଚେତନତା ସଭା

**କୋଲାବିରା,୧୩।୧୦(ଡି.ଏନ.ଏ.)**

ସମାସିଂହାସ୍ଥିତ ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ପ୍ରଦୀପ ପଟେଲଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସଡକ ସୁରକ୍ଷା ସଚେତନତା ବିଷୟରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କ ମଧ୍ୟରେ ଶିକ୍ଷକ ସତ୍ୟନାରାୟଣ ପଟେଲ, ଗଣେଶରାମ ପଟେଲ, ଯୋଗେଶ୍ୱର ସେନାପତି, ଟଙ୍କଧର ପଶାୟତ, ସୁରେନ୍ଦ୍ର ରଣା, ଶିକ୍ଷୟତ୍ରୀ ପ୍ରମିଳା ବେହେରା ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ। ସଡକ ନିୟମ, ଟ୍ରାଫିକ ନିୟମ, ମୋଟରଯାନ ନିୟମ ଆଦି ବିଷୟରେ ସମସ୍ତଙ୍କୁ ସଚେତନ ରହିବା ସହ ଅନ୍ୟକୁ ସଚେତନ କରାଇବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଏକ ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର ବାହାରି ଗ୍ରାମ ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ସଡକ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା।



ସମାସିଂହାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଧାନ, ପରିବା ଫସଲରେ ରୋଗପୋକ

**ଅତାବିରା, ୧୩।୧୦ (ଡି.ଏନ.ଏ)**

ଅତାବିରା ଅଞ୍ଚଳରେ ମେଘୁଆ ପାଗ ଯୋଗୁ ଖରିଫ ଧାନ, ପରିବା ଚାଷରେ ରୋଗପୋକ ଦେଖାଗଲାଣି । ବାଇଗଣ, ଟମାଟୋ, ଝୁଲେର, କଲରା, ଶାଗ ଆଦି ପରିବା ଫସଲରେ ପୋକ ଲାଗିବାରୁ ଫୁଲ ଗୁଡିକ ଝଡିଯାଉଛି । ପତ୍ର ମୋଡାରୋଗ ହେଉଥିବାରୁ ଚାଷୀମାନେ ଯେତିକି ଅମଳ କରିବା ଆଶା ରଖିଥିଲେ ତାହା ଧୂଳିସାତ ହୋଇଛି । ଲଘୁଚାପ ଜନିତ ବର୍ଷା ଅଣଜଳସେଚିତ ଅଞ୍ଚଳ ଚାଷକୁ ସହାୟ ହୋଇଥିବା ବେଳେ ଏବେ ମେଘୁଆ ପାଗ ଯୋଗୁ ଖରିଫ ଧାନ ଫସଲରେ ଗଣ୍ଡି ପୋକ, ପତ୍ରକଟା, କେଣ୍ଡାକଟା ସହ ମୂଷାଙ୍କ ଉପଦ୍ରବ ବଢ଼ିଯାଇଛି। ଚକଡା ପୋକ କିଛି ମାତ୍ରାରେ ନିୟନ୍ତ୍ରଣାଧୀନ ଥିବାବେଳେ ମୂଷା, ରୋକପୋକଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି । ପନିପରିବା ଫସଲରେ ରୋଗପୋକ ଲାଗିଥିବାରୁ କମ୍ ଅମଳ ହେଉଛି । ଫଳରେ ସାପ୍ତାହିକ ବଜାର ଗୁଡିକରେ ପନିପରିବା ଦର ଆକାଶ ଛୁଆଁ ହୋଇଛି । ଶୁକ୍ରବାର ଖୁଣ୍ଟୁଲିପାଲି ଓ ଶନିବାର ଲରମ୍ଭା ସାପ୍ତାହିକୀ ବଜାରରେ କଲରା କିଲୋ ପ୍ରତି ୪୦ ଟଙ୍କା, ଝୁଲେର ୫୦, ଭେଣ୍ଡି ୫୫, ପୋଟଳ ୩୦, ଟମାଟୋ ୨୦, ଫୁଲକୋବି ୬୦, ବନ୍ଧାକୋବି ୫୦ ଟଙ୍କା ଲେଖାଏଁ ବିକ୍ରି ହୋଇଥିଲା ।




କିର୍ମିରୀ ଅଞ୍ଚଳରେ ଚାଷୀ ଓ କଂଗ୍ରେସ ଟିମ୍ ଧାନ ବିଲରେ।

## କିର୍ମିରାରେ ଆସନ୍ନ ମରୁଡ଼ି

**କିର୍ମିରା, ୧୩।୧୦ (ଡି.ଏନ.ଏ)**

କିର୍ମିରା ବ୍ଲକରେ ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଏହାର ପ୍ରତିକାର ପାଇଁ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଚାଷୀ ନିଜର କଷ୍ଟୋପାର୍ଜିତ ଫସଲକୁ ଆଖି ଆଗରେ ମରୁଥିବା ଦେଖି ହତାଶ ହୋଇଯାଇଛି । ୧ ମାସରୁ ଉର୍ଦ୍ଧ ହେବ ବର୍ଷା ହୋଇ ନ ଥିବାରୁ ଜମି ଶୁଖିଲା ପଡିଛି । ଅନେକ ସ୍ଥାନରେ ଗଛ ମରିଯାଇ ପୁଆଳ ହୋଇ ଯାଇଛି । ଘୂର୍ଣ୍ଣିଝଡ ତିତିଲି ପ୍ରଭାବରେ ବର୍ଷା ହେବା ଆଶା ରଖିଥିଲା, ହେଲେ ତାହା ବି ହେଲାନି। ଏହିପରି ପରିସ୍ଥିତିରେ ଚାଷୀ ମାନସିକ ସନ୍ତୁଳନ ହରାଇଲେଣି। ବ୍ଲକର କିର୍ମିରା, ଅର୍ଡା, ନକ୍ସାପାଲି, ଭୀମଯୋର, ଭଡୁଁରା, ବନ୍ଧପାଲି, ସୁଲାହି, ଗୌଡପାନପାଲି ପଞ୍ଚାୟତରେ ଚାଷୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଚାଷୀଙ୍କ ସମସ୍ୟା ନେଇ କଂଗ୍ରେସର ଏକ ଟିମ୍ ଶୁକ୍ରବାର ଓ ଶନିବାର ଚାଷୀଙ୍କ ଖେତ ପରିଦର୍ଶନ କରିଥିଲେ । ଜିଲା କିଶାନ ଖେତ ମଜଦୁର କଂଗ୍ରେସ ସଭାପତି ଜଗନ୍ନାଥ ଜେନା ଏବଂ ଜିଲା ପରିଷଦ ସଭ୍ୟା ସ୍ୱପ୍ନାମୟୀ ପଟେଲଙ୍କ ସହିତ ଏକ ଟିମ୍ କ୍ଷତିଗ୍ରସ୍ତ ପରିଦର୍ଶନ କରିଥିଲେ । ଟିମ୍ ସହିତ ଗଣମାଧ୍ୟମ ପ୍ରତିନିଧି ମଧ ସାମିଲ ହୋଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ମରୁଡି ୫୦ ପ୍ରତିଶତ ରହିଥିବା ବେଳେ ଆଗକୁ ଏହା ଅଧିକ ବଢ଼ିବା ସମ୍ଭାବନା ରହିଛି । କଂଗ୍ରେସ ଟିମ୍ ଚାଷୀଙ୍କ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସରକାରୀ ଅବହେଳା ନେଇ କ୍ଷୋଭ ପ୍ରକାଶ କରିଛି । ସରକାରୀ ଅବହେଳା ପ୍ରତିବାଦରେ ସୋମବାର ବ୍ଲକ ଘେରାଉ କରାଯିବା ସହ ମରୁଡି ଘୋଷଣା ପାଇଁ ଦାବି କରାଯିବ ବୋଲି ଚାଷୀନେତା ଜେନା ସୂଚନା ଦେଇଛନ୍ତି ।

## ଚାରପାଲି ପଞ୍ଚାୟତରେ ୨୬୯ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ

**ଲଖନପୁର,୧୩।୧୦(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ଚାରପାଲି ପଞ୍ଚାୟତରେ ଶନିବାର ନୂତନ ଭାବେ ୨୬୯ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟଭତ୍ତା ବଣ୍ଟନ କରାଯାଇଛି । ଏଥିମଧ୍ୟରେ ମଧୁବାବୁ ପେନ୍‌ସନ ଯୋଜନାରେ ୨୪୧ଜଣ ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନାରେ ୨୮ଜଣ ରହିଛନ୍ତି। ଏହି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପ୍ରଦୀପ ବିଶ୍ୱାଳ, ନାଏବ ସରପଞ୍ଚ କୁମୁଦିନୀ ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭବାନୀ ମେହେର ଓ ଜିଆର୍‌ଏସ୍ ହିମାଂଶୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

■ କୁଶ୍ରାଲୋଇ ପଞ୍ଚାୟତକୁ ନିଶାମୁକ୍ତ ପାଇଁ ଅଣ୍ଟା ଭିଡିଲେ ଏସ୍‌ଏଚ୍‌ଜିର ମହିଳା

# ଗାଁକୁ ଗାଁ ବୁଲିଲା ସଚେତନତା ଶୋଭାଯାତ୍ରା

**ଲଖନପୁର,୧୩।୧୦(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ପଣ୍ଡରୀ, ସୁନାରୀ, ରେମଣ୍ଡା ଓ କୁଶ୍ରାଲୋଇ ଆଦି ପଞ୍ଚାୟତରେ ଅବାଧରେ ମାଦକ ଦ୍ରବ୍ୟ ବିକ୍ରି ଚାଲିଛି । ଏଥି ଯୋଗୁ ପଞ୍ଚାୟତବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଅନେ୍ୟକ ସମୟରେ ଅସାମାଜିକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି । ଏଣୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଫଳରେ ଲୋକେ ଅତିଷ୍ଠ ହେଲେଣି । ଏଥିରେ ବିଶେଷଭାବେ ମହିଳାମାନେ ପ୍ରଭାବିତ ହେଉଛନ୍ତି। ଏହାର ପ୍ରତିକାର ନେଇ ଲୋକେ ଅବକାରୀ ଓ ପୋଲିସ୍ ବିଭାଗର ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନାହିଁ । ଏବେ ପଞ୍ଚାୟତରେ ଏସ୍‌ଏଚ୍‌ଜି ଗ୍ରୁପ୍ ଏକତ୍ରିତ ହୋଇ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ପ୍ରଥମେ ଅବାଧରେ ମାଦକ ଦ୍ରବ୍ୟ ମଦ, ଗଞ୍ଜେଇ ଆଦି ବିକ୍ରି କରୁଥିବା ବ୍ୟବସାୟୀମାନଙ୍କୁ ବିକ୍ରି ନ କରିବା ପାଇଁ ଅନୁରୋଧ କରାଯାଉଛି । ଏ ନେଇ ଗାଁମାନଙ୍କରେ ବିଭିନ୍ନ ସଭା, ସମିତି ଓ ରାଲି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି ।

ଏଥିମଧ୍ୟରେ କୁଶ୍ରାଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରୂପଶୀ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଜମୁଁନା, ବାଲିକୁଦୁଲି, କାଣ୍ଡସର୍, ଖଣ୍ଡସା, ଅଢାପଡା, କୁଶ୍ରାଲୋଇ, ଲେଛୁଆପଡା, ବାରଗାଡ ଓ କେରୁଆଲ୍‌ବାହାଲ ଆଦି ଗ୍ରାମର ଏସ୍‌ଏଚ୍‌ଜି ଗ୍ରୁପ୍‌ମାନେ ସାମିଲ ହୋଇଥିଲେ। ଯେଉଁସବୁ ଗ୍ରାମରେ ଅବାଧରେ ଦେଶୀମଦ, ରନ୍ଧାମଦ ଓ ଗଞ୍ଜେଇ ଆଦି ମାଦକଦ୍ରବ୍ୟ ବିକ୍ରି ହେଉଛି ସେ ସବୁକୁ ଏସ୍‌ଏଚ୍‌ଜି ଗ୍ରୁପ୍ ବିରୋଧ କରିବ। ବ୍ୟବସାୟୀମାନଙ୍କୁ ମାଦକଦ୍ରବ୍ୟ ବିକ୍ରି ନ କରିବା ପାଇଁ ଅନୁରୋଧ କରାଯିବ । ତାହା ସହିତ ବ୍ୟବସାୟୀ ଓ ନିଶା ଖାଉଥିବା ଲୋକଙ୍କୁ ମଧ୍ୟ ସଚେତନତା କରାଯିବ। ଏହାକୁ ବେଖାତିର କଲେ ଏସ୍‌ଏଚ୍‌ଜି ଗ୍ରୁପ୍‌ମାନେ ଆଇନ୍‌କୁ ହାତକୁ ନେବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ନିଷ୍ପତିକ୍ରମେ ସରପଞ୍ଚ ସେଠ୍‌ଙ୍କ ନେତୃତ୍ୱରେ ପଞ୍ଚାୟତର ଏସ୍‌ଏଚ୍‌ଜି ଗ୍ରୁପ୍‌ମାନେ ଏକତ୍ରିତ ହୋଇ ହାତରେ ବ୍ୟାନର, ପୋଷ୍ଟର ଧରି ବିଭିନ୍ନ ସ୍ଲୋଗାନ ଦେଇ ଗାଁକୁ ଗାଁ ରାଲି କରି ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଲୋକଙ୍କୁ ସଚେତନତା କରାଉଛନ୍ତି। ଏସ୍‌ଏଚ୍‌ଜି ଗ୍ରୁପ୍‌ମାନେ ତେଲେନପାଲି ସରକାରୀ ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଯାଇ ଗାଁମାନଙ୍କରେ ଥିବା କୁଚିଆ ମଦ ବ୍ୟବସାୟୀଙ୍କୁ ମଦ ନ ବିକିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଏଚ୍‌ଜି ଗ୍ରୁପ୍‌ର ଏଭଳି ପଦକ୍ଷେପକୁ ପଞ୍ଚାୟତର ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ୨ ଦିନ ଧରି ଏହି ସଚେତନତା ରାଲି ବାହାରି ଜମୁଁନା, ବାଲିକୁଦୁଲି, ଲେଛୁଆପଡା, କୁଶ୍ରାଲୋଇ ଓ ଅଢାପଡା ଆଦି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଛି। ଏହି ସଚେତନତା ରାଲି ଆଗାମୀ ଦିନରେ ଜାରି ରହିବ ବୋଲି ସରପଞ୍ଚ ସେଠ୍ କହିଛନ୍ତି। ଏହି ସଚେତନତା ରାଲିରେ ଜମୁଁନା ଗ୍ରାମର ମା ବୀଣାପାଣି, ଲକ୍ଷ୍ମୀ, ସରସ୍ୱତୀ ଆଦି ଏସ୍‌ଏଚ୍‌ଜି ଗ୍ରୁପ୍ ରହିଛନ୍ତି। ଖଣ୍ଡସା ଗ୍ରାମର ମା' ସମଲେଶ୍ୱରୀ, ସନ୍ତୋଷୀ, ଦୁର୍ଗା ଆଦି ଏସ୍‌ଏଚ୍‌ଜି ଗ୍ରୁପ୍ ରହିଛନ୍ତି। ଅଢାପଡା ଗ୍ରାମର ବିଜୟଲକ୍ଷ୍ମୀ, ସମଲେଶ୍ୱରୀ, ଅମ୍ବିକା, ଘଣ୍ଟେଶ୍ୱରୀ ଆଦି ଏସ୍‌ଏଚ୍‌ଜି ଗ୍ରୁପ୍ ରହିଛନ୍ତି। ଲେଛୁଆପଡା ଗ୍ରାମର ମା ଗଜଲକ୍ଷ୍ମୀ, ବାଲିକୁଦୁଲି ଗ୍ରାମର ମା' ଜାଗୃତି ଆଦି ଏସ୍‌ଏଚ୍‌ଜି ଗ୍ରୁପ୍ ସାମିଲ ହୋଇଛନ୍ତି। ଏହି ରାଲିରେ ପୂର୍ବତନ ସରପଞ୍ଚ ଦମୟନ୍ତୀ ବିଶି, ନାଏବ ସରପଞ୍ଚ ରଞ୍ଜନ ଭୋଇ, ୱାର୍ଡସଭ୍ୟା ସନ୍ଧ୍ୟା ବନଛୋର, ସନ୍ତୋଷିନୀ ଗିଦିଲି, ଦୂତିଆ ବିଶି, ଦେବକୀ ସା, ସାମାଜିକ କର୍ମୀ ବିଶ୍ୱନାଥ ଭୋଇ, ବିଜୟ ସେଠ୍, ପ୍ରଦୀପ ବିଶି, ମଗିଶିର ବିଶି, ମନୋଜ ପ୍ରଧାନ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।



ନିଶା ନିବାରଣ ପାଇଁ ଏସ୍‌ଏଚ୍‌ଜି ଗ୍ରୁପ୍‌ର କର୍ମକର୍ତ୍ତା ସଚେତନତା ରାଲିରେ।



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।
- ଶାରଳା ଦାସ

## ସଂକ୍ଷେପରେ

### କନିକାରେ ବାଇକ୍ ଚୋରଙ୍କ ପ୍ରାଦୁର୍ଭାବ ବଢୁଛି

**ହେମଗିର, ୧୩।୧୦ (ଡି.ଏନ.ଏ)**-ଦିନକୁ ଦିନ ହେମଗିର ବ୍ଲକ କନିକା ଗ୍ରାମରେ ବାଇକ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଲା ମଦ, ଗଞ୍ଜେଇର ଅବାଧ କାରବାର ସାଙ୍ଗକୁ ଜୁଆ ସଞ୍ଚାର ବେଧଡକ ଖେଳ। କନିକାଠାରେ ଥିବା ରେଳୱେ ଷ୍ଟେସନ ପାଖରେ ଏହି କାରବାର ବୃଦ୍ଧି ପାଉଛି। ଏହି ଷ୍ଟେସନଟି ଛତିଶଗଡ ରାଜ୍ୟର ପାଖକୁ ଲାଗି ରହିଥିବାରୁ ଅଭିଯୁକ୍ତମାନେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ଘଟାଇ ଖସି ଯିବାରେ ସଫଳ ହେଉଛନ୍ତି। କିନ୍ତୁ ଅଧିକାଂଶ ସମୟରେ ଚୋର, ଡକାୟତମାନେ ଏଠାକୁ ବାଇକ ଚୋରି କରୁଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନିକଟରେ କନିକା ଗ୍ରାମର ଟିକେଶ୍ୱର ପାଣ୍ଡେଙ୍କ ଏକ ହୋଣ୍ଡା ଏକଟିଭା (ନଂ.ଓଡି ୨୩- ଡି- ୪୦୫୬) ଘର ଭିତରୁ ଚୋରି କରି ନେବାରେ ଡକାୟତ ସଫଳ ହୋଇଛନ୍ତି। ଯାହାର ଟେର ମଧ ବର୍ତ୍ତମାନ ସୁଦ୍ଧା ପୋଲିସ ପାଇ ନାହିଁ। ଏଠାରେ ବାଇକ ଚୋରି ଏକ ନିତିଦିନିଆ ଘଟଣା ପାଲଟିଲାଣି। କେବଳ ଯେ ବାଇକ ଚୋରି ହେଉଛି ତା ନୁହେଁ, ହତ୍ୟାକାଣ୍ଡ ଭଳି ଜଘନ୍ୟ ଘଟଣା ମଧ ଘଟୁଛି। ଏ ସବୁକୁ ଦେଖି ଏଠିକାର ଜନସାଧାରଣ ନିଜକୁ ଅସୁରକ୍ଷିତ ମଣିବା ସହ ପୋଲିସର ଢ଼ିଲା କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ପ୍ରକାଶ କରୁଛନ୍ତି। ତେଣୁ ଏଠି ରାତ୍ରି ପାଟ୍ରୋଲିଂ ସହ ଅବାଧ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଦାବି ହେଉଛି।

# ନିଯୁକ୍ତି ଦେଇ ଟ୍ରେନିଂ ନାଁରେ ଠକେଇ

**ବଡ଼ଗାଁ, ୧୩।୧୦ (ଡି.ଏନ.ଏ)**



ସ୍କୁଲ ପ୍ରତିଷ୍ଠାତାଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକ ଘେରିଯାଇଥିବାବେଳେ ପୋଲିସ ପଚରାଉଚରା କରୁଛି।

- ବିଇଓ ଦେଇଥିଲେ ଅନୁମତି ପତ୍ର
- ସିଟି, ବିଇଡି ଟ୍ରେନିଂ କରାଇଦେବେ କହିଥିଲେ
- ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ
- ପୋଲିସର ତଦନ୍ତ ଜାରି

ବେସରକାରୀ ସ୍କୁଲ ଖୋଲିବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ପାଇଥିବା ଅନୁମତିପତ୍ରକୁ ଦେଖାଇ ଲୋକଙ୍କ ବିଶ୍ୱାସ ଜିଣିଲା ପରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଏକ ବଡ଼ଧରଣର ଠକେଇ ହୋଇଛି। ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତି ଦେବା ପରେ ସିଟି, ବିଇଡି ଏନ୍‌ଟିଇଟି ଟ୍ରେନିଂ ଦେବା ନାଁରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ବଡ଼ଗାଁ ପୋଲିସ ଶନିବାର ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଖୋର୍ଦ୍ଧା ଜିଲା ମେଣ୍ଢାଶାଳ ଗ୍ରାମର ଧରଣୀଧର ମହାପାତ୍ର ନାମକ ଜଣେ ୭୦ ବର୍ଷିୟା ବୃଦ୍ଧ ଗତବର୍ଷ ସୁନ୍ଦରଗଡ ଜିଲାର ବିଭିନ୍ନ ଗ୍ରାମରେ ବେସରକାରୀ ସେଣ୍ଟ୍ରାଲ ମଡେଲ ସ୍କୁଲ ଖୋଲି ଶିକ୍ଷକ ନିଯୁକ୍ତି କରିଥିଲେ। ଦୀର୍ଘ ୧୧ମାସ ଦରମା ଦେଇ ନ ଥିଲେ। ଏଣେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସିଟି, ବିଇଡି ଏନଟିଇଟିଟ୍ରେନିଂ କରାଇଦେବାକୁ କହିଥିବାବେଳେ ଟ୍ରେନିଂ ନ ଦେବାରୁ ସେମାନେ ସନ୍ଦେହ କରିଥିଲେ। ପରେ ପୋଲିସ ପାଖକୁ କଥା ଯାଇଥିଲା।

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମରେ ରେଜିଷ୍ଟ୍ରେସନ କରି ନ ଥିବା ବେସରକାରୀ ସେଣ୍ଟ୍ରାଲ ମଡେଲ ସ୍କୁଲ ଖୋଲିବାକୁ ଚଳିତବର୍ଷ ଜାନୁୟାରୀ ମାସରେ ବିଇଓ ହରେକୃଷ୍ଣ ପୁରୋହିତ ଅନୁମତିପତ୍ର ଦେଇଥିଲେ। ଏହାକୁ ଦେଖାଇ ଧରଣୀଧର ମହାପାତ୍ର ଲୋକଙ୍କ ମଧ୍ୟରେ ବିଶ୍ୱାସ ଜିଣିବା ପରେ ସ୍କୁଲ ଖୋଲିଥିଲେ। ସେତେବେଳେ ବିଇଓଙ୍କ ମୋବାଇଲ ନମ୍ବର ଦେଇ ସ୍କୁଲ ଖୋଲିଥିବା ଧରଣୀଧର ପ୍ରଚାର ବ୍ୟାନର ଲଗାଇଥିଲେ। ତେବେ ନିଯୁକ୍ତି ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀଙ୍କୁ ୧୧ମାସ ହେଲା ଦରମା ନ ଦେବା ସହ ସିଟି, ବିଇଡି, ଏନଟିଇଟି ଟ୍ରେନିଂ କରାଇଦେବାକୁ କହି ୧୦ଟି ସ୍କୁଲର ଶତାଧିକ ନିଯୁକ୍ତି ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ୧୦ରୁ ୫୦ ହଜାର ଟଙ୍କା ଲେଖାଏଁ ନେଇ ଟ୍ରେନିଂ ବ୍ୟବସ୍ଥା ନ କରିବାରୁ ଶନିବାର ମଧ୍ୟାହ୍ନରେ ଶତାଧିକ ମହିଳା ପୁରୁଷ କର୍ମଚାରୀ ମୁଖ୍ୟାଳୟ ଜରଙ୍ଗଲୋଇ ସେଣ୍ଟ୍ରାଲ ମଡେଲ ସ୍କୁଲ (ସିଏମଏସ)କୁ ଆସି ସ୍କୁଲ ପ୍ରତିଷ୍ଠାତା ମହାପାତ୍ରଙ୍କୁ ଘେରିଯାଇ ପାଟିତୁଣ୍ଡ କରିଥିଲେ। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ମିଞ୍ଜଙ୍କ ଉପସ୍ଥିତିରେ ବଡଗାଁ ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସ୍କୁଲ ପରିସରରେ ଅଭିଯୋଗକାରୀଙ୍କ ସହିତ ଆଲୋଚନା କରିଥିଲେ। ସେଠାରେ ଅଭିଯୋଗର ସତ୍ୟତା ପ୍ରମାଣିତ ହେବାରୁ ୨୫ ତାରିଖ ମଧ୍ୟରେ ୫ମାସର ଦରମା ଦେବାକୁ ଲେଖିଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜରଙ୍ଗଲୋଇ, ଟିଂକିଲିପଡା, ଗଙ୍ଗାଜଳ, ଝାରବେଡା, କରମଡିହି, ସନ୍ତୋଷପୁର, ଜଗନ୍ନାଥପୋଷ, ନୟାଡେରା, ବିରଙ୍ଗାଝାର, କଳିଙ୍ଗବିହାର, ମଲ୍ଲିକ ପଲ୍ଲି ଆଦି ୧୬ଟି ଗ୍ରାମରେ ସ୍କୁଲ ଓ ସିଲେଇ ତାଲିମ କେନ୍ଦ୍ର ଖୋଲିଛନ୍ତି। ଟିଂକିଲିପଡା ସ୍କୁଲରେ ଶିକ୍ଷୟିତ୍ରୀ ଥିବା ତାରିଣୀ ପାଣିଗ୍ରାହୀ, ଜରଙ୍ଗଲୋଇ ଗ୍ରାମର କୌଶଲ୍ୟା ପ୍ରଧାନ, ସୁକାନ୍ତି କାଲୋ, କ୍ଷୀରପ୍ରଭା ପୃଷେଟ, ଅର୍ଚ୍ଚନା ନାଏକ, ମାନଷୀ ସାହୁ, ଗୁଲବତୀ ପ୍ରଧାନଙ୍କ ସହିତ ୧୨ଜଣଙ୍କ ଠାରୁ ୧୦ରୁ ୫୦ ହଜାର ଟଙ୍କା ନେଇଛନ୍ତି। ଜରଙ୍ଗଲୋଇର ଦମୟନ୍ତୀ ବିଶି, କୁମୁଦିନୀ ପୃଷେଟ, ଜ୍ୟୋସ୍ନା ସାହୁଙ୍କ ସହିତ ୧୮ଜଣ କର୍ମଚାରୀ ୭ରୁ ୨୭ ହଜାର ଟଙ୍କା ଲେଖାଏଁ ଦେଇଛନ୍ତି। ଗଙ୍ଗାଜଳର ସ୍କୁଲର କଲ୍ୟାଣୀ ସା, ସବିତା ପ୍ରଧାନ, ଗୋମତୀ ନାଏକ, ସୁଚିତ୍ରା ଦାସଙ୍କ ସହିତ ୧୪ଜଣଙ୍କ ଠାରୁ ୧୦ରୁ ୪୦ ହଜାର ଟଙ୍କା, ଝାରବେଡା ସ୍କୁଲର ୧୩ ଜଣ, କରମଡିହି ସ୍କୁଲର ୫ କର୍ମଚାରୀଙ୍କ ସହିତ ସମସ୍ତ ୧୦ଟି ସ୍କୁଲର ଶତାଧିକ କର୍ମଚାରୀ ଠକେଇର ଶିକାର ହୋଇଛନ୍ତି। ୧୦ ସ୍କୁଲ ଓ କେତେକ ସିଲେଇ ତାଲିମ କେନ୍ଦ୍ରର ମୋଟ କର୍ମଚାରୀଙ୍କ ଠାରୁ ପ୍ରାୟ ୩୦ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ଚାପ ପକାଇବାରୁ ୨୦୧୯ ଅକ୍ଟୋବର ୪ ତାରିଖ ଉଠାଣ ପାଇଁ ୫ ରୁ ୧୫ ହଜାର ଟଙ୍କାର ଚେକ୍ ଦେଇଥିଲେ। କେତେକ ଚେକ୍‌ରେ ଦସ୍ତଖତ ନ ଥିବାବେଳେ ବ୍ୟାଙ୍କରେ ଦସ୍ତଖତ ମେଳ ଖାଉ ନ ଥିବା, ଟଙ୍କା ଜମାଖାତାରେ ନ ଥିବା ଲେଖି ଦେଇଛନ୍ତି। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଯେଉଁ ରସିଦ ଦେଇଛନ୍ତି, ସେଥିରେ ଥିବା ଦସ୍ତଖତ ଓ ଚେକର ଦସ୍ତଖତ ମଧ୍ୟରେ ମେଳ ଖାଉନାହିଁ। ସିଲେଇ କେନ୍ଦ୍ର ଖୋଲି ଚାକିରୀ ଦେବାକୁ କହି ଟଙ୍କା ନେଲା ପରେ କେନ୍ଦ୍ର ବନ୍ଦ କରିଦେବା ଓ କେନ୍ଦ୍ର ନ ଖୋଲି ଆଗୁଆ ଟଙ୍କା ଚାକିରୀ ଦେବାକୁ କହି ନେଇଥିବା ପୋଲିସ ଠାରେ ଜଣାଇଥିଲେ। ଏହିପରି ଠକେଇର ଲମ୍ବାଚିଠା ଦେଖି ପୋଲିସ ମଧ ଚକିତ ହୋଇଥିଲେ। ପୋଲିସର ପ୍ରଶ୍ନର ଉତ୍ତର ଠିକ ନ ଦେଇ କଥା ବାଆଁରାଇବା ଓ ପ୍ରମାଣ କରି ନ ପାରିବା ଦେଖାଯାଇଥିଲା। ଏ ସମ୍ପର୍କରେ ବିଇଓଙ୍କୁ ଜଣାଇବାକୁ ପୋଲିସ ଅଧକ୍ଷାଙ୍କୁ କହିଥିଲେ। ତେବେ ଏହି ଘଟଣାରେ ଜିଲାର ୧୦ଟି ଗାଁରେ ରେଜିଷ୍ଟ୍ରେସନ ନକରି ସ୍କୁଲ ବାସଗୃହରେ ଖୋଲିବା, ଏଥିପାଇଁ ଶିକ୍ଷା ଅଧିକାରୀ ଅନୁମତିପତ୍ର ଦେବା ଅନ୍ୟପଟେ ଶିକ୍ଷା ଅଧିକାରୀ ଆଇନ ଅନୁଯାଇ ସ୍କୁଲ ଖୋଲାଯାଇ ନ ଥିବା ସତ୍ତ୍ୱେ ବର୍ଷେ ହେଲା ସ୍କୁଲ ଚାଲିବା କିପରି ହୋଇପାରୁଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି।

# ବିଲେଇମୁଣ୍ଡାରେ ଭାଜପାର ମିଶ୍ରଣ ପର୍ବ

## ■ ଯୋଗଦେଲେ ବିଜେଡି, କଂଗ୍ରେସ, ସିପିଆଇ କର୍ମୀ

**ସୁନ୍ଦରଗଡ଼, ୧୩।୧୦ (ଡି.ଏନ୍.ଏ)**



ହେମଗିର ବ୍ଲକ ବିଲେଇମୁଣ୍ଡାରେ ଶନିବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତା, କର୍ମୀ।

ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜର ସାଙ୍ଗଠନିକ ସ୍ଥିତିକୁ ମଜବୁତ କରିବା ପାଇଁ ଜୋରଦାର ଅଭିଯାନ ଆରମ୍ଭ କରିଛନ୍ତି। ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ବିଲେଇମୁଣ୍ଡା ଠାରେ ଶନିବାର ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ବଟକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଦଳର ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ହେମଗିର ବ୍ଲକ ୯ଟି ପଞ୍ଚାୟତର ୨ହଜାରରୁ ଉର୍ଦ୍ଧ୍ୱ ବିଜେଡି, କଂଗ୍ରେସ ଓ ସିପିଆଇ କର୍ମୀ ଭାଜପାରେ ଯୋଗଦେଇଥିବା ଦଳ ପକ୍ଷରୁ କୁହାଯାଇଛି। ହେମଗିର ବ୍ଲକ ଗୋପାଳପୁର ପଞ୍ଚାୟତର ସରପଞ୍ଚ, କ୍ଷମାଶୀଳ ମାଝି, ସମିତିସଭ୍ୟା ସନ୍ଧ୍ୟାରାଣୀ ମାଝି, ସୁନ୍ଦରମଣି ଏକ୍କା, ଚିନ୍ମୟ ପତି, ଅଜୟ ମହାତୋ, ନବୀନ ସରାଫ୍, ଅନନ୍ତ ଓରାମ କିଷାନ, ସିପିଆଇର ପୂର୍ବତନ ଯୁବ ସଭାପତି ବ୍ରଜେନ୍ଦ୍ର ମାଝି ନିଜ ସମର୍ଥକଙ୍କ ସହ ଯୋଗଦାନ କରିଛନ୍ତି। ଦଳ ତରଫରୁ କେନ୍ଦ୍ରମନ୍ତ୍ରୀ ଓରାମ ସେମାନଙ୍କୁ ଅନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ସବ୍‌କା ସାଥ,ସବକା ବିକାଶ ନାରାରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦାନ କରିଥିବା ସେମାନେ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଓରାମ ଏହି ମିଶ୍ରଣ ପର୍ବରେ ଭାଜପା ପ୍ରତି ଲୋକଙ୍କ ସମର୍ଥନ ଓ ଆସ୍ଥା ବୃଦ୍ଧି ପାଉଥିବା ପ୍ରକାଶ କରିବା ସହ ରାଜ୍ୟର ନବୀନ ସରକାର ପତନ ପାଇଁ ଲଢେଇ ଜାରି ରଖିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ସେ ପ୍ରାଥମିକତା ଦେଇ ତାଙ୍କ ମନ୍ତ୍ରଣାଳୟ ତରଫରୁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଇଥିବା ସହ ହେମଗିର ବ୍ଲକରେ ଥିବା ଗୋପାଲପୁର – ଟପରିଆ ୨୫କି.ମି ରାସ୍ତାର ଉନ୍ନତିକରଣ ପାଇଁ ୭୯ କୋଟି ଟଙ୍କା ଅଟକଳ ହୋଇ ଟେଣ୍ଡର କାର୍ଯ୍ୟ ଶେଷ ହୋଇଥିବା ସେ କହିଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ହେମଗିର ରାଜା ସୁନୀଲ ସିଂଦେଓ, ସୁବାସ ଚୌହାନ, ଗିରିଶ ଚନ୍ଦ୍ର ସାହୁ, ସୁନ୍ଦରଗଡ ଜିଲା ପର୍ଯ୍ୟବେକ୍ଷକ ଦିନେଶ ଜୈନ, ପୂର୍ବତନ ବିଧାୟିକା ସୁଷମା ପଟେଲ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରେମସାଗର ଓରାମ, ଦିପ୍ତୀମୟୀ ଠାକୁର, ଡା. ହିମାଂଶୁ ଷଡଙ୍ଗୀ ପ୍ରମୁଖ ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ।

# ସଦର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ସୁନ୍ଦରଗଡ଼, ୧୩।୧୦ (ଡି.ଏନ୍.ଏ)**

କୁଣ୍ଡୁକେଲା ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ସୁନ୍ଦରଗଡ଼ ସଦର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି –୨୦୧୮ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଡୁକା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଶିବ ପ୍ରସାଦ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜେନାମଣି ନାଏକ, କୁଣ୍ଡୁକେଲା ସରପଞ୍ଚ ଅଞ୍ଜଳି ନାଏକ, ସମିତି ସଭ୍ୟା ଦିଲେଶ୍ୱରୀ ଧୁରୁଆ ଓ ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ଚିଦାନନ୍ଦ ନାଏକ ଯୋଗଦେଇଥିଲେ। ଏଥିରେ ସୁନ୍ଦରଗଡ଼ ସଦର ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ କ୍ଲଷ୍ଟରରୁ ମନୋନୀତ ହୋଇଆସିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭେଷଜ ରମ୍ଭାବତୀ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ନାୟକ, ସଦର ଏବିଇଓ ଜେନାମଣି ନାଏକ ମୁଖ୍ୟବକ୍ତା, କୁଣ୍ଡୁକେଲା ଲମ୍ବୋଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୋହାନୀ ମିଞ୍ଜ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଟେଲ, ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁକୁନ୍ଦ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ କବିତା ଦାଶ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଲାଲମଣି ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ, ଭେଷଜ ରମ୍ଭାବତୀ କଲେଜର ଅଧ୍ୟାପିକା, ଅଧ୍ୟାପକ, ସମସ୍ତ ସିଆରସିସି, ଓ କୁଣ୍ଡୁକେଲା ଗ୍ରାମର ଯୁବକସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



କୁଣ୍ଡୁକେଲା ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭିର କୃତୀ ପ୍ରତିଯୋଗୀମାନଙ୍କ ସହ ଅତିଥି।

## ■ କୁମଝରିଆ ସରକାରୀ ହାଇସ୍କୁଲରେ ଅଭିଭାବକ ସମାବେଶ

# ଶିକ୍ଷାୟତନର ବିକାଶ ପାଇଁ ସାମୂହିକ ଉଦ୍ୟମ ଲୋଡା

**କୁଆଁରମୁଣ୍ଡା, ୧୩।୧୦(ଡି.ଏନ.ଏ.)**

ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ଉତ୍ତମ ଶିକ୍ଷା ଓ ଶିକ୍ଷାୟାତନର ଆବଶ୍ୟକତା ରହିଛି। ଏଥିପାଇଁ ଶିକ୍ଷକଙ୍କ ସହ ଅଭିଭାବକଙ୍କ ଆନ୍ତରିକ ଉଦ୍ୟମ ଏକାନ୍ତ ଆବଶ୍ୟକ। ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗରେ ସ୍କୁଲର ଶୈକ୍ଷିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ ହେବା ସହ ଶୃଙ୍ଖଳିତ ଛାତ୍ରୀଛାତ୍ର ନିର୍ମାଣ ସମ୍ଭବ ହୋଇପାରିବ ବୋଲି ଶନିବାର ସୁନ୍ଦରଗଡ଼ ଜିଲା କୁମଝରିଆ ସରକାରୀ ହାଇସ୍କୁଲରେ ଆୟୋଜିତ ଅଭିଭାବକ ସମାବେଶରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ରାଜୁ ମିଶ୍ର, ଶ୍ୟାମସୁନ୍ଦର ପରିଜା, କୁମଝରିଆ ସିଆରସିସି ବିଦୁଲତା ରାଉତ, କୁମଝରିଆ ହାଇସ୍କୁଲ ପ୍ରଧାନଶିକ୍ଷକ ସଞ୍ଜୟ ସାମଲ, ସ୍କୁଲ ପରିଚାଳନା ସମିତି ସଭାପତି ଉଦେଇ ଟପ୍ପୋ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ପ୍ରଧାନଶିକ୍ଷକ ସଞ୍ଜୟ ସାମଲ ଶିକ୍ଷା କ୍ଷେତ୍ରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ପାରଦର୍ଶିତା, ୧ମରୁ ୧୦ମ ସମସ୍ତ ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ପ୍ରଦାନ, ଡିଜିଟାଲ ଶ୍ରେଣୀ ଗୃହ ବ୍ୟବସ୍ଥା, ସମସ୍ତ ପ୍ରକାରର କ୍ରୀଡ଼ା ତାଲିମ, ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଏବଂ ନୈତିକ ଶିକ୍ଷା ଇତ୍ୟାଦି ପ୍ରଦାନର ସ୍ୱତନ୍ତ୍ର ବ୍ୟବସ୍ଥା ବିଷୟରେ ଉପସ୍ଥିତ ଅଭିଭାବିକା/ଅଭିଭାବକଙ୍କୁ ଅବଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଅଭିଭାବିକା/ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ପୂଜା ଛୁଟି ଯୋଗୁ ହଷ୍ଟେଲ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ପରେ ସେମାନଙ୍କ ଅଭିଭାବକଙ୍କ ସହ ନିଜ ଘରକୁ ଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ/ ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଛନ୍ତି।



କୁମଝରିଆ ସରକାରୀ ହାଇସ୍କୁଲରେ ଆୟୋଜିତ ସମାବେଶରେ ଉପସ୍ଥିତ ଅଭିଭାବକ।

# ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼, ୧୩।୧୦ (ଡି.ଏନ୍.ଏ)**

ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। କୁସୁମୁରା ପଞ୍ଚାୟତର ଝରେନମାଲରେ ୪ଦିନ ବ୍ୟାପୀ ଅନୁଷ୍ଠିତ ସମାରୋହରେ ବିଭିନ୍ନ ପ୍ରକାର ଖେଳକୁଦ, ପାରମ୍ପରିକ ଆଦିବାସୀ ନାଚଗୀତ ପ୍ରତିଯୋଗିତା ହୋଇଥିଲା। ତଳସରା ବିଧାୟକ ପ୍ରଫୁଲ୍ଲ କୁମାର ମାଝି, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝି, ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ବିଡିଓ ଅଭିମନ୍ୟୁ ବେହେରା, ନାବାର୍ଡର ଡିଡିଏମ୍ ଶକ୍ତିପ୍ରସନ୍ନ ମହାପାତ୍ର, ଅବସରପ୍ରାପ୍ତ ଜିଲା କ୍ରୀଡାବିତ୍ ଅଭୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋଙ୍କ ତତ୍ତ୍ୱାବଧାନରେ ସୁପ୍ରିୟାନ ଖାଖା, ଆବ୍ରାହାମ ଲାକ୍‌ଡା, ବିନୋଦ କୁଜୁର, ପ୍ରଦୀପ କୁଜୁର, ଲାଲମଣି ମିଞ୍ଜ, ଆବ୍ରାହାମ ତିର୍କୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ଅଭିଯୋଗ: ଡିପିଓଙ୍କ ତଦନ୍ତ

**ବଡ଼ଗାଁ, ୧୩।୧୦ (ଡି.ଏନ.ଏ)**

**ଫୁଲବାରୀ ପଞ୍ଚାୟତ**
- ରିକୋଭରି ନାଁରେ ଦୁର୍ନୀତିକୁ ପ୍ରୋତ୍ସାହନ
- ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ଗ୍ରାମବାସୀ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ସରପଞ୍ଚ ଅହଲ୍ୟା ଲାକ୍ରାଙ୍କ ବିରୁଦ୍ଧରେ ଗ୍ରାମବାସୀ ଓ କେତେକ ୱାର୍ଡ ସଭ୍ୟ କରିଥିବା ଅଭିଯୋଗ ଉପରେ ଜିଲା ପଞ୍ଚାୟତ ଅଧିକାରୀ (ଡ଼ିପିଓ) ଗୁରଭା ସିଂ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିବା ଜଣାପଡିଛି। ଏହି ପଞ୍ଚାୟତର ନାଏବ ସରପଞ୍ଚ ନୀଳକଣ୍ଠ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁ, ଜିଲା ଏସ.ସି ସେଲର ସାଧାରଣ ସମ୍ପାଦକ ଧନୁର୍ଯ୍ୟୟ ମହାନନ୍ଦିଆ, ଛାମୁଣ୍ଡା ଗ୍ରାମର ସୁରେନ୍ଦ୍ର ମିଞ୍ଜ, ଶିବନାଥ କିଷାନ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଡିଓ, ଏଇ, ଜେଇଙ୍କ ଅଜ୍ଞାତରେ ଫୁଲବାରୀ ସରପଞ୍ଚ ବିନା କାର୍ଯ୍ୟରେ ଭିଏଲଡବ୍ଲୁ କ୍ୱାଟର ନିର୍ମାଣ କରାଯାଉଥିବା ଦର୍ଶାଇ ଟଙ୍କା ଉଠାଣ କରିଛନ୍ତି। ଏ ସମ୍ପର୍କରେ ସେମାନେ ସେପ୍ଟେମ୍ବର ୫ତାରିଖ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ମାସେ ଗଡାଇନେଲା ପରେ ଅଭିଯୋଗକାରୀ ନିରାଶ ହୋଇ ଜିଲା ପରିଷଦ ଅଧକ୍ଷା ଏମା ଏକ୍କା ଓ ବିଜେଡି ଜିଲା ସଭାପତି ମଙ୍ଗଳା କିଷାନଙ୍କୁ ଜଣାଇଥିଲେ। ପରେ ଜିଲା ପଞ୍ଚାୟତ ଅଧିକାରୀ (ଡିପିଓ) ସିଂ ସପ୍ତାହେ ପରେ ଗୁରୁବାର ତଦନ୍ତ କରିଛନ୍ତି। ଅଭିଯୋଗକାରୀଙ୍କ ଠାରୁ ମିଳିଥିବା ସୂଚନାନୁଯାଇ, ଡିପିଓ ପଞ୍ଚାୟତ ଅଫିସକୁ ଡକାଇଥିଲେ। ସେଠାରେ ସେ ବିନା ରିଜ୍ୟୁଲେସନରେ ଟଙ୍କା ଉଠାଣ ହୋଇଥିବା ଓ ଏପରି କରିବା ନିୟମ ବିରୁଦ୍ଧ କହିଥିଲେ। କିନ୍ତୁ ଆଲୋଚନା ଶେଷରେ ରିକୋଭରି କରାଯିବ କହି ଦୁର୍ନୀତିକୁ ଘୋଡାଇବାକୁ ଚେଷ୍ଟା କରିଥିଲେ। ଗୋଟିଏ ପଟେ ଏହି ଦୁର୍ନୀତି ଉପରେ ଜିଲାପାଳ ଏକ ମାସ ପର୍ଯ୍ୟନ୍ତ ତଦନ୍ତ ନିର୍ଦ୍ଦେଶ ନ ଦେବା, ଜିଲା ପରିଷଦ ଅଧକ୍ଷା, ବିଜେଡି ଜିଲା ସଭାପତିଙ୍କୁ ଲିଖିତ ଜଣାଇବା ପରେ ଡିପିଓ ତଦନ୍ତ କରିବା, ଅନ୍ୟପଟେ ଡିପିଓ ତଦନ୍ତ କରି ନିୟମ ବିରୁଦ୍ଧ କାମ ହୋଇଥିବା କହିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ରିକୋଭରି କରାଯିବ କହିବା ଦେଖିଲେ ଦୁର୍ନୀତିକୁ ଘୋଡାଇବା ପାଇଁ ଚେଷ୍ଟା ହୋଇ ଆସୁଥିବା ଜଣାପଡୁଛି। ନିୟମ ବିରୁଦ୍ଧ ଭାବେ ଟଙ୍କା ଉଠାଣ ଯଦି ହୋଇଥିଲା ତାହେଲେ ରିକୋଭରି କରିବା କଣ କାର୍ଯ୍ୟାନୁଷ୍ଠାନ ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଜିପିଓ ମୁକ୍ତେଶ୍ୱର ସାହୁଙ୍କୁ ପଚାରିବାରେ ରିଜ୍ୟୁଲେସନ ହୋଇ ଟଙ୍କା ଉଠାଣ ହୋଇଥିବା କହିଥିବାରୁ ଡିପିଓ ଏବଂ ଜିପିଓଙ୍କ କଥାରେ ତାଳମେଳ ରହୁ ନ ଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତ ରିଜ୍ୟୁଲେସନ ବହି କାର୍ଯ୍ୟାଳୟରେ ନଥିବା ଅଭିଯୋଗକାରୀଙ୍କୁ କୁହାଯାଇଥିଲା। ତେବେ ଏହାକୁ ଘୋଡାଇବାକୁ ଚେଷ୍ଟା କରାଯାଉଥିବା ସମ୍ପର୍କରେ ଓ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ଅଭିଯୋଗକାରୀମାନେ ମୁଖ୍ୟମନ୍ତ୍ରୀ ଓ ନିର୍ବାଚନ କମିଶନଙ୍କୁ ଜଣାଇବେ ବୋଲି କହିଛନ୍ତି।